
ମହିଳା ପ୍ରିମିୟର୍ ଲିଗ୍ ଟି-୨୦ ଉଦ୍ଘାଟିତ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-195 ♦SATURDAY ♦10 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୯୫ ♦ଶନିବାର ♦୧୦ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ପରିବହନ ବିଭାଗର 'ଅନ୍ଧ ନୀତି'

# ବିନା ଅକଲରେ ଦିଲ୍ଲୀକୁ ନକଲ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟ ପରିବହନ ବିଭାଗ ଦ୍ୱାରା 'ପିୟୁସିସି ନାହିଁ ତ ତେଲ ନାହିଁ' ଭଳି ଅପରିପକ୍ୱ ନିଷ୍ପତ୍ତି ଯୋଗୁଁ ହରଡ଼ଘଣାରେ ପଡ଼ିଛନ୍ତି ସରକାର। ପରିବହନ ପ୍ରାଧିକରଣ 'ଏସ୍‌ଟିଏ'ର ଏହି ନିର୍ଦ୍ଦେଶନାମା ଏବେ ପରିବହନ ବିଭାଗ

### ଦିଲ୍ଲୀ ଢାଞ୍ଚାରେ ଓଡ଼ିଶା କଷୁଛି ୧୦,୦୦୦ ଜରିମାନା

### ଅଧିକାଂଶ ରାଜ୍ୟରେ ପିୟୁସିସି ଜରିମାନା ୧୦୦୦ ଟଙ୍କା

ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଶିରପୀଡ଼ାର କାରଣ ହୋଇଛି। ଏପରି ଅପରିଣାମଦର୍ଶୀ ନିଷ୍ପତ୍ତି ପାଇଁ ସରକାର ଅକଳରେ ପଡ଼ିଛନ୍ତି ଓ ପରିସ୍ଥିତି ଖରାପ ହେବା ପୂର୍ବରୁ ୟୁ-ଟର୍ଣ୍ଣ ନେଇ ପ୍ରଦୂଷଣ ଜୋରିମାନା ହ୍ରାସ ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ତେବେ ଦିଲ୍ଲୀକୁ ନକଲ କରି ଓଡ଼ିଶାରେ ପରିବହନ ପ୍ରାଧିକରଣ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ହିଁ ସବୁ ସମସ୍ୟାର ମୂଳ ବୋଲି କୁହାଯାଉଛି । ପ୍ରଦୂଷଣ ଯୋଗୁଁ ଦେଶର ସବୁଠୁ ସମ୍ବେଦନଶୀଳ ସହର ଭାବେ ପରିଗଣିତ ହେଉଥିବା ଦିଲ୍ଲୀରେ ଏହି ନିୟମ ପରିଚାଳିତ ହେଉଛି। ଦିଲ୍ଲୀକୁ ଛାଡ଼ି ଦେଲେ ଦେଶର କୌଣସି ସ୍ଥାନରେ ବର୍ତ୍ତମାନ ସମୟରେ ଏଭଳି ବିଚିତ୍ର ନିୟମ କାର୍ଯ୍ୟକାରୀ ହେଉନାହିଁ।

▶ପୃଷ୍ଠା-୯

### ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ଜବାବ ତଲବ



■ କଟକ, ୯ ।୧ (ସମିସ): ଇ-ଚିହ୍ନଟ ମାଧ୍ୟମରେ ଜାରି କରାଯାଉଥିବା ମୋଟାଅଙ୍କର ପ୍ରଦୂଷଣ ଚାଲାଣକୁ ବେଆଇନ ଦର୍ଶାଇବା ସହ ଏହାକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜନୈକା ମହିଳା। ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ହାଇକୋର୍ଟ ଆଜି ନୋଟିସ ଜାରି ସହ ଜବାବ ତଲବ କରିଛନ୍ତି। ଡ. କୀର୍ତ୍ତିଧାରା ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ଡିସେମ୍ବର ୨୧ରେ ଆବେଦନକାରୀଙ୍କ କାର୍ (ଓଡି୦୨ଏଟି୭୨୦୦)ର ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିବାରୁ ୧୦ହଜାର ଟଙ୍କାର ଇ-ଚାଲାଣ ଜାରି କରାଯାଇଥିଲା। ଏହି ଚାଲାଣଟି ଗାଡ଼ି ଚେକିଂ ବେଳେ କୌଣସି

▶ପୃଷ୍ଠା-୭

### ଅପରିପକ୍ୱ ନୀତି: ନବୀନ



■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ହଠାତ୍ 'ପିୟୁସି ନାହିଁ ତ ତୈଳ ନାହିଁ' ନିୟମକୁ ଲାଗୁ କରିବା ଦ୍ୱାରା ଦେଖାଦେଇଥିବା ଅବ୍ୟବସ୍ଥା ସରକାରଙ୍କ ଅପରିପକ୍ୱ ନୀତି ଓ ବିନା ପ୍ରସ୍ତୁତିର ଫଳ ବୋଲି ନବୀନ କହିଛନ୍ତି। ଶୁକ୍ରବାର ରାଜ୍ୟରେ ପିୟୁସିସି

▶ପୃଷ୍ଠା-୯

**ସୁସ୍ଥ ପରିବେଶ ସହ ଭଲ ଶାସନ ପାଇବାକୁ ଓଡ଼ିଶାବାସୀ ହକ୍‌ଦାର**

**ପ୍ରଦୂଷଣ ନିୟନ୍ତ୍ରଣ ନାମରେ ରାଜ୍ୟବାସୀଙ୍କୁ ହଇରାଣ କରା ନ ଯାଉ**

### ଇଡି ଚଢ଼ଉ ବିରୋଧରେ ଟିଏମ୍‌ସିର ପ୍ରତିବାଦ

## ମମତାଙ୍କ ମହାରାଲି



■ ନୂଆଦିଲ୍ଲୀ, ୯ ।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଆଇଟି ସେଲ୍‌ର ମୁଖ୍ୟଙ୍କ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଚଢ଼ାଉ କରିଥିଲା। ଏହା ବିରୋଧରେ ଟିଏମ୍‌ସି ଶୁକ୍ରବାର ଦିଲ୍ଲୀରୁ କୋଲକାତ ପର୍ଯ୍ୟନ୍ତ ପ୍ରତିବାଦ ଓ ଶୋଭାଯାତ୍ରା କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଅପରାହ୍ଣ ୨ଟାରେ ଇଡିର ଚଢ଼ାଉକୁ ବିରୋଧ କରି ଶୋଭାଯାତ୍ରା ଆରମ୍ଭ କରିଥିଲେ। ଏଥିରେ ବହୁସଂଖ୍ୟାରେ ଟିଏମ୍‌ସି ସମର୍ଥକ ଯୋଗ ଦେଇଥିଲେ। ଇଡି ବିରୋଧରେ ସେ ଦୁଇଟି ଏଫ୍‌ଆଇଆର ଦାଏର କରିଛନ୍ତି।

**୮ ସାଂସଦଙ୍କୁ ଅଟକ ରଖିବାର ୨ ଘଣ୍ଟା ପରେ ଛାଡ଼ିଲା ପୁଲିସ**

ସେ ଅମିତ ଶାହାଙ୍କୁ ଖୋଲା ଖୋଲି ଧମକ ଦେଇ କହିଛନ୍ତି ଯେ, ତାଙ୍କ ବରୋଧରେ ମୋ ପାଖରେ ପେନ୍ ଡ୍ରାଇଭ ଅଛି। ମୋ ସହ ଲାଗିଲେ ଛାଡ଼ିବି

▶ପୃଷ୍ଠା-୯

# ରେକର୍ଡ ଭାଙ୍ଗୁଛି ଶୀତ

### ଶିମିଳିପାଳରେ ବିୟୁକ୍ତ ୧ ଡିଗ୍ରୀ

■ ଭୁବନେଶ୍ୱର/ବାରିପଦା, ୯ ।୧ (ସମିସ): ମାଘ ମାସରେ ଅନୁଭୂତ ହେଉଛି ବାଘ ଭଳି ଶୀତ। ଲଗାତାର ଭାବେ ପାରଦ ତଳମୁହାଁ ହେତୁ ଅଧିକାଂଶ ସ୍ଥାନରେ ଶୀତ ଲହରୀ ଜାରି ରହିଛି। ଉପାନ୍ତରୁ ଉପକୂଳ ଯାଏଁ ପ୍ରବଳ ଜାଡ଼ରେ ଥରୁଛି ସାରା ଓଡ଼ିଶା। ରାଜ୍ୟର ପାହାଡ଼ିଆ ଅଞ୍ଚଳ ଭଳି ସମତଳ ଅଞ୍ଚଳରେ ମଧ୍ୟ ପ୍ରବଳ ଶୀତ ଅନୁଭୂତ ହେବା ସଙ୍ଗେ ସଙ୍ଗେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ କାଠୁଆ ଶୀତ ପଡ଼ିଛି। ସ୍ଥିତି ଏମିତି ହୋଇଛି, ଗତ ୨୪ ଘଣ୍ଟାରେ ରାଉରକେଲାର ତାପମାତ୍ରା ସମତଳ ଅଞ୍ଚଳରେ ଦେଶର ଚତୁର୍ଥ ସର୍ବନିମ୍ନ ତାପମାତ୍ରା ଭାବେ ରେକର୍ଡ ହୋଇଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ବିୟୁକ୍ତ ୧ ଡିଗ୍ରୀ ରେକର୍ଡ ହୋଇଛି। ବୁଧବାର ଓ ଗୁରୁବାର ଦୁଇଦିନ ଧରି ଉପରବାର୍‌ହାକାମୁଡା (ୟୁବିକେ)ରେ ତାପାମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଆଜି ପାରଦ ବିୟୁକ୍ତ ୧ ଡିଗ୍ରୀକୁ ଖସି ଆସିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ

▶ପୃଷ୍ଠା-୯

**୧୦ ଡିଗ୍ରୀ ତଳେ ୨୫ ସହର**

**ରବିବାର ପରେ ଶୀତର ପ୍ରଭାବ ସାମାନ୍ୟ କମିବ**

**ରାଉରକେଲା ଦେଶର ଚତୁର୍ଥ ଥଣ୍ଡା ସମତଳ ଅଞ୍ଚଳ**

### ବରଫ ପାଲଟିଲା ଡାଲ୍ ହ୍ରଦ



■ ଶ୍ରୀନଗର, ୯ ।୧ (ଏଜେନ୍ସି): ଉତ୍ତର ଭାରତରେ ଶୀତର ଲହର ଜାରି ରହିଛି। ଜମ୍ମୁ-କଶ୍ମୀରରେ ଚିଲାଇ କଲାନ ଯୋଗୁଁ ଚଳିତ ଶୀତ ଋତୁରେ ସବୁଠାରୁ ଥଣ୍ଡା ରାତି ରେକର୍ଡ କରାଯାଇଛି। ପ୍ରବଳ ଥଣ୍ଡା ଯୋଗୁ ଏହି ଋତୁରେ ପ୍ରଥମଥର ପାଇଁ ବିଶ୍ୱ ପ୍ରସିଦ୍ଧ ଡାଲ ହ୍ରଦ କିଛି ଅଂଶ ଜମାଟ ବାନ୍ଧି ଯାଇଥିଲା। ଶ୍ରୀନଗରର ତାପମାତ୍ର ଶୂନରୁ ତଳକୁ ଖସି ବିୟୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି ବୋଲି ପାଣିପାଗ ବିଭାଗ ତରଫରୁ କୁହାଯାଇଛି। ଥଣ୍ଡା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ସେପଟେ ରାଜସ୍ଥାନରେ ମଧ୍ୟ ପ୍ରବଳ ଥଣ୍ଡା ପଡିଛି। ଉଦୟପୁର, ଚିତ୍ତୋରଗଡ଼ ଓ ବାଂସୱାଡାରେ ଘନ କୁହୁଡି ଛାଇ ହୋଇ ରହିଥିଲା। ମଧ୍ୟପ୍ରଦେଶର ୧୭ଟି ଜିଲ୍ଲାରେ କୁହୁଡି ପଡିଛି। ଫଳରେ ଏକ ଡଜନ ଟ୍ରେନ୍ ବିଳମ୍ବ ହୋଇଥିଲା। ବିହାରରେ ପ୍ରବଳ ଶୀତ କାରଣରୁ ୧,୦୦୦ରୁ ଅଧିକ ପିଲା ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର କାଶୀରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି ଓ ୨୨ ବର୍ଷ ତଳର ରେକର୍ଡ ଭାଙ୍ଗିଛି।

### ଓସ୍କାର ଦୌଡ଼ରେ କାନ୍ତାରା, ତନଭୀ

■ ନୂଆଦିଲ୍ଲୀ, ୯ ।୧ (ଏଜେନ୍ସି): ଓସ୍କାର ଫିଲ୍ମ ସମାରୋହରେ ଅଂଶଗ୍ରହଣ କରିବା, ଏଥିରେ ସାମିଲ ହେବାକୁଥିବା ବିଶ୍ୱର ବିଭିନ୍ନ ଦେଶ ଓ ଭାଷାର ସିନେମା ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବା ସବୁ କଳାକାରଙ୍କର ସ୍ୱପ୍ନ ରହିଥାଏ। କିନ୍ତୁ ସମସ୍ତଙ୍କର ଏହି ସ୍ୱପ୍ନ ପୂରଣ ହୋଇ ନଥାଏ। ଏଥର ଭାରତୀୟଙ୍କ ପାଇଁ ବିଶେଷ ଖୁସି ଖବର ଆସିଛି। ଏବର୍ଷ ଏହି ପ୍ରତିଷ୍ଠିତ ସିନେମା ସମାରୋହରେ ଏଥର ଗୋଟିଏ କିମ୍ବା ଦୁଇଟି ନୁହେଁ ମୋଟ ଉପରେ ୧୧ଟି ଭାରତୀୟ ସିନେମା ଅଂଶଗ୍ରହଣ କରିବ ଓ ପୁରସ୍କାର ଜିତିବା ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବ। ଓସ୍କାରର ୯୮ତମ ସଂସ୍କରଣରେ ଋଷଭ ସେଟ୍ଟୀଙ୍କ

▶ପୃଷ୍ଠା-୯

### ସ୍ୱର୍ଗଦ୍ୱାର ଆଗରେ ଗଡ଼ିଲା ମୁଣ୍ଡ

**ଶବଦାହ ପାଇଁ ଆସି ଶବ ହୋଇଗଲେ**

■ ପୁରୀ, ୯।୧ (ସମିସ): ଶବଦାହ ପାଇଁ ଆସି ଶବ ପାଲଟିଗଲେ। ବଡ଼ ପାଟିରେ କଥାବାର୍ତ୍ତା ହେବାରୁ ବେକରେ ଛୁରି ଭୁସିଦେଲା ଦୁର୍ବୃତ୍ତ। ସ୍ୱର୍ଗଦ୍ୱାର ନିକଟ ଚୈତନ୍ୟ ଛକରେ ଗୁରୁବାର ରାତିଅଧରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଭଦ୍ରକ ଜିଲ୍ଲା ଆପଣ୍ଡାର ରଞ୍ଜନ ଦାସ। ସମୁଦ୍ରକୂଳ ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ତା'ଠାରୁ ଏକ ରକ୍ତଲଗା ଛୁରି ମଧ୍ୟ ଜବତ କରିଛି। କିନ୍ତୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ ତା' ନାମ ପ୍ରକାଶ କରିନାହିଁ। ଘଟଣାରେ ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣା ପୁରୀର ଆଇନଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଥିବା ମାନସ କୁମାର ନାୟକ ଏ ସଂପର୍କରେ ଏକ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗରୁବାର

▶ପୃଷ୍ଠା-୯

**ବଡ଼ପାଟିରେ କଥା ହେବାରୁ ଛୁରି ଭୁସିଦେଲା ଦୁର୍ବୃତ୍ତ**






### ୫୦୨ ମେଡିକାଲ୍ ପିଜି ସିଟ୍ ବଢ଼ିବ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟର ସରକାରୀ ମେଡିକାଲ କଲେଜଗୁଡ଼ିକରେ ପୋଷ୍ଟ ଗ୍ରାଜୁଏଟ (ପିଜି) ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୋଟ୍ ୧୨ ଟି ମେଡିକାଲ୍ କଲେଜରେ ୫୦୨ଟି ନୂଆ ପିଜି ସିଟ୍ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ଏହି ସିଟ୍ ବୃଦ୍ଧି ଆଗାମୀ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ। ଏନେଇ ମେଡିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟ (ଡିଏମଇଟି) ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ, ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଏବଂ କଟକର ଏଏଚପିଜିଆଇସି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି।

ଡିଏମଇଟି ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଏସ୍‌କେ ମିଶ୍ରଙ୍କ ଦ୍ୱାରା ଲିଖିତ ଏହି ଚିଠିରେ ସିଟ୍ ବୃଦ୍ଧି ଏବଂ ନୂଆ ପିଜି କୋର୍ସ ଆରମ୍ଭ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଦ ସୃଷ୍ଟି (ଯଦି ଥାଏ) ଏବଂ ତାହାର ଆର୍ଥିକ ପ୍ରଭାବ ସହିତ ଏକ ବ୍ୟାପକ ପ୍ରସ୍ତାବ

▶ପୃଷ୍ଠା-୯




ଯୋରନ୍ଦା ମେଳା ପାଇଁ ବିଦ୍ୟୁତ୍ ମରାମତି ବାହାନା

# ୨୦ ଦିନ ବିଦ୍ୟୁତ କାଟକୁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ



ଯୋରନ୍ଦା, ୯ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ବିଦ୍ୟୁତ୍ ସେକ୍ସନ ଅଧୀନ ଗ୍ରାମଗୁଡ଼ିକରେ ବିଦ୍ୟୁତ ମରାମତି ପାଇଁ ଜାନୁଆରୀ ୧୦ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯିବ ବୋଲି ଗୁରୁବାର ଟିପିସିଓଡିଏଲ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରାଯାଇଛି । ଏ ନେଇ ଅଞ୍ଚଳର ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘ ୨ ମାସ ହେଲା ବିଭିନ୍ନ ସମୟରେ ବିଦ୍ୟୁତ୍ ଫିଡର ମରାମତି ପାଇଁ ଘୋଷିତ ତଥା ଅଘୋଷିତ ବିଦ୍ୟୁତ୍ କାଟ ଚାଲିଥିବା ବେଳେ ପୁନଶ୍ଚ ଯୋରନ୍ଦା ମେଳା ପାଇଁ ମରାମତି ବାହାନାରେ ଏକା ଥରକେ ୨୦ ଦିନ ବିଦ୍ୟୁତ କାଟକୁ ଉପଭୋକ୍ତାମାନେ ଗ୍ରହଣ କରିପାରୁନାହାନ୍ତି । ଏହାର ପ୍ରତିବାଦରେ ଶୁକ୍ରବାର ସକାଳେ ସମାଜସେବୀ ସନ୍ତୋଷ ବିଶ୍ୱାଳଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଯୋରନ୍ଦା ବିଦ୍ୟୁତ୍ ସେକ୍ସନ କନିଷ୍ଠ ମନ୍ତ୍ରୀଙ୍କୁ ଘେରିଥିଲେ । ଆଲୋଚନା ପରେ ଆଂଶିକ ସମାଧାନ ହୋଇଛି । ୧୦ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ଯେଉଁ ଅଞ୍ଚଳରେ ମରାମତି ହେବ ସେହି ଅଞ୍ଚଳରେ ବିଦ୍ୟୁତ୍ କାଟ ହେବ । ଧାର୍ଯ୍ୟ ତାରିଖ ପୂର୍ବରୁ ମଧ୍ୟ ମରାମତି କାର୍ଯ୍ୟ ଶେଷ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଏଥିସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ପୁନର୍ବାର ଘୋଷଣା କରାଯାଇ ମରାମତି ଦିନ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେବ ବୋଲି ସ୍ଥିର ହୋଇଛି ।

## ଭୁବନରେ ଫଳିଲା ଷ୍ଟ୍ରବେରୀ

ଭୁବନ, ୯ ।୧(ସମିସ): ଭୁବନରେ ଫଳିଲା କଶ୍ମୀର ଫଳ ଫଳ ଷ୍ଟ୍ରବେରୀ । ତାହା ପୁଣି ବୀର ବାଜି ରାଉତଙ୍କ ଗାଁ ନୀଳକଣ୍ଠପୁରରେ । ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତ କଣପାଳ ଗ୍ରାମର ୬ ଜଣ ଏବଂ ନୀଳକଣ୍ଠପୁରର ଜଣେ ଚାଷୀ ୧ ହେକ୍ଟର ଜମିରେ କରିଛନ୍ତି ଷ୍ଟ୍ରବେରୀ (କୋଳି) ଚାଷ । ଓଡ଼ିଶା ବଜାରରେ ଏହି କୋଳିର ଅନେକ ଚାହିଦା ଥିବା ବେଳେ ଏହା ଅଧିକ ଥଣ୍ଡା ଅନୁଭୂତ ହେଉଥିବା ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଭଳି ରାଜ୍ୟରୁ ଏଠାକୁ ଆମଦାନୀ ହୋଇଥାଏ । ଫଳରେ ଓଡ଼ିଶା ବଜାରରେ ଏହାର ମୂଲ୍ୟ ଅଧିକ ରହିଯାଏ । ଷ୍ଟ୍ରବେରୀର ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏହି ଚାଷ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଯାହାର ସଫଳତା ଦେଖିବାକୁ ମିଳିଛି ଭୁବନରେ ।



ଭୁବନ ଉଦ୍ୟାନ କୃଷି ବିଭାଗ ଅଧିକାରିଣୀ ଓ ଆତ୍ମା କମିଟି ସଭାପତି ଜଗବନ୍ଧୁ ପୃଷ୍ଟିଙ୍କ ପରାମର୍ଶ କ୍ରମେ ଭୁବନ କୃଷି ଉତ୍ପାଦକ ସଙ୍ଘ ସଭାପତି ଭ୍ରମରବର ଗୁରୁଙ୍କ ତତ୍ତ୍ୱାବଧାନରେ ଗ୍ରାମର ଗୋବିନ୍ଦ ସାହୁ, ରବି ପରିଡ଼ା, ଶ୍ରୀଧର ପ୍ରଧାନ, ବାଇଧର ସାମଲ, ବିପିନ ପ୍ରଧାନ, ଟୁକୁନା ସାହୁ ଏବଂ ମନୋରମା ପ୍ରଧାନ ଷ୍ଟ୍ରବେରୀ ଚାଷ କରି ସଫଳ ହୋଇଛନ୍ତି । ଏ ନେଇ ସମ୍ପୃକ୍ତ ଚାଷୀମାନେ ବେଶ୍ ଉତ୍ସାହିତ ଥିବା କହିଛନ୍ତି । ଅନ୍ୟପଟେ ଚାଷର ମାନ ଅନୁଧ୍ୟାନ କରିବା ପାଇଁ ଭୁବନେଶ୍ୱର ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟର ଦୁଇଜଣିଆ ଟିମ୍ ଏଠାକୁ ଆସିଥିଲେ । ଏଥିସହ ଫଳକୁ କ୍ରୟ କରି ବଜାରରେ ବିକ୍ରି କରିବା ପାଇଁ ଢେଙ୍କାନାଳରୁ ଫଳ ବ୍ୟବସାୟୀ ଲିପୁନ କୁମାର ବିଶ୍ୱାଳ ମଧ୍ୟ ଏଠାକୁ ଆସିଥିଲେ । ଚଳିତ ବର୍ଷ ପ୍ରଥମ କରି ୪.୫ କେଜି ଫଳ ବିକ୍ରି କରାଯାଇଛି । ଏହି ଚାଷ କରୁଥିବା ଚାଷୀମାନେ ଆଗାମୀ ଦିନରେ ଅଧିକ ଜମିରେ ଷ୍ଟ୍ରବେରୀ ଚାଷ କରି ଅଧିକ ରୋଜଗାର କରିପାରିବେ ବୋଲି ଆଶା ରଖିଛନ୍ତି ବିଭାଗୀୟ ଅଧିକାରିଣୀ ମନୋରମା ମୁକୁଟ ।

## ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂରେ ଢେଙ୍କାନାଳ ଝିଅଙ୍କ ସଫଳତା

ଢେଙ୍କାନାଳ, ୯ ।୧(ସମିସ): ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆ ଓ ଆମେଚର କିକ ବକ୍ସିଂ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଯାଜପୁରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମରେ ଅସ୍ମିତା ଖେଲୋ ଇଣ୍ଡିଆ କିକ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୨୨୫ ପ୍ରତିଯୋଗୀ ଭାଗ ନେଇଥିଲେ । ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ୧୭ ଖେଳାଳି ପ୍ରଶିକ୍ଷକ ମିହିର କୁମାର ସାହୁ ଓ ମ୍ୟାନେଜର ସୌଭାଗ୍ୟ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିଲେ । ଏହି ପ୍ରୋତିଯୋଗୀମାନେ ଜିଲ୍ଲା ପାଇଁ ମୋଟ ୩୭ ପଦକ ହାସଲ କରିଛନ୍ତି । ଏହା ମଧ୍ୟରେ ୧୭ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଏବଂ ୮ଟି କାଂସ୍ୟ ପଦକ ରହିଛି । ସିନିୟର ବିଭାଗରେ କୀର୍ତ୍ତିରାଣୀ ସାହୁ ୨ଟି ସ୍ୱର୍ଣ୍ଣ ପଦକ, ପ୍ରଭାସିନୀ ବେହେରା ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ମାନସୀ ସାହୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ, ସ୍ମୃତି ଭୋଇ ୨ ରୌପ୍ୟ, ୨ କାଂସ୍ୟ, ଜୁନିୟର ବିଭାଗରେ ଶୁଭଶ୍ରୀ ବେହେରା ୨ ରୌପ୍ୟ, ମମତା ଭୋଇ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ରୋଜାଲିନ ସ୍ୱାଇଁ ୨ ସ୍ୱର୍ଣ୍ଣ, ୧ କାଂସ୍ୟ, ଉମା ମାହେଶ୍ୱରୀ ଦାସ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ସବଜୁନିୟର ବିଭାଗରେ ଆରାଧ୍ୟା ଚାନ୍ଦ ୧ ସ୍ୱର୍ଣ୍ଣ, ପ୍ରିୟଂଶୀ ଜେନା ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ରେଶ୍ମା ସାହୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ରୀତିମୟୀ ସାହୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ବିଷ୍ଣୁପ୍ରିୟା ଭୋଳ ୧ରୌପ୍ୟ, ୧ କାଂସ୍ୟ, ବିଷ୍ଣୁପ୍ରିୟା ନାୟକ ୨ କାଂସ୍ୟ, ଇତିସ୍ମିତା ନାୟକ ୨ ସ୍ୱର୍ଣ୍ଣ, ଅନୁସୟା ବେହେରା ୧ ସ୍ୱର୍ଣ୍ଣ, ୧ କାଂସ୍ୟ ପଦକ ହାସଲ କରିଛନ୍ତି । ଏଥିସହ ଦଳଗତ ଭାବେ ମାନସୀ ସାହୁ ଓ ସ୍ମୃତି ଭୋଇ ମ୍ୟୁଜିକାଲ ଫର୍ମରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ଜୋନାଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଅସ୍ମିତା ଖେଲୋ ଇଣ୍ଡିଆ ପ୍ରତିଯଗିତାରେ କିକ୍ ବକ୍ସିଂ ଖେଳକୁ ସ୍ଥାନ ମିଳିବାରେ ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡାକୁଆଙ୍କ ଅବଦାନ ଅତୁଳନୀୟ । ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ ଏବଂ ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ସମସ୍ତ ସଦସ୍ୟ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଏବଂ ଅଭିନନ୍ଦନ ଜଣାଇଛନ୍ତି ।



## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଢେଙ୍କାନାଳ, ୯ ।୧(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦଘାଟିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଉତ୍ସବକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । କ୍ରୀଡ଼ା ପରିଷଦ ଉପସଭାପତି ଡ. ଏସକେ ଆର ଖାଦିମ ସଭା ପରିଚାଳନା ପରିଚାଳନା କରିଥିଲେ । ଡ. ମିନୁରାଣୀ ଦଳାଇ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା କନକଲତା ସୋରେନ ଧନ୍ୟବାଦ ଦେଇଥିଲେ । ପ୍ରଥମ ଦିବସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଲମ୍ବାଡିଆଁ, ସଟପୁଟ, ଜାଭଲିନ, ଡିସକସ ଥ୍ରୋ ପ୍ରତିଯୋଗିତା ହୋଇଥିଲା । କ୍ରୀଡ଼ା ପରିଷଦ ସଦସ୍ୟ ଦୀପ୍ତିରଞ୍ଜନ ମହାପାତ୍ର, ସସ୍ମିତା ସାହୁ, ଶ୍ରୀୟାଶ୍ରୀ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ ।

## ବାଲି ବୋଝେଇ ୨ ଟିପ୍ପର ସହ ଟ୍ରାକ୍ଟର ଜବତ




ପରଜଙ୍ଗ, ୯ ।୧(ସମିସ): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ବସୁଲେଇ ଗ୍ରାମ ରେଙ୍ଗାଳି ବାମପାର୍ଶ୍ୱ କେନାଲ ହୁଡ଼ାରୁ ଦୁଇଟି ବାଲି ବୋଝେଇ ଟିପ୍ପର ଏବଂ କୁଲେଇ ଗ୍ରାମ ନିକଟରୁ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି । ତିନି ଗାଡ଼ିର ଚାଳକଙ୍କୁ ପୁଲିସ ଗିରଫ କରିଛି । ଗିରଫ ଚାଳକମାନେ ହେଲେ ବସୁଲେଇ ଗ୍ରାମର ଆଦିତ୍ୟ ରାଉତ(୩୮), ନିମଡିହି ସାହିର ନିବାରଣ ସାହୁ (୪୧) ଏବଂ ଟ୍ରାକ୍ଟର ଚାଳକ ଗେଙ୍ଗୁଟିଆ ଗ୍ରାମର ମିନକେତନ ସାହୁ । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗୁରୁବାର ବିଳମ୍ବିତ ରାତିରେ ପରଜଙ୍ଗ ଥାନା ଓ ଦଦରାଘାଟି ଫାଣ୍ଡି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ପରିବହନ ନେଇ ଚଢ଼ଉ କରାଯାଇଥିଲା । ବସୁଲେଇ କେନାଲ ରାସ୍ତାରେ ଯିବା ସମୟରେ ଅପରପାର୍ଶ୍ୱରୁ ଦୁଇଟି ଟିପ୍ପର ବାଲି ବୋଝେଇ ଆସୁଥିବା ଦେଖି ପୁଲିସ ଟିମ୍ ଗାଡ଼ି ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ । ତେବେ ଉଭୟ ଟିପ୍ପରର ସଠିକ୍ କାଗଜପତ୍ର ନ ଥିବାରୁ ଗାଡ଼ି ଦୁଇଟିକୁ ଦଦରାଘାଟି ଫାଣ୍ଡିକୁ ଆଣାଯାଇଥିଲା । ସେହିପରି ଶୁକ୍ରବାର ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ ଖବର ପାଇ କୁଲେଇ ଗ୍ରାମରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । ଏ ନେଇ ମାମଲା ରୁଜୁ କରାଯାଇଛି ।

## ଗଁଦିଆ ପ୍ରେସ୍ କ୍ଲବର ପ୍ରତିଷ୍ଠା ଦିବସ

ଗଁଦିଆ, ୯ ।୧(ସମିସ): ଗଁଦିଆ ବ୍ଲକ ଯୋରନ୍ଦା ଜଗନ୍ନାଥ ମନ୍ଦିରରେ ଗୁରୁବାର ଗଁଦିଆ ପ୍ରେସ କ୍ଲବର ୨୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରାଯାଇ ୨୦ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା । କ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ସୁଧାଂଶୁ ଶେଖର ରାଉତ ଯୋଗଦେଇ ସାମ୍ବାଦିକମାନେ ସମାଜ, ଜାତି ତଥା ଦେଶର ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ମନରେଗା ଲୋକପାଳ ଅମରେନ୍ଦ୍ର ମଲ୍ଲ ଯୋଗଦେଇ ସାମ୍ବାଦିକମାନେ ୨୪ ଘଣ୍ଟିଆ ଜାଗ୍ରତ ରହି ସମାଜର ହିତ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ମନ୍ଦିର କମିଟି ସଭ୍ୟ ପଞ୍ଚାନନ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଯୁଧିଷ୍ଠିର ମହାନ୍ତି ଯୋଗଦେଇଥିଲେ । ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପଦେଷ୍ଟା ଶିଶିର କୁମାର ଶତପଥୀ ସାଂଗଠନିକ ବ୍ୟବସ୍ଥା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ପ୍ରସ୍ତାବ ରଖିଥିଲେ । ଏହି ଅବସରରେ ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ବାର୍ଷିକ ପତ୍ରିକା ପ୍ରକାଶ ସମ୍ପର୍କରେ ଆଲୋଚନା ହୋଇଥିଲା । ପତ୍ରିକା ପ୍ରକାଶନ ଦାୟିତ୍ୱ ବରିଷ୍ଠ ସଭ୍ୟ ତାରାକାନ୍ତ ନାୟକଙ୍କୁ ଦିଆଯାଇଥିବା ବେଳେ ସାଂଗଠନିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସଭ୍ୟ ସୌମ୍ୟରଞ୍ଜନ ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ସଭ୍ୟ ତାରାକାନ୍ତ ନାୟକ, ଅଶୋକ ପାତ୍ର, ଅଶୋକ ପତି, ରଞ୍ଜନ କୁମାର ସ୍ୱାଇଁ, ଅକ୍ଷୟ ପାତ୍ର, ବିଶ୍ୱ ମୋହନ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ଶିଶିର ପାଣି, ସୁଦାମ ସାହୁ, ରାକେଶ ବେହେରା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଉପସଭାପତି ବାଦଲ ମହାନ୍ତି ଧନ୍ୟବାଦ ଦେଇଥିଲେ ।



## କନିଷ୍ଠଯନ୍ତ୍ରୀଙ୍କ ଦେହାନ୍ତରେ ଶୋକସଭା



କାମାକ୍ଷାନଗର, ୯ ।୧(ସମିସ): କାମାକ୍ଷାନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟର କନିଷ୍ଠଯନ୍ତ୍ରୀ ମନୋଜ କୁମାର ଦାସଙ୍କ ଦେହାନ୍ତ ହୋଇଛି । ବୁଧବାର ରାତିରେ ସେ ଘରେ ଶୋଇଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମନୋଜଙ୍କ ବିୟୋଗରେ ଶୁକ୍ରବାର କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହରେ ଶୋକସଭା ଅନୁଷ୍ଠିତ ହୋଇଛି । ବିଡିଓ ପ୍ରଭୁକଲ୍ୟାଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ସହକାରୀ ଯନ୍ତ୍ରୀ, ସମସ୍ତ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ମନୋଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ ।

## ହାତୀ ଉପଦ୍ରବରେ ଗ୍ରାମବାସୀ ଆତଙ୍କିତ
## ଛାତରେ ପଳାକରି ଜୀବନ ବଞ୍ଚାଉଛନ୍ତି ଲୋକେ

କାମାକ୍ଷାନଗର, ୯ ।୧(ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ସୁନାଝରି ଗାଁରେ ହାତୀ ଉପଦ୍ରବ ଲାଗି ରହିଛି । ହାତୀ ଭୟରେ ଲୋକେ ନିଜ ଘର ଛାତ ଉପରେ ପଳା କରି ଜୀବନ ବଞ୍ଚାଉଛନ୍ତି । ସୁନାଝରି ଗାଁରେ ଗତ ସପ୍ତାହ ହେବ ହାତୀ ଉପଦ୍ରବ ଜାରି ରହିଛି । ସଞ୍ଜ ନଇଁଲେ ନିକଟସ୍ଥ ଜଙ୍ଗଲରୁ ହାତୀପଲ ଆସି ଗାଁ ଭିତରେ ଆତଙ୍କ ସୃଷ୍ଟି କରୁଛନ୍ତି । ଧାନଚାଉଳ ଖାଇବା ସହ କବାଟ, ଝରକା ଭାଙ୍ଗି ଦେଉଛନ୍ତି । ଲୋକଙ୍କ ବାଡ଼ିବଗିଚାରେ ଥିବା ଫସଲ ସବୁ ନଷ୍ଟ କରିବା ସହ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି । ଫଳରେ ବାଧ ହୋଇ ସନ୍ଧ୍ୟା ପରେ ଲୋକେ ଛାତ ଉପରେ ପଳା କରି ନିଜ ପିଲାଛୁଆଙ୍କୁ ଧରି ଶୀତକାକରରେ ପଡ଼ିରହୁଛନ୍ତି । ହାତୀପଲ ଘଉଡ଼ାଇବା ପାଇଁ ଗ୍ରାମବାସୀ ବନବିଭାଗକୁ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ କର୍ମଚାରୀମାନେ କେବଳ ନାଁକୁ ମାତ୍ର ଲୋକଦେଖାଣିଆ ଭାବେ କାମ କରୁଥିବା ଅଭିଯୋଗ ହୋଇଛି । ହାତୀପଲଙ୍କୁ ଅନ୍ୟତ୍ର ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଛି । ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବଜରଙ୍ଗ କ୍ଲବ ତରଫରୁ 'ଆଗ୍ନେୟ' କାର୍ଯ୍ୟକ୍ରମ



ଢେଙ୍କାନାଳ, ୯ ।୧(ସମିସ): ଢେଙ୍କାନାଳ ସହରସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ବଜରଙ୍ଗ କ୍ଲବର ଶ୍ରେଷ୍ଠ କାର୍ଯ୍ୟକ୍ରମ 'ଆଗ୍ନେୟ' ସ୍ଥାନୀୟ ମିନି ଷ୍ଟାଡିୟମରେ ଉଦଘାଟିତ ହୋଇଛି । ପ୍ରଥମ ସନ୍ଧ୍ୟାରେ ନୃତ୍ୟ, ଗୀତ, କମେଡିରେ ହଜାର ହଜାର ଦର୍ଶକ ମତୁଆଲା ହୋଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ତିନି ଦିନ ଧରି କଳା ସମ୍ମାନରେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଶକ୍ତିପ୍ରସାଦ ମିଶ୍ର, ସେବା ସମ୍ମାନରେ ଜ୍ଞାନରଞ୍ଜନ ମହାପାତ୍ର, ଢେଙ୍କାନାଳ ଯୁବସେନା, ଶାନ୍ତନୁ ପୃଷ୍ଟି, ସଫଳ ଉଦ୍ୟୋଗୀ ସମ୍ମାନରେ ଶରତ କୁମାର ସାହୁ ଏବଂ ରକ୍ତଦାନ କ୍ଷେତ୍ରରେ ପ୍ରମୁଖ ସଂଗଠନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବ । ଏଥିରେ ପ୍ରଖ୍ୟାତ ବଲିଉଡ୍ ପ୍ଲେ ବ୍ୟାକ୍ ସିଙ୍ଗର ଅମିତ ମିଶ୍ରା, ତାବିଜ୍ ଅଲ୍ଲୀ, ଇଣ୍ଡିଆନ ଆଇଡଲ୍ ବିଜେତା ତଥା ଓଡ଼ିଆ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ, ସଚିନ୍ ରାଉତ ଯୋଗଦେବେ । ଶୁକ୍ରବାର ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ ଯୋଗଦେଇ ନୃତ୍ୟ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ ।

## ରାଜସ୍ୱ ଗ୍ରାମ ଘୋଷଣା, ଘରବାରି ପଟ୍ଟା ପ୍ରଦାନ ଦାବି

ଢେଙ୍କାନାଳ, ୯ ।୧(ସମିସ): ରାଜ୍ୟ ସରକାର ଜିଲ୍ଲାରେ ଥିବା ବିଭିନ୍ନ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ କହିଥିଲେ ମଧ୍ୟ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ସତ୍ତ୍ୱେ ଘୋଷଣା ନ କରିବା କ୍ଷୋଭର ବିଷୟ ବୋଲି ବିକେଏମ୍‌ୟୁ ଜିଲ୍ଲା ପରିଷଦ ପକ୍ଷରୁ କୁହାଯାଇଛି । ଏ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାରେ ସାବକ କିସମ ଜଙ୍ଗଲ ଜମି କେତେକ ସ୍ଥାନରେ ଗୋଚର ଜମି ଉପରେ ଗରିବ ପ୍ରଜାମାନେ ଘର କରି ରହି ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ଜମିର ପଟ୍ଟା ମିଳିପାରି ନାହିଁ । ରାଜସ୍ୱ ନିରୀକ୍ଷକମାନେ ବହୁ ଜମିର ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ ମଧ୍ୟ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ।



ପୂର୍ବ ସରକାରଙ୍କ ସମୟରେ କେତେକ ପ୍ରଜାଙ୍କୁ ୪ ଡିସିମିଲ ଲେଖାଏଁ ସରକାରୀ ଜମି ପଟ୍ଟା ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ଜମି କେଉଁଠାରେ ତାହା ପ୍ରଜାମାନେ ଜାଣିନାହାନ୍ତି । ଆଉ କେତେକ ଜମି ବିବାଦୀୟ ରହିଛି । ତେଣୁ ଏହାର ତଦନ୍ତ କରି ପ୍ରଜାମାନଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇ ଏହାର ସମାଧାନ କରିବା ସହିତ ରାଜସ୍ୱ ଗ୍ରାମ ଘୋଷଣା କରିବା ଦିଗରେ ପଦକ୍ଷେପ ନେବାକୁ ବିକେଏମ୍‌ୟୁ ଜିଲ୍ଲା ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ।

## ପାଞ୍ଚ ଏକର ଜମିକୁ ୫ କ୍ୱିଣ୍ଟାଲ ଟୋକନ

● ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଚାଷୀ

ଢେଙ୍କାନାଳ, ୯ ।୧(ସମିସ): ସଦର ବ୍ଲକ ଚାଉଳିଆ ଗ୍ରାମର ଜଣେ ଚାଷୀଙ୍କ ୫ ଏକର ଜମି ପଞ୍ଜୀକରଣ ହୋଇଥିବା ବେଳେ ମଣ୍ଡିରେ ମାତ୍ର ୫ କ୍ୱିଣ୍ଟାଲ ଧାନ ଦେବାକୁ ଅନୁମତି ମିଳିଥିବାରୁ ସେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଚାଉଳିଆ ଗ୍ରାମର ଉଦୟଭାନୁ ଦାସଙ୍କ ପତ୍ନୀ ଅଲିଭା ଜ୍ୟୋତି ଦାସଙ୍କ ଅଭିଯୋଗ ଅନୁସାରେ ସେ ଧାନ ଦେବା ପାଇଁ ବେଲଟିକିରି ସମବାୟ ସମିତିରେ ପଞ୍ଜୀକରଣ କରିବା ପାଇଁ ୫ ଏକର ଜମିର ଧାନ ଦେବାକୁ ଦରଖାସ୍ତ କରିଥିଲେ । ତାଙ୍କ ପଞ୍ଜୀକରଣ ସଂଖ୍ୟା ୫୬୯୪ ହୋଇଥିବା ବେଳେ ଟୋକନ ନମ୍ବର ୧୭୭୩୮୫୧ରେ ମାତ୍ର ୫ କ୍ୱିଣ୍ଟାଲ ଧାନ ଦେବାକୁ ଅନୁମତି ମିଳିଛି । ଏ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି ।

## ରେଳ ଟିକେଟ୍ ସମସ୍ୟା ନେଇ ରେଳମନ୍ତ୍ରୀଙ୍କୁ ଅଭିଯୋଗ

ଢେଙ୍କାନାଳ, ୯ ।୧(ସମିସ): ରେଳ ଟିକେଟ ସମସ୍ୟାକୁ ନେଇ ସଦର ବ୍ଲକ୍ ଗୋବିନ୍ଦପୁର ଗ୍ରାମର ଜୟ ଜଗନ୍ନାଥ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି । ପ୍ରାୟ ୩୭ଜଣ ବରିଷ୍ଠ ନାଗରିକ ବିଭିନ୍ନ ତୀର୍ଥସ୍ଥାନ ଦର୍ଶନ କରିବା ପାଇଁ ପ୍ରତିବର୍ଷ ଯାଇଥାନ୍ତି । ଚଳିତ ବର୍ଷ ଦ୍ୱାରିକା ଦର୍ଶନ ନିମନ୍ତେ ଦ୍ୱାରିକ ପର୍ଯ୍ୟନ୍ତ ଟ୍ରେନ୍ ଥାଇ ମଧ୍ୟ ଢେଙ୍କାନାଳ ଷ୍ଟେସନରେ ଟିକେଟ ମିଳି ନ ଥିଲା । ତେଣୁ ସେମାନେ ଗତ ଡିସେମ୍ବର ୧୩ ତାରିଖ ପୁରୀ-ଆଜମେର ଏକ୍ସପ୍ରେସ୍‌ରେ ଢେଙ୍କାନାଳରୁ ଅହମଦାବାଦ ଟିକେଟ କଲେ । ସେଥିରୁ ୨୦ ଜଣଙ୍କ ଟିକେଟ୍ କନଫର୍ମ ହେଲା ଓ ୧୭ଜଣଙ୍କର ୱେଟିଂରେ ରହିଲା । ନିୟମ ଅନୁଯାୟୀ ୨୮ ତାରିଖରେ ଫେରିବା ଟିକେଟ ୨୫ ତାରିଖରେ ଦ୍ୱାରିକାରୁ ପୁରୀ ଟ୍ରେନରେ କରିବା ପାଇଁ ଷ୍ଟେସନ ମାଷ୍ଟରଙ୍କଠାରୁ ଦରଖାସ୍ତ ମଞ୍ଜୁର କରି କାଉଣ୍ଟରରେ ପ୍ରଦାନ କରିଥିଲେ । ମାତ୍ର ସେଠାରେ ଦରଖାସ୍ତ ଗ୍ରହଣ କରାଗଲା ନାହିଁ କିମ୍ବା ଟିକେଟ ଦେଲେ ନାହିଁ । ତେଣୁ ସେମାନେ ହତାଶ ଓ ମର୍ମାହତ ହୋଇ ଦୁଃଖରେ ଫେରିଲେ । ବାଧ ହୋଇ ୩୭ଟି ଟିକେଟ କ୍ୟାନସେଲ କଲେ । ମାତ୍ର କ୍ୟାନସେଲ ଟିକେଟ ରାଶି ୪୦୮୦ ଟଙ୍କା ଫେରସ୍ତ ପାଇଲେ ନାହିଁ । ସରକାର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଭତ୍ତା ଦେଉଛନ୍ତି । ହେଲେ ଟ୍ରେନ୍‌ରେ ଯାତାୟାତ ପାଇଁ କିଛି ସୁବିଧା ନାହିଁ ବୋଲି ପ୍ରକାଶ କରିଛନ୍ତି । ଟିକେଟ କାଉଣ୍ଟରରେ ଥିବା କର୍ମଚାରୀଙ୍କ ଅସହଯୋଗ, ଖାମଖିଆଲି ମନୋବୃତ୍ତି ଓ ଦାୟିତ୍ୱହୀନତା ଯୋଗୁଁ ଟିକେଟ ହୋଇପାରିଲା ନାହିଁ ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି । ରେଳମନ୍ତ୍ରୀ ଏହାର ବିଚାର କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।



## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ଖଜୁରିଆକଟା, ୯ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ଜନତା କଲେଜରେ ଗୁରୁବାର ଆଠଦିନିଆ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପରାଣୀ ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ଶିବିରରେ +୩ ପ୍ରଥମ ବର୍ଷର ୧୪୦ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଶିବିର ସଂଯୋଜିକା ତଥା ଅର୍ଥନୀତି ବିଭାଗ ଅଧ୍ୟାପିକା ଇଶାରାଣୀ ପଣ୍ଡାଙ୍କ ପୌରୋହିତ୍ୟରେ ପରିଚାଳିତ ସଭାରେ ସମ୍ମାନିତ ଅତିଥି ରୂପେ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ବେହେରା, ରୁମୁଲି ନନ୍ଦ ଓ ସନ୍ଧ୍ୟାରାଣୀ ଦାସ ଯୋଗଦେଇଥିଲେ । ସହ ସଂଯୋଜିକା ତଥା ଇତିହାସ ବିଭାଗ ଅଧ୍ୟାପିକା ଦିଲ୍ଲେଶ୍ୱରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକା ଝିଅର ଚିକିତ୍ସାରେ ଅର୍ଥାଭାବ ବାଧକ



ପରଜଙ୍ଗ, ୯ ।୧(ସମିସ): ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମର ଜଣେ ନାବାଳିକାଙ୍କ ଦୁଇ ବୃକ୍କ ସମ୍ପୂର୍ଣ୍ଣ ଖରାପ ହୋଇ ଯାଇଥିବା ବେଳେ ଚିକିତ୍ସା ପାଇଁ ଅର୍ଥାଭାବ ପ୍ରତିବନ୍ଧକ ସାଜିଛି । ଗ୍ରାମର ଅଲେଖ ମହାଲିକଙ୍କ ୧୬ ବର୍ଷୀୟ ଝିଅର ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିବାରୁ ଡାକ୍ତରଙ୍କୁ ଦେଖାଇ ପରୀକ୍ଷାନିରୀକ୍ଷା କରିବା ପରେ ଦୁଇଟିଯାକ ବୃକ୍କ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା । ମା' ସବିତା ଝିଅକୁ ବୃକ୍କ ଦାନ କରିବା ପାଇଁ ନିଷ୍ପତ୍ତି କରିଥିଲେ ମଧ୍ୟ ଅର୍ଥାଭାବରୁ ଚିକିତ୍ସା ଆଗକୁ ବଢ଼ିପାରୁନାହିଁ । ଅଲେଖ ରାଜମିସ୍ତ୍ରି ଭାବେ କାମ କରୁଥିବା ବେଳେ ସ୍ତ୍ରୀ, ଦୁଇ ଝିଅ ଓ ଦୁଇ ପୁଅଙ୍କୁ ନେଇ ପରିବାର ଗୁଜାରଣ ମେଣ୍ଟାଉଛନ୍ତି । ଗୋଟିଏ ପୁଅ ଦିବ୍ୟାଙ୍ଗ ସାଙ୍ଗକୁ ଝିଅର ଏପରି ଅବସ୍ଥାରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି । ଝିଅ ଜଣେ ମେଧାବୀ ଛାତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ଶିକ୍ଷାଲାଭ କରୁଛନ୍ତି । ଏହି ଖବର ପାଇବା ପରେ ସମାଜସେବୀ ଦୁଃଖବନ୍ଧୁ ବିଶ୍ୱାଳ, ବିଶ୍ୱଜିତ ନାୟକ ସରାଙ୍ଗ ଗ୍ରାମସ୍ଥିତ ଅଲେଖଙ୍କ ଘରେ ପହଞ୍ଚି ଚିକିତ୍ସା ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ସାମାଜିକ ଗଣମାଧ୍ୟମରେ ନିବେଦନ କରିଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ଝିଅଟିର ଚିକିତ୍ସା ପାଇଁ ଆର୍ଥିକ ସହଯୋଗ କରିବାକୁ ଚାହୁଁଛନ୍ତି ତେବେ ୭୦୬୪୨୧୩୪୬୨ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି ।

## କବୟିତ୍ରୀ ଯମୁନା ଦାଶଙ୍କ ପରଲୋକ



ଆନନ୍ଦପୁର, ୯।୧ (ସମିସ): ଆନନ୍ଦପୁର ୭ ନମ୍ବର ୱାର୍ଡ ନିବାସୀ ତଥା କବୟିତ୍ରୀ ଯମୁନା ଦାଶ ( ୯୭ ) ଙ୍କ ଦେହାନ୍ତ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। ମୃତ୍ୟୁ ଖବର ପାଇ ପୁଅ ଭରତ ଶାନ୍ତନୁ ସୁଧାକର ଝିଅ ସୁଷମା କଲ୍ୟାଣୀ ପରିବାର ବର୍ଗଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ରଚିତ ପୁସ୍ତକ ଜଗନ୍ନାଥ ଜଣାଣ ବେଶ୍ ଲୋକପ୍ରିୟ ହୋଇଥିଲା। ତାଙ୍କ ମୃତ୍ୟୁରେ ସାହିତ୍ୟ ଜଗତରେ ଦୁଃଖ ପ୍ରକାଶ ପାଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ



ଘଟଗାଁ, ୯।୧(ସମିସ): ହରିଚନ୍ଦନପୁର ରାସ୍ତାର ବୀଣାଝରିଠାରେ ଇଟା ବୋଝେଇ ଟ୍ରକ ଚଢ଼ିଯିବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘଟଗାଁ ବ୍ଲକ ବାଲିଯୋଡ଼ି ଗ୍ରାମର ଦୟାନିଧି ନାଏକ (୫୫)। ଶୁକ୍ରବାର ହରିଚନ୍ଦନପୁର ହାଟକୁ ବଳଦ କିଣିବା ପାଇଁ ଯାଇଥିଲେ। ବାଇକ ଯୋଗେ ଫେରୁଥିବା ସମୟରେ ବୀଣାଝରି ରାସ୍ତା ଉପରେ ଏକ ଟ୍ରକ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛି। ଖବର ପାଇ ବାଇକ ଆରୋହୀଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ପାଟଣା ପଠାଯାଇଛି।

## ସିଆର୍‌ପିଏଫ୍ ଯବାନଙ୍କ ଆକସ୍ମିକ ମୃତ୍ୟୁ



ତେଲକୋଇ, ୯।୧(ସମିସ): ତେଲକୋଇ ଥାନା ପୂରୁଜୁଡ଼ା ପଞ୍ଚାୟତ କରଙ୍ଗାପାଳ ଗ୍ରାମର ସିଆରପିଏଫ ଯବାନ ସୁଖିଲାଲ କୁଙ୍କଲ୍ (୪୨)ଙ୍କ ବୁଧବାର ରାତିରେ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। ୨୦୦୩ରେ ସିଆରପିଏଫରେ ଯୋଗ ଦେଇଥିବା ବେଳେ ୨୦୨୩ରେ ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ସିଆରପିଏଫ କେନ୍ଦ୍ରରେ ନିୟୋଜିତ ହୋଇଥିଲେ। ବୁଧବାର ସନ୍ଧ୍ୟା ପ୍ରାୟ ୮ଟାରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନିକଟସ୍ଥ କମ୍ପୋଜିଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଭରତପୁର ଥାନା ପକ୍ଷରୁ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ଗୁରୁବାର ସନ୍ଧ୍ୟା ସମୟରେ ସୁଖିଲାଲଙ୍କ ମରଶରୀର ପୈତୃକ ଘର କରଙ୍ଗାପାଳରେ ପହଞ୍ଚିଥିବା ବେଳେ ସିଆରପିଏଫ୍ କେନ୍ଦ୍ର ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇ ଅନ୍ତିମ ସଂସ୍କାର କରାଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲିଲ୍ ମୋହନ କୁମାର, ବିଭାଗୀୟ ଇନ୍ସପେକ୍ଟର ଇନ୍ଦ୍ରଜିତ ମହାନ୍ତ ଓ ତାଙ୍କ ଗ୍ରୁପ ଯୋଗ ଦେଇଥିବା ବେଳେ କାଳିଆହତା ଫାଣ୍ଡି ଅଧିକାରୀ ରୂପେଶ ମହାନ୍ତ ଉପସ୍ଥିତ ଥିଲେ।

## ମା’ କାଳୀ ପୂଜା କମିଟିର ବାର୍ଷିକ ବନ୍ଧୁ ମିଳନ



ଆନନ୍ଦପୁର, ୯।୧ (ସମିସ): ଘସିପୁରା ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ଏକ ବନ୍ଧୁ ମିଳନ ଶୈଳଙ୍ଗ ମଠ ହୁଡ଼ି ନିକଟରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଆୟ ବ୍ୟୟର ହିସାବ ହୋଇଥିଲା ବେଳେ ସଭାପତି ହରେକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ସଂପାଦକ ସୁରେଶ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଘରୋଇ ବସ ମାଲିକ ସଂଘ ସଂପାଦକ ନିର୍ମଳ ମିଶ୍ର, ତ୍ରିଲୋଚନ ସାହୁ, ସୁରେଶ ସାହୁ, ସହସଂପାଦକ ବସନ୍ତ ପେରେଇ ଉପସଭାପତି ବାବୁଲି ଜେନା, ଉପଦେଷ୍ଟା କେଶବଚନ୍ଦ୍ର ସାହୁ, ରବୀନ୍ଦ୍ର ସେଠୀ, ପରୀକ୍ଷିତ ସାହୁ, କ୍ଷେତ୍ରବାସୀ ସାହୁ, ଅଚ୍ୟୁତ ରଣା, କ୍ଷୀରୋଦ କର, ଅଜୟ ଦାସ ପ୍ରମୋଦ ଦାସ, ସନ୍ତୋଷ ବାରିକ, ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ ଚକ୍ର, ଶୁକଦେବ ମହରଣା, ରାଜକିଶୋର ସାହୁ, ରତିକାନ୍ତ ସାହୁ, ବ୍ରଜବନ୍ଧୁ ଦାସ, ଦିଲ୍ଲୀପ ଦାସ, ବାମଦେବ ବିଶ୍ୱାଳ, ନରୋତ୍ତମ ବିଶ୍ୱାଳ, ମଙ୍ଗୁଲି ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଇକରୁ ପଡ଼ି ୨ ଆହତ

ବଡ଼ସାହି, ୯ ।୧(ସମିସ):ବଡ଼ସାହି ଥାନା ଅଧୀନ ଦାମୋଦରପୁର-ବଡସାହି ରାସ୍ତାରେ ୨ଜଣ ଯୁବକ ଭାରସାମ୍ୟ ହରାଇ ପଡିଯିବାରୁ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ନୀଳଗିରି ଥାନା ଅଧୀନ ସଜନାଗଡ ଜାମୁଡି ଗ୍ରାମର ରାଜେଶ ବିଶ୍ୱାଳ। ତାଙ୍କ ସହିତ ଥିବା ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ବଡସାହି ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରି ବଡସାହି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବଡସାହି ପଞ୍ଚାୟତକୁ ଭତ୍ତା ଆଣିବାକୁ ଆସିଥିବା କୁଞ୍ଜ କୁଅଁର ପଡିଯିବାରୁ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାର ଜଣାଯାଇଛି।

# କପ୍ତିପଦା ମହୋତ୍ସବ ଉଦ୍‌ଘାଟିତ

କପ୍ତିପଦା, ୯।୧(ସମିସ)



ଆଜି କପ୍ତିପଦା ମହୋତ୍ସବ ଆରମ୍ଭ ହୋଇଛି। ମହୋତ୍ସବକୁ ମୁଖ୍ୟବକ୍ତା ଭାବେ ବିଧାୟକ ଭାସ୍କର ମଢେଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ କପ୍ତିପଦା ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରା କପ୍ତିପଦା ବଜାର, ବଡ଼ସାହି, ତେନ୍ତୁଳି ସାହି ଦେଇ ଦିଲଖୁସ ମେଲୋଡି (ଜୁନାଗଡ଼)ର ଦୁଲଦୁଲି ବାଦ୍ୟ ମାଧମରେ କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ବିଧାୟକ ଭାସ୍କର ମଢେଇ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଜିଲ୍ଲା ପରିଷଦ ଉପାଧକ୍ଷ ବିପିନସିଂ ବଦ୍ରା, ବ୍ଲକ ଅଧକ୍ଷ କାହ୍ନୁଚରଣ ସୋରେନ, ବ୍ଲକ ଉପାଧକ୍ଷା ଦାନଗୀ ହାଁସଦା, ତହସିଲଦାର ଆଶିଷ ମହାପାତ୍ର, ଜିଲ୍ଲା ପରିଷଦ ସିରୁ ସରେନ, ସରପଞ୍ଚ କଲ୍ୟାଣି ସାମାଡ, ଦୁଃଖିନୀ ନାୟକ, ଶରତ ଚନ୍ଦ୍ର ମିଶ୍ର, ସୁବାସ ଚନ୍ଦ୍ର ସାଏ, ପ୍ରତାପ ଚନ୍ଦ୍ର ସାହୁ, କମିଟିର ସଭାପତି ମାକୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା ମହୋତ୍ସବ ବେଲୁନ ଉଡାଣ କରାଯାଇଥିଲା। ଏହାପରେ ମୁଖ୍ୟବକ୍ତା ଭାସ୍କର ମଢେଇ ଆମ କପ୍ତିପଦା ମହୋତ୍ସବ ସମ୍ପର୍କରେ ଆଲୋଚନା କରି ଆଗାମୀ ଦିନରେ ଏହାର ଉତ୍ତର ତ୍ତୋର ଉନ ଉନ୍ନତି କାମନା କରିବା ସହିତ କପ୍ତିପଦାର ପୂର୍ବ ଗୌରବ ଫେରାର ଆଣିବା ପାଇଁ ସମସ୍ତ ଜନସାଧାରଣ ଓ ଯୁବ ବର୍ଗଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବ ନିଶ୍ଚିତ ଭାବେ କପ୍ତିପଦାର ଗର୍ବ ଗୌରବ ଫେରାଇ ଆଣିବାକୁ ସମର୍ଥ ହେବ। ଅନ୍ୟ ଅତିଥିମାନେ ମହୋତ୍ସବ ସମ୍ପର୍କରେ ଆଲୋଚନା କରି ମହୋତ୍ସବ ଭାଇଚାରାକୁ ବଜାୟ ରଖିବା ସହିତ ଅଞ୍ଚଳରେ ଲୁପ୍ତ କଳା ସଂସ୍କୃତିର ପୁନରୁଦ୍ଧାର କରିହେବ ବୋଲି କହିଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ପାଦକ ତପନ ବାରିକ ଓ ରାଜକିଶୋର ବେହେରା ମଞ୍ଚ ପରିଚାଳନା କରିବା ସହିତ ଅତିଥିଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆନନ୍ଦପୁର କଲେଜ ଆନ୍ତବିଭାଗୀୟ କର୍ମଶାଳା




ଆନନ୍ଦପୁର, ୯।୧ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଅଧକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭପତିତ୍ୱରେ ସାଇନ୍ସ ସୋସାଇଟି ତରଫରୁ ଆନ୍ତବିଭାଗୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଆମେରିକା ଭିରଜିନିଆ ଷ୍ଟେଟ ବିଶ୍ୱବିଦ୍ୟାଳୟର ଡକ୍ଟର ଚନ୍ଦନ ଭୂଷଣ ସାମନ୍ତରାୟ କମ୍ପ୍ୟୁଟିଂ, ଲେଜର, ଜୈବ ପ୍ରଯୁକ୍ତି ବିଦ୍ୟାରେ କିଭଳି ପ୍ରୟୋଗ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ, ଯୋଗ ଦେଇଥିଲେ। ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଅଧ୍ୟାପିକା ମିତାଶ୍ରୀ ବେହେରା ସଂଯୋଜନା କରିଥିବା ବେଳେ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଭାରତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଅନିତା ଦାସ, ମମତା ମିଶ୍ର, ତନୁଶ୍ରୀ ପଣ୍ଡା, ସୁରୁଚି ସମ୍ପନ୍ନ ସ୍ୱାଇଁ, ଆଦ୍ୟାଦେବ ମହାନ୍ତି, ଅଧ୍ୟାପକ ବିଶ୍ୱରଂଜନ ସାହୁ, ସୁବ୍ରତ ସାହାଣୀ, ନରେଶ ସାହା, ପ୍ରତାପ କଅଁର, ମନୋଜ ନାୟକ, ରିମନ ଆଚାର୍ଯ୍ୟ, ଡ ଉତ୍ତମ ପାଣିଗ୍ରାହୀ, ବିଜୟ ସାହୁ, ପୂର୍ଣ୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ, ପ୍ରଫୁଲ୍ଲ ପଣ୍ଡା, ବିଶ୍ୱଜିତ ରାଉତ, ଦିବ୍ୟରଞ୍ଜନ ସାହୁ, ରୋଶନ୍ ଢେଂରା ସହଯୋଗ କରିଥିଲେ।

## କଂଗ୍ରେସ ରାଜ୍ୟ ସମ୍ପାଦକଙ୍କ ଧାନମଣ୍ଡି ପରିଦର୍ଶନ



କରଞ୍ଜିଆ, ୯।୧(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀର ଯୁବ ନେତା ଲକ୍ଷ୍ମୀଧର ସିଂ ଆଜି ପାଟବିଲ ଲ୍ୟାମ୍ପର ତାଟୋ ସ୍ଥିତ ଧାନମଣ୍ଡି ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଚାଷୀ ଓ ଲ୍ୟାମ୍ପ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ବାରମ୍ବାର ବାହାସ୍ଫୋଟ ସତ୍ତ୍ୱେ ଧାନମଣ୍ଡିରେ କଟନି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ କରିଥିବା ଧାନ ଅମଳ ପରିମାଣଠାରୁ ଅଧିକାଂଶ ଚାଷୀଙ୍କ କମ୍ ପରିମାଣର ଧାନ କିଣାଯିବାର ଟୋକନ ଆସିଥିବାରୁ ଚାଷୀ ହତାଶ ହେଉଛନ୍ତି। ଏହି ଅଞ୍ଚଳରେ ପ୍ରବଳ ହାତୀ ଉପଦ୍ରବ ହେଉଥିବାବେଳେ ଧାନ କିଣା ମନ୍ଥର ଗତିରେ ଚାଲୁଥିବାରୁ ଚାଷୀକୁଳ ଆତଙ୍କିତ ଅଛନ୍ତି। କେତେବେଳେ କାହା ଘରେ ହାତୀ ଘରେ ପଶି ଧାନ ଖାଇବା ସହ ଲୋକଙ୍କୁ ଆକ୍ରମଣ କରୁଥିବା ବାରବାର ଖବର ଆସୁଛି। ଏଭଳି ପରିପ୍ରେକ୍ଷୀରେ ସରକାର ତୁରନ୍ତ ହସ୍ତକ୍ଷେପ କରି ସମସ୍ତ ଧାନ ସମୟସୀମା ଭିତରେ କ୍ରୟ କରିବାକୁ ରାଜ୍ୟ ସମ୍ପାଦକ ପ୍ରେସ ବିବୃତ୍ତିରେ ଦାବି କରିଛନ୍ତି। ଏ ଅବସରରେ ବରିଷ୍ଠ କଂଗ୍ରେସ ନେତା ଶେଖ୍ ଜାକିର ହୁସେନ, ସୁଭାଷ ସଂଖୀଆଳ, ହରେକୃଷ୍ଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତ ତିନି ଛାତ୍ରୀଙ୍କ ଆତ୍ମରକ୍ଷା ଶିବିର




ହାଟଡ଼ିହୀ, ୯।୧(ସମିସ): ଆଞ୍ଚଳିକ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମବର୍ଷ ବାଳିକା ମାନଙ୍କର ଆତ୍ମରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଚିତ୍ତରଞ୍ଜନ ରାଉତଙ୍କ ଅଧକ୍ଷତା ଏବଂ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ନିଲମ୍ ସ୍ୱାଇନ୍ ଏବଂ ଅଧ୍ୟାପିକା ସ୍ୱାଗତିକା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷିକା ଶ୍ରୀମନ୍ତିନୀ ସାହୁ ବାଳିକାଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ, ରବିନ୍ଦ୍ରନାଥ ଜେନା, ସନାତନ ଖୁଣ୍ଟିଆ, ଅଧ୍ୟାପିକା ପ୍ରିୟଙ୍କା ମହାନ୍ତି ଏବଂ ଅଧ୍ୟାପିକା ଚୁମୁକିରାଣୀ ନାଏକ, ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ୧୯ ତାରିଖ ଯାଏଁ ଶିବିର ଚାଲୁ ରହିବ।

## ଭତ୍ତା ପାଇଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ରାଇରଙ୍ଗପୁର, ୯।୧(ସମିସ): ବୃଦ୍ଧାବସ୍ଥାରେ ଭତ୍ତା ପାଇଁ ବୃଦ୍ଧ ଲୋକ ଜଣକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ବୃଦ୍ଧ ଜଣକ ଭତ୍ତା ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। କୁସୁମୀ ବ୍ଲକ୍ ଅନ୍ତର୍ଗତ ହାଟବାଦଡା ଅଞ୍ଚଳର ଖେରଣା ଗ୍ରାମର ନୀଲୁ ମହାନ୍ତ ବୃଦ୍ଧ ଅବସ୍ଥାରେ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ଗତ ୨୪/୦୪/୨୦୨୪ରେ ଆବେଦନ କରିଛନ୍ତି। କିନ୍ତୁ ବର୍ଷ ବର୍ଷ ବିତିଗଲେ ସୁଦ୍ଧା ତାଙ୍କୁ ଭତ୍ତା ମିଳୁନାହିଁ। ସେ ଗରିବ ଶ୍ରେଣୀର ଲୋକେ ହୋଇଥିବାବେଳେ କଷ୍ଟ ମଧ୍ୟରେ ନିଜକୁ ପ୍ରତିପୋଷଣ କରୁଛନ୍ତି। ତାଙ୍କ ଶରୀର ଅସୁସ୍ଥ ଥିବାବେଳେ ଚିକିତ୍ସା ନିମନ୍ତେ ଅର୍ଥ ମଧ ନାହିଁ। ଔଷଧ ସେବନ ନିମନ୍ତେ ଅର୍ଥ ବାଧକ ସାଜିଛି। ତାଙ୍କୁ ଭତ୍ତା ମିଳିଲେ ବାର୍ଦ୍ଧକ୍ୟ ଅବସ୍ଥାରେ କାହା ଉପରେ ନିର୍ଭର ନକରି ବଞ୍ଚିପାରିବେ। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଭତ୍ତା ନ ମିଳିଲେ ଆଗକୁ ଆନ୍ଦୋଳନ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୯।୧ (ସମିସ): ବେଆଇନ ବାଲି ଚୋରା ଚାଲାଣ ବେଳେ ବାଦାମପାହାଡ଼ ଥାନା ପୁଲିସ ପକ୍ଷରୁ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୁଲିସ ପାଟ୍ରୋଲିଂ କରି ବୁରୁଡ଼ିହି ଗ୍ରାମ ନିକଟରେ ଚଢ଼ଉ କରି ଟ୍ରାକ୍ଟର ଜବତ କରିଛନ୍ତି। ନଦୀ ଘାଟରେ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଟ୍ରାକ୍ଟର ଚାଳକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଗୋଚାଲାଣ ବେଳେ ୮ ଗୋରୁ ଉଦ୍ଧାର

ରାଇରଙ୍ଗପୁର, ୯।୧ (ସମିସ): ଦିନକୁ ଦିନ ବେଆଇନ ଗୋଚାଲାଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ଥିବାବେଳେ ବାଦାମପାହାଡ଼ ଥାନା ପୁଲିସ ଦ୍ୱାରା ଗୋଚାଲାଣ ବେଳେ ୮ଟି ଗୋରୁ ଉଦ୍ଧାର ହୋଇଛନ୍ତି। ଗାଚାଲାଣ ନେଇ ପୁଲିସକୁ ଖବର ମିଳିଥିଲା। ଏକ ଟିମ କୁସୁମୀ ଗ୍ରାମ ନିକଟ ରାସ୍ତାରେ ଚଢ଼ଉ କରିଥିଲେ। ବୋଲେରୋକୁ ଅଟକାଇଥିବା ବେଳେ ଚାଳକ ଜଣକ ଫେରାର ହୋଇଯାଇଥିଲା। ଏଥିରୁ ୮ଟି ଗୋରୁ ଉଦ୍ଧାର କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

## ଉଦଳା ଏନଏସି ଅଫିସ ଆଗରେ ମହିଳାଙ୍କ ଧାରଣା

ଉଦଳା, ୯।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ନିର୍ଦ୍ଦିଷ୍ଟ ସ୍ୱୟଂସହାୟକ ଗୋଷ୍ଠୀକୁ ସମସ୍ତ କାମ ଦିଆଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ସ୍ୱୟଂସହାୟକ ଗୋଷ୍ଠୀକୁ ମନଇଚ୍ଛା ଚଞ୍ଚକତାର ସହ ଟେଣ୍ଡର କରାଯାଉଥିବା ଅଭିଯୋଗ ନେଇ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନଏସି ପକ୍ଷରୁ ଆହାର, ପିଡିଏସ ଓ ଅନ୍ୟ ଉନ୍ନୟନ କାମ ନିମନ୍ତେ ହେଉଥିବା ଟେଣ୍ଡରରେ ଚଞ୍ଚକତା କରାଯାଉଥିବା ଅଭିଯୋଗ ହୋଇଛି। କେତେକ ନିର୍ଦ୍ଦିଷ୍ଟ ସ୍ୱୟଂସହାୟକ ଗୋଷ୍ଠୀକୁ ସମସ୍ତ କାମ ଦିଆଯାଉଥିବାବେଳେ ଅନ୍ୟ ସ୍ୱୟଂସହାୟକ ଗୋଷ୍ଠୀକୁ ଏହାର କୌଣସି ଖବର ପ୍ରଦାନ କରାଯାଉ ନ ଥିବା ସହିତ ସେମାନେ ଖବର ପାଇ ପାରୁନାହାନ୍ତି। ଏହାକୁ ବିରୋଧ କରି ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ବିକ୍ଷୋଭପ୍ରଦର୍ଶନ କରିଛନ୍ତି। ଏହାସହିତ ସମସ୍ତ କାର୍ଯ୍ୟରେ ଆଉଥରେ ଟେଣ୍ଡର ଆହ୍ୱାନ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

## ମେଳା କମିଟିର ସମ୍ପାଦକଙ୍କ ପରଲୋକରେ ଶୋକସଭା



ଖୃଟିଂ, ୯।୧(ସମିସ): ଶୁକୃଳି ବ୍ଲକ ଅନ୍ତର୍ଗତ ଐତିହ୍ୟ ସମ୍ପନ୍ନ ଗ୍ରାମ ଖୃଟିଂର ବିଶିଷ୍ଟ ସମାଜସେବୀ ତଥା ଜାଗର ମେଳା କମିଟି ସମ୍ପାଦକ ଯୋଗେନ୍ଦ୍ର ନାଥ ନାଏକଙ୍କ ପରଲୋକରେ ଶୋକସଭା ଅନୁଷ୍ଠିତ ହୋଇଛି। ଜାଗର ମେଳା ପଡିଆରେ ବରିଷ୍ଠ ସଂଗଠକ ଇଂ ସୁଶାନ୍ତ ନାଏକଙ୍କ ଆବାହକତ୍ୱରେ ଶୋକ ସଭା ଆୟୋଜିତ ହୋଇଥିଲା। ଏଥିରେ କୀର୍ତ୍ତନ ନାଏକ, ଦିଲ୍ଲୀପ ପାଣିଗ୍ରାହୀ, ବଳଭଦ୍ର ଘଡାଇ, ଅଭିଷେକ ପାଣିଗ୍ରାହୀ ପ୍ରମୁଖ ମେଳା କମିଟି ସଦସ୍ୟ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗଦେଇ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ବିଶୋଇ, ୯ ।୧(ସମିସ): ବିଶୋଇ ବଜରଙ୍ଗ ପୀଠ କମିଟି ଆନୁକୂଲ୍ୟରେ ବଜରଙ୍ଗ ପୀଠସ୍ଥ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ନିମନ୍ତେ କଳସ ଯାତ୍ରା ଓ ତ୍ରିଦିନାତ୍ମକ ବିଶ୍ୱ ଶାନ୍ତି ବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁରରୁ ଆଗତ ମୁଖ୍ୟ ପଣ୍ଡିତ ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସହଯୋଗୀ ଆଚାର୍ଯ୍ୟ ସଚ୍ଚିଦାନନ୍ଦ ମିଶ୍ର, ଜିତେନ୍ଦ୍ରିୟ ଶତପଥି, ମନୋରଞ୍ଜନ ନନ୍ଦ ଓ ଅକ୍ଷୟ ପାତ୍ରୀଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସମାପନ ହୋଇଥିଲା। ବୁଧବାର ଦିନ ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହେବାପରେ ଯଥା ରୀତିନୀତିରେ ଗୋପୂଜା, ଅଗ୍ନି ସ୍ଥାପନ, ମଣ୍ଡଳାଦି ପୂଜା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅର୍ଘ୍ୟଦାନ, ମଣ୍ଡଳାଦି ପୂଜନ ସପ୍ତସତୀ ଚଣ୍ଡୀ ଆହୂତି ସମାପନ ହେବା ପରେ ଆଜି ଶେଷ ଦିବସରେ ଶ୍ରୀମଦ ଭାଗବତ ଗୀତା ଆହୁତି ଓ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା।

# ବନ୍ଧୁ ମିଳନରେ ଏକଜୁଟ୍ ହେଲେ ପୌରାଞ୍ଚଳ ବିଜେଡି କର୍ମୀ

ଆନନ୍ଦପୁର, ୯।୧(ସମିସ




ଆନନ୍ଦପୁର ବ୍ୟାରେଜ୍ ସାଇଡରେ ଆନନ୍ଦପୁର ପୌରାଞ୍ଚଳ ବିଜେଡିର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କର୍ମୀମାନେ ଆନନ୍ଦପୁର ବସଷ୍ଟାଣ୍ଡଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଇଥିଲେ। ନଗର ସଭାପତି ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଦଳୀୟ କର୍ମୀମାନେ ଏବେବି ସଂଗଠିତ ରହିଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୌରାଧକ୍ଷା ରଜନୀରାଣୀ ଖଟୁଆ, ଜିଲ୍ଲା ଯୁବବିଜେଡି ସଭାପତି ରାକେଶ ରାମ୍, ପୂର୍ବତନ ନଗର ସଭାପତି ସୁଶୀଳ ହୋତା, ବରିଷ୍ଠନେତା ଦାଶରଥୀ ପଣ୍ଡା, ସତ୍ୟବ୍ରତ ରାମ ଶୁଭ୍ରଜିତ ରାମ କାଉନସିଲର ସୁରେନ୍ଦ୍ର ଦାସ, ଦଳୀୟନେତା ପ୍ରମୋଦ ସାହୁ ପ୍ରମୁଖ ସାଂଗଠନିକ ଆଲୋଚନା କରିଥିଲେ। ଯୁବନେତା ଦେବପ୍ରିୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଜିତେନ୍ଦ୍ରେ ସାମଲ, କାଉନସିଲର ସୁଜିତ ସାହୁ, ଲୀନାରାଣୀ ସାହୁ, ମଣିଲତା ରାମ୍, ସୁପ୍ରିୟା ମିଶ୍ର, ରଶ୍ମିତା ବାରି, ଅଜୟ ସାହୁ, ନିରଞ୍ଜନ ସାହୁ, ତୋଫାନ ସାହୁ, ପିଙ୍କୁଲ ରାମ୍, ସତ୍ୟନାରାୟଣ ସାହୁ, ଛାବୁଲି ଧଳ, ସୌମ୍ୟରଂଜନ ରାମ୍, ସିଦ୍ଧାର୍ଥ ସାହୁ, ନିଳାମ୍ବର ଖଟୁଆ ପ୍ରମୁଖ ସାମିଲ ଥିଲେ।

### ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍

## ୟୁନିଅନ ସ୍ପୋର୍ଟିଂ ଫାଇନାଲକୁ ଉନ୍ନୀତ




କରଞ୍ଜିଆ, ୯।୧(ସମିସ): ଚଢ଼େଭୋଳସ୍ଥ ଦି ଆଜାଦ ସ୍ପୋର୍ଟ୍ସ ଏଣ୍ଡ କଲଚରାଲ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ଭୁବନେଶ୍ୱରକୁ ହରାଇ କଟକ ୟୁନିଅନ ସ୍ପୋର୍ଟିଂ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଏମଡି ଶିଲାଉଦ୍ଦିନ ଓ ଏମଡି ଆସରଫୁଲ ଯୋଗ ଦେଇ ଉଭୟ ଦଳ ଖେଳାଳିଙ୍କ ସହିତ ପରିଚିତ ହୋଇ ଖେଳକୁ ଆରମ୍ଭ କରିଥିଲେ। କଟକ ଦଳ ନିର୍ଦ୍ଧାରିତ ୨୦ ଓଭର ଖେଳି ୫ ୱିକେଟ ହରାଇ ୨୧୫ ରନ କରିଥିବାବେଳେ ଜବାବରେ ଭୁବନେଶ୍ୱର ଦଳ ୧୪.୨ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ମାତ୍ର ୯୪ ରନ କରି ପରାସ୍ତ ହୋଇଥିଲା।

## ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ ପ୍ରସ୍ତୁତି



ବୀରମହାରାଜପୁର, ୯ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଧର୍ମଶାଳା ବନ୍ୟା ଆଶ୍ରୟସ୍ଥଳୀଠାରେ ସପ୍ତମ ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ହୃଷିକେଶ ଚାନ୍ଦ ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ କିଭଳି ଭାବରେ ଚଳିତବର୍ଷ ମହୋତ୍ସବକୁ ଆହୁରି ଆକର୍ଷଣୀୟ କରାଯିବ ସେ ସମ୍ପର୍କରେ ସମସ୍ତଙ୍କର ମତାମତ ଲୋଡ଼ିଥିଲେ। ଆଲୋଚନାରେ ଦ୍ୱିତୀକୃଷ୍ଣ ପଣ୍ଡା ଅଂଶଗ୍ରହଣ କରି ସ୍ମରଣିକାକୁ ଯେପରି ମହୋତ୍ସବର ପ୍ରଥମ ଦିନ ଉନ୍ମୋଚନ କରାଯିବ ସେ ସମ୍ପର୍କରେ ସମସ୍ତେ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ମହୋତ୍ସବ ଫେବୃଆରୀ ୨୭ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଯୁଗଳ କିଶୋର ମିଶ୍ର ଅତିଥି ନିମନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କେଶନ୍ ଜଗଦଲା, ସମ୍ପାଦକ ଶ୍ରୀନିବାସ ଚାନ୍ଦ, ମିତ୍ରଭାନୁ ନନ୍ଦ, ଅବିନାଶ ବାବୁ, ଘନଶ୍ୟାମ ଭାଟି, ଗିରିଶ କୁମାର ଦାଶ, ଶିବ ପ୍ରସାଦ ପ୍ରଧାନ, ଅମିୟ ରଞ୍ଜନ ଦାଶ, ଶୁଭେନ୍ଦୁ ମେହେର, ଜିତେନ୍ଦ୍ର ମହାପାତ୍ର, ପୀତାମ୍ବର ପଧାନ, ଦାଶରଥୀ ମହାନନ୍ଦିଆ, ଦୀପକ୍ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ହରିହର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାମୁକ୍ତି ସଚେତନତା ଶିବିର




ତରଭା, ୯ ।୧(ସମିସ): ତରଭା ଜେଏମ୍‌ଏଫ୍‌ସି ଆନୁକୂଲ୍ୟରେ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଶୁକ୍ରବାର ଅଧ୍ୟକ୍ଷ ନିଶିକାନ୍ତ ସାମ କୁଅଁରଙ୍କ ଅଧ୍ୟକ୍ଷତାରେ ଜାତୀୟ ଯୁବ ଦିବସ ଉପଲକ୍ଷେ ନିଶା ମୁକ୍ତି ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ନ୍ୟାୟାଧିଶ ଗିରିଜା ଶଙ୍କର ବାଘ, ଓକିଲ ସଂଘ ସଭାପତି ସୁରେଶ ଚନ୍ଦ୍ର ମହଲା, ବରିଷ୍ଠ ଓକିଲ ରାଜକିଶୋର ନନ୍ଦ, ସୁବିଜ୍ଞ ଦରୁଆନ ଯୋଗଦେଇ ନିଶା ସେବନର କୁପ୍ରଭାବ ଓ ଭାରତୀୟ ନ୍ୟାୟ ସଂହିତାରେ ନିଶା ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବରିଷ୍ଠ ଶିକ୍ଷକ ବିକ୍ରମ କେଶରୀ ଭୋଇ ଧନ୍ୟବାଦ ଦେଇଥିଲେ।

## ସପ୍ତମ ଖଡଗଙ୍ଗ ଲୋକ ମହୋତ୍ସବ ମଶାଲ ଶୋଭାଯାତ୍ରା



କନ୍ଧମାଳ, ୯ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖୁଣ୍ଟିଗୋରା ପଞ୍ଚାୟତ ଅଧୀନ ବନ୍ଧଗୋରା ମକର ପଡ଼ିଆରେ ସପ୍ତମ ଖଡଗଙ୍ଗ ଲୋକ ମହୋତ୍ସବ ଆୟୋଜନ ପାଇଁ ଶୁକ୍ରବାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟିଗୋରାସ୍ଥିତ ଜଗନାଥ ମନ୍ଦିରରେ ଗ୍ରାମ ମୁଖିଆ ନରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନ ଏବଂ ମନ୍ଦିର ପୂଜକ ପଣ୍ଡିତ ଜୟରାମ ପାଣିଙ୍କ ପୌରାହିତ୍ୟରେ ପୂଜାକାର୍ଯ୍ୟ ସମାପନ ହୋଇଥିଲା। ଏହାପରେ ମହୋତ୍ସବ ମଣ୍ଡମରେ ମୋଚିରାମ ପୁଝାରୀଙ୍କ ପୌରୋହିତ୍ୟରେ ମଶାଳ ସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ କଣ୍ଟାମାଳ ବିଧାୟକ ମହିଧର ରଣା ମୁଖ୍ୟ ଅତିଥି, ଜୋନ-୧ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ଖୁଣ୍ଟିଗୋରା ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ସୁନିତା ମାଝୀ, ଶିକ୍ଷାବିତ୍ ନିଳାଞ୍ଚଳ ଭୋଇ, ଓଡ଼ିଶା କୁମ୍ଭକାର ସଙ୍ଘ ରାଜ୍ୟ ଉପସଭାପତି ପ୍ରଶାନ୍ତ ରଣା, କନ୍ଧମାଳ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ସମାଜସେବୀ ଅଜିତ ସାହୁ, ଅଭିରାମ ରଣା, ଜିତେନ୍ଦ୍ର କୁଦେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମହୋତ୍ସବ କମିଟି ଆବାହକ ଧୀରୋଜ ଭୋଇ, ସଭାପତି ମନୋଜ ଦାସ, ସମ୍ପାଦକ ଭକ୍ତ ସାହୁ, ବ୍ୟବସ୍ଥାପକ ଲମ୍ବୋଦର ବେହେରା, କୋଷାଧ୍ୟକ୍ଷ ଗୋପୀନାଥ ସାହୁ, ସଦସ୍ୟ ସୁନିଲ ସାହୁ ଏବଂ କମିଟିର ସମସ୍ତ ସଦସ୍ୟ ମଶାଲ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।

## ବାଉଁଶୁଣିରେ ଓଜନ ଉତ୍ସବ ପାଳିତ

ବିନିକା, ୯ ।୧(ସମିସ): ବିନିକା ବ୍ଲକ୍ ଅଧୀନ ବାଉଁଶୁଣି ଅଙ୍ଗନବାଡ଼ି ପରିସରରେ ଶୁକ୍ରବାର ପୋଷଣ ଅଭିଯାନ ପରିପ୍ରେକ୍ଷୀରେ ଓଜନ ଉତ୍ସବ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧ ଠାରୁ ୧୫ ମଧ୍ୟରେ ପାଳନ ହେବାକୁ ନିର୍ଦ୍ଧାରିତ ହୋଇଥିବା ଏହି ଦିବସ ଶଙ୍କରା ସେକ୍ଟର ସୁପରଭାଇଜର ରେଣୁକା ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିଲା। ଏଥିରେ ଆଶାକର୍ମୀ ପୁଷ୍ପାଞ୍ଜଳି ମଲ୍ଲିକ, ସିଆରପି ଅଞ୍ଜଳି ଭୋଇ, ଶିକ୍ଷକ ଅଖୋଜ କୁମାର ଷାଣ୍ଢ, ରଞ୍ଜନ କୁମାର ସା ପ୍ରମୁଖ ଯୋଗଦେଇ ଓଜନ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ବିଭିନ୍ନ ବିଭାଗର ବ୍ୟକ୍ତିବିଶେଷଙ୍କ ସମେତ ଶିଶୁମାନଙ୍କ ମାତା, ଆଇସିଡିଏସର କର୍ମୀ ମାନଙ୍କ ଗହଣରେ ଶିଶୁମାନଙ୍କ ଓଜନ ଉଚ୍ଚତା ମାପ ଏବଂ ଶିଶୁଙ୍କ ପୌଷ୍ଟିକ ସ୍ଥିତି ଆକଳନ ତଥା ଅନୁଧ୍ୟାନ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀ ମିଥିଲା ହରିପାଳ, ମାଳତୀ ପାଣ୍ଡେ, ଅନୁସୟା ହୋତା, କୁମଦିନୀ ମହଲା ପ୍ରମୁଖ ସାମିଲ ଥିଲେ। ହୀରାବତୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

**ମାସକର ଦାନା ଛଡ଼ାଇନେବା ଘଟଣା**

# ଖବର ପ୍ରକାଶ ପରେ ଚାଉଳ ବାଣ୍ଟିଲା ପ୍ରଶାସନ

- ଆବାସ ଯୋଜନାର ଘର ତୋଳି ନ ଥିବା ହିତାଧିକାରୀଙ୍କୁ ମିଳି ନ ଥିଲା ଚାଉଳ
- ଜିଲ୍ଲାପରିଷଦ ଅଧ୍ୟକ୍ଷାଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ
- କେହି କିଛି ଜାଣି ନ ଥିବା ଭଳି ଭ୍ରମିତ କରିବାକୁ ଚେଷ୍ଟା

**'ସକାଳ' ପ୍ରଭାବ**

ବଲାଙ୍ଗିର, ୯।୧(ସମିସ)

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକରେ ଆବାସ ଘର ପାଇଁ ରାସନ ମନା ଘଟଣାକୁ ନେଇ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ପଟେ ଆବାସ ଘର ନିର୍ମାଣ କରି ନ ଥିବା ହିତାଧିକାରୀଙ୍କ ରାସନ ଉଦ୍ଦେଶ୍ୟମୂଳକ ବେଆଇନ ଭାବେ ରାସନ ସାମଗ୍ରୀକୁ ବନ୍ଦ କରିଦିଆଯାଇଥିବା ଗୁରୁବାର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଭିଯୋଗ ଆଣିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଜଣାଇଥିଲେ। ଅନ୍ୟପକ୍ଷରେ ଏହିଭଳି କିଛି ନିର୍ଦ୍ଦେଶ ଦିଆଯାନାହିଁ କି କୌଣସି ହିତାଧିକାରୀ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇନାହାନ୍ତି ବୋଲି ଶୁକ୍ରବାର ପ୍ରତିକ୍ରିୟା ଦିଆଯାଇଛି। ସେହିପରି ଶୁକ୍ରବାର ବ୍ଲକର ବିଭିନ୍ନ ପଞ୍ଚାୟତରେ ହିତାଧିକାରୀଙ୍କୁ ଚାଉଳ ଦିଆଯାଇଛି। ଏହି ଘଟଣାରେ ଅଧିକାରୀ ଓ କର୍ମଚାରୀଙ୍କ ଅଲଗା ଅଲଗା ପ୍ରତିକ୍ରିୟା ଚର୍ଚ୍ଚା ସୃଷ୍ଟି କରିଛି। ବିଡିଓ କିନ୍ତୁ ଏହି ଘଟଣାରୁ ଖସିଯିବା ପାଇଁ ଏହିଭଳି ପ୍ରତିକ୍ରିୟା ରଖିଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଭିଯୋଗ ଆଣିଛନ୍ତି। ତେବେ ଗୋଟିଏ ସରକାରୀ ଯୋଜନା ପାଇଁ ଖାଦ୍ୟ ସୁରକ୍ଷା ଆଇନରୁ ହିତାଧିକାରୀଙ୍କୁ ବଞ୍ଚିତ କରିବା ବେଆଇନ। ବିଡିଓଙ୍କ ଏହିଭଳି ପଦକ୍ଷେପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଗୁରୁବାର ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଆଗଲପୁର ବ୍ଲକରେ ହୋଇଥିବା ଏକ ସାଂଘାତିକ ଘଟଣା ସାମ୍ନାକୁ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗରେ ସେ ଆବାସ ଘର ତିଆରି କରି ନ ଥିବା ଶତାଧିକ ହିତାଧିକାରୀଙ୍କ ରାସନ ସାମଗ୍ରୀ ବେଆଇନ ଭାବେ ପ୍ରଦାନ କରାଯାଇ ନ ଥିବା ହିତାଧିକାରୀମାନେ ତାଙ୍କୁ ଅଭିଯୋଗ କରିଥିବା ସେ ସୂଚନା ଦେଇଥିଲେ। ତେବେ ଏହା ସାମ୍ନାକୁ ଆସିବା ପରେ ଶୁକ୍ରବାର ଆଗଲପୁର ବ୍ଲକର ନଅଗାଁ(କ), ଝରଣୀପାଲି ଭଳି କିଛି ପଞ୍ଚାୟତରେ ସଂପୃକ୍ତ ହିତାଧିକାରୀଙ୍କୁ ଚାଉଳ ଦିଆଯାଇଛି। ଏ ନେଇ ଝରଣୀପାଲି ଯୋଗାଣ ସହାୟକଙ୍କୁ ପଚାରିବାରୁ କିଛି ହିତାଧିକାରୀଙ୍କୁ ଚାଉଳ ନ ଦେବା ପାଇଁ ତାଙ୍କୁ ନିର୍ବାହୀ ଅଧିକାରୀ କହିଥିଲେ। ସେହିପରି ନଅଗାଁ(କ) ଯୋଗାଣ ସହାୟକଙ୍କ କହିବା ଅନୁସାରେ କିଛି ହିତାଧିକାରୀଙ୍କୁ ଚାଉଳ ଦିଆଯାଇ ନ ଥିଲା। ଅଧିକ ଉତ୍ତର ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାକୁ କହିଥିଲେ। ଏହିକ୍ରମରେ ବାବୁଫାସଡ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ କିଛି ଦିନ ତଳେ ହୋଇଥିବା ଏକ ଆଭାସୀ ବୈଠକରେ ଏନେଇ ଆଲୋଚନା ହୋଇଥିଲା; କିନ୍ତୁ ସେ କିଛି ଦିନ ପୂର୍ବରୁ ଅଡିଟ ସମୟରେ ଚାଉଳ ଦେଇଥିବା କହିଥିଲେ। ସେହିପରି ନଅଗାଁ ଝରନୀପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ରଶ୍ମୀରଞ୍ଜନ ପଧାନଙ୍କୁ ପଚାରିବାରୁ ନିର୍ଦ୍ଦିଷ୍ଟ ଭାବେ ଘର ତୋଳି ନ ଥିବା ହିତାଧିକାରୀଙ୍କୁ ଚାଉଳ ବନ୍ଦ କରାଯାଇନାହିଁ। କିଛି ହିତାଧିକାରୀ ଅନ୍ୟ ସମସ୍ୟା ଯୋଗୁଁ ଚାଉଳ ନେଇ ନ ଥିବାରୁ ଶୁକ୍ରବାର ତାଙ୍କୁ ଦିଆଯାଇଥିବା କହିଥିଲେ। ତେବେ ଏହି ଘଟଣାରେ ଉଭୟ ଯୋଗାଣ ସହାୟକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଭିନ୍ନ ଭିନ୍ନ ମତ ଆଲୋଚନାର ବିଷୟ ପାଲଟିଛି। ଆବାସ ଘର ପାଇଁ ଖାଦ୍ୟ ସୁରକ୍ଷା ଆଇନରୁ ହିତାଧିକାରୀଙ୍କୁ ବଞ୍ଚିତ ରଖିବା ସେମାନଙ୍କ ୩ରୁ ୫ମାସର ଚାଉଳ ସ୍ଥଗିତ ରଖିବାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କିଏ ନିର୍ଦ୍ଦେଶ ଦେଇଥିଲା, କାହା ସାହସରେ ଗରିବଙ୍କ ପେଟକୁ ନିର୍ବାହୀ ଅଧିକାରୀମାନେ ଭୋକିଲା ରଖିଥିଲେ ତାହା ନିଶ୍ଚିତ ଭାବେ ତଦନ୍ତ ସାପେକ୍ଷ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତୋଳି ନ ଥିବା ହିତାଧିକାରୀଙ୍କ ରାସନ ସାମଗ୍ରୀ ବନ୍ଦ କରିବାକୁ କୁଆଡେ ମୌଖିକ ଭାବେ ନିର୍ଦ୍ଦେଶ ଦିଆଯାଇଥିଲା।

ଅଭିଯୋଗକ୍ରମେ ଆଗଲପୁର ବ୍ଲକ ବୁଢୁଲା ପଞ୍ଚାୟତର ଗୋପାଲ ସାହୁ, ଅମ୍ରିତା ସେଠ, ଜଗଦାନନ୍ଦ ପଧାନ, କଏଁରୁ ବିଶ୍ୱାଲ, ବାବୁଫାସଡ ପଞ୍ଚାୟତର ବନମାଳୀ କୁମ୍ଭାର, ନଅଗାଁ(କ) ପଞ୍ଚାୟତର କବିତା ଛତର, ମଲିଫୁଲ ସାହୁ, ଟଙ୍କଧର ସାହୁ, ସସ୍ମିତା ଗଡତ୍ୟା, କନକ ଦଣ୍ଡସେନା, ସୁମୁଖୀ ସାହୁ, ରିମା ସାହୁ, ବୀରେନ୍ଦ୍ର ସାହୁ, ସଂଯୁକ୍ତା ରାଉତ, ରାହୁଲ ଭୋଇ ପ୍ରମୁଖ ଲିଖିତ ଭାବେ ତାଙ୍କ ରାସନ ସାମଗ୍ରୀ ବନ୍ଦ କରି ଦିଆଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗରେ ସେମାନେ ଦର୍ଶାଇଥିଲେ ଯେ ସମସ୍ତ ହିତାଧିକାରୀଙ୍କ ପଞ୍ଚାୟତରେ ବାୟୋମେଟ୍ରିକ ସ୍କାନ କରାଯିବା ପରେ ତାଙ୍କୁ ରାସନ ସାମଗ୍ରୀ ଦେବାକୁ ମନା କରାଯାଇଥିବା ସେମାନେ ସୂଚନା ପାଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତିଆରି କରି ନ ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଏହି ନିର୍ଦ୍ଦେଶ ରହିଥିବା କହି ସାମଗ୍ରୀ ଦେବାର ବଞ୍ଚିତ କରାଯାଇଥିଲା। ଏନେଇ କୌଣସି ଲିଖିତ ନିର୍ଦ୍ଦେଶ କିନ୍ତୁ ପଞ୍ଚାୟତରେ ସେମାନଙ୍କୁ ଦେଖାଯାଇ ନ ଥିଲା। ହିତାଧିକାରୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଜଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖୀତ ଭାବେ ଜଣାଇଥିଲେ। ଏହାକୁ ନେଇ ବିବାଦ ଦେଖା ଦେଇଥିଲା। ତେବେ ଏହି ଘଟଣାରେ ଆଗଲପୁର ବିଡିଓ କୁଲଦୀପ ମହାନ୍ତି ଭିନ୍ନ ଏକ ମତ ରଖିଛନ୍ତି। ତାଙ୍କ କହିବା ଅନୁସାରେ ଅଭିଯୋଗ ସଂପୂର୍ଣ୍ଣ ଭାବେ ମିଛ।

ଜିଲ୍ଲା ପରିଷଦ ଅଧ୍ୟକ୍ଷା ମିଛ କହି ଅଭିଯୋଗ ସାମ୍ନାକୁ ଆଣିଛନ୍ତି। ସମସ୍ତ ହିତାଧିକାରୀଙ୍କୁ ଚାଉଳ ଦିଆଯାଇଛି। ସେହିଭଳି କିଛି ଅଭିଯୋଗ ତାଙ୍କ ପାଖକୁ ଆସିନାହିଁ ବୋଲି କହିଥିଲେ। ତେବେ କିଏ କହୁଛି ତାକୁ ନେଇ ପ୍ରଶ୍ନ ଉଠିଛି। ବିଡିଓ, ଯୋଗାଣ ସହାୟକ ନା ନିର୍ବାହୀ ଅଧିକାରୀ କାହା କଥା ସତ ତାହାକୁ ନେଇ ସନ୍ଦେହ ଉପୁଜିଛି। ଏହାର ତଦନ୍ତ କରି ଏହିଭଳି ଏକ ପରିସ୍ଥିତି ସୃଷ୍ଟି କରିଥିବା ଅଧିକାରୀ ଓ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିତାଧିକାରୀ ଦାବି କରିଛନ୍ତି।

## ନୂଆ ଜୀବନ ପାଇଲେ ଅସହାୟ ବୃଦ୍ଧା



ବଲାଙ୍ଗିର, ୯ ।୧(ସମିସ): ବଲାଙ୍ଗିର ଜିଲ୍ଲା ତୁଳସୀନଗର ଅଞ୍ଚଳରୁ ଉଦ୍ଧାର ହୋଇଥିବା ସୁମତି ବିଶି ନାମ୍ନୀ ଜଣେ ଅସହାୟ ବୃଦ୍ଧାଙ୍କୁ ବରିଷ୍ଠ ନାଗରିକ ଆବାସରେ ତିଥାନ କରାଯାଇଛି। ମାହେଶ୍ୱରୀ ସଂଗଠନ ତାଙ୍କୁ ଉଦ୍ଧାର କରି ପ୍ରଥମେ ଭୀମ ଭୋଇ ମେଡିକାଲ ଏବଂ ହସ୍ପିଟାଲରେ ଚିକିତ୍ସା କରାଇଥିଲା। ଶେଷରେ ବଲାଙ୍ଗିର ଜିଲ୍ଲା ସାମାଜି ସୁରକ୍ଷା ଅଧିକାରୀ ମଦନ ହୋତାଙ୍କ ସହଯୋଗରେ ତାଙ୍କୁ ସାଲେପାଲିସ୍ଥିତ ଗ୍ରାମ ମଙ୍ଗଳ ପାଠାଗାର ବରିଷ୍ଠ ନାଗରିକ ଆବାସରେ ତଇଥାନ କରାଯାଇଛି। ମାହେଶ୍ୱରୀ ସଂଗଠନରର ପରି.ଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡି, ସଭାପତି ଶୋଭନ ଅଗ୍ରୱାଲ, ଅର୍ପିତ ପୁରୋହିତ, ସୁଷମା ବହିଦାର, ସ୍ନେହା କାଲସାଇ ଏବଂ ସୁପ୍ରମା ବହିଦାରଙ୍କ ସହଯୋଗରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପରେ ଏଠାରେ ଥଇଥାନ କରାଯାଇଛି।

**କାମ ନ ସରୁଣୁ ରାସ୍ତାରୁ ପିଚୁ ଉଠିଯିବା ଘଟଣା**

## କ୍ରସର ଗୁଣ୍ଡ, ପିଚୁ ପ୍ରାଇମର ଢାଳି ଦୁର୍ନୀତି ଢାଙ୍କିବାକୁ ଉଦ୍ୟମ

**'ସକାଳ'ରେ ଖବର ପ୍ରକାଶ ପରେ ଭୟ**

ପାଟଣାଗଡ଼, ୯ ।୧(ସମିସ): ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ତମିଆଁ ଛକରୁ ତମିଆଁ ପର୍ଯ୍ୟନ୍ତ ୯ କିମି ରାସ୍ତା କାମ ଚାଲିଛି। ତେବେ ନିମ୍ନମାନର କାମ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଆଣଛନ୍ତି। ଏନେଇ ଗୁରୁବାର ଦୈନିକ ''ସକାଳ'ରେ 'କାମ ସରିନି; ପିଚୁ ଉଠିଯାଉଛି' ଶୀର୍ଘକ ଖବର ପ୍ରକାଶ ପାଇଥିଲା। ଏହାପରେ ଠିକାଦାର ଦୁର୍ନୀତି ଢାଙ୍କିବାକୁ ଉଦ୍ୟମ କରିଛନ୍ତି। ଉଠିଯାଇଥିବା ପିଚୁ ଉପରେ ଝାଡୁ ମରାଯାଇ ତା ଉପରେ କ୍ରସର ଗୁଣ୍ଡ ସହ ପିଚୁ ପ୍ରାଇମର ପକାଯାଇଛି।



ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପରିଦର୍ଶନ କରି ପୁଣି ନୂତନ କାମ ପାଇଁ ନିର୍ଦ୍ଦେଶ ଦେଇଥିଲେ; ହେଲେ ଠିକାଦାର ଜଣକ କେବଳ କ୍ରସର ଗୁଣ୍ଡ ଓ ପିଚୁ ପ୍ରାଇମର ପକାଇ କାମ ସାରି ଦେଇଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

## ୨୦ତମ ୟୁଥ୍ ଆଇକନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବୌଦ୍ଧ, ୯ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସଦର ମହକୁମାରେ ୨୦ତମ ୟୁଥ୍ ଆଇକନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମହିଧର ରଣା, ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ବରଗାଁ ସମବାୟ ସମିତି ସଭାପତି ଶ୍ରୀବତ୍ସ କତୁଆ, ତପେଶ୍ୱର କଲତା, ଜୟକୃଷ୍ଣ ପ୍ରଧାନ, କ୍ଷିରୋଦ ବସ୍ତିଆ ଯୋଗ ଦେଇଥିଲେ। ଲିଟିଲ ଷ୍ଟାର ଓ ହାପି-୧୧ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଲିଟିଲ୍ ଷ୍ଟାର ବୋଲିଂ କରି ହାପି-୧୧କୁ ୮ ଓଭରରେ ୯୦ରନ୍‌ରେ ସୀମିତ ରଖିଥଲା। ଲିଟିଲ୍ ଷ୍ଟାର ନିର୍ଦ୍ଧାରିତ ଓଭରରେ ୯୧ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଅଶ୍ୱିନୀ ରଣା ଓ ବେଣୁଧର ରଣା ଧାରାବିବରଣୀ ଦେଇଥିଲେ।

## ନିଶା ନିବାରଣ କେନ୍ଦ୍ରରେ ସାମାଜିକ ସମୀକ୍ଷା ବୈଠକ

ତରଭା, ୯ ।୧(ସମିସ): ତରଭା ସୁନାରୀପଡାରେ ରାଜ୍ୟ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ସହାୟତାରେ ନେସନ୍ୟାଲ ରୁରାଲ ଡେଭେଲମେଣ୍ଟ କର୍ପୋରେସନ ଦ୍ୱାରା ପରଚାଳିତ ନିଶା ନିବାରଣ କେନ୍ଦ୍ରରେ ସାମାଜିକ ସମୀକ୍ଷା ଆରମ୍ଭ ହୋଇଛି। ଏଥିରେ କେନ୍ଦ୍ରରେ ବ୍ୟବହୃତ ରେଜିଷ୍ଟର, ରେକର୍ଡ, ନଥିପତ୍ର ଯାଞ୍ଚ ସହ ଅନ୍ତେବାସୀଙ୍କ ସହ ସାକ୍ଷାତ କରାଯାଇଥିଲା। କଳାହାଣ୍ଡି ଜିଲ୍ଲା ସାମାଜିକ ସମୀକ୍ଷକ ଶଶାଙ୍କ ଭୋଇ, ସୋନପୁର ବିଏସଏ ସୁଦାମ ଗାଇଗରିଆ, ତରଭା ବିଏସଏ ଗୋପକୃଷ୍ଣ ରାଉତ, ଡୁଙ୍ଗୁରିପାଲି ବିଏସ୍‌ଏ ସଞ୍ଜୟ ବଡ଼ମାଳୀ, ବଲାଙ୍ଗିର ପୁଇଁତଳା ବିଏସ୍‌ଏ ମାୟାଧର ଗଡ଼ତିଆ ଉପସ୍ଥିତ ଥିଲେ। ନିଶା ନିବାରଣ କେନ୍ଦ୍ରର ପ୍ରକଳ୍ପ ନକୁଳ ମହାନନ୍ଦ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ତରଭା, ୯ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜିଳିନା ପ୍ରଧାନ ଏହି ପ୍ରସ୍ତୁତି ବୈଠକରେ ଆଲୋଚ୍ୟ ବିଷୟ ବସ୍ତୁ ଅନୁଯାୟୀ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ, ଡ଼ ସୌମ୍ୟାରୁପା ରଥଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମାଜସେବୀ ବେଣୁଧର ଦାଶ, ସୋନପୁର ସହରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି, ମହାବିଦ୍ୟାଳୟ ଅଧ୍ୟକ୍ଷ/ ଅଧ୍ୟକ୍ଷା ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ସ୍ୱାଗତଭାଷଣ ଦେଇଥିଲେ।

## କ୍ରୀଡା ସଂସଦର ବୈଠକ

ବଲାଙ୍ଗିର, ୯ ।୧(ସମିସ): ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟରେ ଉଭୟ ବାଳକ, ବାଳିକା ଫୁଟବଲ (୧୫ ବର୍ଷ), ଖୋଖୋ ଓ ଭଲିବଲ (୧୪ ବର୍ଷ) ଓ କବାଡି (୧୬ ବର୍ଷ) ପ୍ରତିଯୋଗିତା ମାଧ୍ୟମରେ ଜିଲ୍ଲାସ୍ତରୀୟ ଖେଳାଳି ଚୟନ କରାଯିବ। ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମରେ କ୍ରୀଡା ସଂସଦ ପକ୍ଷରୁ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସରକାରୀ ଓ ଘରୋଇ ସ୍କୁଲକଲେଜ ସହ ପ୍ରତି କ୍ରୀଡା ଶିକ୍ଷାକେନ୍ଦ୍ର ଖେଳାଳିମାନେ ୧୪ ତାରିଖ ମଧ୍ୟରେ ସେମାନଙ୍କ ନାମ ପଞ୍ଜିକରଣ କରିପାରିବେ। ତେବେ ଏହା କେବଳ ଅନ୍‌ଲାଇନରେ ହେବ। ଏଥି ସକାଶେ ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡର କପି ସହ ପାସଫଟୋ ଆବଶ୍ୟକ ବୋଲି ସଂଘ ପକ୍ଷରୁ କୁହାଯାଇଛି। ୧୬ ବର୍ଷ ବୟସରୁ କମ୍ ବୟସର ବାଳକ ଓ ବାଳିକା ବର୍ଗର କବାଡି ଖେଳାଳି ୧।୧।୨୦୧୦ରୁ ୧।୧।୨୦୧୨ ମଧ୍ୟରେ ଜନ୍ମ ହୋଇଥିଲେ ସେମାନେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ପଞ୍ଜିକରଣ ସରିଗଲା ପରେ ଜିଲ୍ଲାସ୍ତରୀୟ ତାଲିକା ପ୍ରସ୍ତୁତି ହେବ। ୧୫ରୁ ୨୫ ତାରିଖ ମଧ୍ୟରେ ଚୟନ ପ୍ରକ୍ରିୟା କରାଯିବ। ୨୭ରୁ ଫେବୃଆରୀ ୨ ମଧ୍ୟରେ ଖେଳ ସମାପ୍ତ ହେବ ବୋଲି ସଂସଦ ପକ୍ଷରୁ କୁହାଯାଇଛି। ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପ-ସଭାପତି ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସଂପାଦକ ପଦ୍ମଚରଣ ଆ.ର୍ଯ୍ୟ, ଶତ୍ରୁଘନ ସିଂହ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଫୁଟବଲ ସଂପାଦକ ଶରତ ନନ୍ଦ, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ, ବିଭୁତି ଭୂଷଣ ପଣ୍ଡା, ସଂଗ୍ରାମ ବହିଦାର, ବଟୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବିବାଦରେ ଲୋଇସିଂହା ବ୍ଲକ୍‌ସ୍ତରୀୟ ଲୋକଉତ୍ସବ

**ଅସନ୍ତୋଷ ପ୍ରକାଶ କଲା ବ୍ଲକ୍ କଳାକାର ସଂଘ**

ଲୋଇସିଂହା, ୯।୧(ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକସ୍ତରୀୟ ଲୋକ ଉତ୍ସବରେ ବିବାଦକୁ ନେଇ ବ୍ଲକ୍ କଳାକାର ସଂଘ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ସରୋଜ ବିଶ୍ୱାଲ, ସମ୍ପାଦକ ବ୍ରଜମୋହନ ବଶୋଇ, କୋଷାଧ୍ୟକ୍ଷ ଫିରୋଜ ଦାସ ଉପସ୍ଥିତ ରହି ବ୍ଲକସ୍ତରୀୟ ଲୋକଉତ୍ସବରେ ବିଡିଓଙ୍କ ମନମୁଖୀ କାରବାର, କଳାକାରଙ୍କୁ ହତାଦର ଓ ଭତ୍ତାପ୍ରାପ୍ତ କଳାକାରଙ୍କୁ ଧମକାଇବା ଘଟଣାକୁ ନେଇ ପ୍ରତିବାଦ କରିଛନ୍ତି। ସଂଘ ସଭାପତିଙ୍କ କହିବା ଅନୁସାରେ ଲୋକ ଉତ୍ସବ ପାଇଁ ଯେଉଁ ସବୁ ବ୍ୟବସ୍ଥା କରାଯିବା କଥା କିମ୍ବା ଯେଉଁଭଳି ଭାବେ ଆୟୋଜନ କରାଯିବା କଥା ତାହା କରାଯାଇ ନ ଥିଲା। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚମାନଙ୍କୁ ବିଭାଗ ଅନୁଯାୟୀ ପଞ୍ଚାୟତ ପ୍ରତି ଗୋଟିଏ ଦଳ ଓ ଦୁଇଟି ଏକାକୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରକୁ ପଠାଇବାକୁ କୁହାଯାଇଥିଲା; କିନ୍ତୁ ସରପଞ୍ଚମାନେ ତାକୁ ପ୍ରଥମେ ବୈଠକରେ ଅଗ୍ରାହ୍ୟ କରିଥିଲେ। ତାଙ୍କୁ କହି ନ ଥିବାରୁ ସେମାନେ ଲୋକଉତ୍ସବକୁ ଆସି ନ ଥିବା କହିଥିଲେ। ପରିକି ଗତ ବର୍ଷର ଗସ୍ତଖର୍ଚ୍ଚ ବ୍ଲକ ପ୍ରଶାସନ ଏଯାଏଁ ଦେଇନି। କିଛି ବରିଷ୍ଠ ଭତ୍ତାପ୍ରାପ୍ତ କଳାକାରଙ୍କୁ କିଛି ଲୋକ ଭତ୍ତା କାଟି ଦିଆଯିବ ଭଳି ଧମକ ଦେଇ ଲୋକଉତ୍ସବକୁ ଡାକିବା ଘଟଣାକୁ ସଂଘ ନିନ୍ଦା କରିଛି। ଲୋକଉତ୍ସବ ପ୍ରତିଯୋଗିତାରେ ସଂକୀର୍ତ୍ତନ ଦଳକୁ ସାମିଲ କରାଯାଇ ନ ଥିବା ନିଜେ ବିଡିଓ ଚିଠିରେ ଦର୍ଶାଇଥିଲେ; ହେଲେ ଏକ ସଂକୀର୍ତ୍ତନ ଦଳକୁ ପୁଣି ଉପଖଣ୍ଡସ୍ତରକୁ ପଠାଇବା ଘଟଣା ପରିଚାଳନାଗତ ତ୍ରୁଟିକୁ ସ୍ପଷ୍ଟ କରୁଥିବା ସଂଘ ଅଭିଯୋଗ କରିଛି। ଏହା ସହିତ କଳାକାରଙ୍କୁ ବଦନାମ କରିବା ପାଇଁ କିଛି ଅଧିକାରୀ ସ୍ୱାର୍ଥ ରଖି କଳାକାରମାନେ ଆସି ନ ଥିବା କହୁଥିବା ବେଳେ ଏହାକୁ ମଧ୍ୟ ସଂଘ ନିନ୍ଦା କରିଛି। ଗୋଟିଏ ପଟେ ନିଜେ ବ୍ଲକ୍ ପ୍ରଶାସନ କଳାକାରଙ୍କୁ ଉଚିତ ସମ୍ମାନ ଦେଉ ନ ଥିବା ବେଳେ କାର୍ଯ୍ୟକ୍ରମ ବିଫଳ ହେବା ପରେ କଳାକାରଙ୍କ ମୁଣ୍ଡରେ ଦୋଷ ଲଦି ଖସିଯିବାକୁ ଉଦ୍ୟମ କରୁଥିବା ସଂଘ ସଭାପତି ଶ୍ରୀ ବିଶ୍ୱାଳ କହିଛନ୍ତି। ତେବେ କିଛି ଦିନ ପୂର୍ବରୁ ଲୋଇସିଂହା ବ୍ଲକସ୍ତରୀୟ ଲୋକଉତ୍ସବ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ବ୍ଲକ ଅଧିକାରୀଙ୍କ ମନମୁଖୀ କାରବାର ଯୋଗୁ କଳାକାରମାନେ ଆସି ନ ଥିଲେ। ଏପରିକି ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସମୟ କମ୍ ବାହାନା ଦେଖାଇ ଦୂରେଇ ରହିଥିଲେ। ଏହି ଘଟଣାରେ ବ୍ଲକ ପ୍ରଶାସନ ବିବାଦୀୟ ହୋଇଥିବା ବେଳେ କଳାକାରଙ୍କ ଅସନ୍ତୋଷ ଓ ଖୋଲାଖୋଲି ପ୍ରତିବାଦ ଏବେ ସାମ୍ନାକୁ ଆସିଛି।

# ବଲାଙ୍ଗିର ଜିଲ୍ଲା ଡୁମାଲ ସମାଜର ନୂତନ ସଭାପତି



ବଲାଙ୍ଗିର, ୯ ।୧(ସମିସ): ବଲାଙ୍ଗିର ଜିଲ୍ଲା ଷାଠିଏ ଘର ଡୁମାଲ ସମାଜର ଜିଲା ପନୁଆ (ସଭାପତି) ଲମ୍ବୋଦର ମହାକୁର ତାଙ୍କ ପଦବୀରୁ ଗୁରୁବାର ଅବ୍ୟାହତି ନେଇଛନ୍ତି। ଏହାପରେ ତାଙ୍କ ଉତ୍ତରାଧିକାରୀ ଭାବେ ତାଙ୍କ ପୁଅ ଶରତ ମହାକୁରଙ୍କୁ ଜିଲ୍ଲାର ନୂତନ ସଭାପତି ଭାବେ ଅଭିଷିକ୍ତ କରାଯାଇଛି। ରାଜ୍ୟ ଡୁମାଲ ପରିଷଦ ସଭାପତି ଦୟାସାଗର ମେଲ୍ଲି ଶରତଙ୍କୁ ପାଗ ପ୍ରଦାନ କରି ଦାୟିତ୍ୱ ଅର୍ପଣ କରିଥିଲେ। ରାଣୀପାଲି ମା' ମାହେଶ୍ୱରୀ ପୀଠ ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ରାଜ୍ୟ ଯୁବ ସଭାପତି ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଉପସଭାପତି ସୁଦା ସୁଦାମ ଖମାରୀ, ରାଜ୍ୟ ସଭାପତି ଦେବାର୍ଜନ ଚାଉଳିଆ, ସମ୍ବଲପୁର ଜିଲ୍ଲା ସଭାପତି ଦେବୀଲାଲ ପଧାନ, ବୌଦ୍ଧ ଜିଲ୍ଲା ସଭାପତି ସୀତାଂଶୁ ମହାକୁର, ସୁବ କୁର, ସୁବର୍ଣ୍ଣପୁର ଜିଲ୍ଲା ସଭାପତି ଅଶ୍ୱିନୀ ମହାକୁର, ରାଜ୍ୟ କୋଷାଧ୍ୟକ୍ଷ ବିପିନ ପାତ୍ର, ଜିଲ୍ଲା ସମ୍ପାଦକ ବୃଷଭ ଦନ୍ତା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୨୩ କେନ୍ଦ୍ରର ସଭାପତି, ଚକ ସଭାପତି ସମେତ ଜିଲ୍ଲା ତଥା ପଡୋସୀ ଜିଲ୍ଲାର ଶତାଧିକ ଜାତିଭାଇ ଯୋଗ ଦେଇଥିଲେ। ନୂତନ ସଭାପତିଙ୍କୁ ଅଭିଷିକ୍ତ କରିବା ପାଇଁ ସ୍ଥାନୀୟ ମା' ମାହେଶ୍ୱରୀ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ପ୍ରସନ୍ନ ଖମାରୀ ଓ ପୂଜକ ସୀତାରାମ ବ୍ରହ୍ମା ହୋମଯଜ୍ଞ କରିଥିଲେ।

ସକାଳ THE SAKALA



www.sakalaepaper.com

### ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ

# ଦେଶର କଳା ଓ ସଂସ୍କୃତି ପ୍ରଦର୍ଶିତ

ପାରାଦୀପ, ୯।୧(ସମିସ)





ପାରାଦୀପର ଜୟଦେବ ସଦନ ଠାରେ ଆୟୋଜିତ ଅଖିଳ ଭାରତ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ୨ୟ ସନ୍ଧ୍ୟାରେ ଦିନଦୟାଲ, ଜବାହରଲାଲ ନେହେରୁ, ଚେନ୍ନାଇ ବନ୍ଦରର କଳାକାରମାନେ ସଙ୍ଗୀତ, ନୃତ୍ୟ, ବାଦ୍ୟ ଓ ନାଟକ ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଯେଉଁଥିରେ କଳାକାରମାନେ ନିଜ ନିଜ ରାଜ୍ୟର ସଂସ୍କୃତିର ଝଲକ ଦେଖାଇଥିଲେ। ପ୍ରସ୍ତୁତ କାର୍ଯ୍ୟକ୍ରମ ଗୁଡ଼ିକୁ ଦେଖିଲା ପରେ ବାରି ହେଉଥିଲା କି ଆମ ଦେଶର କଳା ଓ ସଂସ୍କୃତି କେତେ ଉଚ୍ଚକୋଟୀର। ଭାଷା ଓ ସଂସ୍କୃତିର ବିଭିନ୍ନତା ଥାଇ ମଧ୍ୟ ଆମେ ସମସ୍ତେ ଏକ ଓ ଆମେ ସମସ୍ତେ ଏହି ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ଜଣେ ଜଣେ ସାରଥୀ। ବିଶେଷ କରି ବୁଡି ଯାଉଥିବା ଲୋକ କଳା ଓ ସଂସ୍କୃତି ଉପରେ ଆଧାରିତ କାର୍ଯ୍ୟକ୍ରମ ଗୁଡ଼ିକ ବେଶୀ ଆଦୃତ ହୋଇଥିଲା।

କଳାକାର ମାନେ ସେମାନଙ୍କର ଅଭିନୟକୁ ନିଖାରିବାରେ ବ୍ୟସ୍ତ ଥିଲେ ଓ ଏହି ପ୍ରତିଯୋଗିତାରେ କେହି କାହାକୁ ଛାଡ଼ି ଦେବା ପାଇଁ ସତେ ଯେପରି ପ୍ରସ୍ତୁତ ନାହାନ୍ତି ଯାହା କାର୍ଯ୍ୟକ୍ରମରେ ବାରି ହୋଇ ପଡୁଥିଲା। କଳାକାର ମାନଙ୍କର ନିଖୁଣ ଅଭିନୟ କେବଳ ଦର୍ଶକ ମାନଙ୍କର କରତାଳିକୁ ଆକର୍ଷିତ କରିନଥିଲା, ତା' ସଙ୍ଗେ ସଙ୍ଗେ ଶୀତୁଆ ରାତିରେ ଦର୍ଶକ ମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା।

# ବିଦ୍ୟୁତ ଉପଭୋକ୍ତା ସଙ୍ଘର ଦାବିପତ୍ର



ପାରାଦୀପ, ୯।୧(ସମିସ): ପାରାଦୀପ ବିଦ୍ୟୁତ ଉପଭୋକ୍ତା ସଙ୍ଘ ଟାଟା ପାୱାର, ସ୍ମାର୍ଟ ମିଟର ବସାଇବା ଏବଂ ଅହେତୁକ ବିଦ୍ୟୁତ ବିଲ୍‌ର ପ୍ରତିବାଦ୍ କରି ଆଜି କପିଳମୁନି ଆଶ୍ରମଠାରୁ ଏକ ରାଲି ବାହାରି ପାରାଦୀପ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ପାରାଦୀପ ବିଦ୍ୟୁତ ଉପଭୋକ୍ତା ସଙ୍ଘର ସଭାପତି ଧ୍ରୁବଚରଣ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଟାଟା ପାୱାରକୁ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ଦେଇଥିବା ରାଜ୍ୟ ସରକାରଙ୍କ ଜନ ବିରୋଧି ଶୋଷଣ ନିତିକୁ ସମାଲୋଚନା କରିଥିଲେ। ଟାଟା ପାୱାର କେଉଁ ଭଳି ଭାବରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ଯୁଦ୍ଧକାଳୀନ ଭିତ୍ତିରେ ଏହାର ପ୍ରତିକାର କରନ୍ତୁ ବୋଲି ଦାବି ହୋଇଥିଲା। ଏଥିରେ ଜିଲ୍ଲା ବିଦ୍ୟୁତ୍ ଉପଭୋକ୍ତା ସଙ୍ଘର ଆବାହକ ବାବୁରାମ ଚୌଧୁରୀ, ମହିଳା କଲ୍ୟାଣ ଟ୍ରଷ୍ଟର ସଭାନେତ୍ରୀ ଉର୍ମିଳା ମହାନ୍ତି, ସମାଜସେବୀ ପ୍ରେମଲତା ବାରିକ, ମୋନାଲିସା ସାହିତ୍ୟ ସଂସଦର ସମ୍ପାଦିକା ସଙ୍ଘମିତ୍ରା ସ୍ୱାଇଁ, ସୁରେଖା ପ୍ରିୟଦର୍ଶନୀ ପଣ୍ଡା, ସୁବାସ ଚନ୍ଦ୍ର ରାଉତ, ଦିଗାମ୍ବର ସାହୁ ଓ ଧନେଶ୍ୱର ସାହୁ ପ୍ରମୁଖ ଯୋଗ ଦାନକରିଥିଲେ।

# 'ସକାଳ' ପ୍ରତିନିଧିଙ୍କ ପିତୃବିୟୋଗ



ବାଲିକୁଦା, ୯।୧(ସମିସ): ବାଲିକୁଦା ବ୍ଲକରେ ଦୈନିକ ଖବର କାଗଜ "ସକାଳ'ର ପ୍ରତିନିଧି ଅଜୟ ରାଉତଙ୍କ ପିତା ବଟକୃଷ୍ଣ ରାଉତ (୮୫)ଙ୍କ ଗୁରୁବାର ଅପରାହ୍ନରେ ବାଲିକୁଦା ବାଲିସାହି ଦାମୋଦରପୁର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ସଂକୀର୍ତ୍ତନ ପ୍ରେମୀ ଭାବରେ ସାରା ଜିଲ୍ଲାରେ ପରିଚିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ବିଭୁତି ରାଉତ ମୁଖାଗ୍ନି ପ୍ରଦାନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ କନିଷ୍ଠ ପୁତ୍ର ବିଜୟ ରାଉତ, ଝିଅ ମିନତୀଙ୍କ ସମେତ ସମସ୍ତ ପୁତ୍ରବଧୂ, ପୁତୁରା, ନାତି, ନାତୁଣୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ବିଜେପି ନେତା ଶିବବ୍ରତ ଦାସ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମାଜସେବୀ ଶ୍ରୀକାନ୍ତ ଦାସ, ଆଦିତ୍ୟ ନନ୍ଦନ ଦାସଙ୍କ ସମେତ ବାଲିକୁଦା ବ୍ଲକର ସାମ୍ବାଦିକ ତୀର୍ଥବାସୀ ଦାସ, ପ୍ରଦୀପ୍ତ ମୁଦୁଲି, ତାପସ ସ୍ୱାଇଁ, ସଞ୍ଜୟ ମହାନ୍ତି, ବିପିନ ସେଠୀ, ପରେଶ ଦାସ, ବିଧାନ ରାଉଳ, ପ୍ରଣବ ପ୍ରଧାନଙ୍କ ସମେତ ବହୁ ନେତା, ସାମ୍ବାଦିକ ବୁଦ୍ଧିଜୀବୀ ଶୋକ ବ୍ୟକ୍ତ କରିଥିଲେ।

# ଅଧ୍ୟାପକଙ୍କୁ 'ବାଣୀକ୍ଷେତ୍ର ଗୌରବ' ସମ୍ମାନ



ବାଲିକୁଦା, ୯।୧(ସମିସ): ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁର ଗ୍ରାମର ଅଧ୍ୟାପକ ପ୍ରଶାନ୍ତ ଶତପଥିଙ୍କୁ ବିଶ୍ୱ ସନାତନ ଯୁବ ସେବାସଙ୍ଘ ନାଉଗାଁ ଓ ଶ୍ରୀ ଗୁରୁଃକୃପା ଚାରିଟେବୁଲ ସୋସାଇଟିର ୩୧ତମ ବାର୍ଷିକ ଉତ୍ସବରେ "ବାଣୀକ୍ଷେତ୍ର ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ଶ୍ରୀଯୁକ୍ତ ଶତପଥୀ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ନିଃସ୍ୱାର୍ଥପର ଭାବେ ଶ୍ରୀମଦ୍ ଭଗବଦ ଗୀତା ଓ ଭାଗବତ ବାଣୀ ପ୍ରଚାର କରିଆସୁଥିବା ସହିତ ଅନେକ ଭାଗବତ ଅନୁଷ୍ଠାନ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠା କରିପାରିଛନ୍ତି। ଏହି ଉତ୍ସବରେ ଜଗନ୍ନାଥ ସଂସ୍କୃତି ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି, ବାବା ସିଦ୍ଧେଶ୍ୱର ଦାସ ମହାରାଜ, ପୂଜ୍ୟ ଦାମୋଦର ଦାସ, ସ୍ୱାମୀ ବିଶ୍ୱାତ୍ମାନନ୍ଦ ଗିରି ପ୍ରମୁଖ ଯୋଗଦେଇ ଶ୍ରୀଯୁକ୍ତ ଶତପଥୀଙ୍କୁ 'ବାଣିକ୍ଷେତ୍ର ଗୌରବ ସମ୍ମାନ' ରେ ସମ୍ମାନିତ କରିଥିଲେ।

# ୧୪ରେ ମର୍ଣ୍ଣିଂ କ୍ରିକେଟ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟ

ପାରାଦୀପ, ୯।୧(ସମିସ): ଆସନ୍ତା ୧୪ ତାରିଖ ବୁଧବାର ମକର ସଂକ୍ରାନ୍ତି ଦିନ ପାରାଦୀପ ଜୟଦେବ ସଦନ ସମ୍ମୁଖ ପଡିଆରେ ପାରାଦୀପର ଅଗ୍ରଣୀ କ୍ରୀଡା ସଙ୍ଗଠନ ମର୍ଣ୍ଣିଙ୍ଗ କ୍ରିକେଟ୍ ଟିମ୍ ପକ୍ଷରୁ ୧୫ତମ ବାର୍ଷିକ ଦିବାରାତ୍ର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଭୁବନେଶ୍ୱର, ପୁରୀର ନାମୀ କ୍ରିକେଟ୍ ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକ କମିଟିର ସଭାପତି କ୍ଷିତୀଶ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚମ୍ପିୟାନ ଟିମକୁ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ଟିମକୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ଅଂଶଗ୍ରହଣକାରୀ ଦଳମାନଙ୍କୁ ମ୍ୟାଚ୍ ନିମନ୍ତେ କୌଣସି ପ୍ରବେଶ ଦେୟ ଦେବାକୁ ପଡିବ ନାହିଁ ବୋଲି ଅନ୍ୟତମ ଆୟୋଜକ ଭରଦ୍ୱାଜ ସାହୁ କହିଛନ୍ତି। ଗୁରୁବାର କ୍ଲବ୍ ପକ୍ଷରୁ ଇରା ମହାନ୍ତି ମ୍ୟୁଜିକାଲ୍ ନାଇଟର ଆୟୋଜନ କରାଯାଇଛି। ପାରଦୀପ ଅନ୍ତେବାସୀ ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଆୟୋଜକମାନେ ନିବେଦନ କରିଛନ୍ତି।

# ସିଂହାର ସାହିରେ ଗୋବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର



ଜଗତସିଂହପୁର, ୯।୧(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ପଏଦା ଗ୍ରାମପଞ୍ଚାୟତର ସିଂହାରସାହି ଗ୍ରାମରେ ଏକ ଗୋବନ୍ଧ୍ୟା ନିରାକରଣ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫ଟି ଗାଈ/ଛଡ଼ାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ୨୮ଟି ଗାଈ/ଛଡ଼ାର ବନ୍ଧ୍ୟା ନିରାକରଣ ଚିକିତ୍ସା ଓ ୧୮ଟି ଗାଈର ଗର୍ଭ ପରୀକ୍ଷା କରାଯାଇଥିଲା। ସେହିପରି ଏହି ଶିବିରରେ ଔଷଧ, ଧାତବ ଲବଣ ଏବଂ ହରମୋନ ଚିକିତ୍ସା ଆଦି ସୁବିଧା ପ୍ରଦାନ କରାଗଲା। ଏହି ଚିକିତ୍ସା ଶିବିରଟି ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ର, ଏରସମା ଅନୁକୂଲ୍ୟରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶଶାଙ୍କ ଶେଖର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଶିବିର ପରିଚାଳନାରେ ଡ. ସୁଜିତ୍ କୁମାର ବିଶ୍ୱାଳ, ଡ. ଉମାକାନ୍ତ ନାୟକ, ଡ.ରୁଦ୍ର ପ୍ରସାଦ ମିଶ୍ର, ସ୍ଥାନୀୟ ପ୍ରାଣିଧନ ନିରୀକ୍ଷକ ପ୍ରିୟମ୍ବଦା ଜେନା ଓ ଓମଫେଡ ସେକ୍ରେଟରୀ ଦ୍ୱାରିକାନାଥ ବେହେରା ସହାୟତା କରିଥିଲେ। ଏହି ଚିକିତ୍ସା ଶିବିର ଆୟୋଜନ ନିମନ୍ତେ ପୂର୍ବରୁ ଉକ୍ତ ଗ୍ରାମରେ ବ୍ୟାନର ଲଗାଇ ଗୋପାଳକ ମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତ ଗୋପାଳକ ମାନଙ୍କୁ ଉତ୍ତମ ଗୋ-ସ୍ୱାସ୍ଥ୍ୟର ଉପାଦେୟତା ଏବଂ ପରିଚାଳନା ସମ୍ପର୍କରେ ସଚେତନ କରାଯାଇଥିଲା।

# ଗାଦି ଛାଡୁନାହାନ୍ତି ଫାର୍ମାସୀ ଅଧିକାରୀ

ନାଉଗାଁ, ୯।୧(ସମିସ): ବଦଳି ପରେ ବତୟି ନିଜ ଗାଦି ଛାଡୁନାହାନ୍ତି ଫାର୍ମାସୀ ଅଧିକାରୀ। ଫଳରେ ନୂତନ ଅଧିକାରୀ ଦାୟିତ୍ୱ ନେଇ ପାରୁନଥିବାରୁ ରୋଗୀମାନେ ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏଠାରେ ପୂର୍ବରୁ ଥିବା ଫାର୍ମାସୀ ଅଧିକାରୀ ମିହିର କୁମାର ଲେଙ୍କା କିଛି ଦିନ ତଳେ ପଦୋନ୍ନତି ପାଇଁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଡେରିକି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ବରିଷ୍ଠ ଫାର୍ମାସୀ ଅଧିକାରୀ ଅରବିନ୍ଦ ସାହୁଙ୍କୁ ସେ କୌଣସି ଚାର୍ଜ ହସ୍ତାନ୍ତର କରିନାହାନ୍ତି। ଏପରିକି ରହିବା ପାଇଁ ନିଜ କ୍ୱାଟରକୁ ଖାଲି କରୁନାହାନ୍ତି। ଫଳରେ ଏଠାରେ ନିଯୁକ୍ତି ପାଇଥିବା ନୂତନ ଅଧିକାରୀଙ୍କୁ ରୋଗୀ ସେବା କରିବାରେ ବାଧା ସୃଷ୍ଟି ହେଉଛି। ଯାହା ଫଳରେ ଉକ୍ତ ଡାକ୍ତରଖାନାକୁ ଦୈନନ୍ଦିନ ଆସୁଥିବା ରୋଗୀ ସଠିକ୍ ଭାବେ ମାଗଣା ଔଷଧ ପାଇବାରୁ ବଞ୍ଚିତ ହେବା ସଂଗେ ସଗେ ରୋଗୀ ସେବାରେ ବ୍ୟାଘାତ ଘଟୁଛି।

# କୋଷ୍ଟାଲ କଟେଜ ଆଣ୍ଡ ରେଷ୍ଟୁରାଣ୍ଟ ଉଦଘାଟିତ



ପାରାଦୀପ, ୯।୧(ସମିସ): ଆଜି ପାରାଦୀପ ସମୁଦ୍ରକୂଳ ରିଫାଇନାରୀ ସାଉଥ୍ ଗେଟ୍ ନିକଟରେ କୋଷ୍ଟାଲ୍ କଟେଜ ଆଣ୍ଡ ରେଷ୍ଟୁରାଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସଂଗ୍ରାମ ପରିଜା, ଲିପୁ ପଣ୍ଡା, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ହୋଟେଲ ମାଲିକ ଦିପ୍ତରଞ୍ଜନ ରାଉତ ରାୟ ନିଜ ମା' ସସ୍ମିତା ରାଉତ ରାୟ ଏହି ରେଷ୍ଟୁରାଣ୍ଟର ଶୁଭ ଉଦଘାଟନ କରିଥିଲେ। ଏହି ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଉ ଥିବା ବେଳେ ସାଧାରଲୋକଙ୍କ ପାଇଁ ଉଦ୍ଦିଷ୍ଟ ବା ସୁହାଇଲା ଭଳି ସୁଲଭ ମୂଲ୍ୟରେ ଗ୍ରାହକ ମାନଙ୍କୁ ଆପାୟିତ କଲା ପରି ବ୍ୟବସ୍ଥା ମଧ୍ୟ କରାଯାଉ ଥିବା ହୋଟେଲର ମାଲିକ୍ ଦିପ୍ତିରଞ୍ଜନ ରାଉତ କହିଛନ୍ତି। ତେବେ ଏହି ରେଷ୍ଟୁରାଣ୍ଟ ସମୁଦ୍ର କୂଳ ନିକଟରେ ଥିବା ମେରାଇନ ରାସ୍ତାର ପାଶ୍ୱର୍ରେ ହୋଇଥିବାରୁ ଶିଳ୍ପ କଳ କାରଖାନାର କର୍ମଚାରୀ ଓ ପର୍ଯ୍ୟଟକଙ୍କୁ ଖାଦ୍ୟ ପେୟରେ ବହୁ ସୁବିଧା ଯୋଗାଇଦେବ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ



ଜଗତସିଂହପୁର, ୯।୧(ସମିସ): ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ୭ ଓ ୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୭ ତାରିଖ ଉଦଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ଅଧକ୍ଷତା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ଭୋଇ ଓ ଜଗତିଂହପୁର ପୌର ପରିଷଦ ୱାର୍ଡ ୯ର ପାରିଷଦ ଜଗଦାନନ୍ଦ ପଡ଼ିହାରୀ ଅତିଥି ରୂପେ ଯୋଗଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ମୁଖ୍ୟଅତିଥି ରୂପେ ଯୋଗଦାନ କରି ଛାତ୍ରୀମାନଙ୍କୁ ଶିକ୍ଷା ଓ କ୍ରୀଡ଼ା ସହିତ ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାନେତ୍ରୀ ସୁଷମା ପ୍ରଧାନ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ଭୋଇ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଏହି ସଭାରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ନିରୁପମା ବାରିକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ଶତପଥୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସୁପ୍ରିୟା ପ୍ରିୟଦର୍ଶିନୀ, ସୁଶ୍ରୀସଙ୍ଗୀତା ମହାପାତ୍ର, ମିଳିବାଳା ଦାସ, ଅନୀତା ଆଚାର୍ଯ୍ୟ, ସିପ୍ରା ଦାଶ, କନକମଞ୍ଜରୀ ଲେଙ୍କା, ଆଶାଲତା ଦାଶ, ବବିତା ପରିଡ଼ା, ରଶ୍ମିତା ଦାସ, ସ୍ୱାଗତିକା ସ୍ୱାଇଁ, କ୍ରିଷ୍ଟାପ୍ରୀୟା ବେହେରା, ଚଂପା ଦେବୀ, ପ୍ରମୋଦା ହରିଚନ୍ଦନ, ଶୁଭଶ୍ରୀ ରାଉତ, ବାବା ଆଶ୍ରିତ ସାମନ୍ତରାୟ, ସମୀର ରଞ୍ଜନ ମହାପାତ୍ର, ସୁଜିତ୍ ସାହୁ, ଅସୀମା ତ୍ରିପାଠୀ, ସାଗରିକା ସାହୁ, ଗୁରୁପ୍ରସାଦ ପତି, ଦିଲ୍ଲୀପ କୁମାର ବାଗ, ଅର୍ପିତା ଦାଶ, ଜୟଶ୍ରୀ ପ୍ରଧାନ, ଶୁଭନାରାୟଣ ତାରେଣିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡାଇନାମିକ୍ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା

କୁଜଙ୍ଗ, ୯।୧(ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ରାହାମାଠାରେ ଥିବା ଡାଇନାମିକ୍ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଧ୍ରୁବ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ନବୋଦୟର କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟକାନ୍ତ ଘଡାଇ, ସମ୍ମାନିତ ଅତିଥି ପୂର୍ବତନ କ୍ରୀଡ଼ା ଶିକ୍ଷକ ସଞ୍ଜୟ କୁମାର ଦାସ ଯୋଗ ପରିଚାଳନା କରିଥିଲେ। ଏହି ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସିଆରସିସି ଗୋବିନ୍ଦ ଚନ୍ଦ୍ର ମିଶ୍ର ଯୋଗଦେଇ କ୍ରୀଡା ବ୍ୟକ୍ତିର ମାନସିକ, ଶାରୀରିକ ତଥା ଭାବପ୍ରବଣ ଗୁଣର ବିକାଶରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଅଂଶୁମାନ ନାୟକ ଓ ପ୍ରୟାନ ରାଉତ ପ୍ରମୁଖ ଦୁଇଜଣ ଛାତ୍ରଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ସଂପାଦକ ଡ. ସରୋଜ



ଦେଇଥିଲେ। ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ମଞ୍ଚ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ମହାନ୍ତି, ସତ୍ୟରଞ୍ଜନ ପାଲ, ପ୍ରିୟଦର୍ଶିନୀ ମହାପାତ୍ର, ଶିଳ୍ପା ଦାସ, ଅଧିକାରୀ ପ୍ରିୟଦର୍ଶିନୀ ଦାସ, ଶୁଭଦର୍ଶିନି ପ୍ରଧାନ, ଦିବ୍ୟଜ୍ୟୋତି ପଲାଇ, ସୋନାଲି ନାୟକ, ସ୍ୱପ୍ନାରାଣୀ ସ୍ୱାଇଁ, ଶର୍ମିଷ୍ଠା ସ୍ୱାଇଁ, ଆକାଂକ୍ଷା ମହାନ୍ତି, ଶୁଭଲକ୍ଷ୍ମୀ ମୁଦୁଲି ଓ ସାୟରୀ ସ୍ରୋତସ୍ୱିନୀ କ୍ରୀଡ଼ା କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ। କମିଟି ସଭ୍ୟ ବିପିନ୍ କୁମାର ଲେଙ୍କା କ୍ରୀଡ଼ା ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ ମନରେ ନୂତନ ଧାରଣା ଜାଗ୍ରତ କରିଥିଲେ। ସର୍ବଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁଭଦ୍ରା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିନ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ସୂର୍ଯ୍ୟକାନ୍ତ ଘଡାଇ ପତାକା ଅବତରଣ କରି ସମ୍ପାଦକଙ୍କୁ ହସ୍ତାନ୍ତର କରିଥିଲେ।

# ଧର୍ମ ପରାୟଣାଙ୍କ ପରଲୋକ



ନାଉଗାଁ, ୯।୧(ସମିସ): ନାଉଗାଁ ବ୍ଲକ ଗଙ୍ଗଦା ଗ୍ରାମର ୮୩ ବର୍ଷୀୟା ଧର୍ମପରାୟଣା ମହିଳା ତଥା ଗଙ୍ଗଦା ଶ୍ରୀମଉଳା ଭଣଜା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧିକାରୀ ଲେଙ୍କାଙ୍କ ମା' ରଜନୀ ଲେଙ୍କାଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଜ୍ୟୋତିଷଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ମୁଦୁଲି, ଚିରଞ୍ଜୀବି ବିଶ୍ୱାଳଙ୍କ ସହିତ ବିଧାୟକ ଅମରେନ୍ଦ୍ର ଦାସ, ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦ୍ୟସ ଉପେନ୍ଦ୍ର ନାଥ ବିଶ୍ୱାଳ, ସମାଜସେବୀ ଅକ୍ଷୟ ବିଶ୍ୱାଳ, ଗଙ୍ଗଦା ବଜାର ଶାରଳା ମେଳା ଅନୁଷ୍ଠାନ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଗ୍ରାମ ଶ୍ମଶାନରେ ସାନ ପୁଅ ଅଧିକାରୀ ଲେଙ୍କା, ପରିବାର ସଦ୍ୟସ ଓ ପ୍ରିୟଜନଙ୍କ ଉପସ୍ଥିତ ବଡ଼ ପୁଅ ଭିକାରୀ ଲେଙ୍କାଙ୍କ ଦ୍ୱାରା ମୁଖାଗ୍ନି ଦିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଛି।

### ରାଜ୍ୟ ନିର୍ବାଚନ କମିଶନରଙ୍କ ଜଗତସିଂହପୁର ଗସ୍ତ

# ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନର ସମୀକ୍ଷା

ଜଗତସିଂହପୁର, ୯।୧(ସମିସ)



ଆଜି ପୂର୍ବାହ୍ନରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଦିନିକିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଆଗାମୀ ପଞ୍ଚାୟତ ତଥା ପୌରପାଳିକା ନିର୍ବାଚନ ସମ୍ପର୍କରେ ବିଶେଷ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ଦୁଇଟି ଯାକ ନିର୍ବାଚନକୁ ସ୍ୱଚ୍ଛ ଓ ସୂଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଆୟୋଜିତ ଏହି ବୈଠକରେ ଶ୍ରୀ ପାଢ଼ୀ ଏକ ସମୀକ୍ଷାରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଜେ. ସୋନାଲ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଉପସ୍ଥିତିରେ ବିଭିନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଥିବା ବୁଥ ଗୁଡ଼ିକୁ ନିଜେ ଯାଇ ପରିଦର୍ଶନ କରି ଆବଶ୍ୟକୀୟ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ବିଡିଓମାନଙ୍କୁ ସେ ପରାମର୍ଶ ଦେଇଥିଲେ। କୌଣସି ଚାପର ବଶବର୍ତ୍ତୀ ନ ହୋଇ ସ୍ୱଚ୍ଛତାର ସହିତ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ। ସେହିପରି ଜିଲ୍ଲାପାଳ ଜେ. ସୋନାଲ ମଧ୍ୟ ନିଜର ଅଭିଜ୍ଞତା ସହ ନିର୍ବାଚନୀ ପ୍ରକ୍ରିୟାକୁ ସୂଚାରୁ ରୂପେ ପାଳନ ପାଇଁ ପ୍ରାକ୍ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ନିଜର ପ୍ରାରମ୍ଭିକ ବକ୍ତବ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ଓ ନିର୍ବାଚନ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ଜୀଲ୍ଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ଶତପଥୀ ପିପିଟି ମାଧ୍ୟମରେ ଜିଲ୍ଲାର ସମସ୍ତ ପଞ୍ଚାୟତର ତଥ୍ୟ ଉପସ୍ଥାପନ କରିଥିଲେ।

ସେହିପରି ପୌରପାଳିକା ପକ୍ଷରୁ ପାରାଦୀପ ପୌର ପରିଷଦର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ସମୀକ୍ଷା ବୈଠକରେ ସମସ୍ତ ବ୍ଲକ୍‌ର ବିଡିଓ, ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀ, ଡିପିଓ, ଜିପିଡିଓ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ବୈଠକ ପରିଚାଳନା କରିଥିଲେ।

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନସ୍ତରୀୟ ବୈଠକ

# ଜାନୁଆରୀ ଶେଷ ସୁଦ୍ଧା ଡିଏଫ୍‌ଓ କାର୍ଯ୍ୟାଳୟ ଘେରଉ ନିଷ୍ପତ୍ତି

ଝାରସୁଗୁଡା, ୯।୧(ସମିସ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଝାରସୁଗୁଡା ଡିଭିଜନର ଡିଭିଜନସ୍ତରୀୟ ବୈଠକ ଶୁକ୍ରବାର ବଂଜାରୀଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ତୋଳାଳିଙ୍କ ବିଭିନ୍ନ ସମସ୍ୟାର ସମାଧାନ ନ ହେଲେ ଜାନୁଆରୀ ଶେଷ ସୁଦ୍ଧା ଡିଏଫଓ କାର୍ଯ୍ୟାଳୟ ଘେରଉ ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ନେଇ ସୂଚନା ଦିଆଯାଇଛି।




ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ଉପସଭାପତି ଗୋକୁଳ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଡିଭିଜନସ୍ତରୀୟ ବୈଠକରେ ରାଜ୍ୟ ଓ ଡିଭିଜନସ୍ତରୀୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଝାରସୁଗୁଡା ଡିଭିଜନରେ ଦେଖାଯାଇଥିବା ତୋଳାଳିମାନଙ୍କ ୨୦୨୫ ମସିହାର ବକେୟା ପାଉଣା ଦେବା, ସିଜନାଲ କର୍ମଚାରୀଙ୍କ କାର୍ଯ୍ୟ ଦିବସ ହ୍ରାସ କରିବା, ଫଡି ଉଚ୍ଛେଦ, ସିଜନାଲ କର୍ମଚାରୀଙ୍କ ଛଟେଇ କରିବା ଆଦି ପ୍ରମୁଖ ଦାବି ସହ ସର୍ବନିମ୍ନ ମଜୁରୀ ଅନୁପାତରେ ଦରମା ବୃଦ୍ଧି କରିବା, ପତ୍ର ଦର ବୃଦ୍ଧି, ମୃତ୍ୟୁକାଳୀନ ସହାୟତାକୁ ୨ ଲକ୍ଷରୁ ୪ ଲକ୍ଷକୁ ବୃଦ୍ଧି, ଜିଏସ୍‌ଟି ବାବଦରେ ସଂଗ୍ରହ କରିଥିବା ଅର୍ଥକୁ ପୁନଃ ସଂସ୍ଥାକୁ ଫେରସ୍ତ କରିବା, ଘରୋଇକରଣକୁ ବନ୍ଦ କରିବା ଆଦି ଦାବି ଉପରେ ସରକାର ପଦକ୍ଷେପ ନ ନେଲେ ଜାନୁଆରୀ ଶେଷ ସୁଦ୍ଧା ଝାରସୁଗୁଡ଼ା କେନ୍ଦୁପତ୍ର ଡିଏଫଓଙ୍କ କାର୍ଯ୍ୟାଳୟ ଘେରଉ ଏବଂ ଫେବୃଆରୀ ମାସରେ ରାଜ୍ୟସ୍ତରୀୟ ବିକ୍ଷୋଭ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଝାରସୁଗୁଡା ଜିଲ୍ଲାରେ ଫଡି ଉଚ୍ଛେଦ ହେଲେ କେବଳ ସିଜନାଲ କର୍ମଚାରୀ ନୁହନ୍ତି, ହଜାର ହଜାର ତୋଳାଳି, ବନ୍ଧେଇ ଶ୍ରମିକ ନିଜର ଜୀବିକା ହରାଇବେ ବୋଲି ବକ୍ତାମାନେ କହିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏହି ବୈଠକରେ ସଂଘର ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମୋହମ୍ମଦ ମୁର୍ତ୍ତୁଜା, ଝାରସୁଗୁଡା ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଯୁଗ୍ମ ସମ୍ପାଦକ ଅଶୋକ ମାଝୀ, କୋଷାଧ୍ୟକ୍ଷ ରମେଶ ପ୍ରଧାନ, ଯୁବ ନେତା ସୁମିତ ପଟେଲ, ଚୁମନ ପ୍ରଧାନ ମଞ୍ଚାସୀନ ଥିଲେ।

ଜଗଦୀଶ ବଗାର, ସରୋଜ ଭୁକ୍ତା, ବଂଶୀଧର ବାଗ, କୀର୍ତ୍ତନ ମହାରଣା, ସାନତାନୁ ସାହୁ, ତୁଳେଶ୍ୱର ଟୁଲୁଙ୍ଗିଆ, କପିଳ ସହ, ଫକୀର ପଟେଲ, ରିଙ୍କି ରୋହିଦାସ, ଗୀତାଞ୍ଜଳି ମୁଣ୍ଡା, ସରୋଜ ଭୋଇ, କୋଶଲ୍ୟା ପ୍ରଧାନଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲ୍ଲୀଶ୍ରୀ ଓ ସ୍ୱଦେଶୀ ମେଳାରେ ୨.୭୮ କୋଟିର ବ୍ୟବସାୟ

ଝାରସୁଗୁଡା, ୯।୧(ସମିସ): ଜିଲ୍ଲାର ପାରମ୍ପରିକ ଲୋକ କଳା ଓ ସଂସ୍କୃତିର ମହାକୁମ୍ଭ 'ଦୁଲଦୁଲି-୨୦୨୬' ଚଳିତ ବର୍ଷ ବାଣିଜ୍ୟିକ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଏବଂ ଓର୍‌ମାସର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଦୁଲଦୁଲି-୨୦୨୬' ପଲ୍ଲୀଶ୍ରୀ ମେଳା ଜାନୁଆରୀ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ବିଟିଏମ୍ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ସାମଗ୍ରିକ ବିକ୍ରି ଗତ ବର୍ଷ ତୁଳନାରେ ପ୍ରାୟ ଦ୍ୱିଗୁଣିତ ହୋଇଛି। ୨୦୨୫ରେ ମୋଟ କାରବାର ୧.୫୦ କୋଟି ଟଙ୍କା ଥିବା ବେଳେ ଚଳିତ ବର୍ଷ ଏହା ୨ କୋଟି ୭୮ ଲକ୍ଷ ୮ ହଜାର ୨୯୫ ଟଙ୍କାରେ ପହଞ୍ଚିଛି। ମେଳାର ପ୍ରଥମ ଦିନରୁ ହିଁ ବିକ୍ରିର ଧାରା ଊର୍ଦ୍ଧ୍ୱମୁଖୀ ରହିଥିଲା। ତଥ୍ୟ ଅନୁଯାୟୀ, ପ୍ରଥମ ଦିନରେ ପ୍ରାୟ ୨୭ ଲକ୍ଷ ୨୮ ହଜାର ୯୬୦ ଟଙ୍କାର କାରବାର ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଏହା ବୃଦ୍ଧି ପାଇ ୪୧ ଲକ୍ଷ ୬୭ ହଜାର ୬୭୫ ଟଙ୍କା ହୋଇଥିଲା। ତୃତୀୟ ଓ ଚତୁର୍ଥ ଦିନରେ ବ୍ୟବସାୟ ଯଥାକ୍ରମେ ୫୧ ଲକ୍ଷ ୬୧ ହଜାର୨୦ ଏବଂ ୭୩ ଲକ୍ଷ ୭୦ ହଜାର ୯୮୦ ଟଙ୍କାର ବ୍ୟବସାୟ ହୋଇଥିଲା। ମେଳାର ଅନ୍ତିମ ଦିନ ଅର୍ଥାତ୍ ୫ ଜାନୁଆରୀରେ ସର୍ବାଧିକ ୮୩ ଲକ୍ଷ ୭୯ ହଜାର ୬୬୦ ଟଙ୍କାର ସାମଗ୍ରୀ ବିକ୍ରି ହୋଇ ଏକ ନୂଆ ରେକର୍ଡ ସ୍ଥାପନ କରିଛି। ମୋଟ ୨୩୦ଟି ଷ୍ଟଲ ମଧ୍ୟରୁ କେବଳ ପଲ୍ଲୀଶ୍ରୀ ମେଳାରୁ ୧.୭୨ କୋଟିରୁ ଅଧିକ ଏବଂ ସ୍ୱଦେଶୀ ମେଳାରୁ ପ୍ରାୟ ୩୩ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି। ରାଜ୍ୟର ୩୦ଟି ଜିଲ୍ଲାରୁ ଆସିଥିବା ପ୍ରାୟ ୨୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୫୩୦ରୁ ଅଧିକ ମହିଳା ସଦସ୍ୟାଙ୍କ ହାତତିଆରି ସାମଗ୍ରୀ ଯେପରିକି କନ୍ଧମାଳର ହଳଦୀ, ରାୟଗଡାର ଝାଡୁ, ସମ୍ବଲପୁରୀ ହସ୍ତତନ୍ତ ଏବଂ ପୁରୀର ଚାଦୁଆ ଭଳି ପାରମ୍ପରିକ ଉତ୍ପାଦ ଗ୍ରାହକଙ୍କୁ ଆକୃଷ୍ଟ କରିଥିଲା। ଏହାସହ ୟୁପିର କାଠ କାରୁକାର୍ଯ୍ୟ, ପଞ୍ଜାବର ଫୁଲକାରୀ, କାଶ୍ମୀରର ସିଲ୍କ ଏବଂ ଆସାମର ବାଉଁଶ ଶିଳ୍ପ ଭଳି ଆନ୍ତଃରାଜ୍ୟ ଶିଳ୍ପକଳାର ସମାଗମ ଏହି ମେଳାକୁ ଏକ 'ମିନି ଭାରତ'ର ରୂପ ଦେଇଥିଲା। ସ୍ୱଦେଶୀ ମେଳାରେ ଉପଲବ୍ଧ ଚକୁଳି, ଏଣ୍ଡୁରି ଓ ମଣ୍ଡା ପିଠା ଭଳି ଘରୋଇ ଖାଦ୍ୟ ମଧ୍ୟ ଭଲ ବ୍ୟବସାୟ କରିଥିଲା।




## ପ୍ଲାଷ୍ଟିକ ମୁକ୍ତ ପିକ୍‌ନିକ୍ ସ୍ପଟ ପାଇଁ ସଚେତନତା



ଝାରସୁଗୁଡା, ୯।୧(ସମିସ): ପରିବେଶ ସୁରକ୍ଷା ଓ ପର୍ଯ୍ୟଟନ ସ୍ଥଳୀ ଗୁଡିକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଝାରସୁଗୁଡା ବନଖଣ୍ଡ ଅନ୍ତର୍ଗତ ବାଗଡିହି ବନ ସଂରକ୍ଷଣ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ "ପ୍ଲାଷ୍ଟିକ ମୁକ୍ତ ପିକନିକ ସ୍ପଟ ଚ୍ୟାଲେଞ୍ଜ ୨୦୨୬' ଆରମ୍ଭ ହୋଇଯାଇଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜାନୁଆରୀ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବାଗଡିହି ରେଞ୍ଜ ଅଫିସର ଡ. ବନ୍ଦନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲା ବନ୍ୟପ୍ରାଣୀ ସଂରକ୍ଷକ ଶ୍ରୀ ପ୍ରହଲ୍ଲାଦ ନାୟକ ଏବଂ ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିବେଶ ସମିତିର ସଦସ୍ୟ ବେଣୁଧର ଚୌଧୁରୀ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ନରେଶ ନାୟକ ଉପସ୍ଥିତ ଥିଲେ। ସାହାସପୁର ଏବଂ ବାବୁଛିପିଡିହି ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହାତିଆନାଳ ଡ୍ୟାମ ଏବଂ କାହାଚୁଆ, ଅନ୍ଧାରୀ ପିଆରଏଫ ଅଞ୍ଚଳରେ ସଚେତନତା ଶୋଭାଯାତ୍ରା ସହ ସଫେଇ ଅଭିଯାନ କରାଯାଇଥିଲା। ଏଥିରେ ବନ ବିଭାଗର କର୍ମଚାରୀ, ସ୍ଥାନୀୟ ଶିକ୍ଷକ ଏବଂ ଗ୍ରାମବାସୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପିକନିକ ଋତୁରେ ପ୍ଲାଷ୍ଟିକ ବର୍ଜନ କରି ପ୍ରକୃତିର ସୌନ୍ଦର୍ଯ୍ୟ ବଜାୟ ରଖିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ



ଦେବଗଡ଼, ୯।୧(ସମିସ): ପ୍ରଧାନପାଟସ୍ଥିତ ବଡବଗିଚାରେ ଚାଲିଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଜୟ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ସମ୍ବଲପୁର ମଣ୍ଡଳର ମତ୍ସ୍ୟ ଉପନିର୍ଦ୍ଦେଶକ ଜ୍ଞାନରଞ୍ଜନ ସାମଲ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଓମଫେଡ ସମ୍ବଲପୁର ମଣ୍ଡଳର ସାଧାରଣ ପରିଚାଳକ ସରୋଜ ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର ଯୋଗଦେଇ ମେଳା ଆୟୋଜନର ଉଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ରିଆମାଳ ବ୍ଲକ ବ୍ରାହ୍ମଣୀପାଳ ଗ୍ରାମର ମତ୍ସ୍ୟ ପୋଖରୀ ଯୋଜନାରେ ସନ୍ତୋଷ ନାୟକ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ବାରକୋଟ ବ୍ଲକ ଗୁଣ୍ଡୁରିପଶି ଗ୍ରାମର ଡିଲେଶ୍ୱର ପାତ୍ର, ଅଗ୍ରଣୀ ମତ୍ସ୍ୟ ଚାଷୀ ଭାବେ ତିଲେଇବଣି ବ୍ଲକ ଗୁଣ୍ଡେଇମରା ଗ୍ରାମର ଯଶୋଧର କିସାନ୍, ରିଆମାଳ ବ୍ଲକର ମତ୍ସ୍ୟ ପୋଖରୀରେ ବୃଷବ ପ୍ରଧାନ, ଘାସ ଚାଷ ଓ ଛେଳି ପାଳନ ପାଇଁ ବାରକୋଟ ବ୍ଲକର ଗୀତାଞ୍ଜଳି ସାହୁ, ଛେଳି ପାଳନ ପାଇଁ ବାରକୋଟ ବ୍ଲକର ବାସୁପାଲି ଗ୍ରାମର ସରସ୍ୱତୀ ବେହେରାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଚାଷୀମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୯।୧(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଝାରସୁଗୁଡ଼ା ପକ୍ଷରୁ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଏଚ. କଟାପାଲି




ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟବିବାହ ଦୂରୀକରଣ ଯୋଜନା, ୨୦୨୫ ଅନ୍ତର୍ଗତ ମାନକ କାର୍ଯ୍ୟ ପ୍ରଣାଳୀ ସମ୍ପର୍କିତ ଏହି ଆଇନ୍ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକ ମୟୀ ପ୍ରଧାନ, ଜିଲ୍ଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ମିନାକ୍ଷୀ ରାଜ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କର୍ପୁର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବାଲ୍ୟ ବିବାହ ଦୂରୀକରଣ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ହେଲ୍ପଲାଇନ ନମ୍ବର ୧୫୧୦୦ , ଲୋକ ଅଦାଲତ, ମଧ୍ୟସ୍ଥତା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ।

# 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା, ୯।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଏମସିଏଲ ଅଡିଟୋରିୟମଠାରେ ଜାତୀୟ ଗୀତ "ବନ୍ଦେ ମାତରମ' ର ୧୫୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ତଥା ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।



ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁମାର ଆଚାର୍ଯ୍ୟ, ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ରହିଥିଲେ। ଶିବିରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ମନୋନୀତ ଶିକ୍ଷକ ଓ ଅଧ୍ୟାପକମାନେ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିଲେ।

ମୁଖ୍ୟବକ୍ତା ଓ ସମ୍ପଦ ବ୍ୟକ୍ତିମାନେ "ବନ୍ଦେ ମାତରମ' ଗାନର ଶୁଦ୍ଧତା, ଏହାର ଐତିହାସିକ ଗୁରୁତ୍ୱ ଏବଂ ସାମୂହିକ ଗାନର ଶୈଳୀ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ମୁଖ୍ୟ କାର୍ଯ୍ୟକ୍ରମ ସହିତ ସମାନ୍ତରାଳ ଭାବେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ୍ ଯଥା ଲାଇକେରା, କିର୍ମିରା, ଲଖନପୁର ଓ କୋଲାବିରାଠାରେ ମଧ୍ୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଏବଂ ବେଲପାହାଡ଼ ପୌରାଞ୍ଚଳରେ ଇଓଙ୍କ ନେତୃତ୍ୱରେ ଏହି ପ୍ରଶିକ୍ଷଣ ଶିବିର ସଫଳତାର ସହ ସମ୍ପାଦିତ ହୋଇଛି। ଆସନ୍ତା ଜାନୁଆରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଦିନ ସମସ୍ତ ଶିକ୍ଷାନୁଷ୍ଠାନରେ ସାମୂହିକ "ବନ୍ଦେ ମାତରମ' ଗାନ କରାଯିବ। ଏଥିସହିତ ଜାନୁଆରୀ ୨୫ ରୁ ୩୦ ତାରିଖ ମଧ୍ୟରେ ଜିଲ୍ଲାର ବିଭିନ୍ନ ଐତିହାସିକ ସ୍ଥଳୀମାନଙ୍କରେ ସାମୂହିକ ଗାନ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

## ଚାମ୍ପିଅନ୍ ଭାବେ କନିଷ୍ଠରେ ଅନୁଷ୍କା, ବରିଷ୍ଠରେ ପ୍ରିୟଙ୍କା ପୁରସ୍କୃତ

ଦେବଗଡ, ୯।୧(ସମିସ): ଆଜି ଅପରାହ୍ନରେ ଦେବଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୋଭାଶ୍ରୀ ଦେବୀଙ୍କ ସଂଯୋଜନା ଓ ପ୍ରଧାନ ଶିକ୍ଷୟିତ୍ରୀ ମହିମା ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲିପ କୁମାର ଗୁରୁ, ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷା ସୁନୀତାରାଣୀ ପୃଷ୍ଟି, ବିଦ୍ୟାଳୟ ସାମାଜିକ ସମୀକ୍ଷା କମିଟିର ସଦସ୍ୟ ଭୂବନେଶ୍ୱରୀ ପ୍ରସାଦ ଗଙ୍ଗଦେବ ଓ ଦେବଗଡ ପୌରାଞ୍ଚଳ ୨ ନମ୍ବର ୱାର୍ଡର କାଉନସିଲର ସଞ୍ଜୁକ୍ତା ଆଚାର୍ଯ୍ୟ ଯୋଗଦେଇଥିଲେ। ପୂର୍ବରୁ ଆୟୋଜିତ ବାର୍ଷୀକ କ୍ରୀଡ଼ା ପ୍ରତିଯୋଗିତାର କନିଷ୍ଠ ବିଭାଗର ଚାମ୍ପିଅନ୍ ଅନୁଷ୍କା ଆଇନ୍ଦ ଓ ବରିଷ୍ଠ ବିଭାଗର ଚାମ୍ପିଅନ୍ ପ୍ରିୟଙ୍କା ମୁଣ୍ଡାଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ସରୋଜ ରଞ୍ଜନ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁଶାନ୍ତ ରାୟ, ବୃନ୍ଦାବନ ନାୟକ, ଗିରିଧାରୀ ପାତ୍ର, ଶିକ୍ଷୟିତ୍ରୀ ଆରତୀ ପ୍ରଧାନ, ଲିନା ମିଶ୍ର, ଜ୍ୟୋସ୍ନାରାଣୀ ପାତ୍ର, ନିକିତା ବାଘ, ମମିତା ପ୍ରଧାନ, ମନିଷା ମହାପାତ୍ର, ଶାଶ୍ୱତୀ ନାୟକ ଓ କ୍ରୀଡା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସୃଜନୀ ପତ୍ରିକା ଉନ୍ମୋଚିତ ହୋଇଥିଲା।




# ଶିକ୍ଷାବିତ୍ ବରୋଦା ପ୍ରସାଦ ଦେବଙ୍କ ପରଲୋକ

ରିଆମାଳ, ୯।୧(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍‌ର ବରିଷ୍ଠ ଶିକ୍ଷାବିତ ବରୋଦା ପ୍ରସାଦ ଦେବ(୮୮)ଙ୍କ ପରଲୋକ ହୋଇଯାଇଛି। ଦେଢ଼ ମାସ ହେଲା ସେ ଉଚ୍ଚ ରକ୍ତଚାପ ରୋଗରେ ପିଡିତ ଥିଲେ। ଆଜି ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଥିଲା। ବହୁ ନେତା, ଶିକ୍ଷାବିତ, ବିଶିଷ୍ଟ ବ୍ୟକ୍ତି ଆସି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ, ପୁତ୍ର ସାମ୍ବାଦିକ ପ୍ରଣବ ଦେବ, ପୁତ୍ରବୋଧୂ, ଝିଅଜ୍ୱାଇଁ, ନାତିନାତୁଣୀ ତଥା ଆତ୍ମିୟ ସ୍ୱଜନ ଉପସ୍ଥିତ ଥିଲେ। ନିକଟସ୍ଥ ବ୍ରାହ୍ମଣସାହି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ପ୍ରଣବ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବରୋଦା ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ, ଏସ୍‌ଆଇ ଭାବେ କାର୍ଯ୍ୟ କରିଥିଲେ।



## ସମବେଦନା ଜଣାଇଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିବା ସହ ଫୋନ୍ ଯୋଗେ ଶୋକସନ୍ତପ୍ତ ପରିବାରଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଭାପତି କୌଶିକ ପ୍ରଧାନ, ପୂର୍ବତନ ବିଧାୟକ ସୁବାଷ ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ଅରୁଣ ସାହୁ, ପୂର୍ବତନ ବିଜେଡ଼ି ଜିଲ୍ଲା ସଭାପତି ଙ୍ଗ ଚିତ୍ତରଞ୍ଜନ ପ୍ରଧାନ, ବରିଷ୍ଠ ବିଜେପି ନେତା ରୋହିତ ଗଙ୍ଗଦେବ, ସଞ୍ଜିବ ଗଙ୍ଗଦେବ, ସୁଧିର କପରଦାର, ନାକଟିଦେଉଳ ସମିତି ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମାଜସେବୀ ଲିଙ୍ଗରାଜ ସାହୁ, ମହନ୍ତ ବେହେରା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ତାଙ୍କ ଶେଷ ଦର୍ଶନ କରିଥିଲେ। ରିଆମାଳ ଦୂର୍ଗାପୂଜା କମିଟି ପକ୍ଷରୁ ଉପସଭାପତି ଅମୁଲ୍ୟ ସାହୁଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ନାରାୟଣ ବିଶ୍ୱାଳ, କୋଷାଧ୍ୟକ୍ଷ ଟିକେଶ୍ୱର ନନ୍ଦ, ଗାନ୍ଧି ଚରଣ ନାୟକ, ତ୍ରିନାଥ ବିଶ୍ୱାଳ, ଅଜିତ୍ ପ୍ରଧାନ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ପ୍ରହଲ୍ଲାଦ ବସନ୍ତରା, ପ୍ରକାଶ ବିଶ୍ୱାଳ, ଆନନ୍ଦ ସାହୁ ଶୋକସଭା କରି ସ୍ମୃତି ଚାରଣ କରିଥିଲେ। ସେ ଲକ୍ଷ୍ମୀପୂଜା କମିଟିର ସକ୍ରିୟ ସଦସ୍ୟ ଥିବାରୁ କମିଟି ପକ୍ଷରୁ ସଭାପତି ବିରେନ୍ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଉପଦେଷ୍ଟା ଗୋଲବଦନ ବିଶ୍ୱାଳ, ବରିଷ୍ଠ ସଦସ୍ୟ ଅଜୟ ନାଥ, ସମ୍ପାଦକ ତ୍ରିନାଥ ବିଶ୍ୱାଳ, ସହ କୋଷାଧ୍ୟକ୍ଷ ବେଦ ଭୂଷଣ ପ୍ରଧାନ ଓ ଆଶିଷ ପ୍ରଧାନ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଲିଟୁନ ସାହୁଙ୍କ ସମେତ ବହୁ ସଦସ୍ୟ କ୍ୟାଣ୍ଡେଲ ଜାଳି ଶୋକସଭା ପାଳିଥିଲେ।

## ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ସମୀକ୍ଷା କଲେ ଜିଲ୍ଲାପାଳ

# ମାର୍ଚ୍ଚ ଶେଷ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୯।୧(ସମିସ)

ଜିଲ୍ଲାର ପୌରାଞ୍ଚଳରେ ଦୀର୍ଘ ଦିନରୁ ରହିଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପୌରାଞ୍ଚଳର ଷ୍ଟର୍ମ ୱାଟର ଡ୍ରେନେଜ୍ ମାଷ୍ଟର ପ୍ଲାନ୍‌ର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ସମୀକ୍ଷା କରିଛନ୍ତି।

ଏହି ବୈଠକରେ ଜିଲ୍ଲାପାଳଙ୍କ ସହ ଝାରସୁଗୁଡ଼ା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଉପସ୍ଥିତ ରହି ପ୍ରସ୍ତାବିତ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସହରର ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ତଳିଆ ଅଞ୍ଚଳରେ ଜମି ରହୁଥିବା ପାଣିର ସମସ୍ୟା ଦୂର କରିବା ଏହି ମାଷ୍ଟର ପ୍ଲାନର ମୂଳ ଲକ୍ଷ୍ୟ।



ସମସ୍ତ ବୈଷୟିକ ଦିଗକୁ ଅନୁଧ୍ୟାନ କରି ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ପ୍ରକଳ୍ପର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ଶେଷ କରିବାକୁ ଗୁରୁତ୍ୱ ଦିଆଯାଇଛି।ଆଗାମୀ ବର୍ଷା ଦିନ ପୂର୍ବରୁ ଆବଶ୍ୟକୀୟ ପଦକ୍ଷେପ ଯେପରି ନିଆଯିବ ସେଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲାପାଳ କହିଛନ୍ତି। ଏହି ବୈଠକରେ ମ୍ୟୁନିସିପାଲିଟିର ଅନ୍ୟାନ୍ୟ ଯନ୍ତ୍ରୀ ଓ ବିଭାଗୀୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ନାଲକୋର ୪୬ତମ ପ୍ରତିଷ୍ଠା ଦିବସ ପାଳିତ

# 'ଆଧୁନିକ ଟ୍ରେନ୍ ଆଲୁମିନିୟମରେ ହିଁ ନିର୍ମାଣ ହେବ'

ନାଲକୋ ନଗର, ୯ ।୧(ସମିସ)



ନବରତ୍ନ କମ୍ପାନୀ ନାଲକୋ ଏହାର ୪୬ତମ ପ୍ରତିଷ୍ଠା ଦିବସ ଅନୁଓଇଳର ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସରେ ପାଳନ କରିଛି । ନାଲକୋ ନଗର ଟାଉନସିପସ୍ଥିତ ଗୋପବନ୍ଧୁ ଓପନ ପେଣ୍ଡାଲରେ ଏହି ଦୁଇଦିନିଆ ଉତ୍ସବ ପାଳନ କରାଯାଇଛି । ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସର ନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ଏଥିରେ ପୌରୋହିତ୍ୟ କରିଥିଲେ । ଏହି ଅବସରରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା, ଅଫିସର ସଂଘ ଓ ଏସସି/ଏସଟି ୱେଲଫେୟର ଆସୋସିଏସନ୍ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା । ଅବସରପ୍ରାପ୍ତ ଭାରତୀୟ ରେଳବାଇ ଅଧିକାରୀ ତଥା ବନ୍ଦେ ଭରତ ଟ୍ରେନର ପ୍ରତିଷ୍ଠାତା ଡ. ସୁଧାଂଶୁ ମଣି ମୁଖ୍ୟଅତିଥି, ନାଲକୋର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିୟ କୁମାର ସ୍ୱାଇଁ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଡ. ମଣି ତାଙ୍କ ଭାଷଣରେ ବନ୍ଦେ ଭରତ ଟ୍ରେନର ସୃଷ୍ଟି ଓ ବିଭିନ୍ନ ସ୍ତରରେ ହୋଇଥିବା ମାନବବାଦୀ ପ୍ରୟୋଗ, କିଛି ନୂଆ କରି ଦେଖାଇବାର ଅଦମ୍ୟ ଇଚ୍ଛା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଧୁନିକ ଟ୍ରେନ ନିର୍ମାଣ ହେଲେ ଆଲୁମିନିୟମରେ ହିଁ ତିଆରି ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ସ୍ୱାଇଁ ବିଶ୍ୱ ବଜାରରେ ନାଲକୋ ଉତ୍ପାଦର ଚାହିଦା ଓ ଗ୍ରହଣୀୟତା ବିଷୟରେ ଆଲୋକପାତ କରିଥିଲେ ।

ସମାରୋହକୁ ସମ୍ବୋଧନ କରି ଇଡି ଜେନା ଅନୁଗୋଳ ନାଲକୋରେ ହୋଇଥିବା ଉତ୍ପାଦକତା ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ । ମାନବ ସମ୍ବଳ ବିଭାଗ ମହାପ୍ରବନ୍ଧକ ହିମାଂଶୁ ଭୂଷଣ ପ୍ରଧାନ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାପ୍ରବନ୍ଧକ ରାଜରାମ ମିଶ୍ର ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ବାର୍ତ୍ତା ପାଠ କରିଥିଲେ । କୁଶଳୀ କାର୍ଯ୍ୟ ପାଇଁ ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସର ୩୨ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ସିଜିଏମ (ଏଚଆଣ୍ଡଏ)ଙ୍କ ମାର୍ଗଦର୍ଶନରେ ଓ ରାଜରାମ ମିଶ୍ରଙ୍କ ନେତୃତ୍ୱରେ ଲୋକସମ୍ପର୍କ ଅଧିକାରୀ ସମୀର ମାଝି, କେକେ ବେହେରା, ହରିହର ସା, ପିକେ ମଲ୍ଲିକଙ୍କ ସମେତ ୱେଲଫେୟର କମିଟି ସଦସ୍ୟମାନେ ସହଯୋଗ କରିଥିଲେ । ଏଜିଏମ ଲାଲଟେନ୍ଦୁ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ପିକେ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକାଙ୍କୁ ଅସଦାଚରଣ; ଦୋଷୀକୁ ୩ବର୍ଷ ଜେଲ୍

ଅନୁଗୋଳ, ୯ ।୧(ସମିସ): ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ କୋର୍ଟ ଶୁକ୍ରବାର ଅଭିଯୁକ୍ତଙ୍କୁ ୩ବର୍ଷ ଜେଲଦଣ୍ଡ ପ୍ରଦାନ କରିଛନ୍ତି । ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି । ଦଣ୍ଡିତ ବ୍ୟକ୍ତି ହେଲେ ଛେଣ୍ଡିପଦା ଥାନା ବାଲିପଟା ଗ୍ରାମର ଜନକ ନାଏକ (୪୧) । ଜନକ ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ନାବାଳିକାଙ୍କ ମା' ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ବିଭିନ୍ନ ଦଫା ସମେତ ପୋକସୋ ଆଇନ ଅନୁଯାୟୀ ମାମଲା ରୁଜୁକରି ଜନକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି । ଅତିରିକ୍ତ ଜିଲ୍ଲା ଓ ସେସନ ଜଜ ସୌମ୍ୟା ଶୁଭଦର୍ଶିନୀ ଜନକଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦିଲୀପ କୁମାର ଦାସ ଏହି ମାମଲା ପରିଚାଳନା କରୁଥିଲେ ।

## ୩ ଲକ୍ଷର ବ୍ରାଉନସୁଗର ଜବତ; ମହିଳା ଗିରଫ

ଅନୁଗୋଳ, ୯ ।୧(ସମିସ): ଶୁକ୍ରବାର ଅପରାହ୍ନରେ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଜଣେ ମହିଳାଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୩୦ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି । ଗିରଫ ମହିଳା ହେଲେ ହେମସୁରପଡ଼ା ମୋଚିସାହିର ନମିତା ପଲେଇ । ନମିତା ବ୍ରାଉନସୁଗର ବିକ୍ରି କରିବା ପାଇଁ ଗ୍ରାହକ ଅପେକ୍ଷାରେ ଥିବା ନେଇ ଅପରାହ୍ନ ୩ଟାରେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା । ବିଭାଗୀୟ ଅଧିକାରୀମାନେ ସେଠାରେ ଅତର୍କିତ ଚଢ଼ଉ ନମିତାଙ୍କୁ ଗିରଫ କରିଛନ୍ତି । ଜବତ ବ୍ରାଉନସୁଗରର ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି ।

## ଦୁଇ ବାଇକ୍ ଧକ୍କା; ୨ ଗୁରୁତର

ଜଗନ୍ନାଥପୁର, ୯ ।୧(ସମିସ): ଗୁରୁବାର ସନ୍ଧ୍ୟାରେ ଜଗନ୍ନାଥପୁର ମେଡିକାଲ ଛକ ପାଖରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଜଗନ୍ନାଥପୁର ଅଞ୍ଚଳର ଚିନୁ ସାହୁ (୧୮) ହୋଇଥିବା ବେଳେ ଅନ୍ୟ ଜଣେ ବନ୍ତଲା ଥାନା କଲେଇପଦା ଗ୍ରାମର ବୋଲି ଜଣାପଡ଼ିଛି । ଏହି ଦୁର୍ଘଟଣାରେ ବାଇକ୍ ଦୁଇଟି ସମ୍ପୂର୍ଣ୍ଣ ଚୂର୍ମାର ହୋଇଯାଇଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଆରୋହୀ ଦ୍ୱୟ ପ୍ରାୟ ୫୦ ଫୁଟ୍ ଦୂରକୁ ଚିଟକି ପଡ଼ିଥିଲେ । ବିସ୍ଫୋରଣ ପରି ଶବ୍ଦ ଶୁଣି ଆଖପାଖ ଲୋକେ ଧାଇଁ ଆସିଥିଲେ । ଆହତ ଦୁଇ ଯୁବକଙ୍କୁ ଉଦ୍ଧାର କରି ପୁରୁଣାକୋଟ ଥାନାକୁ ଖବର ଦେଇଥିଲେ । ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇ ଯୁବକଙ୍କୁ ଥାନା ଗାଡ଼ିରେ ଅନୁଗୋଳ ସରକାରୀ ମେଡିକାଲ ପହଞ୍ଚାଇବା ବ୍ୟବସ୍ଥା କରାଇଥିଲେ ।

## ନାଲକୋ ଆଦର୍ଶ ଥାନାରେ ନୂଆ ଅଧିକାରିଣୀ



ବଅଁରପାଳ, ୯ ।୧(ସମିସ): ନାଲକୋନଗର ଥାନାରେ ନୂତନ କରି ଯୋଗଦାନ କରିଛନ୍ତି ଇନ୍ସପେକ୍ଟର ନମିତା ନାୟକ । ଗୁରୁବାର ସନ୍ଧ୍ୟାରେ ବଅଁରପାଳ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସହ ନୂତନ ବର୍ଷର ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏହି ଅବସରରେ ନାଲକୋ ଥାନା ଅଞ୍ଚଳରେ ବଢ଼ୁଥିବା ନିଶା କାରବାରରେ ଲଗାମ ଲଗାଇବା, ଟ୍ରଫିକ ସମସ୍ୟା ଓ ଅମାନିଆଙ୍କୁ ସାବାଡ଼ କରିବା ପାଇଁ ପ୍ରାଥମିକତା ଦେବେ ବୋଲି ଥାନା ଅଧିକାରିଣୀ ସୂଚନା କହିଛନ୍ତି ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



କିଶୋରନଗର, ୯ ।୧(ସମିସ): ଆଠମଲ୍ଲିକ ଏନଏସି ୧୦ନଂ ୱାର୍ଡ ଚାରିଘରିଆ ସାହି ନିବାସୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବ କୁମାର ଭୁକ୍ତା (୯୩)ଙ୍କର ପରଲୋକ ହୋଇଛି । ସେ ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ବହୁ ମେଧାବୀ ଛାତ୍ରଛାତ୍ରୀ ଗଢ଼ିଥିଲେ । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ, ଛାତ୍ରବତ୍ସଳ ଶିକ୍ଷକ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ସହଧର୍ମିଣୀ ଅବଳା ଭୁକ୍ତା, ପୁଅ ବିବେକାନନ୍ଦ ଭୁକ୍ତା, ବୋହୂ ବିଦ୍ୟୁତପ୍ରଭା ଭୁକ୍ତା, ମନ୍ଦାକିନୀ ସାହୁ, ନାତି ବିକି, ଆକାଶ, ପିଣ୍ଟୁଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ । ପୂର୍ବତନ ଆଠମଲ୍ଲିକ ଏନଏସି ଅଧ୍ୟକ୍ଷ ନୀହାର ହୋତା, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, ଅବସରପ୍ରାପ୍ତ ଶିକ୍ଷକ ଭବାନୀଶଙ୍କର ମିଶ୍ର, ବିପିନ ବିହାରୀ ସାହୁ, ବରିଷ୍ଠ ସାମ୍ବାଦିକ ହରପ୍ରସାଦ ମିଶ୍ରଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ ।

## ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

କଣିହାଁ, ୯ ।୧(ସମିସ): କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଓଏଚପିସି ଏମ୍ପ୍ଲଇଜ ରିକ୍ରେସନ ସେଣ୍ଟର ପକ୍ଷରୁ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଓଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ସରୋଜ ବହିଦାର ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । କ୍ଲବ୍ ସଭାପତି ବୀରେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପ ସାଧାରଣ ପରିଚାଳକ ଏମଡି. ଫାକ୍ରୁଦ୍ଦିନ ଅଲ୍ଲୀ ଅହମଦ, ପୂର୍ବତନ ଡିଜିଏମ ପ୍ରଦୀପ ପ୍ରଧାନ, ସାମ୍ବାଦିକ ସୀମାଞ୍ଚଳ ସାବତ ପ୍ରମୁଖ ଯୋଗଦେଇଥିଲେ । ଉଦଘାଟନୀ ମ୍ୟାଚ ଦୀପକ ସାହୁ, ବିଷ୍ଣୁ ପ୍ରସାଦ ଦେହୁରୀଙ୍କ ଯୋଡ଼ି ଓ ହେମାଞ୍ଜୟ କିଷାନ, ରଶ୍ମିରମଣ ବେହେରାଙ୍କ ଯୋଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ହେମାଞ୍ଜୟ ଓ ରଶ୍ମିଙ୍କ ଯୋଡ଼ି ବିଜୟୀ ହୋଇଛି । ରେଫରି ଦିଲୀପ କିଶାନ ମ୍ୟାଚ ପରିଚାଳନା କରିଥିବା ବେଳେ ବହୁ କ୍ରୀଡ଼ାପ୍ରେମୀ ଏଥିରେ ଯୋଗଦେଇଥିଲେ ।

### ● ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ

## ଜିଲ୍ଲା ବାହାର ଠିକାଦାରଙ୍କୁ ବାରଣ



**ସରକାରଙ୍କ ଟେଣ୍ଡର ପଲିସିକୁ ବିରୋଧ**

ଅନୁଗୋଳ, ୯ ।୧(ସମିସ): ସ୍ଥାନୀୟ ସଭାଗୃହରେ ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ୧୫୦ରୁ ଅଧିକ ଠିକାଦାର ସାମିଲ ହୋଇ ସମ୍ପ୍ରତି ସରକାରଙ୍କ ଟେଣ୍ଡର ପଲିସି ଉପରେ ଆଲୋଚନା କରିଥିଲେ । ପୂର୍ବ ପ୍ରଚଳିତ ପ୍ରଥା ଅନୁସାରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଠିକାଦାରମାନେ ୧୪.୯୯ ପ୍ରତିଶତ କମ୍ ଦରରେ ଟେଣ୍ଡର ପକାଇବା ସହ ସଂଘ ସହମତି ଭିତ୍ତିରେ କାମ ନେଉଥିଲେ । ହେଲେ ଗତ ୩ ତାରିଖ ସରକାରଙ୍କ ୱାର୍କସ୍ ବିଭାଗ ଏହି ସୀମାକୁ ଉଠାଇ ଦେଇଥିବାବେଳେ ଠିକାଦାରମାନେ ମନଇଚ୍ଛା ଦର ପକାଇ ପାରିବେ । ଏହାଦ୍ୱାରା ଅଯଥା ପ୍ରତିଯୋଗିତା ବଢ଼ିବ ଏବଂ କାମର ମାନ କମିବ । ଏଣୁ ଏହି ନୂଆ ନୀତିକୁ ବିରୋଧ କରାଯିବା ସହ ଜିଲ୍ଲା ବାହାର ଠିକାଦାରମାନଙ୍କୁ ଅନୁଗୋଳରେ ଟେଣ୍ଡର ପକାଇବାକୁ ବାରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହାଦ୍ୱାରା ସ୍ଥାନୀୟ ଠିକାଦାରଙ୍କ ସ୍ୱାର୍ଥରକ୍ଷା ହୋଇପାରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଅନୁଗୋଳର ଠିକାଦାରମାନେ ନିର୍ଦ୍ଧାରିତ ଦର ଅନୁସୂଚୀ ଅନୁଯାୟୀ ଟେଣ୍ଡର ପକାଇବେ ବୋଲି ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଂଘ ସଭାପତି ସୁନୀଲ କୁମାର ପ୍ରଧାନ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ଅଜିତ ପ୍ରସାଦ ଦ୍ୱିବେଦୀ, ସମ୍ପାଦକ ସୁବୋଧ ମହାପାତ୍ର, ରାମଚନ୍ଦ୍ର ଜେନା, ସନ୍ଦୀପ ନାଥ, ସୁବୋଧ ସିଂହ, ପଦ୍ମ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ● ଖମାର ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତା ଚୟନ

## ଶୈଳେନ୍ଦ୍ର ସଭାପତି, ପ୍ରସନ୍ନ ସମ୍ପାଦକ

ଖମାର, ୯ ।୧(ସମିସ): ପାଲଲହଡ଼ା ଉପଖଣ୍ଡ ଖମାର ସତ୍ୟବନ୍ଧ ଖେଳ ପଡ଼ିଆରେ ଖମାର ନାଗରିକ ମଞ୍ଚର ନୂତନ କାର୍ଯ୍ୟକର୍ତ୍ତା ଚୟନ ସ୍ଥାୟୀ ସମ୍ପାଦକ ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସର୍ବସମ୍ମତି କ୍ରମେ ସଭାପତି ଭାବେ ଶୈଳେନ୍ଦ୍ର କୁମାର



ପ୍ରଧାନ, ଉପସଭାପତି ଭୀଷ୍ମ କୁମାର ଗଡ଼ନାୟକ, ବିରଞ୍ଚି ନାରାୟଣ ନାଏକ, ସମ୍ପାଦକ ପ୍ରସନ୍ନ କୁମାର ଜେନା, ସହ ସମ୍ପାଦକ ପରମାନନ୍ଦ ସାହୁ, ଯୁଗଳ କିଶୋର ଜିତ, କୋଷାଧ୍ୟକ୍ଷ ବିଦ୍ୟାଧର ସାହୁ, ଉପଦେଷ୍ଟା ସନ୍ତୋଷ କୁମାର ସାହୁ, ଦୁଃଖବନ୍ଧୁ ପ୍ରଧାନ, ଖଗେଶ୍ୱର ପ୍ରଧାନ, ପ୍ରମୋଦ କୁମାର ସାହୁ, ଚିତ୍ତରଞ୍ଜନ ପରିଡ଼ା, ମଦନ ମୋହନ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଧରଣୀଧର ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି । ୨୦୧୨ରୁ ଗଠିତ ଏହି ଅନୁଷ୍ଠାନ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସିଛି । ଆଗାମୀ ଦିନରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ବିଭିନ୍ନ ମୌଳିକ ସମସ୍ୟା ଉପରେ କାର୍ଯ୍ୟକ୍ରମ କରାଯିବ ବୋଲି ଆଲୋଚନା ହୋଇଥିଲା ।

## ମା' ତାରିଣୀଙ୍କ ବାର୍ଷିକ ଉତ୍ସବ



କୁଇଓ, ୯ ।୧(ସମିସ): ଛେଣ୍ଡିପଦା ବ୍ଲକ ନତଡ଼ା ପଞ୍ଚାୟତ ନୂଆମୌଜା ଭାଲୁଗାଡ଼ିଆ ଗ୍ରାମରେ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରାତଃ ସମୟରେ ଗ୍ରାମର ସମସ୍ତ ଶ୍ରଦ୍ଧାଳୁ ଗୋପାଳ ପୋଖରୀରୁ ପବିତ୍ର ଜଳ ଉଠାଇ କଳସଯାତ୍ରାରେ କରି ମଣ୍ଡପରେ ସ୍ଥାପନ କରିଥିଲେ । ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ସାଂସଦ ମହେଶ ସାହୁ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ମାଝୀ ଯୋଗଦେଇଥିଲେ । କମିଟି ସଭାପତି ସନାତନ ସାହୁ, ସମ୍ପାଦକ ଦୁଷ୍ମନ୍ତ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ପିଙ୍କୁ ପ୍ରଧାନ, ମାଗୁଣି ପ୍ରଧାନ, ନରୋତ୍ତମ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୂଜକ ଅତୁଲ୍ୟ ମିଶ୍ର ପୂଜାର୍ଚ୍ଚନା କରିଥିଲେ ।

## ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପେନସନଭୋଗୀ ସଂଘର ଧାରଣା



ଅନୁଗୋଳ, ୯ ।୧(ସମିସ): ଅଲ ଓଡ଼ିଶା ପେନସନର୍ସ ଆସୋସିଏସନ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅବସରପ୍ରାପ୍ତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନରେ ଇପିଏସ ୯୫ ପେନସନ ଯୋଜନା ନଭେମ୍ବର ୧୬ରେ ଆରମ୍ଭ ହୋଇଥିଲା । ଏହି ଯୋଜନାରେ ଓଡ଼ିଶାର ୨.୨ ଲକ୍ଷ ସମେତ ଦେଶର ୮୨ ଲକ୍ଷ ଇପିଏସ-୯୫ ପେନସନଭୋଗୀ ପରିବାରର ଅନ୍ତର୍ଭୁକ୍ତ । ଏହି ଯୋଜନାର ହିତାଧିକାରୀମାନେ ୨୦୧୪ ସେପ୍ଟେମ୍ବରରୁ ସର୍ବନିମ୍ନ ୧୦୦୦ ଟଙ୍କାରୁ କମ୍ ପେନସନ ପାଉଛନ୍ତି ଏବଂ ବଞ୍ଚିବା ପାଇଁ ଉପଯୁକ୍ତ ଖାଦ୍ୟ ଏବଂ ଔଷଧ ଅଭାବରୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଜୀବନ ବିତାଉଛନ୍ତି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ପେନସନ ହିତାଧିକାରୀଙ୍କ ସମସ୍ୟା ସୁଧାରିବା ନିମନ୍ତେ ପେନସନ ଆଇନ ସଂଶୋଧନ ପାଇଁ ଦୀର୍ଘବର୍ଷ ଧରି ଗଣତାନ୍ତ୍ରିକ ଉପାୟରେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି । ମାତ୍ର ୩୦ବର୍ଷ ବିତିଯାଇଥିଲେ ବି ଏହାର ସୁଫଳ ମିଳୁନାହିଁ । ଦେଶର ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା, ନ୍ୟାୟ ପ୍ରଦାନ ଦିଗରେ କେନ୍ଦ୍ର ସରକାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି । ସର୍ବନିମ୍ନ ମାସିକ ପେନସନକୁ ୯୦୦୦ ଟଙ୍କାକୁ ବୃଦ୍ଧି କରିବ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପେନସନ ପ୍ରଦାନ, ମୂଲ୍ୟ ନିର୍ଦ୍ଧାରଣକୁ ନିରପେକ୍ଷ କରିବା ପାଇଁ ମହଙ୍ଗା ଭତ୍ତା ପ୍ରଦାନ । ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା ଅଧୀନରେ ସମସ୍ତ ଇପିଏସ ୯୫ ପେନସନଭୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରିବା ଆଦି ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଧାରଣା

● ଅଭିଜ୍ଞ ଡାକ୍ତର ନିଯୁକ୍ତି ଓ ରୋଗୀ ଚିକିତ୍ସା ଦାବି
● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଅନୁଗୋଳ, ୯ ।୧(ସମିସ): ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ପ୍ରବେଶ ପରେ ତାଳଚେରବାସୀ ଖୁସି ହୋଇଥିଲେ । ମେଡିକାଲ କଲେଜ ପାଇଁ ନିଯୁକ୍ତ ଡାକ୍ତରମାନେ ଜିଲ୍ଲା ହସ୍ପିଟାଲରେ କାର୍ଯ୍ୟ କରୁଛନ୍ତି । ସେଠାରେ ପ୍ରାକ୍ଟିକାଲ କ୍ଲାସ ମଧ୍ୟ ଚାଲିଛି । ଅନ୍ୟପଟେ ତାଳଚେରରେ ମେଡିକାଲ



କଲେଜ ଏବଂ ଅନ୍ୟାନ୍ୟ ଆବଶ୍ୟକ କୋଠା ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି । ହସ୍ପିଟାଲରେ ଉପକରଣ, ପାରାମେଡିକାଲ୍ କର୍ମଚାରୀ, ସୁରକ୍ଷା ଇତ୍ୟାଦି ସଜ୍ଜିତ ଅଛି । କାମାକ୍ଷାନଗର ଉପଖଣ୍ଡର ମୁଖ୍ୟ ଅଂଶ, ଅନୁଗୋଳ ଏବଂ ଦେବଗଡ଼ ଜିଲ୍ଲାର କିଛି ଅଂଶ ତାଳଚେର ଉପଖଣ୍ଡର ରୋଗୀମାନେ ତାଳଚେର ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ଉପଯୁକ୍ତ ସୁବିଧା ଏବଂ ମେଡିକାଲ କଲେଜ ଚିକିତ୍ସାର ଅଭାବ ହେତୁ ରୋଗୀମାନଙ୍କୁ କଟକ, ଭୁବନେଶ୍ୱର ଘରୋଇ ମେଡିକାଲ ଏବଂ ନର୍ସିଂ ହୋମ ଯିବାକୁ ବାଧ୍ୟ ହେଉଛନ୍ତି । ଏପରି ସ୍ଥଳେ ରୋଗୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସବୁ ସମସ୍ୟାର ସମାଧାନ ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୁନଶ୍ଚ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

## ଜିନ୍ଦଲ ଷ୍ଟିଲ୍‌ରେ ଲର୍ଣ୍ଣିଂ ମଡେଲ୍ ଲ୍ୟାବ୍ ଉଦଘାଟନ କଲେ ନବୀନ ଜିନ୍ଦଲ

### ● 'ସଂକଳ୍ପ' ଜିମ୍ ଓ 'ସମୃଦ୍ଧି' ମାର୍କେଟ୍ କମ୍ପ୍ଲେକ୍ସ ବି ଉଦଘାଟିତ

ଅନୁଗୋଳ, ୯ ।୧(ସମିସ): କୌଶଳ ବିକାଶକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପାଇଁ ମାନବଶକ୍ତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଗୁରୁବାର ଅନୁଗୋଳର ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟରରେ ଅତ୍ୟାଧୁନିକ ଲର୍ଣ୍ଣିଂ ମଡେଲ୍ ଲ୍ୟାବ୍ ଉଦଘାଟନ କରିଛନ୍ତି । ଏହି ପଦକ୍ଷେପ, କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କ ମଧ୍ୟରେ ଉତ୍କର୍ଷତା, ସୁରକ୍ଷା ମାନଦଣ୍ଡ ଏବଂ ପ୍ରାୟୋଗିକ କ୍ଷମତା ବୃଦ୍ଧି କରିବା ଦିଗରେ ସହାୟକ ହୋଇପାରିବ ବୋଲି ଏହି ଅବସରରେ ସେ କହିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ନବୀନ ଜିନ୍ଦଲ ସମସ୍ତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଉତ୍ସର୍ଗ ଏବଂ ଉତ୍ସାହ ସହ ତାଲିମ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ । ଏକ ସୋସିଆଲ ମିଡିଆ ପୋଷ୍ଟରେ ମଧ୍ୟ ସେ ଲେଖିଛନ୍ତି, 'ଯେତେବେଳେ ଆମେ ଲୋକଙ୍କ ଉପରେ ନିବେଶ କରୁ, ଆମେ ସ୍ଥାୟୀ ପ୍ରଗତିରେ ନିବେଶ କରୁ । ସଶକ୍ତ ଦକ୍ଷତା-ଆତ୍ମବିଶ୍ୱାସୀ ବୃତ୍ତିଧାରୀ, ଶକ୍ତିଶାଳୀ ଶିଳ୍ପ ଏବଂ ଏକ ଶକ୍ତିଶାଳୀ ରାଷ୍ଟ୍ର ସୃଷ୍ଟି କରେ ।'



କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ମାଲହୋତ୍ରା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇନ-ଚାର୍ଜ, ପଙ୍କଜ ମାଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ସମସ୍ତ ବିଭାଗ ମୁଖ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଅଧ୍ୟକ୍ଷ ଶ୍ରମିକ ବିହାର ପରିଦର୍ଶନ କରିଥିଲେ, ଯେଉଁଠାରେ ସେ 'ସଂକଳ୍ପ' ନାମକ ଏକ ଖୋଲା ଜିମ୍ ଏବଂ ବ୍ୟବସାୟିକ ଅଂଶୀଦାରଙ୍କ କଲ୍ୟାଣ ପାଇଁ ବିକଶିତ ମାର୍କେଟ କମ୍ପ୍ଲେକ୍ସ 'ସମୃଦ୍ଧି'ର ଉଦଘାଟନ କରିଥିଲେ ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ




କଣିହାଁ, ୯ ।୧(ସମିସ): ସମଲ ଜଳସମ୍ପଦ ବିଭାଗ ପକ୍ଷରୁ ଜାନୁଆରୀ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ଆରମ୍ଭ ହୋଇଛି । ସମଲ ଜଳଭଣ୍ଡାର ପ୍ରକଳ୍ପ ଅତିଥି ଭବନରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି, ସମଲ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲିକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଭଗବାନ ଚନ୍ଦ୍ର ଦାସ, ଅଧିକ୍ଷଣ ଯନ୍ତ୍ରୀ ସମ୍ୟକ ବିକାଶ ସୁବୁଦ୍ଧି, ଆଇଆଇସି ମୃଣାଲୋ କାଲୋ, ଚାଷୀ ଶ୍ରୀକାନ୍ତ ସାହୁ, ବିଦେଶୀ ମହାନ୍ତି, ସତ୍ୟାନନ୍ଦ ଗଡ଼ନାୟକ, ଜିଲ୍ଲା କୃଷି ଅଧିକାରିଣୀ ଅନ୍ନପୂର୍ଣ୍ଣା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମଲ ମୁଖ୍ୟକର୍ମ ବିଭାଜନ ଅଧୀନରେ ଥିବା ତିନି ପାଣି ପଞ୍ଚାୟତର ଚାଷୀଙ୍କୁ ମୁଖ୍ୟଅତିଥି ବିଭିନ୍ନ ଯୋଜନା ଓ ସୁବିଧା ବିଷୟରେ ଅବଗତ କରାଇଥିଲେ । ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ କଣିହାଁ ଓ ତାଳଚେର ବ୍ଲକର ସମସ୍ତ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ପାଣି ପଞ୍ଚାୟତ ସମ୍ବନ୍ଧୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ ବେହେରା ଓ ଗୌରାଙ୍ଗ ଚରଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

# ମୁଖ୍ୟ ଶାସନ ସଚିବଙ୍କୁ ବିଧାୟକଙ୍କ ଦାବିପତ୍ର

ତାଳଚେର, ୯ ।୧(ସମିସ)



ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ସାକ୍ଷାତ କରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ୮ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ତାଳଚେର ପବିତ୍ର ମୋହନ ପ୍ରଧାନ ସରକାରୀ ଚିକିତ୍ସାଳୟର ବିଭିନ୍ନ ବିଭାଗରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ କରି ଏହାକୁ ଟିର୍ସିଂ ହସ୍ପିଟାଲରେ ପରିଣତ କରିବା, ଓଡ଼ିଶା ଆର ଆଣ୍ଡ ଆର ନୀତି-୨୦୦୬ ଅନୁଯାୟୀ ପିଡିଏଫ୍ ତାଲିକାକୁ ଅପଡେଟ୍ କରି ଗ୍ରାମର ସମ୍ପୂର୍ଣ୍ଣ ବିସ୍ଥାପନ ସମୟରେ ସମସ୍ତ ସାବାଳକଙ୍କୁ ନିଯୁକ୍ତି ଏବଂ ପୁନର୍ବାସ ବ୍ୟବସ୍ଥା କରିବା ହନିକମ୍ବ ହାଉସର ଆଖ୍ୟା ଦେଇ ଜମିହରାମାନଙ୍କୁ ହକରୁ ଏମସିଏଲ ବଞ୍ଚିତ କରୁଥିବାରୁ ଏମସିଏଲ ଦ୍ୱାରା ସର୍ଭେ ଏବଂ ମାପ କରିଥିବା ସମସ୍ତ ନିର୍ମାଣ ପାଇଁ କ୍ଷତିପୂରଣ ରାଶି ପ୍ରଦାନ, ଏମସିଏଲରୁ ବିଭିନ୍ନ ଶିଳ୍ପକୁ ପରିବହନ ହେଉଥିବା ୪୦ ପ୍ରତିଶତ କୋଇଲାକୁ ସଡ଼କ ଯୋଗେ ପରିବହନ କରିବା ପାଇଁ ଉଭୟ ଏମ୍‌ସିଏଲ୍ ଓ ସମସ୍ତ ଶିଳ୍ପାନୁଷ୍ଠାନକୁ ନିର୍ଦ୍ଦେଶ ଦେବା ଲୋକଙ୍କୁ ସମସ୍ତ ଏକ୍ସପ୍ରେସ୍ ଓ ରେଳସେବା ଯୋଗାଇବା ପାଇଁ ତାଳଚେର ରେଳ ଷ୍ଟେସନରୁ ଅନୁଗୋଳ ରେଳ ଷ୍ଟେସନ ପର୍ଯ୍ୟନ୍ତ ଏଫସିଆଇ ଦେଇ ନୂତନ ରେଳଲାଇନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ତାଳଚେର-ପୁରୀ ଟ୍ରେନକୁ ଏନଟିପିସି, କଣିହାଁକୁ ସମ୍ପ୍ରସାରଣ କରିବା, ରାଷ୍ଟ୍ରକୁ ରାଜସ୍ୱ ବଣ୍ଟନର ପ୍ରମୁଖ ଅଂଶୀଦାରୀକୁ ଦୃଷ୍ଟିରେ ରଖି ତାଳଚେର ରେଳ ଷ୍ଟେସନକୁ ଏକ ମଡେଲ ଏବଂ ଆଧୁନିକ ରେଳ ଷ୍ଟେସନ ଭାବେ ବିକଶିତ କରିବା, ଅଧିକ ଭାରୀଯାନ ଚଳାଚଳ ଯୋଗୁଁ ହେଉଥିବା ଦୈନନ୍ଦିନ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ୧୪୯ନଂ ଜାତୀୟ ରାଜପଥର କଣିହାଁଠାରୁ ଗୋଡ଼ିବନ୍ଧା ଏବଂ ତାଳଚେରଠାରୁ ବଅଁରପାଳ ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରିବା, ପର୍ଯ୍ୟାପ୍ତ ପାର୍କିଂ ସୁବିଧା ଏବଂ ବାଙ୍କଧରା ଛକରେ ଏକ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ, ଛାତ୍ରଛାତ୍ରୀଙ୍କୁ ଉନ୍ନତ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ନୂତନ ଡିଗ୍ରୀ ଇଞ୍ଜିନିୟରିଂ କଲେଜ ଖୋଲିବା ଏବଂ ତାଳଚେର ସ୍ୱୟଂଶାସିତ କଲେଜକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାବେ ପରିଣତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ତାଳଚେରରେ ଧୂଳି ପ୍ରଦୂଷଣ ନିୟନ୍ତ୍ରଣ ଏବଂ ନିଯୁକ୍ତି ସୃଷ୍ଟି ପାଇଁ କୋଇଲା ବୋଝେଇ ଟ୍ରେନ୍‌ଗୁଡ଼ିକୁ ପାଲ ଦ୍ୱାରା ଘୋଡ଼ାଇବାକୁ ଦାବି କରାଯାଇଛି । ଯଥାଶୀଘ୍ର ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, କେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ,
ନାତୁଣୀ - ଆରୁଷି

# ରାସ୍ତାରେ ଯାଉଥିବା ହାଇୱାରେ ଅଗ୍ନିକାଣ୍ଡ



ରାଇରଙ୍ଗପୁର, ୯।୧(ସମିସ): ରାଇରଙ୍ଗପୁର ସହର ମଧ୍ୟରେ ରାସ୍ତାରେ ଯାଉଥିବା ଏକ ହାଇୱାରେ ଅଗ୍ନିକାଣ୍ଡ ଘଟିଛି। ତେବେ ନିଆଁ ବ୍ୟାପିବା ପୂର୍ବରୁ ଆୟତ୍ତ କରାଯିବାରୁ ଅଳ୍ପକେ ଲୋକେ ବର୍ତ୍ତିଯାଇଛନ୍ତି। ଶୁକ୍ରବାର ଅପରାହ୍ନ ସମୟରେ ପୁରୁଣା ବଜାର ଅଞ୍ଚଳର ଗାନ୍ଧୀ ପାର୍କ ନିକଟରେ ରାସ୍ତାରେ ଯାଉଥିବା ହାଇୱା ଚକରେ ହଠାତ ନିଆଁ ଲାଗି ଯାଇଥିଲା। ଚଳ ଜଳି ନିଆଁ ବ୍ୟାପିବା ପୂର୍ବରୁ ସ୍ଥାନୀୟ ଲୋକ ଦେଖି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ରେଳ ଲାଇନ ନିକଟରୁ ଜବରଦଖଲ ଉଚ୍ଛେଦ

ରାଇରଙ୍ଗପୁର, ୯।୧ (ସମିସ): ରେଳ ଲାଇନ ନିକଟରେ ଉଚ୍ଛେଦ ନେଇ ନୋଟିସ ପାଇ ସ୍ଥାନୀୟ ଲୋକେ ନିଜେ ଜବରଦଖଲ ଉଚ୍ଛେଦ କରିଛନ୍ତି। ଇଚିଣ୍ଡା ରେଳ



ଫାଟକ ନିକଟରେ ରାସ୍ତା କଡ଼କୁ ଓ ରେଳ ଲାଇନ କଡ଼କୁ କିଛି ଲୋକେ ରେଳ ବିଭାଗ ଜମିକୁ ଜବରଦଖଲ କରି ରଖିଥିଲେ। ଯାହାକୁ ନେଇ ରେଳ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ରେଳ ବିଭାଗ ଓ ତହସିଲ ବିଭାଗ ଉଚ୍ଛେଦ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ୫/୬ ଜଣ ଘର ଲୋକେ ନିଜେ ଉଚ୍ଛେଦ କରିଛନ୍ତି। ବାକି ନୋଟିସ ପାଇଥିବା ଜବରଦଖଲକାରୀଙ୍କ ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି ସୂଚନା ମିଳିଛି।

# ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଇଁ ନାମଲେଖା ଆରମ୍ଭ

ବାରିପଦା/ରାଇରଙ୍ଗପୁର, ୯।୧(ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ୨୦୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଘୋଷଣା କରାଯାଇଛି। ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଏହି ସୁଯୋଗର ଲାଭ ଉଠାଇପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତିବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା, (ସ୍ନାତକୋତ୍ତର ଡିପ୍ଲୋମା) ଓ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଆସନ୍ତା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଓ ପୁନଃ ପଞ୍ଜୀକରଣ ଦେୟ ୫୦ ପ୍ରତିଶତ ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟକୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋର ୱେବସାଇଟ ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ରାଇରଙ୍ଗପୁର, ମୟୂରଭଞ୍ଜକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ। ଏଥିସହିତ ସମସ୍ତ ପ୍ରକାର ଯୋଗାଯୋଗ ପାଇଁ ୦୬୭୯୪-୨୨୨୦୯୭ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବାକୁ ଇଗ୍ନୋ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ ଦାଶ ସୂଚନା ଦେଇଛନ୍ତି।

# ଦାଣ୍ଡବୋଷ ବିମାନବନ୍ଦର ପାଇଁ ଜମି ଅଧିଗ୍ରହଣ

● ତହସିଲଦାରଙ୍କ ଉପସ୍ଥିତିରେ ହେଲା ମାପଚୁପ



ରାଇରଙ୍ଗପୁର, ୯।୧(ସମିସ): ରାଇରଙ୍ଗପୁରର ଦାଣ୍ଡବୋଷ ବିମାନବନ୍ଦର ନିର୍ମାଣ ନେଇ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ବିମାନ ବନ୍ଦର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ମାପଚୁପ ହୋଇଛି। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁମିତ ସାହୁଙ୍କ ସମେତ ରାଜସ୍ୱ କର୍ମଚାରୀ ଓ ଯନ୍ତ୍ରୀ ଜମି ଚିହ୍ନଟ ପ୍ରକ୍ରିୟା କରିଛନ୍ତି। ଉଡାନ ଯୋଜନାରେ ଜାତୀୟ ସ୍ତରର ବିମାନ ବନ୍ଦର ନିର୍ମାଣ ପ୍ରାୟ ୧୧୭ ଏକର ଜମିରେ ବିମାନ ବନ୍ଦର ନିର୍ମିତ ହେବ। ଯେଉଁଥିରେ ରନୱେ, ଏୟାର ଟ୍ରାଫିକ ପରିଚାଳନା କେନ୍ଦ୍ର, ବିମାନ ବନ୍ଦର କାର୍ଯ୍ୟାଳୟ ସମେତ ଅନ୍ୟ ବିଲ୍ଡିଂ ରହିବ। ଏ ନେଇ ପୂର୍ବରୁ ବିଶେଷଜ୍ଞ ଦଳ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ବିମାନ ବନ୍ଦର କାର୍ଯ୍ୟକାରୀ ନେଇ ଆବଶ୍ୟକ ଭିତ୍ତିଭୂମି, ବିଲ୍ଡିଂ ନିର୍ମାଣ, ଜମି ଅଧିଗ୍ରହଣ, ଗମନାଗମନ ଆଦି ନେଇ ଅନୁଧ୍ୟାନ କରିଥିଲେ। ଉକ୍ତ ରିପୋର୍ଟ ଅନୁଯାୟୀ ନିର୍ମାଣ କାର୍ଯ୍ୟ ନେଇ ଜମି ଅଧିଗ୍ରହଣ ପ୍ରକ୍ରିୟା ହୋଇଛି। ସରକାରୀ ଜମି ଚିହ୍ନଟ ହୋଇଛି। ଏଥିସହିତ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ପରେ ବିମାନ ବନ୍ଦର ପରିସରରୁ ଗଛ କଟାଯାଇଛି। ସମସ୍ତ ଜମି ଅଧିଗ୍ରହଣ ସରିଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଯାହାକୁ ନେଇ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରାଯାଇଛି। ବିମାନ ବନ୍ଦର କାର୍ଯ୍ୟକ୍ଷମ କରି ରାଇରଙ୍ଗପୁରରୁ ରାଉରକେଲାକୁ ପ୍ରଥମ ବିମାନ ସେବା ଆରମ୍ଭ କରିବା ନେଇ ପ୍ରସ୍ତାବ ରହିଛି। ବିମାନ ବନ୍ଦର ନିର୍ମାଣ ଦ୍ୱାରା ସୁଗମ ଗମନାଗମନ ବ୍ୟବସ୍ଥା ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏହା ସମ୍ପୂର୍ଣ୍ଣ ହେଲେ ରାଷ୍ଟ୍ରପତି ରାଇରଙ୍ଗପୁର ଗସ୍ତରେ ଏହାର ଲୋକାର୍ପଣ କରିବାର ଯୋଜନା ରହିଛି। ବିମାନ ବନ୍ଦର ନିର୍ମାଣ କାର୍ଯ୍ୟକୁ ଆଗକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଭେଙ୍କ ବ୍ରିଡିଂ ଫାର୍ମରେ ଚଢ଼ଉ

# କୃଷି ନିମନ୍ତେ ହୋଇଛି ବୋରିଂ, ବ୍ୟବସାୟରେ ହେଉଛି ବ୍ୟବହାର

ମୋରଡ଼ା, ୯।୧(ସମିସ)



● ପ୍ଲଟ କନଭର୍ଟ ନ ହୋଇ ନିର୍ମିତ ହୋଇଛି ବିରାଟ ଅଟ୍ଟାଳିକା
● ଦୁର୍ଗନ୍ଧରେ ଫାଟି ପଡୁଛି ପରିବେଶ

ମୋରଡା ଓ ରାସଗୋବିନ୍ଦପୁର ବ୍ଲକ ସୀମାନ୍ତ ମାକୁନ୍ଦ ଓ ଛାତନା ଗ୍ରାମରେ ଥିବା ଭେଙ୍କ ବ୍ରିଡିଂ ଆଣ୍ଡ ରିସର୍ଚ୍ଚ ଫାର୍ମରେ ଗୁରୁବାର ରାଜସ୍ୱ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଶ୍ରମ ବିଭାଗ, ବିଦ୍ୟୁତ୍ ବିଭାଗ, ଜଳ ଓ ଅନୁସନ୍ଧାନ ବିଭାଗ, ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ମିଳିତ ଭାବେ ହଠାତ ଚଢ଼ଉ କରାଯାଇଛି। ଉକ୍ତ ଫାର୍ମ ମଧ୍ୟରେ ୮ଟି ବୋରିଂ ଖୋଳା ଯାଇଥିବାବେଳେ କୃଷି କ୍ଷେତ୍ରରେ ବ୍ୟବହାର ପାଇଁ କିଛି ବୋରିଂ ରହିଛି। କିନ୍ତୁ ବୋରିଂ ପାଣି କୃଷି କ୍ଷେତ୍ରରେ ବ୍ୟବହାର ନ ହୋଇ ବ୍ୟବସାୟ କ୍ଷେତ୍ରରେ ବ୍ୟବହାର ହେଉଥିବା ଜଣାପଡ଼ିଛି।

ତେବେ ମୋରଡା ବ୍ଲକର ମାକୁନ୍ଦ ଗାଁ ଓ ରାସଗୋବିନ୍ଦପୁର ବ୍ଲକର ଛାତନା ଗ୍ରାମର ଲୋକେ ଦୁର୍ଗନ୍ଧମୟ ପରିବେଶରେ ବସବାସ କରୁଥିବାବେଳେ ମଶାମାଛି ଯୋଗୁଁ ଖାଇବା ସମୟରେ ମଶାରୀ ବ୍ୟବହାର କରୁଛନ୍ତି। ସେହିପରି ଜାଗା କିସମ ପରିବର୍ତ୍ତନ ନ ହୋଇ ଫାର୍ମ ମାଲିକ ବାହୁବଳୀ ହୋଇଥିବାରୁ ବିରାଟକାୟ ଅଟ୍ଟାଳିକା ନିର୍ମାଣ କରିଛନ୍ତି। ଉକ୍ତ ଫାର୍ମ ବିରୋଧରେ ଜନସାଧାରଣ ବିଭିନ୍ନ ସମୟରେ ପ୍ରଶାସନ ଓ ସରକାରଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ତେବେ ଗୁରୁବାର ୧୫ରୁ ଊର୍ଦ୍ଧ୍ୱ ସମସ୍ତ ବିଭାଗର ଅଧିକାରୀଙ୍କ ଗାଡି ହଠାତ ଉକ୍ତ ଫାର୍ମରେ ପ୍ରବେଶ କରି ସ୍ଥିତି ଅନୁଧ୍ୟାନ କରିଥିବାରୁ ପ୍ରଶାସନ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଉଜ୍ଜୀବିତ ହୋଇଛି। ତେବେ ବିଭିନ୍ନ ବିଭାଗର ନିୟମକୁ ଫାର୍ମ କର୍ତ୍ତୃପକ୍ଷ ଉଲ୍ଲଙ୍ଘନ କରୁଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ସୂଚନା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଭାବେ ମିଳିପାରିନାହିଁ କିମ୍ବା ହଠାତ ଚଢ଼ଉର କାରଣ ଜଣାପଡ଼ିନାହିଁ। ତେବେ ଚଢ଼ଉ ସମ୍ପର୍କରେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ସୁଇଚ ଅଫ ଥିବାରୁ କୌଣସି ସୂଚନା ମିଳିପାରିନାହିଁ।

# ଶୀତ ଲହରୀ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ବୈଠକ

ବାରିପଦା, ୯।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ କିଛି ଦିନ ହେଲା ଶୀତ ପ୍ରକୋପ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଜିଲ୍ଲାର ବର୍ତ୍ତମାନ ସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ବୈଠକରେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଗ୍ନିଶମ ସେବା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ପ୍ରମୁଖ ଯୋଗ ଦେଇ ତାଙ୍କ ଦ୍ୱାରା ନିଆଯାଇଥିବା ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବର୍ତ୍ତମାନ ଯାଏଁ ଜିଲ୍ଲାର ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ଥିବାରୁ ଜିଲ୍ଲାପାଳ ଶ୍ରୀ ସଏ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସମ୍ଭାବ୍ୟ ପାଗ ପରିବର୍ତ୍ତନକୁ ଲକ୍ଷ୍ୟ ରଖି ଆଜିର ବୈଠକରେ କେତେକ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାର କୌଣସି ସ୍ଥାନରେ ଯେପରି କୌଣସି ବ୍ୟକ୍ତି ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନ ନିଅନ୍ତି, ତାହାକୁ ସୁନିଶ୍ଚିତ କରିବା ପାଇଁ ତତ୍ ପରିସରଭୁକ୍ତ ଅଧିକାରୀ ସିଭିଲ ସୋସାଇଟି ସହ ମିଳିତ ସମନ୍ୱୟରେ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ର, କମ୍ୟୁନିଟି ହଲ୍, ସ୍କୁଲ ଗୃହ, ସରକାରୀ ଗୃହ ଇତ୍ୟାଦି ଉପଯୁକ୍ତ ସ୍ଥାନରେ ରାତ୍ରିପଯାପନ ସହ ଖାଦ୍ୟପେୟର ବ୍ୟବସ୍ଥା କରିବେ। ଆବଶ୍ୟକ ସ୍ଥଳେ ରେଡକ୍ରସ୍ ପାଣ୍ଠି ସହାୟତାରେ ସେମାନଙ୍କୁ କମ୍ବଳ ଯୋଗାଇଦେବାର ବ୍ୟବସ୍ଥା କରାଯିବ। ସେହିପରି ବିଡିଓ ଶୀତ ଦାଉରୁ ଲୋକଙ୍କୁ ରକ୍ଷା କରିବା ପାଇଁ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପିଇଓଙ୍କୁ ନିର୍ଦ୍ଦେଶ ଦେବେ। ଶିମିଳିପାଳ ପାଦଦେଶ ଜନବସତି ଅଞ୍ଚଳରେ ବ୍ୟାପକ ସତର୍କ ନଜର ରଖିବାକୁ ତତ୍ ସଂଲଗ୍ନ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏତଦବ୍ୟତୀତ ଅତ୍ୟଧିକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ ଯଦି ଘରମାନଙ୍କରେ କୌଣସି ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଛନ୍ତି, ତେବେ ଏଗୁଡିକ ବ୍ୟବହାର ସମୟରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବା ପାଇଁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଉଛି।

# ଇପିଏଫ୍ ପେନଭୋଗୀଙ୍କ ୯ ହଜାର ଟଙ୍କା ପେନ୍ସନ୍ ଦାବି




ବାରିପଦା, ୯।୧(ସମିସ): ରାଜ୍ୟ ଇପିଏଫ୍ ପେନ୍ସନ୍ ଆସୋସିଏସନ୍‌ର ନିଷ୍ପତ୍ତି କ୍ରମେ ମୟୂରଭଞ୍ଜ ଜିଲ୍ଲାର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ପେନ୍ସନ୍‌ଭୋଗୀ ପୁରୁଷ ଓ ମହିଳାଙ୍କୁ ନେଇ ଜିଲ୍ଲା ସମ୍ପାଦକ ଗୋପାଳ ଚନ୍ଦ୍ର ଦାସ ନେତୃତ୍ୱରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଏକତ୍ରିତ ହୋଇ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ ଜିଲ୍ଲା ଉପସଭାପତି ମଧୁସୂଦନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏଆଇଟୁୟୁସିର ଜିଲ୍ଲା ସଭାପତି ଜଗବନ୍ଧୁ ମିଶ୍ର, ରାଜ୍ୟ ନିଗମ ସଂଘର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ତଥା ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ରଘୁନାଥ ପଣ୍ଡା, ଜିଲ୍ଲା ସଭାପତି ମଦନମୋହନ ଜେନା ଦାବି ସମ୍ପର୍କରେ ଆଲୋକପାତ କରିଥିଲେ। ମାସିକ ପେନସନ ୯ ହଜାର ଟଙ୍କା ସହିତ ମହଙ୍ଗା ଭତ୍ତା, ଦରମା ଅନୁପାତରେ ବର୍ଦ୍ଧିତ ପେନ୍ସନ, ସମସ୍ତ ପେନ୍ସନଭୋଗୀଙ୍କୁ ନିଶୁଳ୍କ ଚିକିତ୍ସା ପ୍ରଭୃତି ଦାବି ନେଇ ଏକ ସ୍ମାରକ ପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୬ ଜଣିଆ କମିଟି ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଆସନ୍ତା ଫେବୃଆରୀ ୮ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ପେନ୍ସନଭୋଗୀ ବରିଷ୍ଠ ନାଗରିକଙ୍କୁ ନେଇ ଏକ ଜିଲ୍ଲା ସମ୍ମିଳନୀ ହେବ ବୋଲି ସମ୍ପାଦକ ଶ୍ରୀ ଦାସ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ସ୍ପିନିଂ ମିଲ୍, ଉଠାଜଳସେଚନ ନିଗମ, କାଡ୍ ବ୍ୟାଙ୍କ ଓ ଅର୍ବାନ ବ୍ୟାଙ୍କରେ କାର୍ଯ୍ୟ କରି ଅବସର ନେଇଥିବା ପେନ୍ସନଭୋଗୀ ମେନକା ଦାସ, ସଂଯୁକ୍ତା ଗିରି, ମିନତୀ ପାଣିଗ୍ରାହୀ, କୁଳମଣି ପାତ୍ର, ରତିକାନ୍ତ ମଙ୍ଗରାଜ, କେଶବତୀ ମହାନ୍ତ, ଲକ୍ଷ୍ମୀନାରାୟଣ ବେହେରା, ସ୍ୱର୍ଣ୍ଣଲତା ଆଚାର୍ଯ୍ୟ, ଶରତ ଚନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅର୍ବାନ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସୁବୋଧ ନାୟକ ଧନ୍ୟବାଦ ଦେଇଥିଲେ।

● 'ସକାଳ' ପ୍ରଭାବ

# ହାଇମାଷ୍ଟ ଲାଇଟ୍ ମରାମତି କାମ ଆରମ୍ଭ



ମୋରଡ଼ା, ୯।୧(ସମିସ): ଜାନୁଆରୀ ୫ ତାରିଖରେ ଦୈନିକ ଖବରକାଗଜ 'ସକାଳ'ରେ 'ତିନିମାସ ହେଲା ଅନ୍ଧାରରେ ଶୀର୍ଷାପାଳ ଛକ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଖବରରେ ହାଇମାଷ୍ଟ ଲାଇଟ ମରାମତି ନିମନ୍ତେ ଲେଖା ହୋଇଥିବାବେଳେ ହଳଦୀପାଳ ସରପଞ୍ଚ ମାଳତୀ ମାରାଣ୍ଡି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନନ୍ଦନ ସିଂହଙ୍କ ଉଦ୍ୟମରେ ତାହା ମରାମତି କରାଯାଉଛି। ଶୁକ୍ରବାର ଶୀର୍ଷାପାଳ ଛକରେ ବାଉଁଶ ଭାଡ଼ି ବାନ୍ଧି ଲାଇଟ ମରାମତି ପାଇଁ ମିସ୍ତ୍ରୀଙ୍କୁ ନିୟୋଜିତ କରାଯାଇଛି। ତେବେ ହାଇମାଷ୍ଟ ଲାଇଟ କାର୍ବୋନ ହେତୁ ଜଳୁ ନ ଥିବା ଇଲେକ୍ଟ୍ରିସିଆନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କହିଥିବା ଶ୍ରୀ ସିଂହ ସୂଚନା ଦେଇଛନ୍ତି। ଉକ୍ତ ଲାଇଟ୍ ଜଳିଲେ ୬୧ନଂ ରାଜ୍ୟ ରାଜପଥ ଦେଇ ଯାଉଥିବା ପଥଚାରୀ ଦୁର୍ଘଟଣାରୁ ବର୍ତ୍ତିବା ସହ ରାତି ଅନ୍ଧାର ଯୋଗୁଁ ଟ୍ରାଫିକ୍ ସମସ୍ୟା ଦୂର ହୋଇଯିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



ରାଇରଙ୍ଗପୁର, ୯।୧(ସମିସ): ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭାବେ ବିରେନ୍ଦ୍ର ସେନାପତି ଯୋଗଦାନ କରିଛନ୍ତି। ରାଇରଙ୍ଗପୁରସ୍ଥ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପୂର୍ବ ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କଠାରୁ ଗୁରୁବାର ସନ୍ଧ୍ୟାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ସେନାପତି ଡିଏସପି ପାହ୍ୟାକୁ ପଦୋନ୍ନତି ପାଇବା ପରେ ରାଇରଙ୍ଗପୁର ଏସଡିପିଓ ଭାବେ ପ୍ରଥମ ନିଯୁକ୍ତି ପାଇଛନ୍ତି। ସେ ଜଣେ ଦକ୍ଷ ପୁଲିସ ଅଫିସର ଭାବେ ପରିଚିତ ଥିବାବେଳେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ବହୁ ଥାନାରେ ଅଧିକାରୀ ଭାବେ ସୁଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଭେଟିବା ପରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏ ଅବସରରେ ବିଭିନ୍ନ ଥାନା ଅଧିକାରୀ ଓ ପୁଲିସ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ବାମନଘାଟି ଉପଖଣ୍ଡ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସେ ସଦା ଯତ୍ନଶୀଳ ରହିବେ ବୋଲି କହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ସମସ୍ତ ଜନସାଧାରଣଙ୍କ ସହଯୋଗ ମଧ୍ୟ ଲୋଡିଛନ୍ତି।

● ଥାନାରେ ଛାତ୍ରଙ୍କୁ ନିର୍ଯାତନା ଘଟଣା

# ଛାତ୍ରଙ୍କୁ ନ୍ୟାୟ ଦାବିରେ ବାହାରିଲା କଲେଜ ଛାତ୍ର ସଂଗଠନ

● ଅଧ୍ୟକ୍ଷଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ମୋରଡା, ୯।୧(ସମିସ): ମୋରଡା ଥାନାରେ ତଦନ୍ତ ଆଳରେ ନଳଗଜା କଲେଜର ଛାତ୍ର ସୁଶାନ୍ତ ପାତ୍ରଙ୍କୁ ମାଡ଼ ମରାଯିବା ସହ ଅତ୍ୟଧିକ ଥଣ୍ଡାରେ ଡ୍ରେସ ଖୋଲି ବସାଇବା ଘଟଣା ବିରୁଦ୍ଧରେ ଧୀରେଧୀରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସୁଶାନ୍ତଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଲେଜ ଅଧ୍ୟକ୍ଷ ସଞ୍ଜୀବ ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜଣେ ଛାତ୍ରୀ ମହାବିଦ୍ୟାଳୟର ଛାତ୍ର ସୁଶାନ୍ତ ପାତ୍ରଙ୍କ ବନ୍ଧୁ ସହ କେଉଁଆଡ଼େ ଚାଲିଯାଇଥିଲେ। ଉକ୍ତ ଘଟଣାର ତଦନ୍ତ ଆଳରେ ମୋରଡା ପୁଲିସ ସୁଶାନ୍ତଙ୍କୁ ରାତିରେ ଥାନାକୁ ଡାକି ଏଏସଆଇ ନିରାକାର ପ୍ରଧାନ ଓ ଏସଆଇ ନିବେଦିତା ନାଏକ ଧମକ ଦେବା ସହିତ ମାଡ଼ ମାରିଥିଲେ। ଆଶାଳୀନ ବ୍ୟବହାର କରିଥିଲେ। ଗଣତାନ୍ତ୍ରିକ ଦେଶରେ ଜଣେ ଛାତ୍ରଙ୍କୁ ଏଭଳି ଶାରୀରିକ ନିର୍ଯାତନା ଦେବା ଏକ ସମ୍ବେଦନଶୀଳ ଘଟଣା। ଯାହାକୁ ଛାତ୍ର ସଂଗଠନ ନିନ୍ଦା କରିବା ସହିତ ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଯଥାଶୀଘ୍ର ସୁଶାନ୍ତଙ୍କୁ ନ୍ୟାୟ ନ ମିଳିଲେ, ଆଗାମୀ ଦିନରେ ଛାତ୍ରୀଛାତ୍ର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଦାବିପତ୍ରର ନକଲ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପୁଲିସ ଡିଜି, ମୟୂରଭଞ୍ଜ ଏସପି, ବାରିପଦା ଉପଜିଲ୍ଲାପାଳ, ରାସଗୋବିନ୍ଦପୁର ଥାନା ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି।

● ରାଢ଼ ପ୍ରିମିୟର ଲିଗ୍

# ଜିଟି ଫାଇଟରର ଦମ୍‌ଦାର ବିଜୟ

ଉଦଳା, ୯।୧(ସମିସ): ଉଦଳା ବ୍ଲକର ବଜରଙ୍ଗବାଲି କ୍ରିକେଟ୍ କ୍ଲବ୍ ପକ୍ଷରୁ ଚାଲିଥିବା ରାଢ଼ ପ୍ରିମିୟର ଲିଗ ସିଜିନ-୨ର ଆଜି ଷଷ୍ଠ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ତ୍ରିଶକ୍ତି ଫାଇଟର ଓ ଯଶସୀ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯଶସୀ ପ୍ରଥମେ ବ୍ୟାଟିଂ କରି ୧୨୫ ରନ କରିଥିବାବେଳେ ତ୍ରିଶକ୍ତି ଫାଇଟର ୧୦୭ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଜିଟି ଫାଇଟର ଓ ମହାବୀର ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହାବୀର ଫାଇଟର ବ୍ୟାଟିଂ କରି ୧୫ ଓଭରରେ ୧୯୯ ରନର ଟାର୍ଗେଟ ଦେଇଥିଲା। ଜିଟି ଫାଇଟର ୧୩.୪ ଓଭରରେ ୨୦୪ ରନ କରି ବିଜୟୀ ହୋଇଥିଲା। ସ୍ମୃତିରଞ୍ଜନ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ରାଜେନ୍ଦ୍ର ପାତ୍ର ଓ ତୃପ୍ତିସୁନ୍ଦର ପାଢ଼ୀ ଖେଳ ପରିଚାଳନା କରିଥିଲେ।

# ରୟାଲ୍ସ ପ୍ରିମିୟର ଲିଗ୍‌ର ସପ୍ତମ ଦିବସରେ ୪ଟି ମ୍ୟାଚ୍



ବାରିପଦା, ୯।୧(ସମିସ): ଷ୍ଟେସନ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଚାଲିଥିବା ଏକାଦଶତମ ରୟାଲ୍ସ ପ୍ରିମିୟର ଲିଗର ସପ୍ତମ ଦିବସରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୁବ ନେତା ଦେବବ୍ରତ ସାମଲ ଓ ସମ୍ମାନିତ ଅତିଥି ଭାବେ ଭଞ୍ଜସେନା ସଂଯୋଜକ ରାକେଶ ବେହେରା ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗ୍ ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଆଥଲେଟିକ ଆସୋସିଏସନ ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ ବରିଷ୍ଠ ସଦସ୍ୟ ପୱନ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ମା' ତାରିଣୀ ୱାରିୟର୍ସ ୫ଓ୍ୱିକେଟରେ ପରୀ ଚ୍ୟାଲେଞ୍ଜରକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆଞ୍ଜୋଲ ରଣା ୮ ୱିକେଟରେ ଏମର୍ଜିଂ ଟାଇଟନ, ତୃତୀୟ ମ୍ୟାଚରେ ଥ୍ରିଲର ଦଳ ୧୪ ରନରେ ମା' ଅମ୍ବିକା ସୁପର ସ୍ମାସର୍ସ ଓ ଚତୁର୍ଥ ମ୍ୟାଚରେ ଭି ରୋର ୭୨ ରନରେ ଜଗନ୍ନାଥ ୱାରିୟର୍ସ ଦଳକୁ ପରାସ୍ତ କରିଥିଲା। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଲିଆ ଓ ତାପସ ଦେ ଖେଳ ପରିଚାଳନା କରିଥିବାବେଳେ ବିଭୁ ସ୍କୋରର ଓ ରାଜେଶ ସାହୁ ମ୍ୟାଚ୍ ରେଫରୀ ଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଜାତୀୟ ଖୋଖୋ ଚାମ୍ପିଅନସିପ ପାଇଁ ଅର୍ଜୁନ ମନୋନୀତ



ବାରିପଦା, ୯।୧(ସମିସ): ତେଲେଙ୍ଗାନାଠାରେ ଅନୁଷ୍ଠିତ ହେବାକୁ ଥିବା ୫୮ ତମ ବରିଷ୍ଠ ଜାତୀୟ ଖୋଖୋ ଚାମ୍ପିଅନସିପରେ ଅଂଶଗ୍ରହଣ କରୁଥିବା ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜର ଅର୍ଜୁନ ସିଂ। ଏହି ଚାମ୍ପିଅନସିପ ତେଲେଙ୍ଗାନାର କାଜିପେଟ ରେଲୱେ ପଡ଼ିଆରେ ଚଳିତ ମାସ ୧୧ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ପକ୍ଷରୁ ପୁରୀସ୍ଥ ଜଗନ୍ନାଥ ଷ୍ଟାଡ଼ିୟମରେ ଅନୁଷ୍ଠିତ ଚୟନ ଶିବିରରେ ଉଚ୍ଚମାନର ପ୍ରଦର୍ଶନ କରି ଅର୍ଜୁନ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। ବଡ଼ସାହି ବ୍ଲକ ଖୋ-ଖୋ କ୍ଲବର କୋଚ ଧର୍ମେନ୍ଦ୍ର ପଣ୍ଡାଙ୍କଠାରୁ ପ୍ରଶିକ୍ଷଣ ପାଇ ରାଜ୍ୟ ଦଳରେ ସୁଯୋଗ ପାଇଛନ୍ତି ବୋଲି ଅର୍ଜୁନ ପ୍ରକାଶ କରିଛନ୍ତି। ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ମହୁଲକରକଚିଆ ଗ୍ରାମର ସୁଦାନ ସିଂ ଓ ବାସିନୀ ସିଂଙ୍କ ପୁତ୍ର ଅର୍ଜୁନ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ ନେଉଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବଡ଼ସାହି ପଞ୍ଚାୟତ ସମିତିର ପଞ୍ଚମ ବୈଠକ

ବଡ଼ସାହି, ୯।୧(ସମିସ)




ଶୁକ୍ରବାର ବଡ଼ସାହି ପଞ୍ଚାୟତ ସମିତିର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନଜା ଦାସ ସମସ୍ତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ତାଳପଦା ସରପଞ୍ଚ ବାଘରାୟ ମାଝୀଙ୍କ ଅକାଳ ବିୟୋଗ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟକ୍ଷା ମିନତୀ ସିଂ ସଭାପତିତ୍ୱ କରିବା ସହିତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ବଡସାହି ବିଧାୟକ ସନାତନ ବିଜୁଳି, ଉପାଧ୍ୟକ୍ଷା କାଞ୍ଚନ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ପ୍ରମୋଦ ସାହୁ, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶଶୀଶେଖର ପଣ୍ଡା, ବାରିପଦା ବିଧାୟକ ପ୍ରତିନିଧି ହେମ ନାଏକ, ତହସିଲଦାର କରୁଣାକର ଧଳ୍ପା, ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ, ଚିକିତ୍ସାଧିକାରୀ ଡାକ୍ତର ସୁକାନ୍ତ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଭୀମଚରଣ ଟୁଡୁ ଓ ଦଶରଥ ମହାନ୍ତ ପ୍ରମୁଖ ଭାଗ ନେଇଥିଲେ। ଅଦ୍ୟାବଧି ୪ଟି ପଞ୍ଚାୟତ ସମିତି ବୈଠକ ବଡସାହି ବ୍ଲକରେ ହୋଇଥିବାରୁ ପ୍ରତି ୩ ମାସରେ ଥରେ ବୈଠକ ଅନୁଷ୍ଠିତ କରିବାକୁ ସରପଞ୍ଚ ଓ ସମିତି ସଭ୍ୟ ଦାବି କରିଥିଲେ। 'ବିକଶିତ ଗାଁ, ବିକଶିତ ଓଡ଼ିଶା'କାର୍ଯ୍ୟର ୪୦ ପ୍ରତିଶତ ବିଧାୟକ ନେବା ପରେ ୬୦ ପ୍ରତିଶତ କାମର ପ୍ରସ୍ତାବ ମଧ୍ୟ ବିଭିନ୍ନ ପଞ୍ଚାୟତରେ କଟିଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ୨୦୨୫-୨୬ର ଅନୁଦାନର ବିଧାୟକଙ୍କ ୪୦ ପ୍ରତିଶତ କାମ ଆସି ସାରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୬୦ ପ୍ରତିଶତ କାମର ପ୍ରସ୍ତାବ ମଧ୍ୟ ଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସିଏଚଓମାନେ ପ୍ରତିଦିନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ରହୁ ନ ଥିବା ବେଳେ ଅଧିକାଂଶ ଦିନ ଏହା ବନ୍ଦ ରହୁଥିବାର ଅଭିଯୋଗ ଉଠିଥିଲା। ଡାକ୍ତରଖାନାରେ ସମସ୍ତ ଔଷଧ ମିଳିବା ଓ ଏକ୍ସରେ ମେସିନ କାର୍ଯ୍ୟକାରୀ କରିବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅତିରିକ୍ତ କୃଷି ଅଧିକାରୀ ଜିତେନ୍ଦ୍ର ମୁର୍ମୁ ସରକାରଙ୍କ ବିଭିନ୍ନ ଯୋଜନା ଓ ବିହନ ବିଷୟରେ ସୂଚନା ଦେଇଥିଲେ। ସେହିପରି ଉଦ୍ୟାନ କୃଷି ଅଧିକାରୀ ଦିବ୍ୟପ୍ରକାଶ ମାହାପାତ୍ର ହଳଦୀ, ଅଦା, ଆଳୁ ଓ ଅଏଲ ପାମ୍ ଚାଷ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷା ଅଧିକାରିଣୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ତାଙ୍କର ବଦଳି ଦାବି କରାଯାଇଥିଲା। ଜିପିଇଓ ଅବିନାଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନୋଦରାୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାସଗୋବିନ୍ଦପୁର, ୯।୧(ସମିସ): ଶୁକ୍ରବାର ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ବୋନିଦରାୟ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଖିଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଏବିଇଓ ବିଜୟ ବାରିକ, ଏସଏମଡିସି ଶିକ୍ଷାବିତ ବେଣୁଧର ଚାନ୍ଦ, ଓଷ୍ଟା ସେକ୍ରେଟାରୀ ବିକର୍ତ୍ତନ ସାହୁ, ସିଆରସିସି ଚନ୍ଦନ ପରିଡ଼ା, ବରିଷ୍ଠ ଶିକ୍ଷକ କ୍ଷେତ୍ରମୋହନ ପ୍ରଧାନ, ସନ୍ତୋଷ ଦାସ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ନିଜକୁ ସମାଜରେ ଭଲ ମଣିଷଟିଏ ହୋଇ ଗଢି ତୋଳିବାକୁ ପରାମର୍ଶ ଦେବା ସହ ଗୁରୁଙ୍କ ଆଦେଶ ମାନିବ ଯିଏ ସଫଳତା ପାଇବ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଶିକ୍ଷକ ନିତ୍ୟାନନ୍ଦ ଘଡେଇ ମଞ୍ଚ ପରିଚାଳନା କରିଥିବାବେଳେ ରବିନାରାୟଣ ପରିଡ଼ା, ଲିପିକା ସି, ପାର୍ବତୀ ଟୁଡୁ, ଅନନ୍ତ ସେଠୀ, ପ୍ରତୀମା ବେହେରା, ସୁନେଲିକା ବେହେରା, ଇନ୍ଦର ଗୁପ୍ତା, ସୁମିତ୍ରା ହାଁସଦା, ଜୟନ୍ତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# କଟକ ସିଟି



## ୧୭ ଲକ୍ଷର ବ୍ରାଉନସୁଗର ଜବତ; ଦୁଇ ଗିରଫ

କଟକ, ୯ ।୧(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଯୋବ୍ରା ପାରେଶ୍ୱର ସାହିର ଆଶିଷ ବେହେରା (୨୬) ଓ ବିକାଶ ମଣ୍ଡଳ(୨୬)। ଏମାନଙ୍କ ପାଖରୁ ୧୭୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଅଭିଯୁକ୍ତ ଯୁବକଦ୍ୱୟ ଗଲା କିଛି ମାସ ହେବ ଯୋବ୍ରା ଅଞ୍ଚଳରେ ନିଶା କାରବାର ଚଳାଇଥିଲେ। ସେମାନେ ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି ବିକ୍ରି କରୁଥିଲେ। ଏହି ସୂଚନା ପାଇବା ପରଠୁ ଅବକାରୀ ବିଭାଗ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ଶୁକ୍ରବାର ପୂର୍ବାହ୍ଣରେ ସୂଚନା ମିଳିଥିଲା କି, ଅଭିଯୁକ୍ତଦ୍ୱୟ ବିପୁଳ ପରିମାଣର ବ୍ରାଉନସୁଗର ଚାଲାଣ କରୁଛନ୍ତି। ଏହିକ୍ରମରେ ଅବକାରୀ ଟିମ ଯୋବ୍ରାସ୍ଥିତ ପାରେଶ୍ୱର ଶିବ ମନ୍ଦିର ଏବଂ ବଡ ବଜାର ପାଖରେ ଚଢଉ କରି ସେମାନଙ୍କ ପାଖରୁ ପ୍ରାୟ ୧୭ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗରକୁ ଜବତ କରିଛନ୍ତି। ଜଣଙ୍କ ପାଖରୁ ଗୋଟିଏ ସ୍କୁଟି ଗାଡି ମଧ୍ୟ ଜବତ ହୋଇଛି। କୋର୍ଟ ଚାଲାଣ ପରେ ଉଭୟଙ୍କୁ ଜେଲ ପଠାଇ ଦିଆଯାଇଛି। ଇନ୍ସପେକ୍ଟର ଅବନୀ ମହାପାତ୍ର, ଏସଆଇ ବିଭୁତି ଭୂଷଣ ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନଷ୍ଟେବଳ କିଶନ ସାବତ, ଦୀପକ ସାହୁ, ମାନସ ରଞ୍ଜନ ବେହେରା, ରଞ୍ଜନ ପାତ୍ର ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

● କଟକ ଜିଲ୍ଲାରେ ବଦଳିଲା ଶନିବାର ସ୍କୁଲ ସମୟ

## ସକାଳ ୧୦ରୁ ୪ ଚାଲିବ ପାଠପଢ଼ା

କଟକ, ୯।୧(ସମିସ): ରାଜ୍ୟରେ ଜାରି ରହିଥିବା ଶୀତ ଲହରି ଓ ପ୍ରବଳ ଘନ କୁହୁଡ଼ିକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା ପ୍ରଶାସନ ସ୍କୁଲ ସମୟ ସୂଚୀରେ ପରିବର୍ତ୍ତନ କରିଛନ୍ତି। ବିଶେଷ କରି ଜିଲ୍ଲାରେ ପ୍ରବଳ ଥଣ୍ଡା ଏବଂ ଛାତ୍ରଛାତ୍ରୀମାନଙ୍କ ଆଗାମୀ ଅଧିବେଶନ ଶେଷ ପରୀକ୍ଷାକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏବେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ପ୍ରତି ଶନିବାର ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ସାଧାରଣତଃ ଶନିବାର ଦିନ ସ୍କୁଲଗୁଡ଼ିକ ସକାଳୁଆ ଚାଲୁଥିବା ବେଳେ, ସକାଳ ସମୟରେ ଅତ୍ୟଧିକ କୁହୁଡ଼ି ଯୋଗୁଁ ଛାତ୍ରଛାତ୍ରୀମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଏହି ସମୟ ପରିବର୍ତ୍ତନ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ପ୍ରତି ଶନିବାର ପାଇଁ ଏହି ନିୟମ ବଳବତ୍ତର ରହିବ। ଏହି ନିଷ୍ପତ୍ତି ଫଳରେ ଛାତ୍ରଛାତ୍ରୀମାନେ ଅଧିକ ସମୟ ପାଠପଢ଼ିବାକୁ ପାଇବା ସହ ଶୀତର ପ୍ରକୋପରୁ ମଧ୍ୟ ରକ୍ଷା ପାଇପାରିବେ।

## ମହାନଦୀ ବିହାର ବରିଷ୍ଠ ନାଗରିକ ମଞ୍ଚର ବଣଭୋଜି



କଟକ, ୯।୧(ସମିସ): ମହାନଦୀ ବିହାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କହେଁଇପୁର ଆମ୍ବ ବଗିଚାରେ ଆୟୋଜିତ ବଣଭୋଜି କାର୍ଯ୍ୟକ୍ରମଟି ଅତ୍ୟନ୍ତ ଆନନ୍ଦମୟ, ସୁସଂଗଠିତ ଓ ସ୍ମରଣୀୟ ଭାବରେ ସମ୍ପନ୍ନ ହୋଇଛି। ସୁନ୍ଦର ପରିବେଶ, ଆତ୍ମୀୟମିଳନ ଓ ଅଧିକରୁ ଅଧିକ ସୁସ୍ୱାଦୁ ଖାଦ୍ୟ ଏହାକୁ ଏକ ଉତ୍ସବମୟ ଆକାର ଦେଇଥିଲା। ଏହି ଅବସରରେ ମଞ୍ଚର ସଭାପତି ରବୀନ୍ଦ୍ରନାଥ ମହାନ୍ତି, ଉପସଭାପତି ପ୍ରହଲ୍ଲାଦ ମହାନ୍ତି, ସମ୍ପାଦକ ଭାଗୀରଥି ସାମଲ ଓ କୋଷାଧ୍ୟକ୍ଷ ଶରତଚନ୍ଦ୍ର ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ସଫଳ ଭାବେ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ କହିଥିଲେ ଯେ ବରିଷ୍ଠମାନେ ବୟସରେ ନୁହେଁ, ଅଭିଜ୍ଞତାରେ ମହାନ। ସେମାନେ ସମାଜର ପ୍ରେରଣା ଉତ୍ସ। ତାଙ୍କ ଉପଦେଶକୁ ଗ୍ରହଣ କରି ସମାଜ ଆଗକୁ ବଢ଼ିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଇଂ ଗୋପାଳକୃଷ୍ଣ ବେହେରା, ଇଂ ଯଦୁନାଥ ମହାପାତ୍ର, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ରବିନାରାୟଣ ଶତପଥୀଙ୍କ ସହ କର୍ପୋରେଟର ଇଂ ସୁବ୍ରତ ଘଡେଇ, ଏମଡିଏ ସଭାପତି ସଞ୍ଜୟଜେନା, ଉପସଭାପତି ସରୋଜ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହସମ୍ପାଦକ ଜ୍ଞାନରଞ୍ଜନ ଦାସ ଓ ବିଧାୟକ ପ୍ରତିନିଧି ରମାକାନ୍ତ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ



କଟକ, ୯।୧(ସମିସ): ଓଡିଶା ହାଇକୋର୍ଟର ପୁରୁଖା ଆଇନଜୀବୀ ରାହାସ ବିହାରୀ ମହାପାତ୍ରଙ୍କର ଆଜି ମଧ୍ୟାହ୍ନରେ ମର୍କତ ନଗର ସେକ୍ଟର-୧୧ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟଜନିତ ଲୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସତୀଚଉରା ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ବିୟୋଗ ଖବର ପାଇ ବହୁ ବିଶିଷ୍ଟ ଆଇନଜୀବୀ ଓ ଆବାସିକ ସଂଘର କର୍ମକର୍ତ୍ତାମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବିଭିନ୍ନ ଶ୍ରମ ଓ ଚାକିରୀ ସଂକ୍ରାନ୍ତ ମକଦ୍ଦମା ଓ ଜନସ୍ୱାର୍ଥ ମାମଲା ପରିଚାଳନା କରିବାରେ ସେ ଦକ୍ଷତା ଅର୍ଜନ କରିଥିଲେ।

### ଶିଶୁଭବନ: ମାଟିରେ ମିଶିଲା ୪ଟି ପୁରୁଣା କ୍ୱାର୍ଟର୍ସ

# ନିର୍ମାଣ ହେବ ୭ ମହଲା ମଲ୍ଟିଷ୍ଟୋରେଜ୍ କୋଠା

କଟକ, ୯।୧(ସମିସ)

ବଡ଼ ମେଡିକାଲ ଭଳି ଶିଶୁଭବନର ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ରାଜ୍ୟ ସରକାର ହାତକୁ ନେଇଛନ୍ତି। ଶିଶୁଭବନର ନବକଳେବର କାର୍ଯ୍ୟ ପର୍ଯ୍ୟାୟକ୍ରମେ ଜାରି ରହିଛି। ୧୨୭ କୋଟି ଟଙ୍କାର ବ୍ୟୟ ଅଟକଳରେ ଏଠାରେ ମଲ୍ଟିୟୁଟିଲିଟି କମ୍ପ୍ଲେକ୍ସ, ନୂତନ ହସ୍ପିଟାଲ କୋଠା ଓ ଆବାସିକ କୋଠା ନିର୍ମାଣ ପାଇଁ ଯୋଜନା ରହିଥିଲା। ମଲ୍ଟି ୟୁଟିଲିଟି କମ୍ପ୍ଲେକ୍ସ, ନୂତନ ହସ୍ପିଟାଲ କୋଠା ନିର୍ମାଣ ଶେଷ ହୋଇ ରୋଗୀ ସେବାରେ ଉତ୍ସର୍ଗୀକୃତ ହୋଇ ସାରିଛି। ତେବେ ଖୁବଶୀଘ୍ର ଶିଶୁଭବନ ପରିସରରେ ମଲ୍ଟିଷ୍ଟୋରେଜ କୋଠା ନିର୍ମାଣ କରାଯିବ। ଯାହାକି ୭ ମହଲା (ଜି+୬) ବିଶିଷ୍ଟ ହେବ ବୋଲି ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଜି ମେଡିକାଲ ପରିସରରେ ଥିବା ୪ଟି ପୁରୁଣା କ୍ୱାର୍ଟର୍ସକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।

ଚାନ୍ଦିନୀଚୌକ ଛକ ପଟକୁ ରହିଥିଲା ଶିଶୁଭବନର ପୁରୁଣା କୋଠା। ଯାହାକି ଦୀର୍ଘବର୍ଷ ହେବ ଅସୁରକ୍ଷିତ ଘୋଷଣା କରାଯାଇଥିଲା। ଏଠାକୁ ଶତାଧୀକ ଶିଶୁରୋଗୀଙ୍କୁ ନେଇ ତାଙ୍କ ଅଭିଭାବକ ଚିକିତ୍ସା ନିମନ୍ତେ ଆସୁଥିବାବେଳେ ଶିଶୁଭବନ ପରିସରରେ ଏଭଳି ଅସୁରକ୍ଷିତ କୋଠା ରହିବା ଲୋକଙ୍କ ଜୀବନ ଉପରେ ବିପଦ ଥିବାରୁ ହାଇକୋର୍ଟ ଏ ଦିଗରେ ହସ୍ତକ୍ଷେପ କରିଥିଲେ। ଏନେଇ ହାଇକୋର୍ଟ ଉକ୍ତ କୋଠା ଗୁଡିକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ପରିସରରେ ଥିବା ଅସୁରକ୍ଷିତ କୋଠାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଜି ଭଙ୍ଗା ଯାଇଥିଲା। ମାଜିଷ୍ଟ୍ରେଟ୍ ଓ ପୁଲିସ୍ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିବାବେଳେ ଘଟଣାସ୍ଥଳରେ



ଆରଆଣ୍ଡବି, ଟିପିସିଓଡିଏଲ ଓ ୱାଟ୍‌କୋର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପଟେ ଅସୁରକ୍ଷିତ କୋଠା ସ୍ଥାନରେ କର୍ମଚାରୀଙ୍କ ନିମନ୍ତେ ନିର୍ମାଣ ହେବ ମଲ୍ଟିଷ୍ଟୋରେଜ କୋଠା। ଏଥିରେ ୫ଶହ ନର୍ସିଂ ଅଫିସର, ପାରାମେଡିକାଲ ଷ୍ଟାଫ ଓ ଡାକ୍ତରଙ୍କ ରହଣୀ ନିମନ୍ତେ କ୍ୱାର୍ଟର୍ସ ନିର୍ମାଣ କରାଯିବ। ଏହାସହ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ଷ୍ଟାଫ୍ କ୍ୟାଣ୍ଟିନ ଓ ମେସ୍ ନିର୍ମାଣ ହେବ। ଏହି କାର୍ଯ୍ୟ ନେଇ ଏବେ ବିଭାଗୀୟ ଅଧିକାରୀଙ୍କ ସହ ଶିଶୁଭବନ କର୍ତ୍ତୃପକ୍ଷ ଆଲୋଚନା କରିଛନ୍ତି। ପରେ ଟେଣ୍ଡର ଡକାଯିବ। ଖୁବଶୀଘ୍ର ଏହି କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି। ପ୍ରକାଶଯୋଗ୍ୟ, ରାଜ୍ୟ ସ୍ୱାସ୍ଥ୍ୟସେବାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଶିଶୁ ଭବନ। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ଶିଶୁ ରୋଗୀ ଏଠାକୁ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଚିକିତ୍ସିତ ହେଉଥିବା ଶିଶୁରୋଗୀଙ୍କ ମଧ୍ୟରୁ ପ୍ରାୟତଃ ଏଠାରେ ସମ୍ପୂର୍ଣ୍ଣଭାବେ ନିରୋଗ ହୋଇ ଘରକୁ ଫେରିଥାନ୍ତି। ଚିକିତ୍ସା ଉପଯୋଗୀ ବହୁ ଉନ୍ନତମାନର ଯନ୍ତ୍ରପାତି ଏଠାରେ ଉପଲବ୍ଧ ଥିବାରୁ ବହୁ ସମୟରେ ଗୁରୁତର ଶିଶୁରୋଗୀଙ୍କ ପରିବାର ସଦସ୍ୟ ଶିଶୁଭବନ ଉପରେ ଭରସା କରି ଦୂରଦୂରାନ୍ତରୁ ଏଠାକୁ ଆସିଥାନ୍ତି। ନବୀନ ସରକାର ଅମଳରେ ଶିଶୁଭବନର ଉନ୍ନତିକରଣ ପାଇଁ ନୂତନ ପ୍ରକଳ୍ପ ୨୦୨୦ ଫେବୃୟାରୀ ମାସରେ ଆରମ୍ଭ ହୋଇଥିଲା।

## ଶିଳ୍ପୀ ଚନ୍ଦ୍ରଶେଖର ସେଠୀଙ୍କୁ ମିଳିବ 'ଓଡ଼ିଶା ଚିତ୍ରକଳା ସମ୍ମାନ'



କଟକ, ୯।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ ଆସନ୍ତା ଜାନୁଆରୀ ୧୪ ତାରିଖ ଅପରାହ୍ଣ ୪ଟା ସମୟରେ ଗାନ୍ଧୀ ସ୍ମାରକୀ ପାର୍କଠାରେ ଏକ ବିଶାଳ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ବର୍ଷ ପ୍ରତିଯୋଗିତାର ବିଷୟବସ୍ତୁ "ପିଲାମାନେ ଗୁଡ଼ି ଉଡାଉଥିବା ଦୃଶ୍ୟ' ରଖାଯାଇଛି। ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଏହି ପ୍ରତିଯୋଗିତା ପାଇଁ କୌଣସି ପ୍ରବେଶିକା ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ଦୃଷ୍ଟିରେ ରଖି ପ୍ରତିଯୋଗିତାକୁ ମୋଟ ୪ଟି ବିଭାଗରେ ବିଭକ୍ତ କରାଯାଇଛି। ନର୍ସରୀ ଶ୍ରେଣୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ଅବସରରେ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଶିଳ୍ପୀ ତଥା ଭୁବନେଶ୍ୱରସ୍ଥିତ ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ସେଠୀଙ୍କୁ ସମ୍ମାନଜନକ "ଓଡ଼ିଶା ଚିତ୍ରକଳା ସମ୍ମାନ'ରେ ସମ୍ମାନିତ କରାଯିବ।

ପଶୁ ଚିକିତ୍ସା ଔଷଧ ଯୋଗାଣ ଟେଣ୍ଡରକୁ ଚାଲେଞ୍ଜ

## ହାଇକୋର୍ଟରେ ମାମଲା ଖାରଜ

କଟକ, ୯ ।୧(ସମିସ): ରାଜ୍ୟରେ ପଶୁ ଚିକିତ୍ସା ଔଷଧ ଓ ଟିକା ଯୋଗଣ ଟେଣ୍ଡରର ନିର୍ଦ୍ଦିଷ୍ଟ ସର୍ତ୍ତକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟରେ ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ. ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବି. ରଥଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ତରଫରୁ ୨୦୨୪, ଡିସେମ୍ବର ୯ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ବର୍ଷକୁ ସାଢେ ଚାରି କୋଟି ଟଙ୍କା/ ତା'ଠାରୁ ଅଧିକ ଟଙ୍କାର ଔଷଧ ଓ ଟିକା କେନ୍ଦ୍ର, ରାଜ୍ୟ ସରକାର, ଅର୍ଦ୍ଧସରକାରୀ ସଂସ୍ଥା, ପିଏସୟୁକୁ ଯୋଗାଣ କରୁଥିବା ବ୍ୟକ୍ତି ଓ ସଂସ୍ଥା ଅଂଶଗ୍ରହଣ କରିପାରିବେ ବୋଲି ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା। ୨୦୧୯-୨୦ରୁ ୨୦୨୩-୨୪ ତିନି ଆର୍ଥିକ ବର୍ଷରେ ଏହି ପରିମାଣର ଔଷଧ ଓ ଟିକା ଯୋଗାଣ କରିଥିବା ଆବଶ୍ୟକ ବୋଲି ଟେଣ୍ଡର ସର୍ତ୍ତରେ ଉଲ୍ଲେଖ କରାଯାଇଥିଲା। ଏପରି ସର୍ତ୍ତ ନିର୍ଦ୍ଦିଷ୍ଟ କେତେକଙ୍କୁ ସୁହାଇବା ପାଇଁ କରାଯାଇଥିବା ଦର୍ଶାଇ ଏହି ମାମଲା ଦାୟର କରାଯାଇଥିଲା। ତେବେ ଅଧିକ ଅନୁଭବୀ ସଂସ୍ଥାଙ୍କୁ ସୁଯୋଗ ଦେବା ଲାଗି ଏପରି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ତରଫରୁ ଦର୍ଶାଯାଇଥିଲା।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ




କଟକ, ୯।୧(ସମିସ): କଟକ ବାଲିଯାତ୍ରା ପଡ଼ିଆରେ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏକ କୃଷି କର୍ମଶାଳାରେ ଇଂ ପ୍ରଦୀପ ପାଇକରାୟ କ୍ଷେତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ବିଭିନ୍ନ ଆଧୁନିକ ଯନ୍ତ୍ରପାତି ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲା କୃଷି ଅଧିକାରୀ, ବାଙ୍କୀ ଶୁଭଶ୍ରୀ ଜେନା ବିଭିନ୍ନ ବହୁମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଚାଷୀ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକ ଜିଲ୍ଲାସ୍ତରୀୟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାରେ ବଡମ୍ବା ଓ ନରସିଂହପୁର ଅଞ୍ଚଳରୁ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ମାଣ୍ଡିଆ, ମୁଗ ଓ ମକାରେ ତିଆରି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ମହିଳାମାନେ ପୁରସ୍କୃତ ହୋଇଥିଲେ। ଜିଲ୍ଲାର ୩୦୦ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ରୋଜାଲିନ ସୁନ୍ଦରରାୟଙ୍କ ଦ୍ୱାରା ଓଡିଶୀ ଓ ଆଞ୍ଚଳିକ ନୃତ୍ୟ ପରିବେଷଣ କରାଯିବା ସହ ବଦ୍ରିନାରାୟଣ ମିଶ୍ରଙ୍କ ଦ୍ୱାରା ପ୍ରଦର୍ଶିତ ମ୍ୟାଜିକ ଶୋ ଦର୍ଶକଙ୍କ ମନ ମୋହିଥିଲା। ଜିଲ୍ଲା କୃଷି ଅଧିକାରୀ ଡ. ରୋଜାଲିନ ନାୟକ, କୃଷି ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଶାନ୍ତ ଜେନା କୃଷକଙ୍କ ମଧ୍ୟରେ ଉତ୍ସାହ ବଢାଇଥିଲେ।

## ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନ ଯଜ୍ଞ




କଟକ, ୯।୧(ସମିସ): କଟକ ପ୍ରଜ୍ଞାନ ମିଶନ ପକ୍ଷରୁ ତ୍ରିଦିବସୀୟ ଗୀତା ଜ୍ଞାନଯଜ୍ଞ ବିଜୁପଟ୍ଟନାୟକ ଛକ ନିକଟସ୍ଥ ଖେଳ ପଡିଆଠାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଗୀତାର ଚତୁର୍ଥ ଅଧ୍ୟାୟ ବତିଶ ଶ୍ଳୋକ ଉପରେ ପ୍ରବଚନ ଦେଇଥିଲେ। ଏହି ଶରୀର ଯଜ୍ଞରେ ଆହୁତି ହେଉଛି ଶ୍ୱାସ, ଅହଂକାର, କାମ, କ୍ରୋଧ ଓ ସମସ୍ତ ପ୍ରବୃତ୍ତିକୁ ତ୍ୟାଗ କରିବା ହେଉଛି ଯୋଗ ବୋଲି ପରମହଂସ କହିଥିଲେ। ପ୍ରାରମ୍ଭରେ ଚକ୍ରଧର ମହାନ୍ତିଙ୍କ ଭଜନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ। ସ୍ୱାମୀ ବିଜ୍ଞାନାନନ୍ଦ ଗିରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଜ୍ଞାନ ମିଶନର ସନ୍ୟାସୀ ବ୍ରହ୍ମଚାରୀବୃନ୍ଦ ଗୀତା ଧ୍ୟାନମ ଆବୃତ୍ତି କରିଥିଲେ। ସ୍ୱାମୀ କୃଷ୍ଣାନନ୍ଦ ଗିରି ଆଲୋଚ୍ୟ ବିଷୟ ଉପରେ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ସ୍ୱାମୀ ସୁଦ୍ଧାନନ୍ଦ ଗିରି, ସ୍ୱାମୀ ପରିପୂର୍ଣ୍ଣା ନନ୍ଦ, ସ୍ୱାମୀ ନିତ୍ୟପ୍ରେମାନନ୍ଦ, ସ୍ୱାମୀ ବିଜ୍ଞାନାନନ୍ଦ, ସ୍ୱାମୀ ବ୍ରହ୍ମଜ୍ଞାନା ନନ୍ଦ, ସ୍ୱାମୀ ଅନିର୍ବାଣାନନ୍ଦ, ସ୍ୱାମୀ ଆନନ୍ଦାନନ୍ଦ, ସ୍ୱାମୀ ପୂଜାନନ୍ଦ, ସ୍ୱାମୀ ଅଖଣ୍ଡାନନ୍ଦ ପ୍ରମୁଖ ସାଧୁ ସନ୍ଥଙ୍କ ସମେତ ସ୍ୱାମୀ ନାରାୟଣ, ଆଇନଜୀବୀ ଦେବୀପ୍ରସାଦ ଧଳ, ଅରବିନ୍ଦ ବାବା, ତାପସ ବାବା, ପ୍ରଦୀପ ବାବା, ଶରତ ବାବା, ବିଜୟ ବାବା, ଶୁଭ୍ରାଂଶୁ ବାବା ପ୍ରମୁଖଙ୍କ ସମେତ ସମସ୍ତ କ୍ରିୟା ସାଧକ ସହଯୋଗ କରିଥିଲେ।

## ଜୀ ସାର୍ଥକରେ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ: ସେଲେବ୍ରିଟି ୱିଥ୍ ଲିଟିଲ ମାଷ୍ଟର୍'

କଟକ, ୯।୧(ସମିସ): ଓଡ଼ିଶାର ଅଗ୍ରଣୀ ମନୋରଞ୍ଜନ ଚ୍ୟାନେଲ 'ଜୀ ସାର୍ଥକ' ପକ୍ଷରୁ ଓଡ଼ିଶାର ସବୁଠାରୁ ବଡ଼ ଡାନ୍ସ ରିଆଲିଟି ଶୋ "ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ" ଏକ ନୂଆ ସିଜିନ ସହ ଟିଭି ପରଦାକୁ ଫେରିଛି। ଏହି ନୂଆ ସିଜନକୁ "ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ" ଭାବରେ ନାମିତ କରାଯାଇଛି। ଗତ ୨୯ ନଭେମ୍ବର ୨୦୨୫ରେ ଏହାର ପ୍ରିମିୟର ହୋଇଥିବା ବେଳେ ଓଡ଼ିଶା ଟେଲିଭିଜନ ଇତିହାସରେ ପ୍ରଥମ ଥର ପାଇଁ ଜଣେ ଜଣେ ଲୋକପ୍ରିୟ ସେଲିବ୍ରେଟିଙ୍କ ସହ ଅସାଧାରଣ ପ୍ରତିଭାଶାଳୀ ଶିଶୁ କଳାକାରଙ୍କୁ ଯୋଡ଼ି ଏକ ନିଆରା ପ୍ରୟାସ କରାଯାଇଛି। ଏହି ସିଜିନରେ ମୋଟ ୧୦ ଜଣ ସେଲିବ୍ରେଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସଙ୍କୁ ନେଇ ଦୁଇଟି ଶକ୍ତିଶାଳୀ ଦଳ ଗଠନ କରାଯାଇଛି, ଯାହାର ନାମ "ରଙ୍ଗବତୀ ୨.୦' ଏବଂ "ଲଟକମଣି ୨.୦' ରଖାଯାଇଛି। ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ସୋନାଲିସା, ସୁଲଗ୍ନା, ହିତେସା ଓ ମାନସୀଙ୍କ ଭଳି ଲୋକପ୍ରିୟ ସେଲିବ୍ରେଟିମାନେ ନିଜ ଶିଶୁ ସାଥୀଙ୍କ ସହ ମିଶି ହାଇ-ଭୋଲଟେଜ୍, ରୋମାଣ୍ଟିକ୍, କମେଡି ଏବଂ ଫେଷ୍ଟିଭାଲ୍ ଭଳି ବିଭିନ୍ନ ରୋମାଞ୍ଚକର ଥିମ୍ ଉପରେ ନୃତ୍ୟ ପ୍ରଦର୍ଶନ କରିଛନ୍ତି।



ରାଜୁ ଦାସଙ୍କ କମେଡି ତଡକା ଏହି ଶୋ'କୁ ଆହୁରି ମନୋରଞ୍ଜନଧର୍ମୀ କରିଛି। ବିଶିଷ୍ଟ କଳାକାର ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ପ୍ରତିଯୋଗୀଙ୍କୁ ନିଖୁଣ ଭାବେ ପରଖିବା ସହ ସେମାନଙ୍କୁ ଉତ୍ତମ ପରାମର୍ଶ ଦେଉଛନ୍ତି। ଏହି ଶୋ'କୁ ଲୋକପ୍ରିୟ ଆଙ୍କର ସୁଜିତ ପାଇକରାୟ ପରିଚାଳନା କରୁଛନ୍ତି। ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ ଆଗକୁ ଆହୁରି ଦମଦାର ଏପିସୋଡ୍ ଆସିବ ବୋଲି ସୂଚନା ଦେଇଛନ୍ତି। ଦର୍ଶକମାନେ ପ୍ରତି ଶନିବାର ଏବଂ ରବିବାର ସନ୍ଧ୍ୟା ୯:୩୦ରେ ଏହି ରୋମାଞ୍ଚକର ଶୋ'ର ମଜା ଉଠାଇପାରିବେ।

ସେଲେବ୍ରିଟି ଓ ଶିଶୁ ପ୍ରତିଭାଙ୍କ ଯୁଗଳବନ୍ଦୀରେ କମ୍ପୁଛି ଷ୍ଟେଜ୍

# ଗାଡ଼ି ଚାଲାଣ ପଇଠ ପାଇଁ ଆସୁଛି ଅଜଣା ଲିଙ୍କ୍

କଟକ, ୯।୧(ସମିସ)

ଭିନ୍ନ ଭିନ୍ନ ଉପାୟରେ ସାଧାରଣ ଲୋକଙ୍କୁ ଠକିବା ପାଇଁ ସାଇବର ଠକ ମାନେ ଜାଲ ବିଛାଇଛନ୍ତି। ଏପରିକି ଅନେକ ଲୋକ ଠକେଇର ଶିକାର ହେବା ପରେ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହେଉଛନ୍ତି। ନକଲି ୱେବସାଇଟ ଓ ମୋବାଇଲ ଆପ୍ଲିକେସନ ଜରିଆରେ ସାଇବର ଅପରାଧୀମାନେ ସହଜରେ ଲୋକଙ୍କୁ ଠକିଆସୁଥିବା ବେଳେ ଏବେ ଗାଡି ଚାଲାଣ ପଇଠ କରିବାକୁ ମୋବାଇଲ ନମ୍ବରକୁ ଲିଙ୍କ୍ ପଠାଉଛନ୍ତି ସାଇବର ଠକ। ଏବେ ଗାଡିର ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବାକି ଥିବା ଟ୍ରାଫିକ ଚାଲାଣ ପଇଠ ନକରିଲେ ପ୍ରଦୂଷଣ ପ୍ରମାଣପତ୍ର ମିଳିପାରୁନାହିଁ। ଏହି ସୁଯୋଗରେ ସାଇବର ଠକମାନେ ସୋସିଆଲ ମିଡିଆ ପ୍ଲାଟଫର୍ମ ସହ ବ୍ୟକ୍ତିଗତ ନମ୍ବରକୁ ମେସେଜ ପଠାଇ ବକେୟା ଚାଲାଣ ପଇଠ ପାଇଁ କହୁଛନ୍ତି। ପରିବହନ ବିଭାଗର ୱେବସାଇଟରେ କେବଳ ଚାଲାଣ ପଇଠ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ସାଇବର ଠକଙ୍କ ଜାଲରେ ପଡି କେତେଜଣ ଅର୍ଥ ହରାଉଥିବା ଅଭିଯୋଗ ହେଲାଣି। ପରିବହନ ବିଭାଗ ଦୃଷ୍ଟିକୁ ଆସିଥିବା ବେଳେ ଏନେଇ ସତର୍କ ସୂଚନା ମଧ୍ୟ ଜାରି କରାଯାଇଛି। ଏପରିକି ନକଲି ୱେବସାଇଟ ଜାଲରେ ଲୋକେ ପଡ଼ି ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ସାଇବର ଅପରାଧୀମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସେମାନଙ୍କ ନକଲି ୱେବସାଇଟର ପ୍ରମୋସନ କରାଇ ଆସୁଛନ୍ତି। ନକଲି ଓ ଅସଲି ୱେବସାଇଟର ଲିଙ୍କ୍‌କୁ ନପରଖି ସାଧାରଣ ଲୋକେ ଅସଲି ଭାବି କ୍ଲିକ କରୁଥିବାରୁ ଠକାମିରେ ପଡୁଛନ୍ତି। ଦିନକୁ ଦିନ ଏହି ଅପରାଧ ବଢିବାରେ ଲାଗିଛି। ସେହିଭଳି ପିକନିକ ଋତୁ ଚାଲିଥିବା ବେଳେ ହୋଟେଲ ଓ ଯାତ୍ରା ବୁକିଂ ପାଇଁ ଆକର୍ଷଣୀୟ ମିଥ୍ୟା ବିଜ୍ଞାପନ ଦିଆଯାଉଛି। ପର୍ଯ୍ୟଟକମାନେ ଅଜାଣତରେ ଏଥିପାଇଁ ଅନଲାଇନରେ ଅଗ୍ରୀମ ଟଙ୍କା ପଇଠ କରି ଠକାମିର ଶିକାର ହେଉଛନ୍ତି। ରାଜ୍ୟରେ ଗତବର୍ଷ ଜୁନ ମାସରୁ ଅଦ୍ୟାବଧି ୨୫ରୁ ଅଧିକ ନକଲି ହୋଟେଲ ୱେବସାଇଟକୁ କ୍ରାଇମବ୍ରାଞ୍ଚ ଠାବ କରିପାରିଥିବା କହିଛନ୍ତି ଜନୈକ ବରିଷ୍ଠ ଅଧିକାରୀ। ଗତବର୍ଷ ପୁରୀରେ ଏଭଳି ଠକେଇ ଘଟଣାରେ ଏକାଧିକ ସାଇବର ଲୁଟେରାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିପାରିଥିଲା। ଏବେ ପିକନିକ ଋତୁର ସୁଯୋଗ ନେଇ ବିଭିନ୍ନ ହୋଟେଲ, ଲଜିଂ ନାମରେ ନକଲି ୱେବସାଇଟର ଜାଲ ବିଛାଇ ସାଇବର ଅପରାଧି ମାନେ ସକ୍ରିୟ ଥିବା ଜଣାପଡିଛି। ବିଗତ ଦିନରେ ନିଯୁକ୍ତି କିମ୍ବା ନାମଲେଖା ପାଇଁ ଅର୍ଥ ପଇଠ କରିବାକୁ କହି ବେକାର ଯୁବକ ଯୁବତୀଙ୍କୁ ଠକେଇ ଘଟଣାର ନଜିର ରହିଛି।

ଜାଲ ବିଛାଇଛନ୍ତି ସାଇବର ଠକ




## ବିଚ୍ ସକର: ଓଡ଼ିଶା ଚାମ୍ପିଅନ




କଟକ, ୯।୧(ସମିସ): ଡାମନ ଏବଂ ଡିଉରେ ଆୟୋଜିତ ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଚାମ୍ପିଅନ ହୋଇଛି। ଆଜି ଖେଳାଯାଇଥିବା ରୋମାଞ୍ଚକ ଫାଇନାଲ ମୁକାବିଲାରେ ଓଡ଼ିଶା ୨-୧ ଗୋଲରେ ଗୁଜରାଟକୁ ପରାସ୍ତ କରିଛି। ପ୍ରଥମ ପିରିୟଡ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟ ପିରିୟଡର ୧୩ତମ ମିନିଟରେ ମନୀଷା ନାଏକ ଗୋଲ ସ୍କୋର କରି ଓଡ଼ିଶାକୁ ଅଗ୍ରଣୀ ଦେଇଥିଲେ। ମାତ୍ର ଗୋଟିଏ ମିନିଟ ପରେ ଗୁଜରାଟ ପ୍ରଥମ ଗୋଲ ସୁଝାଇ ଦେଇଥିଲା। ଭୂମିଶା ଡ୍ରାଭିଡଙ୍କ ଗୋଲ ବଳରେ ମ୍ୟାଚ୍ ୧-୧ ସ୍ଥିତିରେ ପହଞ୍ଚିଥିଲା। ୩ୟ ତଥା ନିର୍ଣ୍ଣାୟକ ପିରିୟଡରେ ବଦଳ ଖେଳାଳି ଭାବେ ମଇଦାନକୁ ଆସିଥିବା କେଅମ୍ବାଲିକା ୨୮ତମ ମିନିଟରେ ଓଡ଼ିଶା ନିମନ୍ତେ ମ୍ୟାଚ୍ ବିଜୟୀ ସୂଚକ ଗୋଲ ସ୍କୋର କରିଥିଲେ। ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଏହା ଦ୍ୱିତୀୟ ଟାଇଟଲ୍। ରାଜ୍ୟ ଦଳର ଏହି ସଫଳତା ନେଇ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଡଃ ଆଶୀର୍ବାଦ ବେହେରା ପ୍ରତ୍ୟେକ ଖେଳାଳି ଏବଂ ସପୋର୍ଟ ଷ୍ଟାଫଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଯୁବ ଭାରତ କୃଷକ ସଂଘର ବିକ୍ଷୋଭ

# ଧାନମଣ୍ଡି ନେଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ



ବିଷମ କଟକ,୯।୧(ସମିସ): ଜିଲ୍ଲା ଯୁବ ଭାରତ କୃଷକ ସଂଘ ତରଫରୁ ଚାଷୀଙ୍କ ସମସ୍ୟାକୁ ନେଇ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ଏକ ବିରାଟ ସମାବେଶ ସହ ତହସିଲ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ଯୁବ ଭାରତ କୃଷକ ସଂଘର ସଭାପତି ବାଳ ମୁକୁନ୍ଦ ପାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଷମ ସହରର ସ୍ଥାନୀୟ ମାର୍କମା ମନ୍ଦିର ଠାରେ ଯୁବ ଭାରତର କୃଷକ ସଂଘ ଓ ସ୍ଥାନୀୟ ଚାଷୀ ଏକାଠି ହେବା ପରେ ଏକ ରାଲି ରେ ବାହାରି ତହସିଲ କାର୍ଯ୍ୟାଳୟ ପହଞ୍ଚି ଥିଲେ। ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ପରେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଚାଷୀ ମାନେ ଧାନମଣ୍ଡିର ଭୋଗୁଥିବା ସମସ୍ୟା। ମଣ୍ଡିର ଅବ୍ୟବସ୍ଥାରେ ଚାଷୀ କୂଳକୁ ଯନ୍ତ୍ରଣା ଦେଉଥିବା, ଚାଷୀର ଅମଳ ଧାନକୁ ବିକ୍ରି ନ କରିପାରିବା ଚାଷୀକୁଳକୁ ଚିନ୍ତାରେ ପକାଇ ଦେଇଛି। ଯାହାକୁ ନେଇ ଯୁବ ଭାରତ କୃଷକ ସଂଘ ତରଫରୁ ମୁଖ୍ୟ ମନ୍ତ୍ରୀ,ରାଜ୍ୟ ସରକାରଙ୍କ କୃଷି ମନ୍ତ୍ରୀ ଏବଂ କୃଷକ ଶଶକ୍ତିକରଣ ବିଭାଗ ଉପସଚିବଙ୍କ ଉଦ୍ଦେଶ୍ୟରେ ବିଷମ କଟକ ତହସିଲଦାରଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ୪ଦଫା ମଧ୍ୟରେ ମଣ୍ଡିରେ ସମସ୍ତ ଚାଷୀଙ୍କ ଧାନ ସମ୍ପୂର୍ଣ ଭାବେ କ୍ରୟ କରିବା, ମିଲ ମାଲିକ ଙ୍କ ସମସ୍ୟା ତୁରନ୍ତ ସମାଧାନ କରିବା ସହ ଯଥା ଶୀଘ୍ର ଧାନ କ୍ରୟ ପ୍ରକ୍ରିୟା କୁ ସୁଚାରୁ ଭାବେ ଆରମ୍ଭ କରିବା, ମଣ୍ଡିରେ ଚାଲିଥିବା କଟ୍‌ନୀଛଟ୍‌ନୀ ଦୁର୍ନୀତି କୁ ସମ୍ପୂର୍ଣ ଭାବେ ବନ୍ଦ କରିବା ଏବଂ ସମସ୍ତ ଚାଷୀଙ୍କ ଅମଳ ହୋଇଥିବା ଧାନ ଅନୁଯାୟୀ ଟୋକନ ଯୋଗାଇ ଦେବା ଉଲ୍ଲେଖ ରହିଛି। ଯୁବ ଭାରତ କୃଷକ ସଂଘର ଆଜିର ଆଜିର ଏହି ବିକ୍ଷୋଭରେ ବିଷମ କଟକ ବ୍ଲକ ସଭାପତି ସଦାନନ୍ଦ ପଣ୍ଡା,ବ୍ଲକ ସାଧାରଣ ସମ୍ପାଦକ ଯବା ପାଲକା,ହାଟ ମୁନିଗୁଡା ପଞ୍ଚାୟତର ସଭାପତି ସୁକାନ୍ତ ସେଠି,ସଦସ୍ୟ ପଙ୍କଜିନୀ ନାଗ, ବିଷମ କଟକ ର ଚାଷୀ ଲକ୍ଷ୍ମଣ ଗୌଡ଼, କୈଳାଶ ପଣ୍ଡା,ଭି ଅଶୋକ କୁମାର, ପି ହୋରିଙ୍କ ସମେତ ବିଭିନ୍ନ ଅଞ୍ଚଳ ର ଶତାଧିକ ଚାଷୀ କାର୍ଯ୍ୟକ୍ରମ ରେ ଉପସ୍ଥିତି ରହିଥିଲେ।

## ନାରାୟଣପୁର ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଲ୍ୟାଣସିଂହପୁର, ୯।୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁରରେ ଥିବା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତୁମୁକି ପାଣି ବୈଠକରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୋହନ ରାଓ କଣ୍ଡାଗରୀ, ମୁଖ୍ୟ ବକ୍ତା ରୂପେ ଦେବଗିରି ମହା ବିଦ୍ୟାଳୟର ଅଧ୍ୟାପକ ଜଗେନ୍ଦ୍ର ଗରଡ଼ା, ବିଦ୍ୟାଳୟର ସଭାପତି ରାଉତ କୌଶଲ୍ୟା,ସଦର ପଞ୍ଚାୟତ ସରପଞ୍ଚ ସୀତାରାମ କାଡ୍ରାକା, ଆଞ୍ଚଳିକ ଶିକ୍ଷା ଅଧିକାରୀ (ସି ଆରସିସି) ଦେବରାଜ ରାଉତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ତୁମୁକି ପାଣି ବାର୍ଷିକ ବିବରଣୀ ପଠନ କରିଥିଲେ। ବାର୍ଷିକ କ୍ରୀଡ଼ାଉତ୍ସବରେ ୩୬ ଇଭେଣ୍ଟରେ ୨୨୦ ଜଣ ଭାଗ ନେଇଥିବା ବେଳେ ୧୦୮ ଛାତ୍ରଛାତ୍ରୀଙ୍କୁ ଅତିଥୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଞ୍ଜୟ କାଡ୍ରାକା ଧନ୍ୟବାଦ ଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସୋମନାଥ କଣ୍ଡରିଆ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ନଦୀକୁ ଓଲଟିଲା କାର୍

ଖଇରପୁଟ, ୯ ।୧(ସମିସ): ମାଲକାନଗିରି ଜିଲ୍ଲାରେ ଏକ କାର ଦୁର୍ଘଟଣା ଘଟି ସପ୍ତଧାରା ନଦୀ ମଧ୍ୟକୁ ଖସି ପଡିଥିବା



ଦେଖିବାକୁ ମିଳିଛି। ଆଜି ମଧ୍ୟାହ୍ନ ୧ଟା ସମୟ ର ଜୟପୁର ଆଡୁ ଆସୁଥିବା ଏକ ଟି ୟୁଭି ଗାଡି ନମ୍ବର ଓଡି ୩୦ ଏଫ ୧୯୮୯ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇ ସପ୍ତଧାରା ନଦୀ ମଧ୍ୟକୁ ଖସିପଡିଛି । ପ୍ରତ୍ୟକ୍ଷଦର୍ଶୀ ଙ୍କ କହିବା ଅନୁଯାୟୀ ଗାଡିଟି ଦ୍ରୁତ ଗତିରେ ଗୋବିନ୍ଦପାଲ୍ଲୀ ଆଡକୁ ଯାଉଥିବା ସମୟରେ ଗୋବିନ୍ଦାପାଲ୍ଲୀ ଠାରୁ ପାଞ୍ଚ କିମି ଦୂରରେ ସପ୍ତଧାରା ନଦୀ ପୋଲ ପୂର୍ବରୁ ଗାଡ଼ିଟି ଭାରସାମ୍ୟ ହରାଇ ନଦୀ ଶଯ୍ୟା ମଧ୍ୟକୁ ପାଣି ଭିତରେ ଖସି ପଡିଛି । ଚାଳକ ଓ ମାଲିକ ଦୁଇ ଜଣ ଗାଡ଼ିରେ ରହିଥିଲେ। ଏହି ଦୁର୍ଘଟଣାରେ ଦୁହେଁ ଗୁରୁତର ଭାବରେ ଆହତ ହୋଇଥିବା ଜଣା ପଡିଛି । ଆହତଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଜୟପୁର ସ୍ଥାନାନ୍ତର କରାଯାଇ ଉଷା ହସ୍ପିଟାଲରେ ଭର୍ତି କରାଯାଇଛି । ଗାଡି ଦୁର୍ଘଟଣା ହେବାର ଦୁଇ ମିନିଟ ଭିତରେ ଦେବଦୂତ ଭଳି ଡାବୁଗୁଡ଼ା ଗ୍ରାମର ଶୁକ୍ରା ଖାରା ସେଠାରେ ପହଞ୍ଚି ଯାଇ ଆହତ ଦୁଇଜଣଙ୍କୁ ଗାଡି ଭିତରୁ ଉଦ୍ଧାର କରିଛନ୍ତି । ଗାଡ଼ିଟି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ସାନଡୁରାଲ ଗ୍ରାମର ଦୟା ଚାଲାଣ ବୋଲି ଜଣା ପଡିଛି। ସେ ନିଜେ ଦୁର୍ଘଟଣାରେ ଆହତ ହୋଇଛନ୍ତି । ଶୁକ୍ରା ଖରାଙ୍କ ଯୋଗୁଁ ଦୁଇଟି ଅମୂଲ୍ୟ ଜୀବନ ବଞ୍ଚି ଯାଇଥିବାରୁ ଜନସାଧାରଣ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

## ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କଲେ ଜିଲ୍ଲାପାଳ



ରାୟଗଡ଼ା, ୯।୧(ସମିସ): ଚଳିତ ମାସ ଜାନୁଆରୀ ୧ତାରିଖରୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ସମଗ୍ର ଦେଶରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ କରାଯାଉଛି। ଏହି ଅବସରରେ ମାସର ନବମ ଦିନରେ ରାୟଗଡ଼ା ଜିଲ୍ଲା ସଡ଼କ ସୁରକ୍ଷା ସମିତି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଏକ ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଆଜି ସ୍ଥାନୀୟ ପ୍ରତୀକ୍ଷଣ ଗୃହ ପରିସରରୁ ବାହାରି ଥିବା ଏହି ଶୋଭାଯାତ୍ରାଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାସ୍ତା ଦେଇ ବ୍ଲକ୍ ଛକରୁ ୩୨୬ନମ୍ବର ଜାତୀୟ ରାଜପଥ କପିଳାଶ ଛକ ଏବଂ ପୁଣି ପ୍ରତୀକ୍ଷଣ ଗୃହ ପ୍ରାରମ୍ଭ ସ୍ଥଳକୁ ଫେରିଥିଲା। ଏହି ଶୋଭାଯାତ୍ରାରେ ସ୍ଥାନୀୟ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି କ୍ୟାଡେଟ୍, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ସାମିଲ ହୋଇ ସଡକ ସୁରକ୍ଷା ସମ୍ବନ୍ଧୀତ ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ପ୍ରତିଟି ଜୀବନ ମୂଲ୍ୟବାନ ହୋଇଥିବାରୁ ସଭିଁଏ ଯତ୍ନବାନ ହୋଇ ସଡକ ସୁରକ୍ଷା ମାନି ଚଳିବାର ଆବଶ୍ୟକତା ରହିଛି ଏବଂ ଏହି ନିୟମକୁ ଉଲଂଘନ କଲେ ସରକାରଙ୍କ ନିୟମ ପ୍ରକାରେ ବିହୀତ କାର୍ଯ୍ୟାନୁଷ୍ଠାନ,ଜୋରିମାନା ଆଦି ପଦକ୍ଷେପ ଗ୍ରହଣ କରାଯିବ ତେଣୁ ଏହି କାର୍ଯ୍ୟାନୁଷ୍ଠାନରୁ ବର୍ତିବା ପାଇଁ ସଡକ ସୁରକ୍ଷା ନିୟମ ପାଳନ କରିବା ,ସଡକ ଦୁର୍ଘଟଣାରୁ ଦୂରେଇ ରହିବା ପାଇଁ ସଚେତନ ରୁହନ୍ତୁ ବୋଲି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ପ୍ରକାଶ କରିଛନ୍ତି। ଆଜିର ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ,ଆରଟିଓ ବିନୟ କୁମାର ପାଉଲ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ,ରାୟଗ?। ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ସରସ୍ୱତୀ ରାୟ,ଏନସିସି ଅଧିକାରୀ ଲେଫଟାଂଟ ଉଦୟ ନାୟକ,ଏମଭିଆଇ ପି.ଦୁର୍ଗା ପ୍ରସାଦ ରାଓ,ଟିଆଇ ଝସକେତନ ଭରାସଗରିଆ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ଅଧିକାରୀଙ୍କ ସମେତ ଜିଲ୍ଲା ସଡକ ସୁରକ୍ଷା କମିଟି ସଭ୍ୟ ଶିବ ନାରାୟଣ ଗଉଡ,ଆଶିଷ ରଂଜନ ପଣ୍ଡା,ଜାତୀୟ ରାଜପଥ ରାୟଗଡ଼ା ଉପବିଭାଜନ କନିଷ୍ଠ ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ଜେନା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଆରଟିଓ କାର୍ଯ୍ୟାଳୟ କର୍ମଚାରୀ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାୟଗଡ଼ା ପରିବହନ ବିଭାଗ ତଥା ଜିଲ୍ଲା ସଡକ ସୁରକ୍ଷା ସମିତି ଆନୁକୂଲ୍ୟରେ ବିଭିନ୍ନ ବ୍ଲକ୍‌ରେ ପଥପ୍ରାନ୍ତ ସଚେତନତା ନାଟକ ଅନୁଷ୍ଠିତ ହେଉଥିବା ବେଳେ ଆଜି ଗୁଣପୁର ଠାରେ ଡ୍ରାଇଭର, ହେଲପର ଓ ଅନ୍ୟ ଗାଡି ଚାଳକମାନଙ୍କ ମାଗଣା ଚକ୍ଷୁ ଶିବିର ଆୟୋଜନ କରାଯାଇଥିଲା। ସଡକ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ପରିବହନ ଓ ପୋଲିସ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ସଡକ ସୁରକ୍ଷା ନିୟମ ଉଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ଆରଟିଓ ବିନୟ କୁମାର ପ୍ରକାଶ କରିଛନ୍ତି।

## ମୃତ କର୍ମୀଙ୍କ ପରିବାର ସହ ବିଧାୟକଙ୍କ ଆଲୋଚନା



ନନ୍ଦପୁର, ୯।୧ (ସମିସ): ପଟାଙ୍ଗି ବିଧାୟକ ତଥା ସିଏଲପି ନେତା ରାମଚନ୍ଦ୍ର କାଡ଼ାମ ଗୁରୁବାର ନନ୍ଦପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଦଳୀୟ କଂଗ୍ରେସ କର୍ମୀଙ୍କ ସହ ସଂଗଠନ ଉପରେ ଆଲୋଚନା କରିଥିଲେ। ପରେ ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଏଲ.ନାରାୟଣ ଚୌଧୁରୀଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ବିଧାୟକ ରାମଚନ୍ଦ୍ର କାଡ଼ାମ ପ୍ରଥମ ଥର ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳରେ ବିଧାୟକ ପାର୍ଥି ଭାବେ ଟିକଟ ପାଇ ଥିବା ସମୟରେ ନନ୍ଦପୁର ବ୍ଲକ୍‌ର କଂଗ୍ରେସ ସଂଗଠନ ଠାରୁ ନିର୍ବାଚନ ପ୍ରଚାର ପର୍ଯ୍ୟନ୍ତ ସ୍ୱର୍ଗତଃଚୌଧୁରୀଙ୍କ ସହଯୋଗକୁ ମନେ ପକାଇବା ତାଙ୍କ ପୁଅ ଲାଲବାହାଦୁର ଚୌଧୁରୀଙ୍କ ପଚାରି ବୁଝିଥିଲେ। ପରେ ବିଧାୟକ ଆସିବା ଖବର ପାଇ ନନ୍ଦପୁର କିଛି ବଦ୍ଧିଜୀବୀ ପହଞ୍ଚି ନନ୍ଦପୁର ଅଞ୍ଚଳର ବିଭିନ୍ନ ସମସ୍ୟା ସହ ନନ୍ଦପୁରକୁ ସରକାରୀ ବସ୍ ସେବା ଉପରେ ଆଲୋଚନା କରିଥିଲେ ନନ୍ଦପୁର ଦେଇ ଜୟପୁର ବିଶାଖାପାଟଣାକୁ ଚଳାଚଳ କରୁଥିବା ଆନ୍ଧ୍ର ପ୍ରଦେଶର କିମ୍ବା ଓଡ଼ିଶା ପ୍ରଦେଶର ବସ୍‌ସେବା ଚାଲୁ ନେଇ ବିଧାୟକଙ୍କୁ ଗୁହାରି କରିଥିଲେ। ତେବେ ଏ ଦିଗରେ କଣ ହୋଇଛି କଣ ହୋଇ ପାରିବ ସେ ନେଇ ତୁରନ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା କହିଥିଲେ।

## ପ୍ରାଚୀର ପତ୍ରିକା ଓ ଜ୍ଞାନକାନ୍ଥ ଉନ୍ମୋଚିତ



ମାଥିଲି, ୯ ।୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ପରିସରରେ ପ୍ରାଚୀର ପତ୍ରିକା ଓ ଜ୍ଞାନ କାନ୍ଥ ଉନ୍ମୋଚିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ସୃଜଶୀଳତା ବୃଦ୍ଧି ସହ ମାନସିକ ଦକ୍ଷତାର ବିକାଶ ଉଦ୍ଦେଶ୍ୟରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ୍ ବିଶ୍ୱାସଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ ବିଦ୍ୟାଳୟ ପରିସରରେ ପ୍ରାଚୀର ପତ୍ରିକା ଓ ଜ୍ଞାନ କାନ୍ଥ ଉନ୍ମୋଚନ କରାଯାଇଛି। ଏହି ଅବସରରେ ପାଙ୍ଗମ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ପ୍ରାଚୀର ପତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଆଞ୍ଚଳିକ ଗୋଷ୍ଠୀ ସାଧନା କେନ୍ଦ୍ର ସଂଯୋଜକ ଶ୍ରୀ ନାୟକ ଯୋଗଦେଇ ରିବନ୍ କାଟି ଉନ୍ମୋଚନ କରିଥିଲେ। ଏହି ସମୟରେ ପାଙ୍ଗାମ ସିଆରସିସି ସୋମନାଥ ସାହୁ, ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଏକ ସ୍ୱତନ୍ତ୍ର ବାର୍ତ୍ତା ମାଧ୍ୟମରେ କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ସହ ଉକ୍ତ ବାର୍ତ୍ତା ପ୍ରାଚୀର ପତ୍ରରେ ସ୍ଥାନ ପାଇଥିବାର ଦେଖିବାକୁ ମିଳିଥିଲା। ସେହିପରି ଅତିରିକ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ଓ ମଞ୍ଜୁଲତା ଭୋଇ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ। ପ୍ରତ୍ୟେକ ମାସର ପ୍ରଥମ ଶନିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅଧିକାରୀ ସୂତ୍ରରୁ ଜଣାପଡିଛି।

## ଅନାସ୍ଥା ବିରୁଦ୍ଧରେ ବ୍ଲକ୍ ଅଧ୍ୟକ୍ଷାଙ୍କ ଆବେଦନ ହାଇକୋର୍ଟରେ ନାକଚ

ଗୁଡାରୀ, ୯।୧(ସମିସ): ବହୁଦିନ ଧରି ଗୁଡାରୀ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଅଣାଯାଇଥିବା ଅନସ୍ଥା ପ୍ରସ୍ତାବକୁ ଗତ ବୁଧବାର ଦିନ ହାଇକୋର୍ଟ ନାକଚ କରିଛନ୍ତ। ସୂଚନା ମୁତାବକ ଗତ ୭/୨୫ ତାରିଖରେ ଗୁଡାରୀ ବ୍ଲକ୍ ୧୬ ଜଣ ସମିତି ସଭ୍ୟ ସରପଞ୍ଚ ମିଶି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ କାର୍ଯ୍ୟକଳାପ ଉପରେ ଖପ୍ପା ହୋଇ ଅନସ୍ଥା ପ୍ରସ୍ତାବ ଆଣିଥିଲେ. ଗୁଡାରୀ ବ୍ଲକର ୯ ଗୋଟି ପଞ୍ଚାୟତର ନିର୍ବାଚିତ ୧୬ ଜଣ ସମିତି ସଭ୍ୟ ଏବଂ ସରପଞ୍ଚ ଭୋଟ ଦେଇଥିଲେ। ଦିନ ୧ଟା ସମୟରେ ନିର୍ବାଚନ ଅଧିକାରୀ ଏମ.ସ୍ନେହା କୁମାରୀ ବେସରକାରୀ ସ୍ତରରେ ଜଣାଇଥିଲେ ଯେ ସମସ୍ତ ୧୬ ଜଣ ଭୋଟ ଦେଇଛନ୍ତି । କିନ୍ତୁ ଏହି ଅନସ୍ଥାକୁ ନେଇ ହାଇକୋର୍ଟଙ୍କ ଠାରୁ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ରହିତାଦେଶ ଆଣିଥିବାରୁ ଏହାକୁ ସରକାରୀ ସ୍ତରରେ ଘୋଷଣା କରାଯାଇନାହିଁ ପରବର୍ତୀ ସମୟରେ ହାଇକୋର୍ଟ ଆଦେଶ ଦେବା ପରେ ଏହାକୁ ସାର୍ବଜନିନ କରାଯିବ ବୋଲି ଉଲ୍ଲେଖ କରିଛନ୍ତି। ହାଇକୋର୍ଟଙ୍କ ରାୟକୁ ଅପେକ୍ଷା କରି ଇତିମଧ୍ୟରେ ୭ ମାସ ବିତିଯାଇଛି। ଗତ ୬ ତାରିଖର ରାୟକୁ ନେଇ ଅନସ୍ଥା ଆଣିଥିବା ୧୬ ଜଣ ସମିତି ସଭ୍ୟ ଏବଂ ସରପଞ୍ଚ ଖୁସି ବ୍ୟକ୍ତ କରିଛନ୍ତି ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶବର କହିଛନ୍ତି ଧର୍ମର ଜୟ ହୋଇଛି ଆଗାମୀ ଦିନରେ ବ୍ଲକ ସମ୍ପୂର୍ଣ୍ଣ ଉନ୍ନତି କରିବି ବୋଲି କହିଛନ୍ତି। କୋର୍ଟଙ୍କ ସମ୍ପୂର୍ଣ ଆଦେଶନାମା ଆସିବା ମାତ୍ରେ ଯଦି ଭୋଟ୍ ଗଣତି ହୁଏ, ତେବେ ଲକ୍ଷ୍ମୀ ଶବର ନିଜ ପଦ ହରାଇବା ଏକ ପ୍ରକାର ସୁନିଶ୍ଚିତ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ଏମିତିରେ ଲକ୍ଷ୍ମୀ ଶବର ସହଯୋଗ କରୁଥିବା ପୁରୁଖା ନେତା କର୍ମୀଙ୍କ ଏହା ନିଜ ଗାଲକୁ ଚାପୁଡା ମାରିବା ସଦୃଶ୍ୟ ବୋଲି ବିରୋଧୀ ଗୋଷ୍ଠୀ କହିଛନ୍ତି। ଏହା ଶୁଣିବା ପରେ ଗୁଡାରି ବ୍ଲକରେ ନୂଆ ଅଧ୍ୟକ୍ଷ ପାଇଁ ସାଧାରଣ ଲୋକ ମନରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ପ୍ରସାରିତ ଖବରକୁ ନେଇ ଗୁଡାରି ସହରରେ ରାଜନୈତିକ ସମୀକରଣ ଆରମ୍ଭ ହୋଇଯାଇଛି।

**● ଗଣତିକୁ ଅପେକ୍ଷା**

## ବନ୍ଦେ ମାତରମ୍ ସାମୂହିକ ଗାନ



ବିଷମକଟକ, ୯।୧(ସମିସ): ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ତରଫରୁ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ସାମୁହିକ ଗାନ ସମ୍ପର୍କିତ ପ୍ରଶିକ୍ଷଣ ଓ କର୍ମଶାଳା ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ରେ ତାଲିମ ଦାତା ଭାବେ ବିଷମ କଟକ ମହାବିଦ୍ୟାଳୟ ଜଣେ ଅଧ୍ୟକ୍ଷ ଏବଂ ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ପ୍ରଧାନ ଶିକ୍ଷକ ମଞ୍ଚାସୀନ ହୋଇ ତାଲିମ ପ୍ରଦାନ କରିଥିଲେ। ବିଷମ କଟକ ବ୍ଲକର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ମନ୍ଦିର ସ୍ତରରୁ ତାଲିମ ପ୍ରଦାନ କରାଯାଇଥିଲା। ଆଗାମୀ ଜାନୁୟାରୀ ୧୨ ତାରିଖ ଦିନ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ପ୍ରତିଟି ବିଦ୍ୟାଳୟରେ ବନ୍ଦେ ମାତରମକୁ ସାମୂହିକ ଗାନ କରାଯିବ। ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରି ଶିଶୁଙ୍କୁ ପୁରସ୍କୃତ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି।

## ହିନ୍ଦୁ ସମ୍ମିଳନୀ ଗଠନ ପାଇଁ ବାଇକ୍ ଶୋଭାଯାତ୍ରା



ଗୁଡାରି, ୯।୧(ସମିସ): ଗୁଡାରୀ ସ୍ୱୟଂସେବକ ସଂଘ ଓ ବଜରଙ୍ଗୀ ଦଳ ମିଳିତ ଭାବେ ଗତ ଗୁରୁବାର ଦିନ ସନ୍ଧ୍ୟାରେ ଗୁଡାରି ସମସ୍ତ ସାହି ବୁଲି ହିନ୍ଦୁ ସମ୍ମିଳନୀ ବୈଠକ ନିମନ୍ତେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଶରେ ଦିନକୁ ଦିନ ଅନ୍ୟ ଧର୍ମାବଲମ୍ବୀଙ୍କ ପ୍ରଚାର ପ୍ରସାର ବଢିବାରେ ଲାଗିଛ। ଏଥିରେ ଆଦିବାସୀ ଗ୍ରାମର ଲୋକମାନେ ଅର୍ଥ ଲୋଭରେ ବଶୀଭୁତ ହୋଇ ଧର୍ମ ପରିବର୍ତନ ହେବାରେ ଲାଗିଛନ୍ତି। ଯାହା ଚିନ୍ତାର କାରଣ ପାଲଟିଛି। ଧର୍ମ ପରିବର୍ତନ ପରେ ସେମାନେ ହଇରାଣର ଶିକାର ହେବା ଜଣାପଡିଛି। ଏହାକୁ ରୋକିବା ପାଇଁ ଗୁଡାରି ପରିଷଦର ଯୁବଗୋଷ୍ଠୀ ହିନ୍ଦୁ ଧର୍ମ ସୁରକ୍ଷା ପାଇଁ ଆଗେଇ ଆସିବାର ଦେଖିବାକୁ ମିଳିଛି। ସେମାନେ ଗତକାଲି ପ୍ରଚାର ସମୟରେ ଶପଥ ନେଇ କହିଛନ୍ତି ଯେ, ଧର୍ମ ପରିବର୍ତନ କରିବୁ ନାହିଁ। ହିନ୍ଦୁ ଧର୍ମାବମ୍ବଲମ୍ବିଙ୍କୁ ସଚେତନ କରାଇବେ ଆମର ଲକ୍ଷ ବୋଲି କହିଛନ୍ତି। ଗୁଡାରୀ ସ୍ୱୟଂସେବକ ସଂଘ କର୍ମକର୍ତ୍ତା ଡାକବାଜି ଜନ୍ତ୍ର ଓ ବାଇକ୍ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ହିନ୍ଦୁ ସମ୍ମିଳନୀ ଗୁଡାରି ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ ୨୨ ଜାନୁଆରୀ ୨୦୨୬ ଅନୁଷ୍ଠିତ ହେବ। ଏଥିରେ ପରିଷଦ ଏବଂ ବ୍ଲକର ସମସ୍ତ ହିନ୍ଦୁ ଭାଇ ଭଉଣୀମାନେ ଉପସ୍ଥିତ ରହି ସହଯୋଗ କରିବା ପାଇଁ ସଂଘ ତରଫରୁ କହିଛନ୍ତି।

## ବଡତୋଡ୍ରା ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷେ ହେଲା ନାହାନ୍ତି ଡାକ୍ତର

# ଝାଡୁଦାର, ସ୍ୱାସ୍ଥ୍ୟକର୍ମୀଙ୍କ ଭରସାରେ ସ୍ୱାସ୍ଥ୍ୟସେବା



କଲ୍ୟାଣସିଂହପୁର, ୯।୧(ସମିସ): ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଉନ୍ନତ କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଡାକ୍ତର ନ ଥାଇ ରୋଗୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଆଜକୁ ପ୍ରାୟ ୧ବର୍ଷରୁ ଅଧିକ ସମୟ ହେବ ବିନା ଡାକ୍ତରରେ ଝାଡୁଦାର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ଦିନକୁ ୫୦ରୁ ଅଧିକ ରୋଗୀ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଛନ୍ତି। ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟ କର୍ମୀ ଓ ଝାଡୁଦାର ଯାହା ଜାଣିଛନ୍ତି ତାହା ବଟିକା ସିରାପ୍ ଦେଇ ରୋଗୀଙ୍କୁ ପଠେଇ ଦେଉଛନ୍ତି। ଫଳରେ ରୋଗୀ ସୁସ୍ଥ ହେବାର ନାମ ନେଉନି। ଏ ହେଉଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ନାରାୟଣପୁର ପଞ୍ଚାୟତ ବଡ଼ତୋଡ୍ରାର ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନାରାୟଣପୁର, କୋରପା ଓ ଧାମୁଣି ପଙ୍ଗା ପଞ୍ଚାୟତ ଏବଂ କାଶୀପୁର ବ୍ଲକ ପାହାଡ଼ ଅଞ୍ଚଳର ଲୋକମାନେ ଭରସା କରନ୍ତି। ଆଜକୁ ୧ବର୍ଷରୁ ଅଧିକ ସମୟ ହେଲା ଡାକ୍ତର ନ ଥିବାରୁ ଗରିବ ଶ୍ରେଣୀର ଲୋକେ ଚିକିତ୍ସା ସେବା ପାଇବାକୁ ହନ୍ତସନ୍ତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଶାସନ ତୁରନ୍ତ ଗୋଟିଏ ଡାକ୍ତର ନିଯୁକ୍ତି ଦେବାପାଇଁ ଭୀମସେନ ବିଡ଼ିକା, ନରସିଂହ କୌଶଲ୍ୟା,ଜାମାଲା ପ୍ରଶାନ୍ତ, ଦିଲ୍ଲୀପ କୌଶଲ୍ୟା, ସୋମା କାଡ୍ରାକା ଓ ଶଙ୍କର କାଡ୍ରାକା ଦାବି କରିଛନ୍ତି।

## ଧାନ କ୍ରୟରେ ଅଚଳାବସ୍ଥାକୁ ନେଇ ଗର୍ଜିଲା କୃଷକ ସଂଗଠନ

# ‘ମିଲରର୍ସ ଧାନ ନ ଉଠାଇଲେ ପ୍ୟାକ୍ସ କିଣି ପରେ ମିଲ୍‌କୁ ଦେଉ’

ଅତାବିରା, ୯ ।୧(ସମିସ)

ଧାନର କିଣାବିକା ନେଇ ଚାଲିଥିବା ଅବ୍ୟବସ୍ଥା ଓ ଅହେତୁକ ବିଳମ୍ବ ଯୋଗୁଁ ଚାଷୀ ହଇରାଣ ହୋଇଗଲାଣି। ଶୁକ୍ରବାର ସୁଦ୍ଧା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧିନର ବିଭିନ୍ନ ମଣ୍ଡିରେ ୧୨ ଲକ୍ଷ ୨୦ ହଜାର ୪୬୩ କିଣ୍ଟାଲ ଧାନ କିଣା ହୋଇଛି। ଗତ ବର୍ଷ ଖରିଫରେ ୨୨ ଲକ୍ଷ ୫୩ ହଜାର ୨୫୪ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ଗତ ବର୍ଷର ଖରିଫ ଫସଲ ତୁଳନାରେ ମାତ୍ର ୫୪ ପ୍ରତିଶତ ଧାନ କିଣାସରିଛି। ଆଉ ସପ୍ତାହେ ପରେ ଚାଷୀ ରବି ଚାଷ ପାଇଁ କ୍ଷେତରେ ଲାଗିବ। କିନ୍ତୁ ଏଯାଏଁ ଧାନ ବିକ୍ରୟ ହୋଇ ନ ପାରିବାରୁ ଆଗାମୀ ଫସଲ କିପରି କରିବ ସେନେଇ ଚାଷୀ ଚିନ୍ତାରେ ରହିଛି। ଧାନ ବିକ୍ରି ସମସ୍ୟା ନେଇ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରାର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଗତ ୩୦ ତାରିଖ ଦିନ ବରଗଡ଼ରେ ସାକ୍ଷାତ କରିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଧାନ ଚାଷ ନ କର। ରାଜ୍ୟରେ ଧାନ ସରପ୍ଲସ୍ ହେଲାଣି। ଆପଣ ଡାଲି ଓ ତୈଳ ଜାତୀୟ ଚାଷ କରନ୍ତୁ ବୋଲି କହିଥିଲେ। ଯାହାକୁ ନେଇ ଚାଷୀ ମର୍ମାହତ ହୋଇଥିବା ଓଡ଼ିଶା ରାଜ୍ୟ କୃଷକ ସଂଗଠନର ଅତାବିରା ସଭାପତି ବୀରେନ୍ଦ୍ର କର ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଧନୁଯାତ୍ରା କଂସ ଦରବାରରେ କୃଷି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କିଛି ଚାଷୀମାନେ ନୌଟଙ୍କି କରୁଛନ୍ତି। ଯଦି କରିବାର ଅଛି ଧନୁଯାତ୍ରା ଷ୍ଟେଜ୍‌ରେ ଆସୁନ ବୋଲି କହିଥିଲେ। ଯାହା ଚାଷୀକୁଳଙ୍କ ସ୍ୱାଭିମାନ ପ୍ରତି ଅସମ୍ମାନ ବୋଲି ସଂଗଠନ ସଭାପତି କହିଛନ୍ତି। ଚାଷୀଙ୍କୁ ଏପରି ଆକ୍ଷେପ କରିବା ଦୁର୍ଭାଗ୍ୟପୂର୍ଣ୍ଣ। ଆଜି ଚାଷୀ ତଳିତଳାନ୍ତ ହେଲାଣି। କିଛି ଲୋକଙ୍କ ଟୋକନ ଆଜି ଯାଏଁ ଆସି ନାହିଁ। ୧୦ ଏକରରୁ ବଡ଼ ଚାଷୀଙ୍କ ୩ୟ ଟୋକନ୍ ଆସି ନାହିଁ। କୁଆଡେ ପ୍ରତି ଚାଷୀଙ୍କ ୧୫୦ କ୍ୱିଣ୍ଟାଲ ଟୋକନ ଆସିବ, ଆଉ ଆସିବ ନାହିଁ। ଗତ ଫସଲରେ ସମ୍ପୃକ୍ତ ଚାଷୀଙ୍କ ଟୋକନ ଆସିଥିଲା। କିନ୍ତୁ ଏଥର କାହିଁକି ଆସି ନାହିଁ ବୋଲି ସଭାପତି ପ୍ରଶ୍ନ କରିଛନ୍ତି। ଯୋଗାଣ ମନ୍ତ୍ରୀ ବିଧାନସଭାରେ କଟନୀଛଟନୀ ରୋକିବା ପାଇଁ ମନ୍ତ୍ରୀ, ବିଧାୟକ, ନୋଡ଼ାଲ ଅଫିସର ମଣ୍ଡିରେ ଜଗିବେ। କିନ୍ତୁ ମଣ୍ଡିରେ ଏମାନଙ୍କର ଦେଖାଦର୍ଶନ ନାହିଁ। ଧାନ ଉଠୁ ନଥିବାରୁ ଚାଷୀ କମ୍ ମୂଲ୍ୟରେ ଧାନ ବିକ୍ରି କରୁଛନ୍ତି। ଗତ ପୁଷପୁନିରେ ଚାଷୀ ୧୨ଶହରୁ ୧୩ ଶହ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ ହୋଇଛି। ମିଲର୍ସ ଆନ୍ଦୋଳନ କରିବାରୁ ଧାନ ଉଠୁ ନଥିବା କୁହାଯାଉଛି। ଚାଷୀର ଧାନ ପ୍ୟାକ୍ସ କିଣୁଛି। କଷ୍ଟମ ମିଲିଂରେ ମିଲର୍ ଭୂମିକା ଗୌଣ। ମିଲର ଧାନ ନ ଉଠାଇଲେ ପ୍ୟାକ୍ସ ଧାନ କିଣି ପରେ ମିଲକୁ ଦେଉ। ମିଲ ଓ ସରକାର ବିବାଦରେ ଚାଷୀ ମୁଣ୍ଡ ପୁରାଇବାର ନାହିଁ। ଚାଷୀ ଧାନ ଅମଳ କରି ମଣ୍ଡିକୁ ଆଣିଲା। ଚାଷୀକୁ ତା’ର ପ୍ରାପ୍ୟ ସରକାର ଦିଅନ୍ତୁ ବୋଲି ସଂଗଠନ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ସୁରେଶ କର୍ଣ୍ଣ, ପାପ ରାଓ, ଭୁବନ ପ୍ରଧାନ, ସୁବାଷ ବିଶ୍ୱାଳ, ପି. ସତବାବୁ, ନରେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।



### ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ ମନ୍ତବ୍ୟରେ ଚାଷୀ ମର୍ମାହତ

## ● ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କୃଷକ ସଂଗଠନ

# ‘ଟୋକନ ଦିଅ, ଧାନ କିଣ’ ନାରାରେ କମ୍ପିଲା ଅଫିସ

ବରଗଡ଼, ୯ ।୧(ସମିସ): ବରଗଡ଼ ଜିଲ୍ଲାରେ ମଣ୍ଡିର ଅଚଳାବସ୍ଥାକୁ ନେଇ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ଘେରିଛି ସଂଯୁକ୍ତ କୃଷକ ସଂଗଠନ। ମଣ୍ଡିରୁ ଧାନ କ୍ରୟ ପାଇଁ ଚାଷୀଙ୍କୁ ତୁରନ୍ତ ଟୋକନ ପ୍ରଦାନ କରିବା ସହ ମଣ୍ଡିରୁ ଶୀଘ୍ର ଧାନ ଉଠାଯିବାର ବ୍ୟବସ୍ଥା କରିବାକୁ ସଂଗଠନ ଦାବି କରିଛି। ଏହି ସମୟରେ ସଂଗଠନର କର୍ମକର୍ତ୍ତାଙ୍କ ସମେତ ଚାଷୀମାନେ ଟୋକନ ଦିଅ ଧାନ କିଣ ନାରା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କମ୍ପାଇଥିଲେ। ଜିଲ୍ଲାରେ ପଞ୍ଜିକୃତ ସମସ୍ତ ଚାଷୀଙ୍କୁ ଏଯାଏଁ ଟୋକନ ମିଳିନଥିବାର କାରଣ ପଚାରିବା ସହ ଜମି ତୁଳନାରେ କାହିଁକି କମ ଟୋକନ ଆସିଛି ଏବଂ ପଞ୍ଜିକରଣରୁ ବଞ୍ଚିତ ଚାଷୀଙ୍କ କ୍ଷେତ୍ରରେ କଣ ବାସ୍ତବିକ ସ୍ଥିତି, ମଣ୍ଡିରେ ଧାନ ପଡ଼ିଥିଲେ ମଧ୍ୟ କାହିଁକି ଧାନ ଉଠୁନାହିଁ, ଏଫଏକ୍ୟୁ ଧାନରେ କାହିଁକି ୨ ରୁ ୩ କେଜି କଟଣିଛଟଣି ହେଉଛି ବୋଲି ସଂଯୁକ୍ତ କୃଷକ ସଂଗଠନ ପ୍ରତିନିଧି ମଣ୍ଡଳୀ ପ୍ରଶ୍ନ କରି ପ୍ରଶାସନିକ ଅଧିକାରୀଙ୍କୁ ଘାଇଲା କରିଥିଲେ। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୭୬୭୮୮ ଜଣ ଚାଷୀଙ୍କ କେବଳ ୩୩, ୪୧, ୨୩୦ କୁଇଣ୍ଟାଲ ଧାନ କିଣା ହୋଇଛି। ଗତ ବର୍ଷ ପ୍ରାୟ ୫୦ ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ କିଣାଯାଇଥିଲା। ଯଦି ଏହି ଅନୁପାତରେ ଧାନ କିଣା ଯାଏ ତାହାହେଲେ ରବି ଚାଷ ପ୍ରଭାବିତ ହେବ ଏବଂ ଚାଷୀ ବାଧ ହୋଇ ମଧ୍ୟସ୍ଥି ମାନଙ୍କୁ ଶସ୍ତାରେ ଧାନ ବିକ୍ରି କରିବ। ତେଣୁ ଜାନୁୟାରୀ ୧୫ ସୁଦ୍ଧା ସମସ୍ତ ଚାଷୀଙ୍କୁ ଟୋକନ ଦିଆଯିବା ସହ ମାସ ଶେଷ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନ କିଣାଯିବାକୁ ସଂଗଠନ ଦାବି କରିଛି। ଏନେଇ ଏକ ଦାବିପତ୍ର ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଡିଆରସିଏସ ଯୁଗଳ ଦାସ ଦାବିପତ୍ର ଗ୍ରହଣ କରି ଯଥାସମ୍ଭବ ଦାବିପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ସୁଦାମ ପାତ୍ର, ନିରଞ୍ଜନ ପ୍ରଧାନ, ରବିଶଙ୍କର ପଧାନ, ଜୟ ପ୍ରକାଶ ପଧାନ, ଟେକରାଜ ପଧାନ, ଈଶାନ୍ତ ଭୋଇ, ସୁବଳ ପଧାନ, ଭିଜନ ପାଢ଼ୀ, କଳାକର ଦେହେରୀ, ଶ୍ରଦ୍ଧାକର କର୍ମୀ, ଡାକ୍ତର ପାତ୍ର, ସରୋଜ ସାହୁ, ଜୟନ୍ତୀ ସାହୁ, ସୁଦର୍ଶନ ନାୟକ, ମୋହନ ଭୋଇ, ଲିଙ୍ଗରାଜ ଦେହେରୀ, ବିକାଶ ଭୋଇ ନେତୃତ୍ୱରେ ଶହଶହ ଚାଷୀ ଯୋଗ ଦେଇଥିଲେ। ଟୋକନ ମିଳି ନଥିବା ଓ କମ୍ ଆସିଥିବା ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ବ୍ୟକ୍ତିଗତ ଭାବେ ଦାବିପତ୍ର ପ୍ରଦାନ କରିଥିବା ନଜରକୁ ଆସିଥିଲା।



## ମିଲର୍ସଙ୍କ ଦାବି ପୂରଣ ପାଇଁ ୧୫ ଦିନ ସମୟ ମାଗିଲେ ସରକାର

# ଜିଲ୍ଲାର ବିଭିନ୍ନ ମଣ୍ଡିରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ

ବରଗଡ଼, ୯।୧(ସମିସ): ରାଜ୍ୟ ସରକାର ଏବଂ ଅଲ୍‌ଓଡ଼ିଶା ମିଲର୍ସଆସୋସିଏସନ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ସରକାରଙ୍କ ପକ୍ଷରୁ ମିଲର୍ସଙ୍କ ଦାବି ପୂରଣ ପାଇଁ ସରକାର ୧୫ ଦିନ ସମୟ ମାଗିବା ସହ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ମିଲର୍ସ ସଂଘ ଆନ୍ଦୋଳନରୁ ଓହରିଛନ୍ତି। ଏହାପରେ ଆଜି ବରଗଡ଼ ଜିଲ୍ଲାର ବିଭିନ୍ନ ମଣ୍ଡିରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। କିଛି ଦିନ ପୂର୍ବରୁ ବରଗଡ଼ ଜିଲ୍ଲା ଅତାବିରା ନିର୍ବାଚନ ମଣ୍ଡଳୀରେ ଚାଷୀଙ୍କ ଧାନ ନ ଉଠିବାକୁ ନେଇ ରଣ ହୁଙ୍କାର ଦେଇଥିଲେ ବିଜେଡିର ବରିଷ୍ଠ କର୍ମକର୍ତ୍ତା। ଚାଷୀଙ୍କ ଧାନ କିଣା ସମସ୍ୟାକୁ ନେଇ ବିରାଟ ଚାଷୀ ସମାବେଶ ଓ ଚାଷୀ ମାରଣ ନୀତି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ହଜାର ହଜାର ଚାଷୀ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ବିରୋଧୀ ଦଳ ଉପନେତା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସରକାରଙ୍କ ଅପାରଗତା ଓ ଧାନ କିଣା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ସରକାର ଦିନ ରେ ଗୋଟିଏ କଥା ରାତିରେ ଗୋଟିଏ କଥା କହି ରାଜ୍ୟର ଚାଷୀ କୂଳ କୁ ଭୁଆଁ ବୁଲାଉଥିବା ବେଳେ ବିଭିନ୍ନ ଉପାୟରେ ହଇରାଣ ହରକତ କରିଚାଲିଛନ୍ତି, ଧାନ ବିକ୍ରି ପାଇଁ ଆନ୍ଦୋଳନ କଲେ ଚାଷୀ ନେତା ଙ୍କୁ ପୋଲିସ ଲଗାଇ ମାଡ ମାରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଅନ୍ୟପଟରେ ବିଭିନ୍ନ ଦାବି ପୂରଣ ନେଇ ମିଲର୍ସମାନେ ମଧ ଅନ୍ଦୋଳନକୁ ଓହ୍ଲାଇଥିଲେ। ଏବେ ମିଲର୍ସ ଆସୋସିଏସନ୍‌କୁ ସରକାର ଦାବି ପୂରଣ ପାଇଁ ୧୫ଦିନ ସମୟ ମାଗିବା ପରେ ମିଲର୍ସ ଆସୋସିଏସନ୍ ଅନ୍ଦୋଳନ ପ୍ରତ୍ୟାହୃତ କରିଥିବାରୁ ଜିଲ୍ଲାରେ ଶନିବାରଠାରୁ ଧାନ କିଣା ସ୍ୱାଭାବିକ ହେବ ବୋଲି କୁହାଯାଉଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଟୋକନ ସମସ୍ୟା ଦୂର ହୋଇନି। ତେବେ ୫ ତାରିଖରୁ ମିଲ ମାଲିକ ଯେଉଁ ମଣ୍ଡି ଗୁଡିକରୁ ଧାନ ସଂଗ୍ରହ କରୁ ନ ଥିଲେ ଆଜି ଜିଲ୍ଲାର ବିଭିନ୍ନ ମଣ୍ଡିରୁ ଧାନ ନେଇଥିବାର ଦେଖିବାକୁ ମିଳିଛି।



## ସଚିଦାନନ୍ଦ ଭୋଇଙ୍କ ଶ୍ରାଦ୍ଧ ଅବସରରେ ରକ୍ତଦାନ ଶିବିର

ବରଗଡ଼, ୯।୧(ସମିସ): ଅତାବିରା ବ୍ଲକ ଅଧୀନ ଆନନ୍ଦ କଲ୍ୟାଣ ମଣ୍ଡପ ଠାରେ ଭୋଇପାଲି ଗାଁର ସ୍ୱର୍ଗତ ସଚିଦାନନ୍ଦ ଭୋଇଙ୍କ ଗଙ୍ଗାଶ୍ରାଦ୍ଧ ଅବସରରେ ଭୋଇ ପରିବାର ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ସ୍ୱର୍ଗତ ଭୋଇଙ୍କ ପୁତ୍ର ସଞ୍ଜୟ ଭୋଇ ବରେଣ୍ୟ ଅତିଥି ଭାବେ ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୩୬ ୟୁନିଟ ରକ୍ତ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ସ୍ୱର୍ଗତ ଭୋଇଙ୍କ ପୁତ୍ର ଚିନ୍ମୟ ଭୋଇ, ଭଣଜା ଉମେଶ ପ୍ରଧାନ, ଭୋଇ ପରିବାର ଓ ନିଷ୍ଠା ପରିବାରର ଉପଦେଷ୍ଟା ରାମ ନିବାସ ଅଗ୍ରୱାଲ, ସଭାପତି ଅଶ୍ୱିନୀ ତ୍ରିପାଠୀ, ଦିନେଶ ପ୍ରଧାନ, ଚିତ୍ର ପ୍ରଧାନ, ରାହୁଲ ପାଣ୍ଡେ, ଝସକେତନ ସାହୁ ଶିବିରକୁ ପରିଚାଳନା କରିଥିଲେ। ରକ୍ତଦାନ ଶିବିର ଆୟୋଜନ ପାଇଁ ସ୍ୱର୍ଗତ ସଚିଦାନନ୍ଦ ଭୋଇଙ୍କ ଧର୍ମପତ୍ନୀ ମଞ୍ଜରୀ ଭୋଇଙ୍କୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତଦାତା, ସହଯୋଗୀ, ଶୁଭେଚ୍ଛୁ ଓ ଭୋଇ ପରିବାରଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରା ଯାଇଥିଲା।

## ବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

ପଦ୍ମପୁର, ୯।୧ (ସମିସ): ରାଜବୋରାସମ୍ବର ବ୍ଲକସ୍ତରରେ ୨୦୨୪-୨୫ ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରର ଛାତ୍ରଛାତ୍ରୀମାନେ କୃତିତ୍ୱ ହାସଲ କରିଛନ୍ତି। ତୃତୀୟ ଶ୍ରେଣୀର ଆକାଂକ୍ଷା ରଣା ପ୍ରଥମ, ତନଶ୍ରୀ ପଥାନ ଦ୍ୱିତୀୟ, ରେହାନସିକା ସାହୁ ପଞ୍ଚମ ସ୍ଥାନ, ତ୍ରିଶରାଜ ଦାଉ ୬ଷ୍ଠ ସ୍ଥାନ ପାଇଥିବା ବେଳେ ପଞ୍ଚମ ଶ୍ରେଣୀ ରୁ ପୁପୁନ ବଡ଼ ଗୁଛିଆ ପ୍ରଥମ ହୋଇଥିବା ବେଳେ ଦୀପକ ସାହୁ ଦ୍ୱିତୀୟ ସ୍ଥାନ, ଆରାଧ୍ୟା ଭୋଇ ତୃତୀୟ ସ୍ଥାନ, ଅନମୋଲ ବଢେଇ (ଚତୁର୍ଥ ସ୍ଥାନ ପାଇ କୃତିତ୍ୱ ହାସଲ କରିଥିବା ବେଳେ ପଦ୍ମପୁର ଘଇଉରେନବମ ଶ୍ରେଣୀର ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ରାହୁଲ ବୁଡେକ ୮୩ ମାର୍କ, ତନ୍ୱି ମୃଣାଳିନୀ ସୁନା ୭୫ମାର୍କ, ଶୋଭିତ ସାହୁ ୭୪ମାର୍କ, ସୌରଭ କୁମାର ତାଣ୍ଡି ୫୭ ମାର୍କ, ଗାୟତ୍ରୀ ନିଆଲ ୫୨ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବାରୁ ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ, ଅଭିଭାବିକା, ପରିଚାଳନା ସମିତି ତରଫରୁ ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଛାତ୍ରଛାତ୍ରୀଙ୍କ ଦ୍ୱାରା ଶୌଚାଳୟ ସଫେଇ ଅଭିଯୋଗ

ବରଗଡ଼, ୯।୧(ସମିସ): ପଧାନପାଲି ସେବାଶ୍ରମ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶୌଚାଳୟ ସଫେଇ କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି ଅଭିଭାବକ। ଶୁକ୍ରବାର ବିଦ୍ୟାଳୟକୁ ଘେରି ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଭିଭାବକ। ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଗତକାଲି ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀ ୧୦ ଟଙ୍କା ଲେଖାଏଁ ଦେଇ ଶୌଚାଳୟ ସଫା କରାଇଥିବା ଅଭିଯୋଗ କରିଛନ୍ତି ଅଭିଭାବକ। ଛାତ୍ରଛାତ୍ରୀମାନେ ଘରକୁ ଆସି ଏହି ଘଟଣା ବିଷୟରେ କହିବା ସହ ୧୦ ଟଙ୍କା ନିଜ ଅଭିଭାବକମାନଙ୍କୁ ଦେଇଥିବା ବେଳେ ଆଜି ଏହି ଘଟଣାର ବିରୋଧ କରି ସଫା କରାଇଥିବା ଶିକ୍ଷୟତ୍ରୀଙ୍କ ବିରୋଧରେ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏଥିପ୍ରତି ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବା ସହ ଉକ୍ତ ଶିକ୍ଷୟିତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି।



## ଚିଖିଲି ମହାନଦୀ ମୁହାଣରେ ମକରମେଳା

ଅମ୍ବାଭୋନା, ୯ ।୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଖିଲି ଗ୍ରାମର ଚିତ୍ରୋତ୍ପଳା ମହାନଦୀ ତଟବର୍ତ୍ତୀ ଭୋଳାନାଥ ଶିବ ମନ୍ଦିର ପ୍ରାଙ୍ଗଣରେ ପ୍ରଥମ ବର୍ଷ ଆଞ୍ଚଳିକ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସହସ୍ରାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ମହାନଦୀ ମୁହାଣକୁ ଭବ୍ୟ ଶୋଭାଯାତ୍ରାରେ ପହଞ୍ଚିଥିଲେ। ସେଠାରୁ କଳସରେ ଭର୍ତ୍ତି କରି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ଗ୍ରାମର ରଙ୍ଗବଲ୍ଲଭ ଖମାରୀ ସପତ୍ନୀ ବାସନ୍ତି ଖମାରୀ, ରାଜୁ ବୈଗା ସପତ୍ନୀ ପଦ୍ମନୀ ବୈଗା, ବିଜୟ ଭୋଇ ସପତ୍ନୀ ଶୁସିଲା ଭୋଇ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ମନୋଜ ପଣ୍ଡା, ଗୁରୁଦେବ ଷଡଙ୍ଗୀ, ଭ୍ରମର ଦାସ ପ୍ରମୁଖ ପୂଜାପାଠ ଓ ମନ୍ତ୍ରପାଠ କରିଥିଲେ। ଏହି ଅବସରରେ ଶଙ୍କର ସେଠ, ବାର ସ୍କନ୍ଧ ଗାନ କରି ଭକ୍ତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ। ଆଞ୍ଚଳିକ ମକର ମେଳା କମିଟି ସଭାପତି ବେଲାଳସେନ ବାରିକ, ସମ୍ପାଦକ ଦୟାନିଧି ଖମାରୀ, କୋଷାଧ୍ୟକ୍ଷ ମୋତିଲାଲ ସେଠଙ୍କ ନେତୃତ୍ୱରେ ସମସ୍ତ ଚିଖିଲି ଗ୍ରାମର ସ୍ୱେଚ୍ଛାସେବୀକ ଯୁବକ ପରିଚାଳନାରେ ସହଯୋଗ କରିଥିଲେ।



## ଆମ ସାହିତ୍ୟ ଉତ୍ସବ

ପଦ୍ମପୁର, ୯।୧(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷଠାରେ ସମ୍ବଲପୁରୀ କୋଶଲୀ ସାହିତ୍ୟର ଉନ୍ନତି ଓ ପ୍ରଚାର ପ୍ରସାର ନିମନ୍ତେ ‘ଆମ ସାହିତ୍ୟ ଉତ୍ସବ-୨୦୨୬’ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ଖଗେଶ୍ୱର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଅଧିବେଶନରେ ଅଧ୍ୟକ୍ଷ ଶ୍ରୀ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଙ୍ଗୀତା ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ। ‘ଆମ ସାହିତ୍ୟ’ର ଆବାହକ ତଥା ପ୍ରତିଷ୍ଠାତା ପ୍ରଶାନ୍ତ ମେହେର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ମାତୃଭାଷାର ସେବା ଓ ସାହିତ୍ୟର ଗୁରୁତ୍ୱ ଉପରେ କହିଥିଲେ। ବିଶିଷ୍ଟ ବକ୍ତା ଭାବେ ବନବାସ ମେହେର, ବିଶିଷ୍ଟ ଅତିଥି ଭାବେ ଉତ୍ପନ୍ନ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ସୁମନ ନାଏକ ଓ ଓଡ଼ିଆ ବିଭାଗ ମୁଖ୍ୟ ଡ. ସରୋଜ କୁମାର ନାଏକ ମଞ୍ଚାସୀନ ଥିଲେ। ‘ପ୍ରତିଭା ପୂଜା’ ପର୍ବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ନାଟ୍ୟକାର ରାଜ କୁମାର ସାହୁ, କବି ଅନନ୍ତ କୁମାର ମେହେର, ଯୋଗେଶ୍ୱର ବିଶ୍ୱାଳ, ସନ୍ତୋଷ କୁମାର ମିଶ୍ର, କବୟିତ୍ରୀ ଲିପ୍ସା ବାରିକ, ପାଲା ଗାୟିକା ରଶ୍ମି ସାହୁ, ଦଣ୍ଡ କଳାକାର ରଣଜିତ ନାଗ ଏବଂ ଲୋକ କଳାକାର ରମେଶ ଗୁର୍ଲା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କବିତା ପାଠ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର କର୍ମଚାରୀ, ଛାତ୍ରଛାତ୍ରୀ ତଥା ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ନିମନ୍ତ୍ରିତ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହା ସହିତ ରଶ୍ମି ସାହୁ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ ଏବଂ ରଣଜିତ ନାଗ ଓ ସାଥୀଙ୍କ ଦ୍ୱାରା ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା। କବିତା ପାଠରେ ଅଂଶଗ୍ରହଣ କରିଥିବା ସମସ୍ତ କବିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଶୁକ୍ରୁ ବଗର୍ତ୍ତୀଙ୍କ ପରଲୋକ

ଦହିତା, ୯।୧(ସମିସ): ପଦ୍ମପୁର ଉପଖଣ୍ଡ କେଆରପି ଉଚ୍ଚ ବିଦ୍ୟାଳୟ ବାଜେନମୁଣ୍ଡାର ଚତୁର୍ଥ ଶ୍ରେଣୀ କର୍ମଚାରୀ ଶୁକ୍ରୁ ବଗର୍ତ୍ତୀଙ୍କ ୫୩ ବର୍ଷ ବୟସରେ ଆଜି ନିଜ ବାସଭବନରେ ହୃଦଘାତ ଯୋଗୁଁ ପରଲୋକ ହୋଇଯାଇଛି। ସେ ୧୯୯୮ ଜୁନ୍ ୨୫ରେ ଚତୁର୍ଥଶ୍ରେଣୀ କର୍ମଚାରୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପାର୍ଥିବ ଶରୀରର ଶେଷ ଦର୍ଶନ କରିଥିଲେ। ସ୍ତ୍ରୀ ପୀରବତୀ, ତିନି ପୁଅ ସୁନୀଲ, ସୁଶୀଲ, ଝସକେତନ ଓ ପରିବାର ବର୍ଗ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ଝସକେତନ ମୁଖାଗ୍ନି ଦେଇଥିଲେ।

## ପ୍ରମୋଦ ଲୁହୁରାଙ୍କ ପରଲୋକ



ସୋହେଲା, ୯।୧(ସମିସ): ବହୁଜନ ସମାଜ ପାର୍ଟିର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ ଲୁହୁରା (୫୪)ଙ୍କ ଆଜି ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ଅସୁସ୍ଥ ଥିଲେ। ସୋହେଲା ବ୍ଲକ ଅନ୍ତର୍ଗତ ଟୁଙ୍ଗିବନ୍ଧଲୀ ଗ୍ରାମ ସ୍ଥିତ ତାଙ୍କ ବାସଭବନରେ ତାଙ୍କର ପରଲୋକ ହୋଇଛି। ଖବର ପାଇ ସମ୍ବଲପୁରରୁ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ, ବରଗଡ଼ ଜିଲ୍ଲା ବହୁଜନ ସମାଜ ପାର୍ଟିର ସଭାପତି ନାରାୟଣ ଭେସ୍ରା, ସମ୍ବଲପୁରର ସମାଜସେବୀ ନିହାଲ ସିଂ, ହରିଶ ଦୀପ, ଝସକେତନ ଦୀପ, ରମେଶ ଫଚବିହାର (ଅତାବିରା), ରାଜୁ ନନ୍ଦ(ବରଗଡ଼) ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତି ସୋହେଲା ବ୍ଲକ ଟୁଙ୍ଗିବନ୍ଧଲୀ ଗ୍ରାମରେ ଥିବା ତାଙ୍କ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରମୋଦ ଲୁହୁରାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ ଗଭୀର ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା।

## ନାରାୟଣ ସାହୁଙ୍କ ପରଲୋକ



ପଦ୍ମପୁର, ୯।୧(ସମିସ): ଧୂମାଭଟା ଗ୍ରାମର ନାରାୟଣ ସାହୁଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ହୋଇଥିଲା। ସେ ବମରିତ୍ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ଏକାଧାରରେ ଶିକ୍ଷକ, କବି ଓ ଚିତ୍ରକର ଥିଲେ ତଥା ଅନେକ ସେବାକାର୍ଯ୍ୟ କରି ଆସୁଥିଲେ। ତାଙ୍କ ଲେଖା ଗୁଡିକ ଲୋକଙ୍କୁ ମନମୁଗ୍ଧ କରି ଦେଉଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କର ବଡ଼ ପୁଅ କେଦାର ଶଙ୍କର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ଧର୍ମ ପତ୍ନୀ ଚନ୍ଦ୍ରମା ସାହୁ, ସାନ ପୁଅ ଲିଙ୍ଗରାଜ ସାହୁ, ଦୁଇ ପୁତ୍ର ବଧୂ, ଏକମାତ୍ର ନାତି ଶୋଭିକ ଏବଂ ବୃଦ୍ଧା ମାତା ଶ୍ରଦ୍ଧାବତୀ ସାହୁ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ।

# ମା’ ବହଲତଲିଏନ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଗାଇସିଲେଟ, ୯।୧(ସମିସ)

ବରଗଡ଼ ଜିଲ୍ଲା ଗାଇସିଲେଟ ମିନିଷ୍ଟାଡିଅମଠାରେ ୨୮ତମ ମା’ ବହଲତଲିଏନ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମର ଇଷ୍ଟଦେବୀ ମା’ ବହଲତଲିଏନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଗାଇସିଲେଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ଲକ୍ଷ୍ମଣ ମାଝୀ, ଥାନା ଅଧିକାରୀ ଏମ୍ ମିଂଜ, ଡାକ୍ତର ମୟଙ୍କ ହୋତା, ପ୍ରବୀଣ ପାଣିଗ୍ରାହୀ ଓ ଦେବେନ୍ଦ୍ର ଯୋଷୀ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବରଗଡ଼ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବରଗଡ଼ ଦଳ ରାଉରକେଲାକୁ ୪-୦ଗୋଲରେ ପରାଜିତ କରିଥିଲା। ବରଗଡ଼ ଦଳର କରମ ବାଗ ଦୁଇଟି ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ଓ ଝାରସୁଗୁଡା ମଧ୍ୟରେ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ। ଶେଷରେ ଟାଇ ବ୍ରେକରରେ ଝାରସୁଗୁଡା ଦଳ ବିଜୟୀ ହୋଇଥିଲା। ପ୍ରଶାନ୍ତ ବେହେରା, ଲିଙ୍ଗରାଜ ପ୍ରଧାନ, ଶଶିକାନ୍ତ ଦାସିଆ, ଜିତୁ ପାତ୍ର ଓ ଅଶେଷ ଦାଶ ଖେଳ ପରିଚାଳନା କରିଥିଲେ।



# ଦହିତା ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉପଲକ୍ଷେ ସାଂସ୍କୃତିକ ଶୋଭାଯାତ୍ରା

ପଦ୍ମପୁର, ୯।୧(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ନିକଟସ୍ଥ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦହିତାର ତ୍ରିଦିବସୀୟ ରୌପ୍ୟ ଜୟନ୍ତୀ ସମାରୋହର ଶୁକ୍ରବାର ପ୍ରଥମ ଦିବସରେ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୁଲଦୁଲି, କଳଙ୍ଗି, ଘଣ୍ଟ ବାଦ୍ୟ ସମେତ ପାରମ୍ପରିକ ଲୋକବାଦ୍ୟ ତାଳେ ତାଳେ ଶୋଭାଯାତ୍ରାରେ ଯାଇ ବନ୍ଦେଶ୍ୱରୀ ନଦୀ କୂଳରେ ଏବଂ ବାବା ଧବଳେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ ସ୍ଥାନରୁ ପୂର୍ଣ୍ଣକୁମ୍ଭ ଏବଂ ଜ୍ୟୋତି ନେଇ ଶୋଭାଯାତ୍ରା ସମଗ୍ର ଗ୍ରାମ ପରିକ୍ରମା କରିଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ ସାହୁ, ନେତାଜୀ କ୍ଲବ୍ ସଭାପତି ସରୋଜ ପାଣିଗ୍ରାହୀ, ସଂଯୋଜକ ଲମ୍ବୋଦର ତାଣ୍ଡି, ଆବାହକ ସୁଶାନ୍ତ ମିଶ୍ର, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷିରସିନ୍ଧୁ ସୁନା, ସେବାଶ୍ରମ ପ୍ରଧାନ ଶିକ୍ଷକ ଜୟନାରାୟଣ ମେହେର, ପୂର୍ବତନ କମିଟି ସଦସ୍ୟ ଲିଙ୍ଗରାଜ ଥନାପତି, ଅଧ୍ୟାପକ ମନିଶ ମିଶ୍ର, ଶତ୍ରୁଘ୍ନ ପ୍ରଧାନ, ଶୋଭାମୟୀ ପ୍ରଧାନ, ପ୍ରିୟବ୍ରତ ସାହୁ, ନାରାୟଣ ହୋତା, ରାଜେଶ ଥନାପତି, ରତିକାନ୍ତ ସୁଆର, ସୁବଳ ସାହୁ, ମାନଭଞ୍ଜନ ହୋତା, ଦେବରାଜ ସାହୁଙ୍କ ସମେତ ମହାବିଦ୍ୟାଳୟ କର୍ମଚାରୀ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଗ୍ରାମବାସୀ, ଶିକ୍ଷାପ୍ରେମୀ, ପୂର୍ବତନ ପରିଚାଳନା କମିଟି ସଦସ୍ୟ, ନେତାଜୀ କ୍ଲବ୍ ସଦସ୍ୟ ପ୍ରମୁଖ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ମହାବିଦ୍ୟାଳୟରେ ପୂଜାର୍ଚ୍ଚନା ପୂର୍ବକ କାର୍ଯ୍ୟକ୍ରମର ଆରମ୍ଭ ହୋଇଯାଇଛି।





# ଭୁବନେଶ୍ୱର ସିଟି

### ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

## ଫୁଲ ବଖାଣୁଛି ପହେଲଗାଓଁର ଛାତିଥରା କାହାଣୀ

ଭୁବନେଶ୍ୱର, ୯ ।୧(ସମିସ): ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ଏକାମ୍ର କାନନ, ଭୁବେନଶ୍ୱର, ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍‌ର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆରମ୍ଭ ହୋଇଛି । ଜାନୁଆରୀ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନରୀ ନୂତନ ଗେଟ୍



ପରିସର, ବହୁରଙ୍ଗୀ ଉଦ୍ୟାନ ଓ କ୍ୟାକଟସ ହାଉସ୍ ମଧ ଉଦଘାଟିତ ହୋଇଛି । ଏହି ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟର ବିଭିନ ପ୍ରାନ୍ତରୁ ୭୦ଊର୍ଦ୍ଧ୍ୱ ପ୍ରତିଷ୍ଠାନ ଯୋଗଦେବା ସହ କଟ ଫ୍ଲାୱାର, ବନସାଇ ଓ ବିଭିନ୍ନ ପ୍ରକାରର ଅର୍ଚିଡ ମଧ ପ୍ରଦର୍ଶିତ ହେବା ସହ ଫୁଲରେ ନିର୍ମିତ ବିଭିନ୍ନ ଆକର୍ଷଣୀୟ ଥିମ୍ ଯଥା, ଶ୍ରୀଜଗନ୍ନାଥ, ଢ଼ୋଲ, ତବଲା, ବାର୍ବିଡଲ୍, ବୀଣା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରୁଛି । ତେବେ ଚାରିଆଡ଼େ ଫୁଲର ସମ୍ଭାର ଦେଖିବାକୁ ମିଳିଥିବା ବେଳେ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଥିଲା ଇମ୍ପା ପକ୍ଷରୁ ପ୍ରଦର୍ଶିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋ ସହ ତିନି ରଥ। ଫୁଲ ମଧରେ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦ୍ୱଳନ ରଥ ଏଠାରେ ପ୍ରତିଟି ପରିଦର୍ଶକଙ୍କ ମଧରେ ଆଧାମ୍ନିକ ଭାବନା ସୃଷ୍ଟି କରିଥିଲା । ସେହିପରି ଧାମରା ପୋର୍ଟ ପକ୍ଷରୁ ଜାମ୍ମୁକାଶ୍ମିର ପହେଲଗାଓଁ ଟ୍ରାଜେଡିକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି । ଯାହାକି ପ୍ରତ୍ୟେକ ଦର୍ଶକଙ୍କୁ ଆକୃଷ୍ଟ କରୁଛି । ଜାମ୍ମୁକାଶ୍ମୀରର ଏହି ପର୍ଯ୍ୟଟନସ୍ଥଳରେ ଭାରତୀୟମାନଙ୍କୁ ଆତଙ୍କବାଦୀମାନେ ଯେଉଁଭଳି ଭାବେ ଗୁଳି କରି ହତ୍ୟା କରିଥିଲେ ତାହାର ଦୃଶ୍ୟକୁ ଅତି ନିଖୁଣ ଭାବେ ଫୁଲରେ ପ୍ରଦର୍ଶିତ କରାଯାଇଛି । ସେହିପରି ବିଡିଏ ପକ୍ଷରୁ ଗ୍ରୀନସିଟି ଭୁବନେଶ୍ୱର, ରାଧାକୃଷ୍ଣଙ୍କ ମନ୍ଦିର, କନ୍ୟା କିରଣ ଆଦି ବେଶ୍ ଆକର୍ଷଣୀୟ ହୋଇଛି । ପ୍ରତିଟି ଫୁଲ ବଗିଚାରେ ରହିଛି ଭିନ୍ନ କାହାଣୀ । ଯେଉଁଠି ପରିଦର୍ଶକମାନେ ଫଟୋ ଉଠାଇବା ସହ ଯୁବପିଢ଼ୀମାନେ ରିଲସ୍ କରି ବେଶ୍ ଆନନ୍ଦ ନେଇଛନ୍ତି । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଉଦଘାଟନୀ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ କୁମାର ପନ୍ତ, ପ୍ଲାଣ୍ଟ ଲଭର୍ସ ଆସୋସିଏସନର ସଭାପତି କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିବର୍ଷ ଏହି ପ୍ରଦର୍ଶନୀ ୨ଦିନ ଚାଲୁଥିବା ବେଳେ ଚଳିତ ବର୍ଷ ଏହା ୩ଦିନ ଚାଲିବ ।



ପୁଷ୍ପ ପ୍ରଦର୍ଶନୀରେ ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଦ୍ୱାରା ପ୍ରଦର୍ଶିତ ଷ୍ଟଲରେ କମ୍ପାନୀ ପ୍ରେସିଡେଣ୍ଟ କର୍ପୋରେଟ ଆଫେୟର ଅର୍ଦ୍ଧେନ୍ଦୁ ମହାପାତ୍ରଙ୍କ ସହ ଅନ୍ୟ କର୍ମକର୍ତ୍ତାଗଣ ଉପସ୍ଥିତ ଅଛନ୍ତି ।

## ଅରୁନ୍ଧତୀ ଜୁଏଲର୍ସଙ୍କୁ 'ବେଷ୍ଟ ସିଏସ୍‌ଆର୍ ଇମ୍ପାକ୍ଟ' ସମ୍ମାନ



ଭୁବନେଶ୍ୱର, ୯।୧ (ସମିସ): ଅରୁନ୍ଧତୀ ଜୁଏଲର୍ସଙ୍କୁ ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ଡିଲୋଏଟ ପକ୍ଷରୁ ଆୟୋଜିତ 'ଏମଡି ଏବଂ ସିଇଓ ଆୱାର୍ଡ' କାର୍ଯ୍ୟକ୍ରମରେ 'ବେଷ୍ଟ ସିଏସଆର ଇମ୍ପାକ୍ଟ-୨୦୨୬' ସମ୍ମାନରେ ସମ୍ମାନିତ ହେଇଛି । ମୁମ୍ବଇର ହୋଟେଲ ଗ୍ରାଣ୍ଡ ହାୟଟରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ଅରୁନ୍ଧତୀ ଗ୍ରୁପର ଯୁବ ନିର୍ଦ୍ଦେଶକ ପ୍ରତୀକ ମେହେର ଏହି ସମ୍ମାନ ଗ୍ରହଣ କରିଥିଲେ । ଅରୁନ୍ଧତୀ ଜୁଏଲର୍ସ ଜନକଲ୍ୟାଣ ଦିଗରେ ଅନେକ ପଦକ୍ଷେପ ହାତକୁ ନେଇଛି । ଏକ ମେଗା ରକ୍ତଦାନ ଶିବିର ମାଧ୍ୟମରେ ୧୦୦୦ ୟୁନିଟରୁ ଉର୍ଦ୍ଧ ରକ୍ତଦାନ ସଂଗ୍ରହ କରାଯାଇ ଅନେକ ଅମୂଲ୍ୟ ଜୀବନକୁ ରକ୍ଷା କରାଯାଇଛି ।

ସାମାଜିକ ଉନ୍ନତି ସହିତ ସାଂସ୍କୃତିକ ସଂରକ୍ଷଣର ପ୍ରଚାର ପ୍ରସାର ପାଇଁ ବଲାଙ୍ଗୀରରେ ଯଜ୍ଞ ମଣ୍ଡପ କରି ୫୦୦୦ ବୁଣାକାରଙ୍କ ପ୍ରତିଭା ଓ ଓଡ଼ିଶାର ବାନ୍ଧକଳାକୁ ବିଶ୍ୱ ବଜାରରେ ଏକ ବିଶେଷ ପରିଚୟ ଦେବାରେ ଅରୁନ୍ଧତୀ ଗ୍ରୁପ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କ ପ୍ରଭାବଶାଳୀ ଦୃଷ୍ଟିକୋଣ, ସାମାଜିକ ସମ୍ବେଦନଶୀଳତା ଓ ଦାୟିତ୍ୱଶୀଳ ନେତୃତ୍ୱ ଅରୁନ୍ଧତୀକୁ ଜାତୀୟ ସ୍ତରରେ ଏକ ଆଦର୍ଶ ଏବଂ ଅଗ୍ରଣୀ ବ୍ରାଣ୍ଡ ଭାବେ ପରିଚିତ କରାଇଛି ।

## ମହିଳା ସାମ୍ବାଦିକ ସିଲାଙ୍କ ପରିବାରକୁ ସହାୟତା ନିମନ୍ତେ ଦାବି

ଭୁବନେଶ୍ୱର, ୯ ।୧(ସମିସ): ଚଳିତ ମାସ ୬ ତାରିଖରେ ମହିଳା ସାମ୍ବାଦିକ ସିଲା ପଟ୍ଟନାୟକ ଏକ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଶୁକ୍ରବାର ଭୁବନେଶ୍ୱର ଯୁବ ଛାତ୍ର ସଂଗଠନ ତରଫରୁ କ୍ଷତିଗ୍ରସ୍ତ ପରିବାରକୁ ପ୍ରାୟ ଏକ କୋଟି ଲେଖାଏଁ ଅର୍ଥରାଶି ପ୍ରଦାନ କରିବା ସହ ତାଙ୍କର ଏକମାତ୍ର ଶିଶୁପୁତ୍ରର ଭରଣ ପୋଷଣ ସରକାର ତୁଲାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରାଯାଇଛି । ଆଗାମୀ ୨୪ଘଣ୍ଟା ମଧ୍ୟରେ ସରକାର ଯଦି କୌଣସି ସହାୟତା ଘୋଷଣା ନକରନ୍ତି ତେବେ ସଂଗଠନ ତରଫରୁ ଲୋକଭବନସ୍ଥିତ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ତଳେ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି ।

ସୂଚନା ଅନୁସାରେ, ସାମ୍ବାଦିକା ଶିଲା ପଟ୍ଟନାୟକ ଓ ତାଙ୍କ ବାନ୍ଧବୀ ଭୁବନେଶ୍ୱରରୁ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଯିବା ବାଟରେ ପିପିଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଙ୍ଗଳପୁର ଠାରେ ଦୁର୍ଘଟଣା ଘଟିଥିଲା । ଏନ୍‌ଏଚଏଆଇ-୩୧୬ ଠାରେ ବାଲି ମାଫିଆଙ୍କ ଉତ୍ପାତ ଫଳରେ ରାସ୍ତାରେ ଗଦାହୋଇଥିବା ବାଲିରେ ତାଙ୍କ ଦୁଇ ଚକିଆ ଯାନ ଭାରସାମ୍ୟ ହରାଇବା ଫଳରେ ଏକ ଘରୋଇ ବସ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ସାମ୍ବାଦିକ ସିଲା ପଟ୍ଟନାୟକ ଏବଂ ତାଙ୍କ ବନ୍ଧୁଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ପରେ ତାଙ୍କର ଏକମାତ୍ର ପୁଅ ସପ୍ତମଶ୍ରେଣୀରେ ପଢୁଥିବା ବିଘ୍ନେଶ୍ୱରଶ ପଟ୍ଟନାୟକ ମା' ଛେଉଣ୍ଡ ହୋଇଯାଇଛନ୍ତି । ସିଲା ପଟ୍ଟନାୟକ ତାଙ୍କ ସ୍ୱାମୀଙ୍କଠୁ ଅଲଗା ରହୁଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଯିବା ସମୟରେ ବିକାଶ ଧଳ, ଜୟଦେବ ଲେଙ୍କା, ବିଶ୍ୱଜିତ୍ ସ୍ୱାଇଁ, ଅଂଶୁମାନ ସାହୁ, ସୌମ୍ୟରଞ୍ଜନ ସ୍ୱାଇଁ, ଶ୍ରୀକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଇପିଏଫ୍ ପେନ୍‌ସନର୍ସ ସଙ୍ଘର ବିକ୍ଷୋଭ

ଭୁବନେଶ୍ୱର, ୯ ।୧(ସମିସ): ଭୁବନେଶ୍ୱରସ୍ଥିତ ଭବିଷ୍ୟନିଧି ସଂଗଠନ କାର୍ଯ୍ୟାଳୟ ସମ୍ମୁଖରେ ଅଲ୍ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସର୍ବନିମ୍ନ ପେନସନ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ, ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ଦେବା ଏବଂ ଇପିଏଫ ପେନସନଭୋଗୀ ପରିବାରକୁ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦେବାରେ କେନ୍ଦ୍ର ସରକାର ଓ ଇପିଏଫ କର୍ତ୍ତୃପକ୍ଷଙ୍କ



କ୍ରମାଗତ ଅବହେଳା ପ୍ରତିବାଦରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିସହ ଏହି ଚାରି ଦଫା ଦାବି ପୂରଣ କରିବା ଲାଗି ସଙ୍ଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଭବିଷ୍ୟନିଧି ସଂଗଠନର ଓଡ଼ିଶା ମୁଖ୍ୟଙ୍କୁ ପ୍ରଦାନ କରାଯାଇଥିଲା । ଉପରୋକ୍ତ ଚାରିଦଫା ଦାବି ପୂରଣ ହେଲେ ଆଗାମୀ ଦିନରେ ଆନ୍ଦୋଳନଙ୍କୁ ଜୋରଦାର କରାଯିବ ବୋଲି ସଂଘ କହିଛି । ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଖୋର୍ଦ୍ଧା ଓ ଭୁବନେଶ୍ୱରରୁ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ରାଜ୍ୟ କମିଟି ତରଫରୁ ସଭାପତି ଇଂ ବିଜୟ କୁମାର ଜେନା ଓ ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଅତିଥି ଭାବେ ଯୋଗଦେଇଥିବା ବେଳେ ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ, ଲୋକନାଥ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

ପ୍ରକାଶ ଥାଉ କି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ଜାନୁଆରୀ ୨୦୧୬ ମସିହାରୁ ମାସିକ ପେନସନ ୯ହଜାର ଟଙ୍କା ସହ ମହଙ୍ଗାଭତ୍ତା ପାଉଥିବା ବେଳେ କେନ୍ଦ୍ରସରକାର ଇପିଏଫ ପେନସନଭୋଗୀଙ୍କ କ୍ଷେତ୍ରରେ ସେପ୍ଟେମ୍ବର ୨୦୧୪ମସିହାରୁ ବିନା ମହଙ୍ଗାଭତ୍ତାରେ ମାସିକ ସର୍ବନିମ୍ନ ୧ହଜାର ଟଙ୍କା ପେନସନ ଲାଗୁ କରିଛନ୍ତି । ଯାହାଫଳରେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ଲାଗି ଦେଶର ୮୦ଲକ୍ଷ ପେନସନଭୋଗି ପରିବାର ନାହିଁ ନ ଥିବା ଅଭାବ ଅନାଟନ ମଧ୍ୟରେ ଦିନ କାଟୁଛନ୍ତି ।

## ଭୁବନେଶ୍ୱରରେ ଆୟୋଜିତ ହେବ ପୂର୍ବ ଭାରତର ସର୍ବବୃହତ 'କ୍ଲିନ୍‌ଟେକ ଏକ୍ସପୋ'

ଭୁବନେଶ୍ୱର, ୯।୧ (ସମିସ): ଭୁବନେଶ୍ୱରରେ ଆସନ୍ତା ଫେବୃଆରୀ ୨୦ ଓ ୨୧ ରେ ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ଯାତାୟତ ଉପରେ ପୂର୍ବ ଭାରତର ସର୍ବବୃହତ ପ୍ରଦର୍ଶନୀ ଗ୍ଲୋବାଲ କ୍ଲିନଟେକ ଏକ୍ସପୋ-ଓଡ଼ିଶା ଆୟୋଜିତ ହେବାକୁ ଯାଉଛି । ଏଥିରେ ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ, ୟୁଏସଏ ଭଳି ୨୦ରୁ ଅଧିକ ଦେଶର ୨୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିବେ । ଗ୍ଲୋବାଲ କ୍ଲିନଟେକ ଏକ୍ସପୋ-ଓଡ଼ିଶାର ମୁଖ୍ୟ ପରାମର୍ଶଦାତା ଏବଂ ନେଟ୍‌ଜିରୋ ଏନର୍ଜି ଟ୍ରାଞ୍ଜିଶନ ଆସୋସିଏଶନନ (ନେଟ୍ରା)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦେବୀ ପ୍ରସାଦ ଦାଶ କହିଛନ୍ତି ଯେ ଏହି ସମ୍ମିଳନୀରେ ସିଏକ୍ସଓ ରାଉଣ୍ଡଟେବୁଲ ଓ କ୍ଲିନଟେକ ଏକ୍ସିଲେନ୍ସ ଆୱାର୍ଡ ପାଇଁ ଓଡ଼ିଶା ଓ ପଡୋଶୀ ରାଜ୍ୟଗୁଡ଼ିକରୁ ୧୦, ୦୦୦ରୁ ଅଧିକ ବ୍ୟବସାୟ ପରିଦର୍ଶକଙ୍କ ସହିତ ୧୦୦୦ରୁ ଅଧିକ ବ୍ୟବସାୟ ପ୍ରତିନିଧି ଯୋଗଦେବେ । ସେହିପରି ଏହି ଏକ୍ସପୋ କେବଳ ଏକ ପ୍ରଦର୍ଶନୀ ନୁହେଁ, ବର ସହଭାଗିତା ବୋଲି ଓଡ଼ିଶା କ୍ଲିନଟେକ ଆସୋସିଏସନର ଅଧ୍ୟକ୍ଷ ପ୍ରଶାନ୍ତ ପାଣିଗ୍ରାହୀ କହିଛନ୍ତି ।

ଏହି ପ୍ରଦର୍ଶନୀରେ ସାତ୍ତ୍ୱିକ ଗ୍ରୀନ ଏନର୍ଜି, ନଭିତାସ, ନୋଭାସିସ, ଅଷ୍ଟ୍ରେଲିଆନ ପ୍ରିମିୟମ ସୋଲାର, ଗୌତମ ସୋଲାର, ପହଲ ସୋଲାର, ଇଷ୍ଟମ୍ୟାନ, ଟ୍ରୋନଟେକ, ଗାଲୋ ଏନର୍ଜି, ଜେଡି ସୋଲାର, ଲାଟିସ ଇଣ୍ଡଷ୍ଟ୍ରିଜ, ଖେତାନ ଗ୍ରୁପ, ଟାପ୍ରୋଜି, ଡେଲଫିନ, ଆପଲ ଏନର୍ଜି, ମିଡଟ୍ରୋନିକ୍ସ, ଏମଜିଏମ ଗ୍ରୀନ ଏନର୍ଜି, ଗାୟତ୍ରୀ ସୋଲାର, ଏଏଲଏଫଏ, କେଜିଡିସି, ହ୍ୱାଇଟ ସାର୍କ ଏନର୍ଜି, ଗ୍ରସ୍‌କୀ, ଡିଓଡ ଇଭି ଆଦି ପ୍ରମୁଖ ପ୍ରଦର୍ଶନକାରୀମାନେ ସାମିଲ ହେବେ ।

### ଓଡ଼ିଶା ସାମ୍ବାଦିକ ୟୁନିଅନ୍‌ର ପ୍ରତିଷ୍ଠା ଦିବସ

## 'ସାମ୍ବାଦିକଙ୍କ ସୁରକ୍ଷା, ପେନ୍‌ସନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି'

ଭୁବନେଶ୍ୱର, ୯।୧(ସମିସ): ରାଜ୍ୟରେ ସାମ୍ବାଦିକମାନଙ୍କ ଲାଗି ପେନ୍‌ସନ୍ ଲାଗୁ, ଅନୁକମ୍ପା ରାଶି ବୃଦ୍ଧି ଓ ସୁରକ୍ଷା ଆଇନ ପ୍ରଣୟନ ଆଦି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରକ୍ରିୟା ଆରମ୍ଭ ହୋଇଛି । ସମସ୍ତ ବିଷୟକୁ ତର୍ଜମା କରାଯାଇ ଖୁବ୍‌ଶୀଘ୍ର ଏ ବାବଦରେ ଅନୁକୂଳ ନିଷ୍ପତ୍ତି ନିଆଯିବ ବୋଲି ଓଡ଼ିଶା ସାମ୍ବାଦିକ ୟୁନିଅନ୍‌ର ପ୍ରତିଷ୍ଠା ଦିବସରେ




ଯୋଗଦେଇ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।

ଜୟଦେବ ଭବନଠାରେ ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବା ଓୟୁଜେର ୫୪ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଏକ ବିକଶିତ ଓଡ଼ିଶା ଗଠନ ଲାଗି ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି ଏଥିରେ ହିଁ ସାମ୍ବାଦିକମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ବୋଲି ସେ ଆହ୍ୱାନ ଦେଇଥିଲେ । ଓୟୁଜେର ଦାବିକ୍ରମେ ବିଭିନ୍ନ ସରକାରୀ ବଙ୍ଗଳା ଓ ଆବାସସ୍ଥଳୀ ଲାଗି ବୃଦ୍ଧି ହୋଇଥିବା ଦେୟକୁ ସାମ୍ବାଦିକମାନଙ୍କ ଲାଗି ୩ ଶହ ଟଙ୍କାକୁ କମାଇ ଦିଆଯିବ ବୋଲି ଘୋଷଣା କରିଥିଲେ । ଉତ୍ସବକୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଥିଲେ । ଏଥିରେ ସଭାପତିତ୍ୱ କରି ଓୟୁଜେର ସଭାପତି ପ୍ରସନ୍ନ ମହାନ୍ତି ୟୁନିଅନ୍ ପକ୍ଷରୁ ନିରନ୍ତର ଭାବରେ ଉପସ୍ଥାପନ କରାଯାଉଥିବା ପେନ୍‌ସନ୍, ପ୍ରୋଟେକ୍ସନ ଓ ଆକ୍ରିଡେସନ ପ୍ରସଙ୍ଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଓୟୁଜେ ବାଧହୋଇ ପୁଣିଥରେ ଆନ୍ଦୋଳନର ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ । ବିଶେଷ ଅତିଥିଭାବେ ଲୋକସଭା ସଦସ୍ୟ ପ୍ରଦୀପ ପୁରୋହିତ, ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ କିଷାନ ରାଉତ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଉପସଭାପତି ପରୀକ୍ଷିତ ବିଶ୍ୱାଳ, ସମ୍ପାଦକ ଦେବପ୍ରସାଦ ଦାସ, ଆଚାର୍ଯ୍ୟ ବିଶ୍ୱରଞ୍ଜନ, ରିତୁରାଜ ସିଂ, ରୂପେଶ ସାହୁ ପ୍ରମୁଖ ରାଜ୍ୟ ସରକାର ଓୟୁଜେର ଦାବିକୁ ତୁରନ୍ତ ମାନିନେବାକୁ ଦାବି କରିଥିଲେ ।

## ଅଜୟ ଉତ୍ସବ ନିମନ୍ତେ ପୁରସ୍କାର ଘୋଷଣା

ଭୁବନେଶ୍ୱର, ୯।୧(ସମିସ): ଆସନ୍ତା ୨୩ ତାରିଖ ବସନ୍ତ ପଞ୍ଚମୀ ଦିନ ସପ୍ତମ ଅଜୟ ଉତ୍ସବ ଅନୁଷ୍ଠିତ ହେବ । ସାହିତ୍ୟ, ପୁରସ୍କାର, ମନୋରଞ୍ଜନର ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ସାହିତ୍ୟିକ, ସଙ୍ଗୀତଜ୍ଞ, ବୁଦ୍ଧିଜୀବୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବର ପୁରସ୍କୃତ ପ୍ରତିଭାମାନେ ଯଥା, ପୁଡୁଚେରୀର ସୁରେଶ ନାୟକଙ୍କୁ 'ସପ୍ତମ ଅଜୟ ଉତ୍ସବ ସମ୍ମାନ', 'ଅଜୟ ଉତ୍ସବ ଗଳ୍ପ ସମ୍ମାନ'ରେ ସୁଜାତା ମହାପାତ୍ର ଓ 'ଗାୟତ୍ରୀ ସରାଫ୍ ଗଳ୍ପ ସମ୍ମାନ' ଡ ଦିଲୀପ ବେହେରାଙ୍କୁ ପ୍ରଦାନ କରାଯିବ । ଏନେଇ ଅଜୟ ଉତ୍ସବ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କିମିଟି ପକ୍ଷରୁ ଘୋଷଣା କରାଯାଇଛି ।

### ମରିଚିଆ କପ ଫୁଟବଲ

## ଦ୍ୱିତୀୟ ସେମିଫାଇନାଲିଷ୍ଟ ପ୍ରତାପନଗରୀ



ନନ୍ଦନକାନନ, ୯।୧(ସମିସ): ଭୁବନେଶ୍ୱର ଉପକଣ୍ଠ ମରିଚିଆ ଗ୍ରାମ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମରିଚିଆ କପ ୨୦୨୬ ଆଜି ଦ୍ୱିତୀୟ ଦିନରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଆଜିର ପ୍ରଥମ ଲିଗ ପର୍ଯ୍ୟାୟ ମ୍ୟାଚ ପ୍ରତାପନଗରୀ ଏବଂ ଟାଙ୍ଗିବନ୍ତ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୭/୧ଗୋଲରେ ପ୍ରତପନଗରୀ ଦଳ ଟାଙ୍ଗିବନ୍ତ ଠାରୁ ବିଜୟୀ ହୋଇଥିଲା । ଆଜିର ଦ୍ୱିତୀୟ ଲିଗ ସାଲିଆସାହି ଏବଂ ଉରାଳୀ କ୍ଲବ ଦଳ ମଧ୍ୟରେ ହୋଇଥିଲା । ଏଥିରେ ସାଲିଆସାହି ୨/୧ଗୋଲରେ ଉରାଳୀ ଠାରୁ ବିଜୟୀ ହୋଇଥିଲା । ଆଜି କ୍ୱାର୍ଟର ପର୍ଯ୍ୟାୟକୁ ଯାଇଥିବା ପ୍ରତାପନଗରୀ ଏବଂ ସାଲିଆସାହି ମଧ୍ୟରେ କ୍ୱାର୍ଟର ପର୍ଯ୍ୟାୟ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଗୋଲ ଶୂନ୍ୟ ହେବାରୁ, ଫଳରେ ଟ୍ରାଇ ବ୍ରେକର ଜରିଆରେ ଫଳ ନିର୍ଣ୍ଣୟ କରାଯାଇଥିଲା । ଉଭୟ ଦଳ ଟ୍ରାଇବ୍ରେକରରେ ବି କେହି କାହାରିକୁ ହରାଇ ପାରିନଥିଲେ । ସଡନ ଡେଥ ଗୋଲ ବଳରେ ପ୍ରତପନଗରୀ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ରବିବାର ସେମି ଫାଇନାଲ ଖେଳିବାକୁ ସ୍ଥାନ ପକ୍କା କରିଛି । ଆଜିର ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଡେରାଣୀ ଦୂତୀ ଚାନ୍ଦ, ଶ୍ରଦ୍ଧାଞ୍ଜଳି ରାୟ, ମଧୁପୁର ପଞ୍ଚାୟତ ସମିତି ସଭ୍ୟ କିଶନ କୁମାର ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଶୁକ୍ରବାର ଲିଗ ପର୍ଯ୍ୟାୟରେ ଉଷ୍ଣମା ସହିତ ଜୟପୁର, ତାର୍ଜନ କ୍ଲବ କଟକ ସହିତ ନରଣପୁର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ତରଫରୁ ଜୟନ୍ତ ରାଉତ ପ୍ରକାଶ କରିଛନ୍ତି ।

## ଐତିହ୍ୟସ୍ଥଳୀରେ ନାହାନ୍ତି ଗାଇଡ୍, ସୂଚନାଫଳକ ଗାଏବ୍

- ପୁରାତନ ଐତିହ୍ୟ ବିଷୟରେ ଜାଣିପାରୁନାହାନ୍ତି ପର୍ଯ୍ୟଟକ
- ପ୍ରଚାର ପ୍ରସାର ହୋଇପାରୁନି ଓଡ଼ିଆ କଳା, ସଂସ୍କୃତି

ଭୁବନେଶ୍ୱର, ୯।୧(ସମିସ): ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଛି । ସେଥିପାଇଁ ଅନ୍ୟଦିନ ଅପେକ୍ଷା ଐତିହ୍ୟସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ ବଢ଼ିଛି । ହେଲେ ପରିତାପର ବିଷୟ ରାଜଧାନୀର ଅଧିକାଂଶ ଐତିହ୍ୟପୀଠଗୁଡ଼ିକରେ ସ୍ୱତନ୍ତ୍ର ଗାଇଡ୍ ଏବଂ କିଛି ମନ୍ଦିରର ସୂଚନାଫଳକ ନଥିବାରୁ ଦେଶରୁ ତଥା ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଅଧିକ ତଥ୍ୟ ଜାଣିନପାରି ନିରାଶ ହୋଇ ଫେରୁଛନ୍ତି ।

ଓଡ଼ିଶାରେ ରହିଛି ପୁରାତନ ଐତିହ୍ୟସ୍ଥଳୀ । ସେହିପରି ରାଜଧାନୀରେ ମଧ ବହୁ ଐତିହ୍ୟ ପୀଠ ତଥା ପୁରାତନ ମନ୍ଦିର ମଧ ରହିଛି । ସେହି ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ରାଜ୍ୟ ତଥା ଦେଶ, ବିଦେଶରୁ ପର୍ଯ୍ୟଟକ ଆସିଥାନ୍ତି । ହେଲେ ଗାଇଡ୍ ନ ଥିବାରୁ ଅଶୋକଙ୍କ ପ୍ରାଚୀନ ଶିଳାଲେଖ, ପଞ୍ଚୁ ପାଣ୍ଡବ ଗୁମ୍ଫା, ଚଉଷଠୀ ଯୋଗିନୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ମେଘେଶ୍ୱର ମନ୍ଦିର, ଭାସ୍କରେଶ୍ୱର ମନ୍ଦିର, ଗଙ୍ଗେଶ୍ୱର-ଯମୁନେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ପର୍ଶୁରାମେଶ୍ୱର



ମନ୍ଦିର ପରି ଅନେକଗୁଡ଼ିଏ କୀର୍ତ୍ତିରାଜି ବିଷୟରେ ପର୍ଯ୍ୟଟକମାନେ ଜାଣିପାରୁନାହାନ୍ତି । ଗାଇଡ୍‌ର ଅଭାବରୁ ସେମାନେ ଓଡ଼ିଶାର ଅନେକଗୁଡିଏ କୀର୍ତ୍ତିରାଜି ସମ୍ପର୍କରେ ଅଜଣା ରହିଯାଉଛନ୍ତି । ସେହି ସ୍ଥାନଗୁଡ଼ିକରେ ଇତିହାସକୁ ଜାଣିବା ପାଇଁ ବୋର୍ଡରେ କିଛି ସ୍ଥାନରେ ଇଂରାଜୀ ଓ ଓଡ଼ିଆରେ ଲେଖା ଥିବାବେଳେ ଆଉ କେଉଁଠି କୌଣସି ବୋର୍ଡ ନଥିବା ପରିଲକ୍ଷିତ ହେଉଛି । ଅନେକ ସମୟରେ ପର୍ଯ୍ୟଟନସ୍ଥଳ ଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଜାଣିବା ପାଇଁ ପର୍ଯ୍ୟଟକମାନେ ଗାଇଡଙ୍କୁ ଖୋଜି ନିରାଶ ହେଉଛନ୍ତି । ସେହିପରି କେତେକ ସ୍ଥାନରେ ବାହାରପଟେ ମନ୍ଦିରର ନାମ ଥିବା ବୋର୍ଡ ମଧ ଦେଖିବାକୁ ମିଳୁନି ତ କେଉଁଠି ବୋର୍ଡର ଲେଖା ଲିଭିବାକୁ ବସିଲାଣି । ଯେପରି କାର୍ତ୍ତିକେଶ୍ୱର ମନ୍ଦିର, ଏକାମ୍ରେଶ୍ୱର ମନ୍ଦିର, ବକ୍ରେଶ୍ୱର ମନ୍ଦିର, ମକରେଶ୍ୱର ମନ୍ଦିର, ମୋହିନୀ ମନ୍ଦିର ବିଷୟରେ ଜାଣି ହେଉନାହିଁ । ଏହି ଐତିହ୍ୟସ୍ଥଳରୁ କିଛି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଦ୍ୱାରା ସଂରକ୍ଷିତ ଥିବାବେଳେ ଆଉ କିଛି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି ।

ଏନେଇ କର୍ଣ୍ଣାଟକରୁ ରାଜଧାନୀର ଐତିହ୍ୟସ୍ଥଳୀଗୁଡ଼ିକ ବିଷୟରେ ଜାଣିବାକୁ ଆସିଥିବା ସ୍ନେହା ଭଟ୍ଟାଚାର୍ଯ୍ୟ ନାମକ ପର୍ଯ୍ୟଟକ କୁହନ୍ତି ଓଡ଼ିଶା ବିଷୟରେ ସେ ଅଧିକ ଜାଣିବାକୁ ଇଚ୍ଛୁକ । ହେଲେ ଏଠାରେ ତାଙ୍କୁ କୌଣସି ଗାଇଡ୍ କିମ୍ବା କର୍ମଚାରୀ ନାହାନ୍ତି । ତେଣୁ ଅଧିକ ତଥ୍ୟ ଜାଣି ନପାରି ନିରାଶ ହୋଇଥିଲେ । କେବଳ ସ୍ନେହା ଭଟ୍ଟାଚାର୍ଯ୍ୟ ନୁହଁ ବରଂ ପ୍ରତିଦିନ ଏପରି ଅନେକ ପର୍ଯ୍ୟଟକ ଗାଇଡଙ୍କ ଅଭାବରୁ ନିରାଶ ହେଉଛନ୍ତି ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, ଜେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ, ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ, ନାତୁଣୀ - ଆରୁଷି



## ୟୁନିଟ୍-୮ ଜିତେନ୍ଦ୍ର ଦାସ ହତ୍ୟାକାଣ୍ଡର ଖୋଲିଲା ରହସ୍ୟ

# ତ୍ରିକୋଣୀୟ ପ୍ରେମରୁ ବବୁଲଙ୍କୁ ହତ୍ୟା

ଭୁବନେଶ୍ୱର, ୯।୧(ସମିସ): ଭୁବନେଶ୍ୱର ୟୁନିଟ୍-୮ ଜିତେନ୍ଦ୍ର ଦାସ ଓରଫ ବବୁଲ ହତ୍ୟାକାଣ୍ଡ ମାମଲାରେ ନୂଆପଲ୍ଲୀ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଡିସେମ୍ବର ୨୭ ତାରିଖରେ ହତ୍ୟାର ଶିକାର ହୋଇଥିବା ବବଲୁ ଗାଡ଼ି ପାର୍କ କରୁଥିବା ସମୟରେ ଦୁର୍ବୃତ୍ତମାନେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ହତ୍ୟାକାଣ୍ଡ ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ମୁଖ୍ୟ ଅଭିଯୁକ୍ତ ନାଣ୍ଟୁ ହତ୍ୟାକାଣ୍ଡ ପରେ ଭୁବନେଶ୍ୱରରୁ ଫେରାର ହୋଇଯାଇଥିଲା। ଗୁରୁବାର ଭୁବନେଶ୍ୱର ଉପକଣ୍ଠରୁ ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ପୁଲିସ ଉଠାଇ ଆଣିଥିବାବେଳେ ଏହି ମାମଲାରେ ମୋଟ ୫ ଜଣ ଗିରଫ ହୋଇଛନ୍ତି।

ଗିରଫ ଅଭିଯୁକ୍ତମାନେ ହେଲେ ରାଜା ରାୟ ଓରଫ ବଙ୍ଗାଳି ରାଜା, କଳିକା ମହାନ୍ତି, ଶନି ନାୟକ, ରାଜେଶ ନାୟକ, ରାଜେଶ ବେହେରା ଓ ଜଣେ ନାବାଳକ ରହିଛନ୍ତି। ହତ୍ୟାକାଣ୍ଡର ପଛରେ ତ୍ରିକୋଣୀୟ ପ୍ରେମ କାରଣ ଥିବାବେଳେ ଏହି ମାମଲାରେ ଆଉ କିଏ କିଏ ଜଡ଼ିତ ଅଛନ୍ତି ତାହାର ତଦନ୍ତ ଜାରି ରହିଛି। ଏହି ଗିରଫ ସହ ମାମଲାର ତଦନ୍ତରେ ନୂଆ ମୋଡ଼ ଆସିପାରେ ବୋଲି ନୟାପଲ୍ଲୀ ପୁଲିସ ଆଶଙ୍କା ପ୍ରକାଶ କରିଛି।



ଘଟଣା ଦିନ ରାତି ପ୍ରାୟ ସାଢ଼େ ୭ଟାବେଳେ ଏହି ହତ୍ୟାକାଣ୍ଡ ଘଟିଥିଲା। ନୂଆପଲ୍ଲୀ ନୂଆସାହି ନୀଳକଣ୍ଠନଗରରେ ରହୁଥିବା ଯାଜପୁର କୋରୋଇ ଅଞ୍ଚଳର ଜିତେନ୍ଦ୍ର ଦାସ ଓରଫ ବବଲୁ ନିଜ ଘର ସମ୍ମୁଖରେ ଥିବା ପାର୍କରେ ଏକୁଟିଆ ବୁଲୁଥିଲେ। ଆକ୍ରମଣକାରୀ ଗୋଷ୍ଠୀ ୟୁନିଟ୍-୮ ନାରାୟଣୀ ବସ୍ତିର ଅଭିଯୁକ୍ତ। ନାଣ୍ଟୁ ଗୋଷ୍ଠୀ ଖଣ୍ଡା, ଭୁଜାଲି ଧରି କାରରୁ ବାହାରିବା ଦେଖି ବବଲୁ ପ୍ରାଣ ବିକଳରେ ଦୌଡ଼ିଥିଲେ। ମାତ୍ର ଆକ୍ରମଣରୁ ବର୍ତ୍ତିପାରି ନଥିଲେ। ବବୁଲଙ୍କ ପଛରୁ ଖଣ୍ଡା ଛୋଟ ବାଜିଥିଲା। ଖଣ୍ଡା ଚୋଟରେ ଆହତ ହୋଇ ବବଲୁ ତଳେ ପଡ଼ିଯିବା ପରେ ଆକ୍ରମଣକାରୀ ତାଙ୍କୁ କାର ଭିତରକୁ ଉଠାଇନେଇଥିଲେ। ସିବିଆଇ କାର୍ଯ୍ୟାଳୟ ରାସ୍ତାରେ ଫୋପାଡ଼ି ଫେରାର ହୋଇଯାଇଥିଲେ। କାର୍ ଭିତରେ ବବଲୁଙ୍କ ମୁଣ୍ଡକୁ ଖଣ୍ଡାରେ ଚୋଟ ପକା ଯାଇଥିଲା। ଗୁରୁତର ଅବସ୍ଥାରେ ବବଲୁଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ନୂଆବର୍ଷ ଦିନ ବବଲୁ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ। ଏହି ଘଟଣା ପଛରେ ତ୍ରିକୋଣୀୟ ପ୍ରେମ ଥିଲା ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଉଭୟେ ହତ୍ୟାକାରୀ ଓ ହତ୍ୟାର ଶୀକାର ହୋଇଥିବା ଯୁବକ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ରହିଥିଲା। ଆକ୍ରମଣକାରୀଙ୍କଠାରୁ ପୁଲିସ୍ ଗୋଟିଏ ଖଣ୍ଡା ସହ ୪ଟି ଫୋନ ଓ ଅନ୍ୟ ସାମଗ୍ରୀ ଉଦ୍ଧାର କରିଛି। ଅଭିଯୁକ୍ତ ରାଜେଶ ଓ ଶନି ନାଁରେ କ୍ୟାପିଟାଲ ଥାନାରେ ୨ଟି ଲେଖାଏଁ ମାମଲା ଥିବା ସୂଚନା ମିଳିଛି।

## ବ୍ରାଉନ୍‌ସୁଗର ଜବତ, ୩ ଗିରଫ



ଭୁବନେଶ୍ୱର, ୯।୧(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ତମାଣ୍ଡୋ ଥାନା ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗନ୍ନାଥ ଘଣ୍ଟୁଆଳ, ସିଲୁ ନାୟକ ଏବଂ କମଳଲୋଚନ ବାରିକ। ତାଙ୍କ ଠାରୁ ପ୍ରାୟ ୧୯ ଗ୍ରାମ୍ ବ୍ରାଉନସୁଗର ଜବତ କରାଯାଇଛି। ଯାହାର ମୁଲ୍ୟ ୧୯ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ପୁଲିସ ସୂଚନା ମୁତାବକ, ଟାଟା ଆରେନା ନିକଟରେ ବ୍ରାଉନ୍ ସୁଗାର ପରିବହନ ଓ ବିକ୍ରୟ ସମ୍ପର୍କରେ ପୁଲିସକୁ ବିଶ୍ୱସ୍ତ ସୂଚନା ମିଳିଥିଲା। ଏଠାରେ ଚଢାଉ କରାଯାଇଥିଲା।ଚଢାଉ ସମୟରେ ଘଟଣାସ୍ଥଳରୁ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତିନି ଜଣ ଅଭିଯୁକ୍ତ ପୁଲିସ ହାତରେ ଧରାପଡ଼ି ଯାଇଥିଲେ। ପରେ ଅଭିଯୁକ୍ତମାନଙ୍କର ବ୍ୟକ୍ତିଗତ ତଲାସୀ କରାଯାଇଥିଲା। ତଲାସୀ ସମୟରେ ତିନି ଜଣ ଅଭିଯୁକ୍ତଙ୍କ ହେପାଜତରୁ ବ୍ରାଉନ୍ ସୁଗାର ଜବତ ହୋଇଥିଲା।

## ମଦ ନ ଦେବାରୁ ଆକ୍ରମଣ; ଦୁଇ ଗିରଫ

ଭୁବନେଶ୍ୱର, ୯।୧(ସମିସ): ମଦ ପାଇଁ ଟଙ୍କା ମାଗିବା ସହ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋପୀନାଥ ରାଉତ ଓ ପ୍ରିୟବ୍ରତ ସ୍ୱାଇଁ। ସୂଚନାନୁସାରେ, ଗତ ୩ ତାରିଖରେ ବାଦଲ ପ୍ରଧାନ (୨୦) ତାଙ୍କ ବନ୍ଧୁମାନଙ୍କ ସହ ଭୁବନେଶ୍ୱର ରେଲୱେ ଷ୍ଟେସନ୍‌କୁ ଯାଉଥିବା ବେଳେ ଅଭିଯୁକ୍ତ ଗୋପୀ, ଟୁଟୁ, ଚଗଲା, ରାଜା ଏବଂ ଶୀତୁ ସହିତ ତାଙ୍କ ସହଯୋଗୀମାନେ ବୁଧେଶ୍ୱରୀ ପୁରୁଣା ଡାକଘର ନିକଟରେ ସେମାନଙ୍କ ଗାଡ଼ିକୁ ଅଟକାଇ ମଦ ପାଇଁ ଟଙ୍କା ଦାବି କରିଥିଲେ। ଟଙ୍କା ଦେବାକୁ ମନା କରିବାରୁ ସେମାନେ ବାଦଲଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ, ମୁହଁ, ପିଠି, ଛାତି ଏବଂ ଗୋଡ଼ରେ ଗୁରୁତର ଆଘାତ ଲାଗି ସେ ତଳେ ପଡ଼ିଯାଇଥିଲେ। ପିସିଆର୍ ଟିମ୍ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ତଦନ୍ତ ସମୟରେ ଘଟଣା ଏସମ୍ପର୍କିତ ଭିଡିଓ ଫୁଟେଜ୍ ଏବଂ ଫଟୋଗ୍ରାଫ୍ ଜବତ କରାଯାଇଥିଲା। ଶୁକ୍ରବାର ସନ୍ତୋଷୀ ବିହାରସ୍ଥିତ ସନ୍ତୋଷୀ ମା ମନ୍ଦିର ନିକଟରେ ଅଭିଯୁକ୍ତ ଗୋପୀନାଥ ରାଉତ ଏବଂ ପ୍ରିୟବ୍ରତ ସ୍ୱାଇଁ ଲୁଚିଥିବା ବେଳେ ଗିରଫ କରାଯାଇଛି। ଅଭିଯୁକ୍ତ ଗୋପୀନାଥ ରାଉତ ଲକ୍ଷ୍ମୀସାଗର, ଧଉଳି ଏବଂ ବଡ଼ଗଡ଼ ଥାନାରେ ସମାନ ପ୍ରକାର ଗୁରୁତର ପ୍ରକୃତିର ସାତଟି ଅପରାଧିକ ମାମଲାରେ ଜଡିତ ଅଛନ୍ତି। -ହୋଚିମିନ୍

## ନାବାଳିକା ଝିଅାରିକୁ ନିର୍ଯାତନା, କାକା ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୯।୧(ସମିସ): ନାବାଳିକା ଝିଅାରିକୁ ନିର୍ଯାତନା ନିଶାଶକ୍ତ ଅବସ୍ଥାରେ ଗାଳିଗୁଲଜ ସହ ମାଡ ମାରି ଦୋଷୀ ସାବ୍ୟସ୍ତ ହେଲେ କାକା ସମୀର ବର୍ଦ୍ଧନ। ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୪ ଅଦାଲତ ବିଏନଏସ୍‌ର ଦଫା ୨୯୬(ବି) ଅନୁଯାୟୀ ହଜାରେ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୨୦ ଦିନର କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ୨୦୨୫ ମସିହାରେ ନାବାଳିକା ପୀଡ଼ିତାଙ୍କ ବାପାମା ଘରେ ଉପସ୍ଥିତ ନ ଥିବା ସମୟରେ, ତାଙ୍କ କାକା ସମୀର ବର୍ଦ୍ଧନ ମଦ୍ୟପାନ କରି ନାବାଳିକା ଝିଅାରିଙ୍କୁ ଗାଳିଗୁଲଜ ଓ ମାରପିଟ୍ କରିଥିଲେ। ପରେ ପୀଡ଼ିତା ଥାନାରେ ଅଭିଯୋଗ କରିବାକୁ କହିବାରୁ, ଅଭିଯୁକ୍ତ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ପରେ ନାବାଳିକା ପୀଡ଼ିତା ଏ ସମ୍ପର୍କରେ ବଡଗଡ଼ ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ଏଏସ୍‌ଆଇ ଜ୍ଞାନରଞ୍ଜନ ମଲ୍ଲିକ ତାଙ୍କୁ ଗିରଫ କରିଥିଲେ। ମାମଲାର ବିଚାର ସମୟରେ ଘଟଣା ସହିତ ସମ୍ପୃକ୍ତ ୩ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ୨ଟି ପ୍ରମାଣିକ ଦସ୍ତାବିଜ ଆଧାରରେ ଅଦାଲତ ଆସାମୀ ସମୀର ବର୍ଦ୍ଧନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସଫଳତାର ସହ ପରିଚାଳନା କରିଥିଲେ।

## ରାତିଅଧରେ ସିରିଜ ଦୁର୍ଘଟଣା; ୪ ଗୁରୁତର

ଭୁବନେଶ୍ୱର, ୯।୧(ସମିସ): ଖଣ୍ଡଗିରି ଥାନା ଅଞ୍ଚଳର ଜାଗମରାରେ ଗୁରୁବାର ରାତିରେ ସିରିଜ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ନିଶାସକ୍ତ ଅବସ୍ଥାରେ ଥିବା ଜଣେ କାର ଚାଳକ ବେପରୁଆ ଗାଡ଼ି ଚଳାଇ ଏକାଧିକ କାରକୁ ଧକ୍କା ଦେଇଛନ୍ତି। ଏହି ଦୁର୍ଘଟଣାରେ ୪ଜଣ ଗୁରୁତର ଆହତ ହୋଇଥିବା ପୁଲିସ କହିଛି। ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା ଜାରି ରହିଛି। ଘଟଣା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତ ଚାଳକଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଜାରି ରହିଥିଲାବେଳେ ନିଶା ଖାଇ ଗାଡ଼ି ଚଳାଇବା ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହୋଇଛି। ରାଜଧାନୀରେ ସଡ଼କ ସୁରକ୍ଷା ନେଇ କଡ଼ା ନିୟମ ଲାଗୁ ହେଲା ସତ୍ତ୍ୱେ ଏଭଳି ଘଟଣା ବଢୁଥିବାରୁ ସ୍ଥାନୀୟ ଲୋକ ଉଦବେଗ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨ ଦିନ ତଳେ ରାଜଧାନୀର ୩ ସ୍ଥାନରେ ୩ଟି ପୃଥକ ଦୁର୍ଘଟଣା ଘଟିଥିଲା।

## ମଦ ପାଇଁ ମାଆଙ୍କୁ ଆକ୍ରମଣ; ପୁଅ ଗିରଫ



ଭୁବନେଶ୍ୱର, ୯।୧(ସମିସ): ମଦ ପିଇବା ପାଇଁ ପୁଅର ବର୍ବର କାଣ୍ଡ। ମାଆଙ୍କୁ ଟଙ୍କା ମାଗିଲା। ହେଲେ ଟଙ୍କା ନ ମିଳିବାରୁ ମାଆଙ୍କୁ କଟୁରିରେ ଆକ୍ରମଣ କରି ବନ୍ଧା ହେଲା ପୁଅ। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ଥାନା ଜଗନ୍ନାଥ ବିହାର ଅଞ୍ଚଳର ବିବେକାନନ୍ଦ ଦାସ। ପୁଲିସ ସୂଚନା ମୁତାବକ, ବିବେକାନନ୍ଦଙ୍କ ସହ ତାଙ୍କ ସ୍ତ୍ରୀ ଏବଂ ମାଆ ରହୁଥିଲେ। ହେଲେ ସେ ମଦ୍ୟପାନ କରି ବାରମ୍ବାର ଘରେ ଅଶାନ୍ତି ସୃଷ୍ଟି କରିବା ସହ ସ୍ତ୍ରୀ ଏବଂ ମାଆଙ୍କୁ ଆକ୍ରମଣ କରିବାରୁ ସ୍ତ୍ରୀ ତାଙ୍କୁ ଛାଡି ଚାଲି ଯାଇଥିଲେ। ସ୍ତ୍ରୀ ଘରୁ ବାହାରି ଆସି ବର୍ତ୍ତମାନ ତାଙ୍କ ବାପଘରେ ରହୁଛନ୍ତି। ଅଭିଯୁକ୍ତ ଶୁକ୍ରବାର ୟମାଙ୍କୁ ଟଙ୍କା ମାଗି ଥିଲେ। ଟଙ୍କା ମଦ୍ୟପାନରେ ନଷ୍ଟ ହେବ ବୋଲି କହି ମାଆ ଟଙ୍କା ଦେବାକୁ ଅସ୍ୱୀକାର କରିଥିଲେ। ଏଥିରେ ଉତ୍ତେଜିତ ହୋଇ ଅଭିଯୁକ୍ତ ଏକ ଧାରୁଆ କଟା ଅସ୍ତ୍ର (କଟୁରୀ) ଦ୍ୱାରା ତାଙ୍କୁ ଆକ୍ରମଣ କରିଥିଲେ। ଯାହାର ଫଳରେ ତାଙ୍କ ଡାହାଣ ଗୋଡ଼ ଓ ମୁଣ୍ଡର ପଛ ପାର୍ଶ୍ୱରେ ଗୁରୁତର ରକ୍ତସ୍ରାବ ହୋଇଥିଲା। ଜୀବନ ବଞ୍ଚାଇବା ପାଇଁ ଅଭିଯୋଗକାରିଣୀ ଭରତପୁର ଥାନାକୁ ଯାଇ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଘରେ ଚଢଉ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଚଢଉ ସମୟରେ ତାଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଅସ୍ତ୍ର କଟୁରି ଜବତ ହୋଇଥିଲା।

## କୋଦାଳରେ ଆକ୍ରମଣ କରି ବନ୍ଧାହେଲେ ଯୁବକ

ଭୁବନେଶ୍ୱର, ୯।୧(ସମିସ): କୋଦାଳରେ ଆକ୍ରମଣ ଅଭିଯୋଗରେ ମୈତ୍ରୀବିହାର ଥାନା ପୁଲିସ କବୀର ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଅନ୍ତର୍ଗତ ବିଡିଏ କଲୋନୀରେ ଗଣେଶ ପୂଜା ଶୋଭାଯାତ୍ରା ଚାଲିଥିବା ସମୟରେ କବିର ନିଶାଗ୍ରସ୍ତ ଅବସ୍ଥାରେ ପରିବା ମାର୍କେଟ ନିକଟରେ ଏକ ଛୋଟ ପିଲାକୁ ଆକ୍ରମଣ କରିଥିଲା। ଏହାକୁ ଦେଖି ସ୍ଥାନୀୟ ଅଞ୍ଚଳର ପିଲାମାନେ ପ୍ରତିବାଦ କରିବାରୁ ଅଭିଯୁକ୍ତ ସେମାନଙ୍କୁ ଅଶ୍ଳୀଳ ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ସେହି ସମୟରେ ଅଭିଯୁକ୍ତଙ୍କ ପୁଅ ଦୀପକ ଜେନା ଏକ କୋଦାଳ ଧରି ଘଟଣା ସ୍ଥଳରେ ପହଞ୍ଚି ଉପସ୍ଥିତ ବ୍ୟକ୍ତିମାନଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଅଭିଯୋଗକାରୀ ହସ୍ତକ୍ଷେପ କରି ତାଙ୍କୁ ସ୍ଥାନ ଛାଡି ଚାଲିଯିବାକୁ କହିବାରୁ ଉଭୟ ଅଭିଯୁକ୍ତ ବାପ ଓ ପୁଅ ଆକ୍ରମଣାତ୍ମକ ହୋଇ ଅଭିଯୋଗକାରୀଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। କୋଦାଳରେ ମୁଣ୍ଡକୁ ଆଘାତ କରିଥିଲେ। ଯାହାଫଳରେ ତାଙ୍କ ଶରୀରରୁ ଗଭୀର ରକ୍ତସ୍ରାବ ହୋଇଥିଲା। ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିବା ସମୟରେ ଅଭିଯୋଗକାରୀଙ୍କ ଡାହାଣ ହାତରେ ମଧ୍ୟ ଗଭୀର ଆଘାତ ଲାଗିଥିଲା।

## ଛିନ୍‌ତାଇ ମାମଲାରେ ୩ ଜଣଙ୍କୁ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୯।୧(ସମିସ): ଛିନ୍‌ତାଇ ମାମଲାରେ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ମ ଅଦାଲତ ଆସାମୀ ସୁଧାକର ମହାପାତ୍ର, ପ୍ରବୀ ପ୍ରସାଦ ସାହୁ ଓ ସୁରେଶ କୁମାର ଭୋଇଙ୍କୁ ସଜା ଶୁଣାଇଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ଆଇପିସିର ଦଫା ୩୯୨/୩୪ ଅନୁଯାୟୀ ୧୨ମାସର ସଶ୍ରମ କାରାଦଣ୍ଡ ସଜା ଶୁଣାଇଛନ୍ତି। ସୁରେଶ କୁମାର ଭୋଇଙ୍କୁ ସମାନ ଦଫାରେ ୬ମାସର ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଅଭିଯୋଗକାରିଣୀ ଜଣେ ବରିଷ୍ଠ ନାଗରିକ। ୨୦୨୪ ମସିହାରେ ସେ ନିଜ ରହଣୀ ସ୍ଥାନ ସରସ୍ୱତୀ ଆପାର୍ଟମେଣ୍ଟ ନିକଟ ରାସ୍ତାରେ ଫୁଲ ତୋଳୁଥିଲେ। ଏହିସମୟରେ ଜଣେ ଅଜ୍ଞାତ ଦୁର୍ବୃତ୍ତ ହଠାତ୍ ତାଙ୍କ ନିକଟକୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଅଭିଯୁକ୍ତ ତାଙ୍କ ବେକକୁ ଚିପିବା ସହ ତାଙ୍କ ବେକରୁ ପ୍ରାୟ ୧୦ଗ୍ରାମ ଓଜନର ସୁନାଚେନ୍ ଛିଣ୍ଡାଇ ନେଇ ଘଟଣାସ୍ଥଳରୁ ପଳାଇଯାଇଥିଲା। ଏନେଇ ଅଭିଯୋଗକାରିଣୀ ଭରତପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏସ୍‌ଆଇ ଗଙ୍ଗାଧର ରାଉଳ ଏହି ମାମଲାର ତଦନ୍ତ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ଏଟିଏମ୍ ଚୋରି ଉଦ୍ୟମ; ଯୁବକ ଗିରଫ

ଭୁବନେଶ୍ୱର, ୯।୧(ସମିସ): ସିଇଟି କଲେଜ କ୍ୟାମ୍ପସ ଭିତରେ ଏଟିଏମ୍ ଚୋରି ଉଦ୍ୟମ କରି ବନ୍ଧା ହେଲେ ଭରତପୁର ମଙ୍ଗଳା ମନ୍ଦିର ଅଞ୍ଚଳର ଅମରେନ୍ଦ୍ର ମହାପାତ୍ର। ତାଙ୍କ ଠାରୁ ଭରତପୁର ଥାନା ପୁଲିସ ଗୋଟିଏ ହାତୁଡି, ଲୁହା ଛଡ଼ ଜବତ କରିଛି। ପୁଲିସ ସୂଚନା ମୁତାବକ, ଘାଟିକିଆସ୍ଥିତ ସିଇଟି କଲେଜ କ୍ୟାମ୍ପସ ଭିତରେ ଅବସ୍ଥିତ କାନାରା ବ୍ୟାଙ୍କ ଏଟିଏମ୍ ଭାଙ୍ଗିବାକୁ ଉଦ୍ୟମ ହୋଇଥିବା ନେଇ ଜଣେ ଉପଭୋକ୍ତା କାନାରା ବ୍ୟାଙ୍କ୍ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ବ୍ୟାଙ୍କ ପକ୍ଷରୁ ଏଟିଏମ୍ ଯାଞ୍ଚ ହୋଇଥିଲା। ଏଟିଏମ୍ ମେସିନ୍‌ରେ କ୍ଷତିଗସ୍ତ ହୋଇଥିବା ଜଣାପଡ଼ିବା ପରେ ଏହାର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ଲୁହା ଛଡ଼ ଓ ହାତୁଡ଼ି ବ୍ୟବହାର କରି ଏଟିଏମ୍ ମେସିନ୍ ତାଡିବାକୁ ଚେଷ୍ଟା କରା ଯାଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତାରିଣୀ ମାର୍କେଟରୁ ଅମରେନ୍ଦ୍ରକୁ ଗିରଫ କରିଥିଲା। ଅମରେନ୍ଦ୍ର ନାଁରେ ରଣପୁର ଥାନାରେ ଦୁଇଟି ଅପରାଧିକ ମାମଲା ରହିଛି।

## ଚୋରା ମୋବାଇଲ ବିକ୍ରି ଅଭିଯୋଗରେ ଗିରଫ

ଭୁବନେଶ୍ୱର, ୯।୧(ସମିସ): ଚୋରା ମୋବାଇଲ ବିକ୍ରି କରୁଥିବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ବିଶ୍ୱନାଥ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ଗୋଟିଏ ଚୋରା ମୋବାଇଲ ଏବଂ କାଗଜପତ୍ର ବିହୀନ ଗାଡି ଜବତ ହୋଇଛି। ପୁଲିସ ସୂଚନା ମୁତାବକ, ଗୁରୁବାର ପୁଲିସ ପାଟ୍ରୋଲିଂ କରୁଥିଲା ବେଳେ ବିଶ୍ୱନାଥ ଗାନ୍ଧୀ ବସ୍ତି ନିକଟରେ ଚୋରା ମୋବାଇଲ୍ ଫୋନ୍ ବିକ୍ରି କରୁଥିବା ସୂଚନା ପାଇ ବିଶ୍ୱନାଥ ଓରଫ ପପୁର ତଲାସୀ ନେଇଥିଲା। ତାଙ୍କ ପାଖରୁ ଗୋଟିଏ ଆଇଫୋନ୍-୧୪ ପ୍ରୋ ମ୍ୟାକ୍ସ ଜବତ ହୋଇଥିଲା।

## ଅବକାରୀ ବିଭାଗର ସିରିଜ ଚଢ଼ଉ

# ୭ ମାମଲା; ୧୫ଶହ ଲିଟର ଦେଶୀ ମଦ ଜବତ

ଭୁବନେଶ୍ୱର, ୯।୧(ସମିସ): ରାଜଧାନୀରେ ଅବକାରୀ ବିଭାଗ ପକ୍ଷରୁ ସିରିଜ୍ ଚଢ଼ଉ। ଗୋଟିଏ ଦିନରେ ୭ଟି ମାମଲା ରୁଜୁ କରିବା ସହ ୧୫ଶହ ଲିଟରୁ ଊର୍ଦ୍ଧ୍ୱ ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ଗୋଟିଏ କାର୍ ଏବଂ ୪ଟି ବାଇକ୍ ଜବତ ହୋଇଛି ବୋଲି ଅବକାରୀ ବିଭାଗ ଡେପ୍ୟୁଟି ସୁପରିନ୍‌ଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁ ସୂଚନା ଦେଇଛନ୍ତି।

ଶ୍ରୀଯୁକ୍ତ ସ୍ୱାଇଁଙ୍କ ସୂଚନା ମୁତାବକ, ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ରାଜଧାନୀରେ ଦେଶୀ ମଦ ବିରୋଧରେ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ହୋଇଥିଲା। ତମାଣ୍ଡୋ, ଖଣ୍ଡଗିରି, ମଞ୍ଚେଶ୍ୱର ଥାନା ଏବଂ ଅନ୍ୟ ଅଞ୍ଚଳରେ ଏକସମୟରେ ଚଢାଉ ହୋଇଥିଲା। ଏଥିରେ ଅବକାରୀ ବିଭାଗର ଏକାଧିକ ଥାନା, ମୋବାଇଲ ୟୁନିଟ୍ ସାମିଲ ହୋଇଥିଲେ। ଏହି ଡ୍ରାଇଭ୍ ବେଳେ ଧିରୁକୁଟି ବସ୍ତିରୁ ଏକ ମଦ ବୋଝେଇ କାର୍ ଠାବ କରାଯାଇଥିଲା। କାର୍‌ଟିକୁ ଯାଞ୍ଚ କଲା ବେଳେ ଏଥିରୁ ୫୫୦ଲିଟରୁ ଊର୍ଦ୍ଧ୍ୱ ଦେଶୀ ମଦ ମିଳିଥିଲା। କାର୍‌ରେ ମଦ ଚୋରା ଚାଲାଣ ଅଭିଯୋଗରେ ଅବକାରୀ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି। ସେ ହେଲେ ଟିକୁଲି ସିଂ।




## ଖଣ୍ଡା ଦେଖାଇ ଅପହରଣ; ଯୁବକ ଗିରଫ



ଭୁବନେଶ୍ୱର, ୯।୧(ସମିସ): ଚିନ୍ତାମଣିଶ୍ୱର ଅଞ୍ଚଳରେ ୨ଜଣ ବ୍ୟକ୍ତିଙ୍କୁ ଖଣ୍ଡା ଦେଖାଇ ଅପହରଣ ପରେ ମିଥ୍ୟା ମାମଲାରେ ଫସାଇବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ସନ୍ତୋଷ ଗୁପ୍ତା ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଠାରୁ ଏକ ଖଣ୍ଡା ଜବତ କରାଯାଇଛି।

ଗତ ୪ ତାରିଖରେ ସନ୍ଧ୍ୟାରେ ଅଭିଯୋଗକାରୀ ତାଙ୍କ ବନ୍ଧୁଙ୍କ ସହିତ ଚିନ୍ତାମଣିଶ୍ୱର ପୋଖରୀ ରାସ୍ତା ଦେଇ ଯାଉଥିଲେ। ସ୍ଥାନୀୟ ଅଞ୍ଚଳର ରୁଦ୍ରପ୍ରତାପ ସିଂହ ଓ ତାଙ୍କ ସହଯୋଗୀମାନେ ସେମାନଙ୍କୁ ଜୋରଜବରଦସ୍ତ ଅଟକାଇଥିଲେ। ଅଭିଯୁକ୍ତମାନେ ଖଣ୍ଡା ଦେଖାଇ ଧମକ ଦେଇ ଜୋରଜବରଦସ୍ତ ସେମାନଙ୍କୁ ଗାଡ଼ିରେ ଚମ୍ପା ପୋଖରୀ ବସ୍ତି ନିକଟବର୍ତ୍ତୀ ସ୍ଥାନକୁ ନେଇଯାଇଥିଲେ। ସେଠାରେ ସେମାନେ ଅଭିଯୋଗକାରୀ ଓ ତାଙ୍କ ବନ୍ଧୁଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇ ମାରପିଟ୍ କରିଥିଲେ। ଗୋପୀ ରାଉତ ନାମକ ଯୁବକଙ୍କୁ ସେମାନଙ୍କ ସମ୍ମୁଖକୁ ଆଣିବାକୁ କହିଥିଲେ। ନଚେତ୍ ସେମାନଙ୍କୁ ହତ୍ୟା କରିଦେବେ ବୋଲି ଭୟଭୀତ କରିଥିଲେ। ଆହୁରି ଆତଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେମାନଙ୍କ ବେକରେ ତିନୋଟି ଖଣ୍ଡା ରଖି ହାତରେ ଖଣ୍ଡା ଧରାଇ ଏକ ଭିଡିଓ ରେକର୍ଡ କରାଯାଇଥିଲା। ସେହି ଭିଡିଓକୁ ଆଧାର କରି ମିଥ୍ୟା ମାମଲାରେ ଫସାଇଦେବାକୁ ଧମକ ଦିଆଯାଇଥିଲା। ଅଭିଯୋଗକାରୀ ଚିତ୍କାର କରିବା ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ଏକାଠି ହୋଇ ପିସିଆର ଭ୍ୟାନକୁ ଡାକିଥିଲେ। ଯାହା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ। ତଦନ୍ତ ସମୟରେ ଘଟଣାସ୍ଥଳ ଯାଞ୍ଚ କରାଯାଇଥିଲା ଏବଂ ଘଟଣାର ସତ୍ୟତା ସମର୍ଥିତ ହୋଇଥିଲା। ପୁଲିସରେ ମାମଲା ରୁଜୁ କରାଯିବା ପରେ ଅଭିଯୁକ୍ତ ସନ୍ତୋଷ ଗୁପ୍ତାଙ୍କୁ କଡାଲିଗୋଦାମ ପିଡବ୍ଲୁଡି ବସ୍ତିରୁ ଗିରଫ କରାଯାଇଥିଲା। ସନ୍ତୋଷ ନାମରେ ନୟାପଲ୍ଲୀ ଥାନାରେ ଏକାଧିକ ମାମଲା ରହିଛି।

## ୮ ବର୍ଷ ପରେ କାର୍ଯ୍ୟକ୍ଷମ ହେବ ଗାଡ଼କଣ ମାଂସକଟା କଂସେଇଖାନା

# ହଣାଖାଇବା ପୂର୍ବରୁ ଛେଳିଙ୍କର ହେବ ଡାକ୍ତରୀ ପରୀକ୍ଷା

ଭୁବନେଶ୍ୱର, ୯।୧(ସମିସ): ପୁଣିଥରେ କାର୍ଯ୍ୟକ୍ଷମ ହେବ ଗାଡ଼କଣସ୍ଥିତ ମାଂସକଟା କଂସେଇଖାନା। ଏଥିପାଇଁ ଖୁବଶିଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବ ବିଏମ୍‌ସି। ଦୀର୍ଘବର୍ଷ ହେବ ବନ୍ଦ ହୋଇ ପଡ଼ିଥିବା ଏହି କଂସେଇଖାନାରେ ମାଂସକଟା ଆରମ୍ଭ ହେବା ସହ ନିକଟରେ ମଧ୍ୟ ବିକ୍ରି ବ୍ୟବସ୍ଥା କରାଯିବ। ସେହିଭଳି ପ୍ରଥମଥର ପାଇଁ ଛେଳି କାଟିବିକ୍ରି କରିବା ପୂର୍ବରୁ ଛେଳିଙ୍କ ଦେହରେ କୌଣସି ରୋଗ ଅଛି କି ନାହିଁ ତାହା ଜାଣିବା ପାଇଁ ସେମାନଙ୍କର ଡାକ୍ତରୀ ପରୀକ୍ଷା କରାଯିବାର ଯୋଜନା ରହିଛି।

- ଯେଉଁଠି କଟାଯିବ ସେଇଠି ହେବ ବିକ୍ରି
- ଖୁବ୍‌ଶିଘ୍ର ଟେଣ୍ଡର କରିବ ବିଏମ୍‌ସି

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୯, ୧୧ ଓ ୧୨ ଅଧିନରେ ରହିଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀମାନେ ଏହି କଂସେଇଖାନାକୁ ନିର୍ଭର କରୁଥିଲେ। ସେମାନେ ନିଜ ଖର୍ଚ୍ଚରେ ଛେଳିଗୁଡ଼ିକ ଉକ୍ତ ସ୍ଥାନକୁ ଆଣିବା ଓ କଟାଯିବା ପରେ ମାଂସ ସବୁ ବିକ୍ରି କରୁଥିବା ସ୍ଥାନକୁ ନେବାକୁ ଟ୍ରାନ୍ସପୋର୍ଟିଂ ଖର୍ଚ୍ଚ ଲାଭ ଖର୍ଚ୍ଚ ଠାରୁ ବଳିଯାଉଥିଲା। ଏହାସହ କଂସେଇଖାନାରେ ଛେଳି କାଟିବାକୁ ଗୋଟିଏ ଛେଳି ପିଛା ୧୫୦ ଟଙ୍କା ଦେବାକୁ ପଡୁଥିଲା। ଫଳରେ ବ୍ୟବସାୟୀଙ୍କୁ କ୍ଷତି ସହିବାକୁ ପଡୁଥିଲା। ବର୍ତ୍ତମାନ ମାଂସକଟା ବାବଦକୁ ରହିଥିବା ଦେୟ ୧୫୦ଟଙ୍କାକୁ କମ୍ କରିବାକୁ ବ୍ୟବସାୟୀମାନେ ବିଏମସି ସହ ଆଲୋଚନା କରିବା ସହ କଂସେଇଖାନା ନିକଟରେ ରହିଥିବା ଖାଲିସ୍ଥାନରେ ବ୍ୟବସାୟୀମାନେ ମାଂସ ବିକ୍ରି ପାଇଁ ଦୋକାନ ଘର କରି ସେଠାରେ ବିକ୍ରି କରିବେ। ଫଳରେ ବ୍ୟବସାୟୀମାନେ ଟ୍ରାନ୍ସପୋର୍ଟିଂ ଖର୍ଚ୍ଚ କରିବାକୁ ପଡ଼ିବନି। ଏହାସହ ବିଏମସି ପକ୍ଷରୁ ଜଣେ ଡାକ୍ତରଙ୍କୁ ନିଯୁକ୍ତି କରାଯିବ। କଂସେଇଖାନାକୁ ଆସିବା ପ୍ରତିଟି ଛେଳିର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଛେଳିଟି କଟାଯିବାକୁ ଉପଯୁକ୍ତ କି ନୁହେଁ ଡାକ୍ତର ଅନୁମତି ପରେ ଛେଳିଗୁଡ଼ିକ କଟାଯିବ। ଖୁବଶିଘ୍ର ଏଥିପାଇଁ ଟେଣ୍ଡର ହେବ ବୋଲି ସୂଚନା ରହିଛି।



ସୂଚନା ଅନୁସାରେ, ରାସ୍ତାକଡ଼ରେ ମାଂସ କଟା ନହୋଇ ଅତ୍ୟାଧୁନିକ ବ୍ୟବସ୍ଥିତ ଢଙ୍ଗରେ କଟାଯିବାକୁ ୨୦୧୭ ମସିହାରେ ଗାଡ଼କଣରେ ୧୮ ହଜାର ବର୍ଗଫୁଟ୍ ସ୍ଥାନରେ ଅତ୍ୟାଧୁନିକ ଶୈଳୀରେ ନିର୍ମାଣ ହୋଇଥିଲା ମାଂସ କଟା କଂସେଇଖାନା। ୮କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କଂସେଇ ଖାନା ଲୋକଙ୍କ ମାନସିକତାରେ ଏକ ପରିବର୍ତ୍ତନ ଆଣିବ ବୋଲି ଅନେକଙ୍କ ଆଶା ରହିଥିଲା। କିନ୍ତୁ ୮ବର୍ଷ ଧରି ବନ୍ଦ ରହିଥିବା ଏହି କଂସେଇଖାନା ପୁଣିଥରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏଠାରେ ବୈଜ୍ଞାନିକ ପଦ୍ଧତିରେ ୧୫୦ଟି ଛେଳି କାଟିବାର ବ୍ୟବସ୍ଥା ରହିବା ସହ ସେଥିରୁ ବାହାରୁଥିବା ବର୍ଜ୍ୟକୁ ନଷ୍ଟ କରିବା ଭଳି ବ୍ୟବସ୍ଥା ରହିଛି। ଗୋଟିଏ ସ୍ଥାନରେ ମାଂସ କଟାଇ ବ୍ୟବସାୟୀମାନେ ସେଠାରୁ ମାଂସ ନେଇ ବ୍ୟବସାୟ କରିବାର ଯୋଜନା ରହିଥିଲା। ଏନେଇ ଜଣେ ଖାସି ମାଂସ ବ୍ୟବସାୟୀ କହିଛନ୍ତି ଯେ, ଏହି ଅତ୍ୟାଧୁନିକ କଂସେଇ ଖାନାରେ ୧୫୦ଟି ଖାସି କଟାଯିବାର ବ୍ୟବସ୍ଥା ରହିଥିବା ବେଳେ ପ୍ରତି ଖାସି ପିଛା ବ୍ୟବସାୟୀଙ୍କୁ ୧୫୦ଟଙ୍କା ସହ ଟ୍ରାନ୍ସପୋର୍ଟ ଚାର୍ଜକୁ ମିଶାଇଲେ ବ୍ୟବସାୟୀଙ୍କୁ କ୍ଷତି ସହିବାକୁ ପଡ଼ିଲା। ଏପଟେ ମାଂସ ଦର ବୃଦ୍ଧି କରିବା ଦ୍ୱାରା ଗ୍ରାହକ ବି ଆସିଲେ ନାହିଁ। ସବୁଠାରୁ ବଡ଼କଥା ହେଉଛି ପ୍ରତ୍ୟେକ ମଟନ୍ ଖାଉଥିବା ଲୋକେ ନିଜ ଆଖି ସାମ୍ନାରେ କଟାଯାଉଥିବା ଦେଖି ମାଂସ କିଣିଥାନ୍ତି। ଏଠାରେ କଟାଇ ନେବାରୁ ବିକ୍ରି ମଧ୍ୟ ହେଲାନାହିଁ। ଏଠାରେ ବର୍ଜ୍ୟ ପରିଚାଳନା ପାଇଁ ରହିଥିବା ମେସିନ୍‌ର କାପାସିଟି ଅନୁସାରେ, ଥରକେ ୧ଟନ୍ ବର୍ଯ୍ୟକୁ ଏହା ନଷ୍ଟ କରିପାରିବ। ଆବଶ୍ୟକ ପରିମାଣରେ ଛେଳି କଟା ଯାଉନଥିବାରୁ ମେସିନ୍ ମଧ୍ୟ କାମରେ ଆସୁନଥିବାରୁ ବ୍ୟବସାୟୀମାନେ ଏଠାରେ କଟାଇ ନେବାକୁ ମନ ବଳାଇନଥିଲେ। ବର୍ତ୍ତମାନ ଏଥିପ୍ରତି ବିଏମ୍‌ସି ଦୃଷ୍ଟିଦେଇ ପୁଣିଥରେ କଂସେଇଖାନା ଆରମ୍ଭ କରିବାକୁ ଯୋଜନା କରୁଥିବା ସୂଚନା ରହିଛି। ତେବେ ବ୍ୟବସାୟୀମାନଙ୍କ ରହିଥିବା ସମସ୍ୟା ଗୁଡ଼ିକ ସମାଧାନ କରାଗଲେ ଆମେ ନିଶ୍ଚିତ ଏହି ପଦକ୍ଷେପକୁ ସ୍ୱାଗତ କରିବୁ ବୋଲି ସେ କହିଛନ୍ତି। ତେବେ ଏନେଇ ବିଏମ୍‌ସି ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ହୋଇପାରି ନାହିଁ।



# ଭୁବନେଶ୍ୱର ସିଟି

# ଡିଜିଟାଲ୍ ଯୁଗରେ ଆଦର ହରାଉଛି ପୁରୁଣା ବହି

■ କରୋନା ପରଠୁ କମିଛି ବିକ୍ରି, ବ୍ୟବସାୟୀ ନିରାଶ
■ ଅନ୍‌ଲାଇନରୁ ପଢ଼ିବାକୁ ଆଗ୍ରହୀ ଛାତ୍ରଛାତ୍ରୀ




ଭୁବନେଶ୍ୱର, ୯।୧(ସମିସ): ଦିନେ ପରୀକ୍ଷାଫଳ ଲାଗି ବୁକ୍‌ଲେଟ୍ ଯୋଗାଡ଼ କରିବାକୁ ପଡୁଥିଲା। ଠିକ୍ ସେଇଭଳି ନୂଆ ଚାକିରିର ବିଜ୍ଞାପନ ହେଉ କି ଆବେଦନ ସବୁକିଛି ବହି, ଖବରକାଗଜରୁ ବୁଝା ପଡୁଥିଲା। ହେଲେ ଏସବୁ କଥା ଏବେ ସ୍ମୃତି ହୋଇଯାଇଛି। ସମୟର ତାଳଦେଇ ବଦଳିଛି ପୁସ୍ତକ ଯୋଗାଡ଼ କରିବାର ମାଧ୍ୟମ। ଡିଜିଟାଲ୍ ଯୁଗରେ ରାସ୍ତାକଡରେ ବିକ୍ରି ହେଉଥିବା ପୁରୁଣା ବହିର ଆଦର କମି କମି ଯାଉଛି।

ବର୍ତ୍ତମାନ ସମୟରେ ଜ୍ଞାନ ଆହରଣ ପାଇଁ ଏବେ ସବୁକିଛି ୟୁଟ୍ୟୁବ୍ ଏବଂ ବିଭିନ୍ନ ଅନ୍‌ଲାଇନ ଆପ୍ ଜରିଆରେ ଉପଲବ୍ଧ ହେଉଛି। କେବଳ ବିଦ୍ୟାଳୟ ପାଠ୍ୟପୁସ୍ତକ ଛଡ଼ା ଆଉ କୌଣସି ବହି ପାଇଁ ଆଗ୍ରହ କାଁ ଭାଁ ଦେଖିବାକୁ ମିଳୁଛି। ପୂର୍ବେ ଯେଉଁଳି ଅନ୍ୟମାନଙ୍କ ପାଖରୁ ନୋଟ୍ ସଂଗ୍ରହ କରିବାକୁ ପଡୁଥିଲା ତାହା ଏବେ ଆଦୌ ପରିଲକ୍ଷିତ ହେଉନାହିଁ। ହେଲେ ସେହି ପାଠ୍ୟପୁସ୍ତକ ବିକ୍ରି କରି, ଖରାବର୍ଷାରୁ ବହି ସବୁକୁ ବଞ୍ଚେଇ ରଖୁଥିବା ବହିଦୋକାନୀ ଏବେ ନିରାଶ ହୋଇପଡ଼ିଛନ୍ତି। ଡିଜିଟାଲ ଦୌଡ଼ରେ ଯେମିତି ଏସବୁ ଆପଣାଛାଏଁ ବାଦ୍ ପଡ଼ିଯାଇଛି। ପୁରୁଣା ବହିର ଠିକଣା ପାଲଟିଥିବା ବହି ଦୋକାନ ଏବେ ବିନା ଗ୍ରାହକରେ ଖାଁ ଖାଁ ହୋଇପଡ଼ିଛି। ଏହି ଦୋକାନୀମାନେ ଛାତ୍ରଛାତ୍ରୀଙ୍କୁ ୫୦ ରୁ ୬୦ ପ୍ରତିଶତ ରିହାତିରେ ବହି ବିକ୍ରି କରିଥାନ୍ତି। ବିଶେଷକରି ୬ଷ୍ଠ ଶ୍ରେଣୀରୁ ଆରମ୍ଭକରି ସ୍ନାତକୋତ୍ତର ଓ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାର ବହି ପୁରୁଣା ଗଳ୍ପ, ଉପନ୍ୟାସ, କବିତା ଆଦି ବହିକୁ ବେପାରୀମାନେ ସଂଗ୍ରହ କରି ରଖିଥାନ୍ତି। କହିବାକୁ ଗଲେ ପୁରୁଣା ବହି ହିଁ ତାଙ୍କ ରୋଜଗାରର ମାଧ୍ୟମ। ଯେଉଁ ବହିର ପ୍ରକାଶନୀ ଏବେ ବନ୍ଦ ହୋଇସାରିଛି ସେସବୁ ମଧ୍ୟ ଏଠାରେ ମିଳିଥାଏ। ଗ୍ରାହକ କମୁଥିବାରୁ ବ୍ୟବସାୟ ବଦଳେଇବାକୁ ବାଧ୍ୟ ହେଉଛନ୍ତି ଦୋକାନୀ। ଫଳରେ ଖୁବ କମ୍ ସ୍ଥାନରେ ଏବେ ପୁରୁଣା ବହିଗୁଡ଼ିକ ମିଳୁଛି। ରାମ ମନ୍ଦିର ଛକ, ମାଷ୍ଟର କ୍ୟାଣ୍ଟିନ ରୋଡ, ସିଆର୍‌ପି ଛକ ପରି ଆଉ ମାତ୍ର କିଛିଟା ସ୍ଥାନରେ ହିଁ ପୁରୁଣା ବହିର ଠିକଣା ରହିଛି। ପୁରୁଣା ବହି ବ୍ୟବସାୟୀ ସଞ୍ଜୟ ମୁଦୁଲି କୁହନ୍ତି, ପିଲାମାନଙ୍କଠାରୁ ପୁରୁଣା ବହି ସଂଗ୍ରହ କରି ସେହି ବହିକୁ ଆବଶ୍ୟକ ପିଲାଙ୍କୁ ବିକ୍ରି କରିଥାନ୍ତି। ହେଲେ କରୋନା ପରଠାରୁ ବ୍ୟବସାୟ ପୁରା ମାନ୍ଦା ଚାଲିଛି। ଗ୍ରାହକଙ୍କ ଅପେକ୍ଷାରେ ସକାଳୁ ସଞ୍ଜ ବିତି ଯାଉଛି। କାଁ ଭାଁ ଏବେ କିଏ ଆସି ପୁରୁଣା ବହି ଖୋଜୁଛନ୍ତି। କାରଣ ଗତ ୫ରୁ ୬ ବର୍ଷ ହେବ ବହି ଅପେକ୍ଷା ପିଲାମାନେ ୟୁଟ୍ୟୁବ୍‌ରୁ ପଢ଼ିବାକୁ ପସନ୍ଦ କରୁଛନ୍ତି। ତେଣୁ ଏସବୁ ପୁରୁଣା ବହି ଆଉ କେହି ଖୋଜୁ ନାହାନ୍ତି। ସେ ଆହୁରି ମଧ୍ୟ କୁହନ୍ତି, ସମୟ ସହ ବହିଗୁଡିକର ପାଠ୍ୟକ୍ରମ ବି ବଦଳିବାର ଲାଗିଛି। କେବଳ ଗଳ୍ପ, ଉପନ୍ୟାସ ବହି ଓ ପ୍ରତିଯୋଗିତା ମୂଳକ ପରୀକ୍ଷାର ବହି କିଛି ନିୟମିତ ଗ୍ରାହକଙ୍କ ପାଇଁ ବିକ୍ରି ହେଉଛି।

## ସ୍କୁଲରୁ ଗ୍ରିଲ୍ କାଟି ଲୁଟ୍

ନନ୍ଦନକାନନ, ୯।୧(ସମିସ): ନନ୍ଦନକାନନ ଥାନା ଅନ୍ତର୍ଗତ ପଦାସାହି ସରକାରୀ ବିଦ୍ୟାଳୟରୁ ଚୋରି ନେଇ ଥାନାରେ ଅଭିଯୋଗ। ଅଭିଯୋଗ ଅନୁସାରେ ଗତ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟର ବାରଣ୍ଡାରେ ଲାଗିଥିବା ଗ୍ରିଲ୍‌କୁ କାଟି ଗୋଟିଏ ଗ୍ୟାସ ଟାଙ୍କି ଓ ଚୁଲା ଲୁଟି ନେଇଛନ୍ତି। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ସୁବୁଦ୍ଧି ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି।

## ମନ୍ଦିରରୁ ମୋବାଇଲ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୯।୧(ସମିସ): ମନ୍ଦିରରୁ ମୋବାଇଲ ଚୋରି ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ସୁଧାନିଧିସ୍ୱର ବସ୍ତିର ଆଲୋକ ରଞ୍ଜିତ ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଠାରୁ ଏକ ଚୋରା ମୋବାଇଲ ଜବତ ହୋଇଛି। ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ଲକ୍ଷ୍ମୀନାରାୟଣ ପଛ ପାର୍ଶ୍ୱରେ ଥିବା ଏକ ର୍‌ୟାକ୍ ଉପରେ ମୋବାଇଲ୍ ଫୋନ୍ ରଖି ପୂଜା କରିବା ପାଇଁ ମନ୍ଦିର ଭିତରକୁ ଯାଇଥିଲେ। ପୂଜା ସାରି ଫେରିବା ବେଳକୁ ତାଙ୍କ ମୋବାଇଲ୍ ଫୋନ୍ ହଜିଯାଇଥିବା ଦେଖିଥିଲେ। ଆଲୋକ ରଞ୍ଜିତ ତାହା ଚୋରି କରିଥିବା ନେଇ ସନ୍ଦେହ ପ୍ରକାଶ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତ ଆଲୋକ ରଞ୍ଜିତଙ୍କୁ ଗିରଫ କରିଥିଲା। ବ୍ୟକ୍ତିଗତ ତଲାସୀ ସମୟରେ ତାଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା।

## ଆନ୍ଧାରୁଆ ଜଗନ୍ନାଥ ପ୍ରସାଦ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୯।୧(ସମିସ): ଆନ୍ଧାରୁଆ ଜଗନ୍ନାଥ ପ୍ରସାଦ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନ୍ଦକିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାତ୍ରପଡ଼ା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁ ଏବଂ ସୁରେନ୍ଦ୍ର ନାଥ ଭୂୟାଁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆନ୍ଧାରୁଆ ଜଗନ୍ନାଥ ପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦାସ, ସମ୍ମାନୀତ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ, ମନୋରଞ୍ଜନ ମିଶ୍ର, ଶିକ୍ଷା ସେତୁ ଅଭିଯାନର ସମ୍ପାଦକ ମାନସ କୁମାର ସାମନ୍ତସିଂହାର ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ତଥା ଅନ୍ୟାନ୍ୟ କ୍ଷେତ୍ରରେ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଲିଙ୍ଗରାଜଙ୍କ ସତ୍ତ୍ୱାଧିକାର ନେଇ ଆଇନ ମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ



ଭୁବନେଶ୍ୱର, ୯।୧(ସମିସ): ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି, ସେବାପୂଜା, ବିଧି ଏବଂ ପର୍ବପର୍ବାଣିକୁ ଶୃଙ୍ଖଳିତ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ମନ୍ଦିରର ରେକର୍ଡ ଅଫ୍ ରାଇଟସ୍‌ର ଅନୁଧ୍ୟାନ ଓ ବିଶ୍ଳେଷଣ କରିବା ପାଇଁ ଗଠିତ ହୋଇଥିବା ଦୁଇଜଣିଆ କମିଟି ଶୁକ୍ରବାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଅନ୍ତରିଣ ରିପୋର୍ଟ ପ୍ରଦାନ କରିଛନ୍ତି। ଅବସରପ୍ରାପ୍ତ ଜଷ୍ଟିସ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିର, ନିଯୋଗ, ସେବାପୂଜା ବାବଦରେ ଥିବା ବିଭିନ୍ନ ପୁରାତନ ନଥିକୁ ଅନୁଧ୍ୟାନ ସହ ମନ୍ଦିର ସହିତ ସଂଶ୍ଳିଷ୍ଟ ସେବାୟତ, ନିଯୋଗ ଆଦିଙ୍କ ସହ ଆଲୋଚନା କରି ପ୍ରସ୍ତୁତ ଏହି ଅନ୍ତରିଣ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗ୍ରହଣ କରିବା ଅବସରରେ କହିଥିଲେ ଯେ ଶ୍ରୀଲିଙ୍ଗରାଜ ହେଉଛନ୍ତି ସାରା ଓଡ଼ିଶା ତଥା ଦେଶର କୋଣ ଅନୁକୋଣରେ ଥିବା ଶ୍ରଦ୍ଧାଳୁଙ୍କ ଲାଗି ପ୍ରତ୍ୟକ୍ଷ ଠାକୁର। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରତି ଥିବା ଓଡ଼ିଶାବାସୀଙ୍କ ଭକ୍ତି ଓ ଭାବାବେଗକୁ ସମ୍ମାନ ଜଣାଇ ତାଙ୍କ ନୀତିକାନ୍ତି ଓ ସେବାପୂଜାକୁ ଖୁବ୍ ଶୀଘ୍ର ଶୃଙ୍ଖଳିତ ହେବାକୁ ଯାଉଛି। ଆଗାମୀ ଦିନରେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ କମିଟି ଦେଇଥିବା ସମସ୍ତ ପ୍ରସ୍ତାବକୁ ଅନୁଶୀଳନ କରି ବିଭିନ୍ନ ନୀତିକାନ୍ତି, ପର୍ବପର୍ବାଣି, ଯାନିଯାତ୍ରା, ସେବା ଆଦିକୁ ଶୃଙ୍ଖଳିତ ତଥା ସୁନ୍ଦର ଭାବେ ପରିଚାଳନା କରିବା ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

● ସଚିବାଳୟ ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ଏସ୍‌ଏସ୍‌ଇପିଡ଼ି ବିଭାଗର ଭାସ୍କର ରାୟତୋ ଏବଂ କମଳାକାନ୍ତ ବେହେରା 'ଭେଟେରାନ ଡବଲ୍ସ' ବିଜେତା



ଭୁବନେଶ୍ୱର, ୯।୧(ସମିସ): ରାଜ୍ୟ ସଚିବାଳୟ ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ଲୋକ ସେବା ଭବନସ୍ଥିତ ସଚିବାଳୟ ମିନି ଷ୍ଟାଡିୟମଠାରେ ୧୬ତମ ସଚିବାଳୟ ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଠାରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟ ସରକାରଙ୍କ ଗୃହ, ରାଜସ୍ୱ, ନଗର ଉନ୍ନୟନ, ବାଣିଜ୍ୟ, ପୂର୍ତ୍ତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅର୍ଥ, ପରିବହନ, ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ, ଜଳସମ୍ପଦ, ଗଣଶିକ୍ଷା, ଆଇନ, ଶକ୍ତି, ଉଚ୍ଚଶିକ୍ଷା, ସଂସଦୀୟ ବ୍ୟାପାର, ସାଧାରଣ ପ୍ରଶାସନ, ସାଧାରଣ ଉଦ୍ୟୋଗ ଏବଂ ଶିଳ୍ପ ଭଳି ପ୍ରାୟ ସମସ୍ତ ପ୍ରମୁଖ ବିଭାଗର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ସମସ୍ତ ବିଭାଗର ପ୍ରତିଯୋଗୀଙ୍କୁ ହରାଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରାୟତୋ ଏବଂ ବିଭାଗୀୟ ଓଏସଡି କମଳାକାନ୍ତ ବେହେରା 'ଭେଟେରାନ ପୁରୁଷ ଡବଲ୍ସ' ବର୍ଗରେ ଚାମ୍ପିଅନ୍ ହୋଇଛନ୍ତି।

## ପେନସନ ସଂଶୋଧନ ନୀତି ବିରୋଧରେ ଦେଶବ୍ୟାପୀ ଧାରଣା



ଭୁବନେଶ୍ୱର, ୯।୧(ସମିସ): କେନ୍ଦ୍ର ସରକାରଙ୍କ ପେନସନ ସଂଶୋଧନ ନୀତି, ବିତ୍ତ ଅଧିନିୟମ–୨୦୨୫ ଓ ଅଷ୍ଟମ ବେତନ ଆୟୋଗର ସର୍ତ୍ତାବଳୀ ବିରୋଧରେ ଫୋରମ୍ ଅଫ୍ ସିଭିଲ ପେନସନର୍ସ ଆସୋସିଏସନ ଓଡ଼ିଶା ରାଜ୍ୟ ସମିତି ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ପ୍ରଧାନ ଡାକଘର ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାପତି ବୃହସ୍ପତି ସାମଲ କହିଥିଲେ ଯେ, ପେନସନ ସଂଶୋଧନରେ ନିର୍ଦ୍ଦିଷ୍ଟ ତାରିଖ ଆଧାରରେ ପେନସନଭୋଗୀଙ୍କୁ ଭାଗ କରିବା ସମ୍ବିଧାନର ଧାରା ୧୪ ଓ ୨୧ ସହ ମେଳ ଖାଉ ନାହିଁ ଏବଂ ଉଚ୍ଚତମ ନ୍ୟାୟାଳୟଙ୍କ ଡିଏସ୍ ନାକରା ମାମଲାର ରାୟକୁ ଉଲଂଘନ କରୁଛି। ସମସ୍ତ କେନ୍ଦ୍ର ବେସାମରିକ ସେବା ପେନସନ ନିୟମର ବୈଧକରଣ ପ୍ରତ୍ୟାହାର ଓ ଅଷ୍ଟମ ବେତନ ଆୟୋଗର ସର୍ତ୍ତାବଳୀରେ ସଂଶୋଧନ ଆଣି ସମସ୍ତ ପେନସନଭୋଗୀଙ୍କ ପାଇଁ ସମାନ ନୀତି ଲାଗୁ କରିବାକୁ ଦାବି କରାଯାଇଛି। ଏହି ଆନ୍ଦୋଳନ ଓଡ଼ିଶା ସହ ସାରା ଦେଶରେ ଅନୁଷ୍ଠିତ ହୋଇଛି।

## ଦରଦାମ ବୃଦ୍ଧି ପ୍ରତିବାଦରେ ସିପିଆଇ(ଏମ୍)ର ଧାରଣା




ଭୁବନେଶ୍ୱର, ୯।୧(ସମିସ): ଓଡ଼ିଶାରେ ବଢୁଥିବା ମୂଲ୍ୟବୃଦ୍ଧି, ବେରୋଜଗାରୀ, କୃଷି ସଙ୍କଟ, ଶ୍ରମିକକୃଷକ ବିରୋଧୀ ନୀତି, ଆଦିବାସୀ ଜମି ଉପରେ ଆକ୍ରମଣ, ମହିଳା ଓ ଦଳିତଙ୍କ ଉପରେ ହିଂସା ଆଦି ବିରୋଧରେ ସିପିଆଇ(ଏମ୍) ପକ୍ଷରୁ ଶୁକ୍ରବାର ଗାନ୍ଧୀମାର୍ଗରେ ଏକ ରାଜ୍ୟସ୍ତରୀୟ ଗଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି ଧାରଣାର ସିପିଆଇ(ଏମ୍)ନେତା ଜନାର୍ଦ୍ଦନ ପତି ଅଧ୍ୟକ୍ଷତା କରିଥିଲେ। ଏହି ଧାରଣାକୁ ଉଦ୍‌ବୋଧନ ଦେଇ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପଣିଗ୍ରାହୀ କହିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାର କର୍ପୋରେଟ୍ ହିତକୁ ପ୍ରାଥମିକତା ଦେଇ ସାଧାରଣ ଲୋକଙ୍କୁ ଦୁର୍ଦ୍ଦଶା ଓ ସୁରକ୍ଷାହୀନତାରେ ଠେଲିଦେଉଛନ୍ତି। ଏହି ଧାରଣାରେ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ଼ ରଦ୍ଦ, ସମସ୍ତ ଶ୍ରମିକଙ୍କୁ ୨୬ ହଜାର ଟଙ୍କା ସର୍ବନିମ୍ନ ମଜୁରି, ବେରୋଜଗାରୀ ଓ ମୂଲ୍ୟବୃଦ୍ଧି ନିୟନ୍ତ୍ରଣ, ଏମଜିଏନଆରଇଜିଏରେ ୨୦୦ ଦିନ କାମ ଓ ୭୦୦ ଟଙ୍କା ମଜୁରୀ, ଧାନ କିଣାରେ ଦୁର୍ନୀତି ବନ୍ଦ, ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନଗତ ଗ୍ୟାରେଣ୍ଟି, ବାଧ୍ୟତାମୂଳକ ସ୍ମାର୍ଟ ମିଟର ବାତିଲ ଓ ଘରୋଇ ଗ୍ରାହକଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ଭଳି ଦାବି ଉଠାଯାଇଥିଲା। ଏହା ସହ ଆଦିବାସୀ ଜମି ସୁରକ୍ଷା, ଜଙ୍ଗଲ ଅଧିକାର ଆଇନ ଓ ପେସା ଆଇନ କଡାକଡି ରୂପେ ଲାଗୁ କରିବା, ମହିଳା, ଶିଶୁ, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ହିଂସା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ସାର୍ବଜନୀନ ଶିକ୍ଷାସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ କରିବାକୁ ଦାବି କରାଯାଇଥିଲା। ଧାରଣା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୬ ଦଫା ଦାବି ସହିତ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି।

## ଆମିଷ ବ୍ୟବସାୟୀଙ୍କୁ ଥଇଥାନ ଦାବି

ଭୁବନେଶ୍ୱର, ୯।୧(ସମିସ): ବିଏମସି ୱାର୍ଡ ନମ୍ବର ୬୫ ଅଧୀନରେ ରହିଥବା ଏମ୍‌ସ ରୋଡ ବାମ ପାର୍ଶ୍ୱରେ ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ଆମିଷ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀମାନଙ୍କ ଦୋକନ ଗୁଡ଼ିକ ଭାଙ୍ଗି ଦେଇଛି ବିଏମସି। ଗତକାଲି ବିଏମ୍‌ସିର ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ଆମିଷ ବ୍ୟବସାୟ କରୁଥିବା ସମୟରେ ଦୋକାନ ଗୁଡିକୁ ଭାଙ୍ଗି ଦେଇଥିବାରୁ ପ୍ରବଳ କ୍ଷୟ କ୍ଷତିଘଟିଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ତେଣୁ ଯେଉଁ ଅତ୍ୟାଧୁନିକ ଆମିଷ ମାର୍କେଟ ନିର୍ମାଣ ହେବା ଯାଏ ବ୍ୟବସାୟୀମାନେଙ୍କୁ ଥଇଥାନ କରାଯିବାକୁ ବ୍ୟବସାୟୀମାନେ ନିବେଦନ କରିଛନ୍ତି। ତେବେ ପୂର୍ବରୁ ଯେଉଁସ୍ଥାନରେ ସ୍ଥାନରେ ବ୍ୟବସାୟୀମାନେ ଆମିଷ ବ୍ୟବସାୟ କରୁଥିଲେ ଉକ୍ତ ଜାଗା ନିକଟରେ ଖାଲି ପଡ଼ିଥିବା ଏକ ସରକାରୀ ଜାଗାରେ ବ୍ୟବସାୟ ପାଇଁ ସୁଯୋଗ ଦିଆଯାଉ ବୋଲି ବିଏସ୍‌ସିକୁ ବ୍ୟବସାୟୀମାନେ ଅନୁରୋଧ କରିଛନ୍ତି। ନିଜ ଜୀବିକା ବଞ୍ଚାଇବାକୁ ଏସକେ ଆୟୁବ, ଏସକେ ରଫିକ୍, ଏସକେ ସଜିତ୍, ଅବଦୁଲ କଲିମ ଖାନ୍, ଜମା ଖାନ୍, ଜୟବୁଲ ଖାନ୍, ପ୍ରମିଳା ବେହେରା, ରହେମାନ୍ ଖାନ୍, କାମା ବେହେରା, ଅର୍ଜ୍ଜୁନ ଦାସ, ନିକୁଞ୍ଜ ମଣ୍ଡଳ ପ୍ରମୁଖ ଚିକେନ୍, ମଟନ୍ ଓ ମାଛ ବ୍ୟବସାୟୀମାନେ ଜୋନାଲ୍ ସ୍ଥିତ ବିଏମସି କାର୍ଯ୍ୟାଳୟରେ ବିଏମସି ଦକ୍ଷିଣ ପଶ୍ଚିମ ଜୋନାଲ କମିଶନରଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ପ୍ରତିଷ୍ଠା ଦିବସ କର୍କଟ ରୋଗୀଙ୍କୁ ସହାୟତା

ଭୁବନେଶ୍ୱର, ୯।୧(ସମିସ): ନିଃସ୍ୱାର୍ଥ ସେବା ଓଡ଼ିଶାର ସପ୍ତମ ପ୍ରତିଷ୍ଠା ଦିବସରେ ଚିକିତ୍ସିତ ହେଉଥିବା ଜଣେ କର୍କଟ ରୋଗୀଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି ସଂଗଠନର କର୍ମକର୍ତ୍ତା। ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲାର ୫୦ବର୍ଷୀୟ କର୍କଟ ରୋଗୀ ଜୟନ୍ତ ଗିରି ଚିକିତ୍ସିତ ହେଉଛନ୍ତି। ଏହି ସାମାଜିକ କାର୍ଯ୍ୟକ୍ରମରେ ସଂଗଠନ ପ୍ରତିଷ୍ଠାତା ରଶ୍ମି ରଞ୍ଜନ ମାର୍ଥା, ସଭାପତି ମିଥୁନ ନାୟକ, ସମ୍ପାଦକ ଅମରଜିତ ବାରିକ, ରିଙ୍କୁ ଷଡ଼ଙ୍ଗୀ, ତାରାଶଙ୍କର ସାହୁ, ସୁଶାନ୍ତ ସାମନ୍ତରାୟ, ଜ୍ୟୋତିରଞ୍ଜନ ତ୍ରିପାଠୀ ଓ ରାଜଧାନୀ ସେବାସଙ୍ଘର ସଭାପତି ଧୀରେନ ଶଙ୍କର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ବାଲିଅନ୍ତା, ୯।୧(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ୩ ଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଭୁବନେଶ୍ୱର – ୨୦୨୬ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, କୃଷି ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଦାସ, ଭୁବନେଶ୍ୱର ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳ, ଭୁବନେଶ୍ୱର କୃଷି ଅଧିକାରୀ ପରେଶ କୁମାର ପଣ୍ଡା, ମନୋରଞ୍ଜନ ମିଶ୍ର, ଶିବାଶିଷ ମିଶ୍ର, ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ୫ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସହକାରୀ କୃଷି ଅଧିକାରୀ ସ୍ଥିତିପ୍ରଜ୍ଞ ଖମାରୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

## କଳିଙ୍ଗ ହସ୍ପିଟାଲ ପକ୍ଷରୁ ଗ୍ଲୋବାଲ୍ ହେଲଥ୍ କର୍ମଶାଳା



ଭୁବନେଶ୍ୱର, ୯।୧(ସମିସ): ଭୁବନେଶ୍ୱରସ୍ଥିତ କଳିଙ୍ଗ ହସପିଟାଲ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ୍‌ରେ ଅମେରିକୀୟ ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଆଆପିଆଇ) ଗ୍ଲୋବାଲ୍ ହେଲଥ କେୟାର କର୍ମଶାଳା ୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ତଥା ବିଶ୍ୱପ୍ରସିଦ୍ଧ ପ୍ରୋବାୟୋଟିକ୍ ବୈଜ୍ଞାନିକ ଡ଼. ସୀତାକାନ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜ ପାଇଁ ଶସ୍ତା, ଗୁଣାତ୍ମକ ଓ ନୈତିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପ୍ରତି କଳିଙ୍ଗ ହସ୍ପିଟାଲ୍?ର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ। ଆଆପିଆଇର ସଭାପତି ଡାକ୍ତର ଅମିତ ଚକ୍ରବର୍ତ୍ତୀ ସର୍ବୋତ୍ତମ ଚିକିତ୍ସା ପ୍ରଣାଳୀ ଉପରେ ଉପସ୍ଥିତ ପ୍ରତିନିଧି ମଣ୍ଡଳୀଙ୍କୁ ବକ୍ତବ୍ୟ ପ୍ରଦାନ କରି କଳିଙ୍ଗ ହସ୍ପିଟାଲର ଜନହିତକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କର୍ମଶାଳାକୁ ପ୍ରଶଂସା କରିଥିଲେ।

**ଦ୍ୱିତୀୟ ଦିନରେ ଓଡ଼ିଶା ମାଇନିଂ ଏକ୍ସପୋ**

## ଏଆଇ ଓ ସଷ୍ଟେନବିଲିଟିକୁ ଗୁରୁତ୍ୱ ଦେଲେ ମନ୍ତ୍ରୀ




ଭୁବନେଶ୍ୱର, ୯।୧ (ସମିସ): ଏଠାକାର ବରମୁଣ୍ଡା ଗ୍ରାଉଣ୍ଡରେ ଜାରି ଚତୁର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏଆଇ ଓ ସଷ୍ଟେନବିଲଟିକୁ ଗୁରୁତ୍ୱ ଦେଇଥିଲେ। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ; ଫ୍ୟୁଚରେକ୍ସ ଗ୍ରୁପର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନୱେଶୀ; ଫ୍ୟୁଚରେକ୍ସ ଗ୍ରୁପର ନିର୍ଦ୍ଦେଶକ ନମିତ ଗୁପ୍ତା, ନାଲକୋର ପୂର୍ବତନ ସିଏମଡି ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଡକ୍ଟର ତପନ କୁମାର ଚାନ୍ଦ, ଟିସିଏସ୍ ଗ୍ଲୋବାଲ୍ ମୁଖ୍ୟ-ସେଣ୍ଟର ଅଫ୍ ଏକ୍ସିଲେନ୍ସ-ଆମେରିକା ଅଜିତ କୁମାର କର ଏବଂ ନିର୍ଦ୍ଦେଶକ ତଥା ସିଇଓ, ଏମ୍‌ଆର ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ବିବେକ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ସ୍ୱାମୀ ପ୍ରେମ ଅନୱେଶୀଙ୍କ ପ୍ରେରଣାଦାୟୀ ଅଭିଭାଷଣରୁ ଆରମ୍ଭ ହୋଇଥିଲା। ଆଜି 'ଚେଞ୍ଜ ମେକର ଆୱାର୍ଡ' ପ୍ରଦାନ କରା ଯାଇଥିଲା। ସମ୍ମାନିତ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ପୂର୍ବତନ ନକ୍ସଲଙ୍କ ପରିବର୍ତ୍ତନ ଏବଂ ଯୌନ କର୍ମୀଙ୍କ ଥଇଥାନ ପାଇଁ କାର୍ଯ୍ୟ କରୁଥିବା ପ୍ରେରଣାଦାୟୀ ବକ୍ତା ସଂଯୁକ୍ତା ପଟ୍ଟନାୟକ, ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପ୍ରଚାର କରୁଥିବା ତନୟା ପଟ୍ଟନାୟକ ଏବଂ ଲାଞ୍ଜିଗଡ଼, ଅନୁଗୁଳ ଓ ସୁନ୍ଦରଗଡ଼ ଭଳି ଅଞ୍ଚଳରେ ଆଦିବାସୀଙ୍କ ବିକାଶ ପାଇଁ ଉତ୍ସର୍ଗୀକୃତ ହରମିତ୍ ସେହର ସାମିଲ ଥିଲେ। ଏଆଇ ସର୍ବଦା ମାନବ ମନରେ ଏକ ପ୍ରତିଫଳନ ଭାବେ ରହିଆସିଛି। ଆଧୁନିକ ମେସିନ ବର୍ତ୍ତମାନ ଜୀବନ ଶୈଳୀକୁ ଉନ୍ନତ କରିବା ସହ ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି ବୋଲି ମଧ୍ୟ ଉପମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି।

## କମଳା ନେହରୁ କଲେଜରେ ଖୋଲିବ ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ୍



ଭୁବନେଶ୍ୱର, ୯।୧(ସମିସ): କମଳା ନେହରୁ ମହିଳା ମହାବିଦ୍ୟାଳୟର ୪୭ ତମ ବାର୍ଷିକ ଉତ୍ସବ 'ବର୍ତ୍ତିକା'ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି ଯେ ମହାବିଦ୍ୟାଳୟରେ ଛାତ୍ରୀନିବାସ ସମସ୍ୟା ଦୂର କରିବାକୁ ସ୍ନାତକୋତ୍ତର ଛାତ୍ରୀମାନଙ୍କ ପାଇଁ ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ୍ ଅବିଳମ୍ବେ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଛାତ୍ରୀଙ୍କ ପାଇଁ ମାସେ ମଧ୍ୟରେ ଏନ୍‌ସିସି ଖୋଲିବାକୁ ସେ ଘୋଷଣା କରିଛନ୍ତି।

ମୁଖ୍ୟ ବକ୍ତା ଭାବେ ପ୍ରଫେସର ଜିତେନ୍ଦ୍ର ନାରାୟଣ ଦାସ (ଦାସ ବେନହୁର), ସମାଜସେବୀ ଜଗନ୍ନାଥ ପ୍ରଧାନ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବିବାସିନୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ବେଦୁଲା ରାମଲକ୍ଷ୍ମୀ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଲୋପାମୁଦ୍ରା ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାର ନୂଆମୋଡ଼

# ଚୋର ସନ୍ଦେହରେ ହତ୍ୟା; ସପ୍ତାହକ ପରେ ୩ ଗିରଫ

**ରାଉରକେଲା, ୯।୧(ସମିସ)**



ବନ୍ଧମୁଣ୍ଡା ଥାନା ଅଧୀନ ଜବାଘାଟରୁ ଗତ ୨ ତାରିଖରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା ନୂଆମୋଡ଼ ନେଇଛି। ଚୋର ସନ୍ଦେହରେ ହତ୍ୟା କରାଯାଇଥିବା ଅଭିଯୋଗରେ ପୁଲିସ ଘଟଣାର ସପ୍ତାହେ ପରେ ଜବାଘାଟ ଅଞ୍ଚଳର ମହେଶ ମୁଣ୍ଡାରୀ (୨୬), ଲକ୍ଷ୍ମଣ ମୁଣ୍ଡାରୀ ଓରଫ ଡାନୀ (୨୩) ଓ ସହଦେବ ସମାସୀ ଓରଫ ଟିଙ୍କୁ (୩୦)କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ଠାରୁ ଗୋଟିଏ ବାଡି ଓ ମୋବାଇଲ ଜବତ କରାଯାଇଛି। ଏନେଇ ଶୁକ୍ରବାର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଅଧିକ ସୂଚନା ଦେଇ କହିଥିଲେ ଯେ, ଉକ୍ତ ଅଞ୍ଚଳର କୋଏଲ ନଦୀପଠା ଠାରେ ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ତଦନ୍ତ କରି ଶବ ଉଦ୍ଧାର କରିଥିଲା। ପରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ଘଟଣାକୁ ନେଇ ଇନ୍ସପେକ୍ଟର ରଞ୍ଜନ ନାୟକ, ଏସ୍ଆଇ ମନୋଜ ବାରା, ଅର୍ଜୁନ ସେଠୀ, ବୈକୁଣ୍ଠ ପରିଡ଼ା, ଏଏସଆଇ ରତ୍ନାକର ମୁଣ୍ଡା, ସଞ୍ଜିତା ସାମଲ, ସରୋଜ ପୁହାଣ ସମେତ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଥିଲା। ଉକ୍ତ ଟିମ୍ ବିଭିନ୍ନ ଦିଗକୁ ନେଇ ତନାଘନା କରିବା ପରେ ଅଭିଯୁକ୍ତମାନଙ୍କୁ ପଚରାଉଚରା କରିଥିଲା। ଗତ ୧ ତାରିଖ ରାତିରେ ୩ ଅଭିଯୁକ୍ତ ମଦ୍ୟପାନ କରିବା ପରେ ମହେଶ ଘର ନିକଟରେ ବସିଥିଲେ। ସେହି ସମୟରେ ମୃତକ ଚାଲିଚାଲି ଯାଉଥିଲେ। ତାଙ୍କୁ ଅଟକାଇ ଚୋର ସନ୍ଦେହ କରି ପ୍ରଶ୍ନ କରିବାରୁ ସେ ନଦୀ ଆଡ଼କୁ ଦୌଡି ପଳାଇ ଥିଲେ। ସେଠାରେ ତାକୁ କାବୁ କରିବା ପରେ ବାଡି, ହାତ ଓ ଗୋଡ ଦ୍ୱାରା ୩ ଜଣ ମାଡ଼ ମାରିଥିଲେ। ଫଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏସବୁ ଘଟଣା ନିଶାଗ୍ରସ୍ତ ଅବସ୍ଥାରେ କରିଥିବା ୩ ଅଭିଯୁକ୍ତ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ପୁଲିସ ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

### ମୃତକଙ୍କ ମିଳିନି ପରିଚୟ

ହେଲେ ମୃତକଙ୍କ ଆଜି ଯାଏଁ ପରିଚୟ ମିଳିପାରି ନଥିବା ବେଳେ ବୟସ ପାଖାପାଖି ୪୫ ବର୍ଷ ହେବ ବୋଲି ଇନ୍ସପେକ୍ଟର ରଞ୍ଜନ ନାୟକ କହିଛନ୍ତି।

# ଆଇଜିଏଚ୍‌ରେ ସ୍କଲ୍‌ବେସ୍ ଟ୍ୟୁମର ଅପସାରଣ

**ରାଉରକେଲା, ୯।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ (ଆଇଜିଏଚ) ଏକ ସ୍କଲ ବେସ୍ ଟ୍ୟୁମରର ସଫଳ ଅସ୍ତ୍ରୋପଚାର ଜରିଆରେ ଅପସାରଣ ସହିତ ପୁଣି ଥରେ ଏହାର ଉଚ୍ଚସ୍ତରୀୟ ଚିକିତ୍ସା ବିଶେଷଜ୍ଞତା ପ୍ରଦର୍ଶନ କରିଛି, ଯାହା ଜଣେ ଯୁବ ବୟସର ରୋଗୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଆଣିଛି ଏବଂ ଉନ୍ନତ ସ୍ୱାସ୍ଥ୍ୟସେବାରେ ଉତ୍କର୍ଷତା କେନ୍ଦ୍ର ଭାବରେ ଆଇଜିଏଚର ସ୍ଥିତିକୁ ସୁଦୃଢ଼ କରିଛି। ଉକ୍ତ ୨୪ ବର୍ଷୀୟ ଆୟୁଷ୍ମାନ ଭାରତ ହିତାଧିକାରୀ ପୁରୁଷ ରୋଗୀ ପ୍ରାୟ ଏକ ବର୍ଷ ଧରି ଡାହାଣ ଉପର ଏବଂ ତଳ ଅଙ୍ଗର କ୍ରମଶଃ ଦୁର୍ବଳତା ଏବଂ କଠୋରତା, ଗଳା ଯନ୍ତ୍ରଣା, ବେକ ଗତି ପ୍ରତିବନ୍ଧିତ ଏବଂ ଚାଲିବାରେ ଅସୁବିଧା ଇତ୍ୟାଦି ସମସ୍ୟାରେ ପୀଡ଼ିତ ଥିଲେ। ଆଇଜିଏଚ୍‌ରେ, ରୋଗୀଙ୍କୁ ନ୍ୟୁରୋସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା। ଜଟିଳ ଏବଂ ସୂକ୍ଷ୍ମ ନ୍ୟୁରୋସର୍ଜିକାଲ୍ ପ୍ରକ୍ରିୟାଟି ବରିଷ୍ଠ ପରାମର୍ଶଦାତା ନ୍ୟୁରୋସର୍ଜନ ଡା. ମନୋଜ କୁମାର ଦେଓଙ୍କ ଦ୍ୱାରା ସଫଳତାର ସହ ସମ୍ପାଦିତ ହୋଇଥିଲା। ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡା. ମନୋରଞ୍ଜନ ସାମନ୍ତରାୟଙ୍କ ଦ୍ୱାରା ବିଶେଷଜ୍ଞ ଆନାସ୍ଥେସିଆ ସହାୟତା ପ୍ରଦାନ କରାଯାଇଥିଲା। କମଳା କର ଏବଂ ସ ଲିପିକାଙ୍କ ଅସ୍ତ୍ରୋପଚାରର ସୁଗମ ପରିଚାଳନାରେ ପାରାମେଡିକାଲ ସହାୟତା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ, ରୋଗୀଙ୍କ ଠାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା, ଡାହାଣ ଉପର ଏବଂ ତଳ ଅଙ୍ଗର ଦୁର୍ବଳତା ଏବଂ କଠୋରତାରେ ଉଲ୍ଲେଖନୀୟ ହ୍ରାସ ସହିତ, ଚାଲିବା ଏବଂ ଗତିଶୀଳତାରେ ଉଲ୍ଲେଖନୀୟ ଉନ୍ନତି ହୋଇଥିଲା। ସିଷ୍ଟର ଗୌରୀ, ଜସ୍ମିତା, ସୋନିଆ, ରୁବି, ସ ମନୀଷା ଏବଂ ନର୍ସିଂ ଦଳର ଅନ୍ୟ ସଦସ୍ୟମାନେ ଅସ୍ତ୍ରୋପଚାର ପରବର୍ତ୍ତୀ ନର୍ସିଂ ସେବାଯୋଗାଇ ଦେଇଥିଲେ।



# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**କୁତ୍ରା, ୯ ।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ୩୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବକୁ ଜିଲ୍ଲା ଶିକ୍ଷାଅଧିକାର ଡ. ମୁରଲୀଧର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଅନନ୍ତ କୁମାର ନାଏକ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ସମ୍ମାନିତ ଅତିଥି ସି.ଏସ୍.ଆର ହେଡ୍ ଲାଞ୍ଜିବେର୍ଣ୍ଣା ମାଇନ୍ସ ନିଗୋମାନନ୍ଦ ବେହେରା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଲୋକୋନାଥ ପ୍ରଧାନ କାହାଣୀ ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଗଠନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଥମାସ ବିଲୁଙ୍ଗ, ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧରଣୀଧର ଓଝା ଏବଂ ବିଦ୍ୟାଳୟର ସଭାପତି ସମସ୍ତ ମେମ୍ବର ସୁଜାତା ଦାସ, କନକଲତା ଲାଞ୍ଜିବର୍ଣ୍ଣନା ନିଜର ମତ ବ୍ୟକ୍ତ କରିଥିଲେ। କୃଷ୍ଣଚନ୍ଦ୍ର ମହାରଣା ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼. ନିତ୍ୟାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ମହେନ୍ଦ୍ର ସିଂହ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରବୀନ୍ଦ୍ର ପଣ୍ଡା, କୁମାରୀ ଜୟପୂରିଆ, ମମତା ସ୍ୱାଇଁ, ଆଲିଶା ଟପ୍ପୋ, ଭିକାରି ଦାସ, ପ୍ୟାରେଲାଲ୍ ସାହୁ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।



# ଆରଏସ୍‌ପି ବିତ୍ତ ଓ ଲେଖା ବିଭାଗରେ 'ସେଲ୍ ସାବାସ' ପୁରସ୍କାର

**ରାଉରକେଲା, ୮।୧(ସମିସ):** ଆର୍‌ଏସ୍‌ପିର ବିତ୍ତ ଓ ଲେଖା ବିଭାଗର ୯ ଜଣ କାର୍ମିକଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ପାଇଁ 'ସେଲ୍ ସାବାସ' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଆରୟଏସ୍‌ପି ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଦାସଗୁପ୍ତା ବିଭାଗୀୟ ଦକ୍ଷତା ବୃଦ୍ଧି ପାଇଁ ସେମାନଙ୍କର ପ୍ରତିବଦ୍ଧତା, ନବସୃଜନ ଏବଂ ଅବଦାନକୁ ପ୍ରଶଂସା କରିଥିଲେ। ସେଲ୍‌ଫ ସାବାସ ଯୋଜନାର ବର୍ଗ-୨ ଅଧୀନରେ ଡେପୁଟି ମ୍ୟାନେଜର ସୁସ୍ମିତ କୌର, ସେକ୍ସନ ଅଫିସର ଅମିନ ତାଣ୍ଡି ଏବଂ ପ୍ରଶାସନିକ ସହଯୋଗୀ କରୁଣାକର ରାୟଙ୍କୁ ପୁରସ୍କାର ଲାଭ କରିଥିଲେ। ସେଲ୍‌ଫ ଶାବାସ ପୁରସ୍କାର ଯୋଜନାର ବର୍ଗ-୧ ଅଧୀନରେ ସିନିୟର ମ୍ୟାନେଜର ଡି.କେ ମହାନ୍ତି, ସେକ୍ସନ ଅଫିସର ପିକେ. ପରିଡ଼ା, ସେକ୍ସନ ସହଯୋଗୀ ଟିକେ. ପସାୟତ, ପ୍ରଶାସନିକ ସହଯୋଗୀ ପି.ପି. ବେହେରା, ସନ୍ୟାସୀ ତାଣ୍ଡିଆ ଏବଂ ଅନିମା ଆଚାର୍ଯ୍ୟଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ରାଉରକେଲା ପୁଲିସ ଜିଲ୍ଲାରେ ୧୭ ଇନ୍ସପେକ୍ଟରଙ୍କ ଅଦଳବଦଳ

**ରାଉରକେଲା, ୯।୧(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅଧୀନରେ କାର୍ଯ୍ୟରତ ଥିବା ୧୭ ଜଣ ଇନ୍ସପେକ୍ଟରଙ୍କ ଅଦଳବଦଳ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ରଘୁନାଥପାଲି ଥାନାର ରାଜେନ୍ଦ୍ର ସ୍ୱାଇଁଙ୍କ କୋଇଡ଼ା ଥାନାକୁ ବଦଳି ହୋଇଥିବା ବେଳେ କୋଇଡ଼ା ଥାନାରୁ ଜ୍ୟୋତି ରଞ୍ଜନ ପତିଙ୍କ ସେକ୍ଟର -୩ ଥାନାକୁ ବଦଳି ହୋଇଛି। ସେହିପରି ସେକ୍ଟର -୩ ଥାନାରୁ ପିଙ୍କି ମୁର୍ମୁଙ୍କ ବଣାଇ ଥାନାକୁ ବଦଳି ହୋଇଥିବାବେଳେ ବଣାଇ ଥାନାରୁ ଜ୍ଞାନେନ୍ଦ୍ର କୁମାର ସାହୁଙ୍କ ଉଦିତନଗର ଥାନାକୁ ବଦଳି ହୋଇଛି। ସେହିପରି ଉଦିତନଗର ଥାନାର ଦିଲୀପ ଲାକ୍ରାଙ୍କ ସାଇବର ଥାନା, ଲହୁଣୀପଡ଼ା ଥାନାରୁ ସୁରଜ୍ କୁମାର ଝଙ୍କାରଙ୍କ ରଘୁନାଥପାଲି, ଗୁରୁଣ୍ଡିଆ ଥାନାରୁ ରାମେଶ୍ୱର ସିଂଙ୍କ ଲହୁଣୀପଡ଼ା, ମହୁଲପଦା ଥାନାରୁ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସେକ୍ଟର -୧୫ ଥାନାକୁ ବଦଳି ହୋଇଛି। ସେହିପରି ଅଶୋକ କୁମାର ବେହେରାଙ୍କ କେ. ବଲାଙ୍ଗ ଥାନାକୁ ବଦଳି ହୋଇଥିବା ବେଳେ କେ. ବଲାଙ୍ଗ ଥାନାରୁ ଖିତିଶ ଚନ୍ଦ୍ର ପାତ୍ରଙ୍କ ଟ୍ରାଫିକ ଆଉଟ୍ ପୋଷ୍ଟକୁ ବଦଳି ହୋଇଛି। ସେହିପରି ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ଶିବ ଶଙ୍କର ଅଲ୍‌ଡ଼ାଙ୍କ ମହୁଲପଦା, ସ୍ୱର୍ଣ୍ଣମୟୀ ଷେଣ୍ଟଙ୍କ ଅତିରିକ୍ତ ଇନ୍ସପେକ୍ଟର ବ୍ରାହ୍ମଣୀ ତରଙ୍ଗ, ପ୍ରଭ ସିମରନ୍ ସିଂଙ୍କ ଅତିରିକ୍ତ ଇନ୍ସପେକ୍ଟର ରଘୁନାଥପାଲି, ପ୍ରଶାନ୍ତ କୁମାର ପ୍ରଧାନଙ୍କ ଗୁରୁଣ୍ଡିଆ, ଜ୍ୟୋସ୍ନା ସେଠଙ୍କ ଅତିରିକ୍ତ ଇନ୍ସପେକ୍ଟର ଉଦିତନଗର, ହୀରା ଖାଲଖୋଙ୍କ ଅତିରିକ୍ତ ଇନ୍ସପେକ୍ଟର ପ୍ଲାଣ୍ଟସାଇଟ୍ ଓ ଡେଜାଲିନ ଜେନାଙ୍କ ଡିସିଆରବିକୁ ବଦଳି ହୋଇଥିବା ଜଣାପଡ଼ିଛି।

# ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ଦକ୍ଷତା ବିକାଶ ଓ ତାଲିମ

**ବଣାଇଁ, ୯ ।୧(ସମିସ):** ବଣାଇସହର ସ୍ଥିତ ଆଇଟିଡିଏ ସଭା ଗୃହରେ ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆନୁକୂଲ୍ୟରେ ବଣାଇ ଉପଖଣ୍ଡର ୧୩ ଟି ଲ୍ୟାମ୍ପସର ପରିଚାଳନା ପରିଷଦ ସଦସ୍ୟ ଏବଂ ପରିଚାଳନା ନିର୍ଦ୍ଦେଶକଙ୍କ ଦକ୍ଷତା ବିକାଶ ଓ ତାଲିମ କାର୍ଯ୍ୟକ୍ରମ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ନିବନ୍ଧକ ରଶ୍ମିଲତା ବେହେରା, ରବୀନ୍ଦ୍ର ନାଥ କାଲୁଣ୍ଡିଆ, ଅଜୟ କୁମାର ସେଠୀ, ସହ ସମବାୟ ସମୀକ୍ଷକ ଚୈତନ୍ୟ ବେମାଲ ପ୍ରମୁଖ ଯୋଗଦେଇ ଥିଲେ। ବ୍ୟାଙ୍କ ନିର୍ଦ୍ଦେଶକ ଆଲୋକ ପ୍ରକାଶ ପଟେଲ, ସନ୍ଧ୍ୟାରାଣୀ ନାଏକ, ବାସନ୍ତୀ ସାମନ୍ତଙ୍କ ସମେତ ୧୫୦ ସଭ୍ୟ ସଭ୍ୟା ଯୋଗଦେଇଥିଲେ।



# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

**ରାଉରକେଲା, ୯।୧(ସମିସ):** ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ସହ ସମ୍ପର୍କକୁ ମଜଭୁତ କରିବା ପାଇଁ ଜିନ୍ଦଲ ଷ୍ଟିଲ ପକ୍ଷରୁ ନୂତନ ବର୍ଷ ଅବସରରେ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଆଇରନ ଓ ଡୋଲୋମାଇଟ ମାଇନ୍ସ ଓ ରୋଇଡା- ୧ ମାଇନ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମ ମୁଖିଆ, ସରପଞ୍ଚ, ସମିତିସଭ୍ୟ ଓ ସମାଜସେବୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଜନସମ୍ପର୍କ କାର୍ଯ୍ୟକ୍ରମରେ ଦେଓଝରେ ସମିତିସଭ୍ୟ ଲକ୍ଷ୍ମୀ ମୁଣ୍ଡା, ଦେଓଝରେ ନାଏବ ସରପଞ୍ଚ କାଦମ୍ବିନୀ ନାଏକ, କଣ୍ଡରା ସମିତିସଭ୍ୟ ସୋମନାଥ ମହାନ୍ତ, ବୀରକଳା ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, ଦେଓଝରର ପୂର୍ବତନ ସମିତି ସଭ୍ୟ, ଯୁଧିଷ୍ଠିର ପଲେଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୀରବର ନାଏକ, ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା, ଦୋଳଗୋବିନ୍ଦ ନାଏକ ଓ ଜନାର୍ଦ୍ଦନ ନାଏକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସମାଜସେବୀ ତ୍ରିଲୋଚନ ପଲେଇ, କାଳୀଚରଣ ମୁଣ୍ଡା, ପାଣ୍ଡିଆ ମୁଣ୍ଡା, ବିଳାସିନୀ ନାଏକ, ଅର୍ଜୁନ ମୁଣ୍ଡା, ପ୍ରଫୁଲ୍ଲ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ଶିଆଳିଯୋଡ଼ା, ଦେଓଝର, କଣ୍ଡରା, ଗୋବର୍ଦ୍ଧନପୁର ଓ ଅଁଶେଇକଳା ସମେତ ଅନେକ ଗ୍ରାମର ପ୍ରମୁଖ ବ୍ୟକ୍ତି ସକ୍ରିୟ ଅଂଶଗ୍ରହଣ କରିଥିଲେ। କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର, ବଡ଼ବିଲ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି, ଏଚଆର ଏଣ୍ଡ ଇଏସ ମୁଖ୍ୟ ବିପିନ ବିହାରୀ ପ୍ରଧାନ, ସିଏସଆର ହେଡ୍ ଭର୍ଜିଲ ଲାକ୍ରା ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ଜିନ୍ଦଲ ଷ୍ଟିଲ ବିକେଟିଆର କ୍ଲଷ୍ଟର ହେଡଙ୍କ ନେତୃତ୍ୱରେ କାଶିଆ ମାଇନ୍ସ ଓ ରୋଇଡା- ୧ ମାଇନ୍ସର ପାରିପାର୍ଶ୍ୱିକ ଅଞ୍ଚଳର ଜନପ୍ରତିନିଧି, ସମାଜସେବୀ ଓ ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ଜନସମ୍ପର୍କ କାର୍ଯ୍ୟକ୍ରମ ହୋଇଥିଲା। ସରେଣ୍ଡା ସରପଞ୍ଚ ସୁସ୍ମିତା ସିଦ୍ଧୁ, ଉଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ଓ ଭୂୟାଁରୋଇଡ଼ା ସରପଞ୍ଚ ତୁଳସୀ ବୋବାଙ୍ଗା ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେରେଣ୍ଡା ସମିତି ସଭ୍ୟ ଶଙ୍କର ଚଟମ୍ବା, ଉଦ୍ରାସାହି ସମିତି ସଭ୍ୟ ଯଶବନ୍ତ ପାତ୍ର ଓ ୱାର୍ଡମେମ୍ବର ଭାଗବତ ପଲେଇଙ୍କ ସମେତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତୀ ବନରା, ସମାଜସେବୀ ମଦନ ବେହେରା, କୁବେର ପଲେଇ, ପୁରୁଷୋତ୍ତମ ବାରିକ, ସୁନୀଲ ଦତ୍ତ, ବିପିନ ନାଏକ, ସଞ୍ଜୟ ପାତ୍ର, ନିଶିକାନ୍ତ ପଲେଇ ସଞ୍ଜୀବ ପଲେଇ ଓ ଗୌତମ ପଲେଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ଏନ୍‌ଆଇଟି କେନ୍ଦ୍ରୀୟ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ରାଉରକେଲା, ୯ ।୧(ସମିସ):** ଏନ୍‌ଆଇଟି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ରୀଡା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପି. ନିରଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଉରକେଲା ବନାଞ୍ଚଳର ମୁଖ୍ୟ ଯଶୋବନ୍ତ ସେଠୀ ମୁଖ୍ୟ ଅତିଥି, ବିଦ୍ୟାଳୟର ଅଧ୍ୟକ୍ଷ ତଥା ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ, କୁଳସଚିବ ପ୍ରଫେସର ରୋହନଧିମାନ, ଡିନ ପ୍ରଫେସର ରାଜୀବ ପଣ୍ଡା, ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷା ହେମଲତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



### ଲୋକନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ନାଟକ 'ସୁଆଦ୍ ସୁଆଦ୍ ବୋଲି ଖାଏଲି କେନ୍ଦୁ' ମଞ୍ଚସ୍ଥ

**ରାଉରକେଲା, ୯।୧(ସମିସ):** କଲଚରାଲ ଏକାଡେମୀ ଆୟୋଜିତ '୩୮ତମ ଲୋକନାଟକ ମହୋତ୍ସବ'ର ଷଷ୍ଠ ସନ୍ଧ୍ୟାରେ ଖରିଆର ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟସଂସ୍ଥାର କଳାକାରମାନେ ପରିବେଷଣ କରିଛନ୍ତି ପବିତ୍ର ମୋହନ ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ 'ସୁଆଦ୍ ସୁଆଦ୍ ବୋଲି ଖାଏଲି କେନ୍ଦୁ'। ଡ. ପ୍ରଭାତ ମଲ୍ଲିକ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ମାଜସେବୀ ମିହିର ରାୟ ଯୋଗଦେଇ ଥିଲେ। କଲ୍‌ଚରାଲ ଏକାଡେମୀର ବରିଷ୍ଠ ସଦସ୍ୟ ଆଲୋକ ବୋଷ ମଞ୍ଚ ପରିଚାଳନା କରିଥିଲା ବେଳେ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସଭାପତି ପଶୁପତି ନାଥ ଚାଟାର୍ଜୀ ମଞ୍ଚାସୀନ ଥିଲେ। ସଦସ୍ୟ/ସଦସ୍ୟା ଡ. ଶ୍ରୀକାନ୍ତ ମହାନ୍ତି, ଅକ୍ଷୟ ସାମଲ, ଡା. କୃପାସିନ୍ଧୁ ନାୟକ, ଗୋକୁଳାନନ୍ଦ ଦାଶ, ସୁଜିତ ନାୟକ, ଅକ୍ଷୟ ପଣ୍ଡା, ବଳରାମ ରାଉଳ, କିଶୋର ଚନ୍ଦ୍ର ବେହେରା, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାହୁ, ସୁକାନ୍ତ ମହାପାତ୍ର, ପ୍ରତାପ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକଙ୍କ ଲାଗି ବୁଟ୍ କ୍ୟାମ୍ପ୍

**ରାଉରକେଲା, ୯।୧(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ଜାନୁଆରୀ ୭ରୁ ଜାନୁଆରୀ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ତିନି ଦିନିଆ ଇନୋଭେସନ, ଡିଜାଇନ ଏବଂ ଏଣ୍ଟରପ୍ରିନରସିପ୍ (ଆଇଡିଇ) ବୁଟ୍‌କ୍ୟାମ୍ପର ତୃତୀୟ ପର୍ଯ୍ୟାୟ ସମ୍ମିଳନୀ ସମ୍ପନ୍ନ ହୋଇଯାଇଛି। ଆଜି ଅପରାହ୍ନରେ ବିପିୟୁଟିର ଛେଣ୍ଡ କ୍ୟାମ୍ପସ ସ୍ଥିତ ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ଉଦଯାପନୀ ସମାରୋହରେ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲର ଆଞ୍ଚଳିକ ସଂଯୋଜକ ବିଭମ ବ୍ୟାସ, ୱାଧୱାନି ଫାଉଣ୍ଡେସନର ବିଶେଷଜ୍ଞ ଗୌରୀ ମଦନ ଏବଂ ବିପିୟୁଟିର କୁଳସଚିବ ନିଶି ପୁନମ ମିଞ୍ଜ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଭମ ବ୍ୟାସ ଆଶା ପ୍ରକାଶ କରିଥିଲେ ଯେ, ଶିକ୍ଷକମାନେ ଏହି ବୁଟ୍‌କ୍ୟାମ୍ପରୁ ଶିଖିଥିବା ଜ୍ଞାନ ଓ କୌଶଳକୁ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ଅନୁଯାୟୀ ଶ୍ରେଣୀଗୃହର ଶିକ୍ଷାଦାନରେ ପ୍ରୟୋଗ କରିବେ। ପ୍ରଫେସର ଅମିୟ କୁମାର ରଥ କହିଥିଲେ ଯେ, ଏହା ଏକ ଅର୍ଥପୂର୍ଣ୍ଣ ବୃତ୍ତିଗତ ଶିକ୍ଷଣ ଅନୁଭୂତି ଯାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ। ଗୌରୀ ମଦନ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପିଏମ ଶ୍ରୀ ସ୍କୁଲର ଶିକ୍ଷକମାନେ ନିଜ ନିଜ ବିଦ୍ୟାଳୟରେ ନବସୃଜନ ଏବଂ ଉଦ୍ୟୋଗ ପରିବେଶ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। କୁଳ ସଚିବ ନିଶି ପୁନମ ମିଞ୍ଜ ଶିକ୍ଷକମାନଙ୍କୁ ସକ୍ରିୟ ଭାବେ ନିଜର ଶିକ୍ଷଣକୁ ଅଭିନବ ଶିକ୍ଷାଦାନ ପଦ୍ଧତିରେ ପରିଣତ କରିବାକୁ ଉତ୍ସାହିତ କରିଥିଲେ। ଡ.ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପର୍ଯ୍ୟାୟରେ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ମନୋନୀତ ରାଜ୍ୟର ୧୬ଟି ଜିଲ୍ଲାରୁ ମୋଟ ୧୮୮ ଜଣ ଅଧ୍ୟକ୍ଷ, ପ୍ରଧାନଶିକ୍ଷକ ଏବଂ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଭାରତୀୟ ଷ୍ଟାର୍ଟଅପ୍ ବ୍ୟବସ୍ଥା ଏବଂ ବିଶେଷ କରି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଯାଇଥିଲା।




# ହକି ଟ୍ରେନିଂ ସେଣ୍ଟର୍ ପରିଦର୍ଶନ କଲେ ଉପଜିଲ୍ଲାପାଳ

**ଲହୁଣୀପଡ଼ା, ୯।୧ (ସମିସ):** ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ପରାଗପୋଷ ଆଦର୍ଶ ବିଦ୍ୟାଳୟରେ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଗ୍ରାସ୍‌ରୁଟ ହକି ସେଣ୍ଟରକୁ ଶୁକ୍ରବାର ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ପରିଦର୍ଶନ କରିଥିଲେ। ସେଣ୍ଟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବାଳିକା ହକି ଅଭ୍ୟାସ କରିବା ଦେଖି ପ୍ରଶଂସା କରିଥିଲେ। ଚଳିତବର୍ଷ ଏହି ବିଦ୍ୟାଳୟରୁ କନିଷ୍ଠ ଏବଂ ଉପକନିଷ୍ଠ ବର୍ଗରେ ୩୦ ଜଣ ଖେଳାଳି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲାବେଳେ ଜଣେ ଖେଳାଳି ଭୂମିକା ମୁଣ୍ଡା ରାଜ୍ୟ ହକିଦଳରେ ସ୍ଥାନ ପାଇଛନ୍ତି। ଜାନୁଆରୀ ୨ରୁ ଗୋଆଲିୟରରେ ଅନୁଷ୍ଠିତ କନିଷ୍ଠ ବର୍ଗ ବାଳିକା ବର୍ଗରେ ଭୂମିକା ମୁଣ୍ଡା ଅଂଶଗ୍ରହଣ କରି ଲହୁଣୀପଡ଼ା ବ୍ଲକ ପାଇଁ ଗର୍ବ ଆଣିଛନ୍ତି। ଏଥିନିମନ୍ତେ ଉପଜିଲ୍ଲାପାଳ ଭୂମିକା ମୁଣ୍ଡାଙ୍କୁ ପ୍ରଶଂସା କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟ ଉପାଧ୍ୟକ୍ଷ, କ୍ରୀଡ଼ା ଶିକ୍ଷକ ଏବଂ ଜିନ୍ଦଲ ଫାଉଣ୍ଡେସନ ଟେନସାର ମୁଖ୍ୟ ରାଜେଶ ଲେଙ୍କା, ହକି କୋଡିନେଟର ସୁଧୀର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ଆର୍‌ଏସ୍‌ପି ପକ୍ଷରୁ ୧୧ରେ ପଥ ଉତ୍ସବ 'ଏକତା ମହୋତ୍ସବ'

**ରାଉରକେଲା, ୯।୧(ସମିସ)**

ରାଉରକେଲା ଇସ୍ପାତ କାରଖାନା ଆସନ୍ତା ୧୧ ତାରିଖରେ ଆମ୍ବାଗାନ ଗୁଣ୍ଡିଚା ମନ୍ଦିର ଛକ ଠାରୁ ସେକ୍ଟର - ୪ ମଧୁବନ ଛକ ରାସ୍ତାରେ ଏକ ବିଶାଳ ପଥଉତ୍ସବ ସାଂସ୍କୃତିକ ପର୍ବ 'ଏକତା ମହୋତ୍ସବ'ର ଆୟୋଜନ କରିବାକୁ ଯାଉଛି। ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍ - ୨୦୨୬ର ପ୍ରଚାରପ୍ରସାର କାର୍ଯ୍ୟକ୍ରମ ରୂପେ ଏହାର ଆୟୋଜନ କରାଯାଉଛି। ଉଲ୍ଲେଖନୀୟ ଯେ ୨୪ ତାରିଖରେ ଆରଏସପି ଦ୍ୱାରା ଆୟୋଜିତ ହେବାକୁ ଥିବା ମେଗା ହାଫ୍ ମାରାଥନର ବିଷୟବସ୍ତୁ 'ସମୃଦ୍ଧି ପାଇଁ ଦୌଡ଼' ରହିଛି ଏବଂ ଏହା ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ସମସ୍ତ ଲୋକଙ୍କୁ ନେଇ ଏକ ସମବେଶୀ କାର୍ଯ୍ୟକ୍ରମ ହେବାକୁ ଉଦ୍ଦିଷ୍ଟ ରହିଛି। ଏହି କାର୍ଯ୍ୟକ୍ରମରେ ଲାଇଭ୍ ମ୍ୟୁଜିକ୍ ବ୍ୟାଣ୍ଡ ପ୍ରଦର୍ଶନ, ସାଂସ୍କୃତିକ ନୃତ୍ୟ, ଫ୍ୟାନ୍ସି ଡ୍ରେସ୍ ପ୍ରଦର୍ଶନୀ, ଯୋଗ ସେସନ୍, ଜୁମ୍ବା, ରଙ୍ଗୋଲି କଳା, ଚିତ୍ରକଳା ପ୍ରଦର୍ଶନୀ, ଲାଇଭ୍ କଳା ପ୍ରଦର୍ଶନୀ, ସୃଜନଶୀଳ ହସ୍ତଶିଳ୍ପ ଷ୍ଟଲ୍ ଏବଂ ସେଲ୍‌ଫି କର୍ଣ୍ଣର ସମେତ ବିଭିନ୍ନ ଆକର୍ଷଣୀୟ ସ୍ଥାନ ରହିବ। ୭୦୦ରୁ ଅଧିକ ପିଲାଙ୍କ ସମେତ ୧୦୦୦ ରୁ ଅଧିକ ଲୋକ ଏହି ବିଶାଳ ଉତ୍ସବରେ ଭାଗ ନେବା ପାଇଁ ପଞ୍ଜିକରଣ କରିଛନ୍ତି। ରଙ୍ଗୀନ ପ୍ରଦର୍ଶନ, କଳାତ୍ମକ ଅଭିବ୍ୟକ୍ତି ଏବଂ ଉତ୍ସାହୀ ଜନସାଧାରଣଙ୍କ ଅଂଶଗ୍ରହଣ ସହିତ, ଏକତା ମହୋତ୍ସବ ବହୁ ସଂଖ୍ୟାରେ ଜନସମାଗମକୁ ଆକର୍ଷିତ କରିବ ଏବଂ ରାଉରକେଲା ହାଫ୍ ମାରାଥନ-୨୦୨୬ ପାଇଁ ଏକ ଶକ୍ତିଶାଳୀ ସ୍ୱର ସ୍ଥାପନ କରିବ ବୋଲି ଆଶା କରାଯାଉଛି।

ସମ୍ବଲପୁର ଜିଲ୍ଲା

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ୬୮% ଡାକ୍ତର ପଦ ଖାଲି

# କାୟାକଳ୍ପ ପୁରସ୍କାରପ୍ରାପ୍ତ ଡିଏଚ୍ଏଚ୍‌ରେ ୩୬ ଡାକ୍ତର, ୭୮ ନାହାନ୍ତି

**ସମ୍ବଲପୁର, ୯।୧ (ସମିସ)**

ସମ୍ବଲପୁର ଜିଲ୍ଲାରେ ରୋଗୀ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲାରେ ମାତ୍ର ୩୨% ଡାକ୍ତର ଅଛନ୍ତି। ବଳକା ପଦ ଖାଲି ରହିଛି। ସୂଚନାନୁଯାୟୀ, ସମ୍ବଲପୁର ଜିଲ୍ଲାରେ ଅନୁମୋଦିତ ଡାକ୍ତର ପଦ ସଂଖ୍ୟା ୫୦୦ (ଦନ୍ତରୋଗ ବିଭାଗ ସହିତ) ହୋଇଥିବାବେଳେ ମାତ୍ର ୧୬୦ ଜଣ ଡାକ୍ତର ରହିଛନ୍ତି। ଏଥିରେ ବିଶେଷଜ୍ଞ ପଦ ମଧ୍ୟ ଖାଲି ରହିଥିବାରୁ ରୋଗୀ ସେବା ପ୍ରଭାବିତ ହେଉଛି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ୧୧୪ ପଦରୁ ୩୬ ଜଣ ଡାକ୍ତର ଥିବାବେଳେ କୁଚିଣ୍ଡା ଏସ୍‌ଡିଏଚ୍‌ରେ ୪୯ରୁ ୧୯ ଡାକ୍ତର ଏବଂ ରେଢ଼ାଖୋଲ ଏସ୍‌ଡିଏଚ୍‌ରେ ୪୯ରୁ ୧୬ ଜଣ ଡାକ୍ତର ଅଛନ୍ତି। ପୁଣି ୱିଙ୍ଗ୍ ଅଫିସର ଅନୁମୋଦିତ ପଦ ୧୦ ଥିବାବେଳେ ଅଛନ୍ତି ୭ ଜଣ। କେତେକ ସ୍ଥାନରେ ପଦରେ ଠିକା ଡାକ୍ତର ଥିବାବେଳେ ଜିଲ୍ଲାର ଡାକ୍ତର ଡେପୁଟେସନରେ ରହିଛନ୍ତି। ଡାକ୍ତର ଅନ୍ୟତ୍ର ବଦଳି ହେଉଛନ୍ତି, ତାଙ୍କ ସ୍ଥାନରେ ଆଉ ନୂଆ ନିଯୁକ୍ତି ଦିଆଯାଉନାହିଁ। ସଦର ଡାକ୍ତରଖାନାରେ ମେଡିସିନ, ସର୍ଜରୀ, ଅସ୍ଥିଶଲ୍ୟ, ଚକ୍ଷୁ ଓ ଚର୍ମରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମାତ୍ର ଜଣେ ଲେଖାଏଁ ଡାକ୍ତର ଅଛନ୍ତି। ଏପରିକି ବ୍ଲଡ ବ୍ୟାଙ୍କ ଅଧିକାରୀ ପଦ ଖାଲି ପଡ଼ିଛି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେବଳ ଏକ ରେଫରାଲ୍ ସେଣ୍ଟର ହୋଇ ରହିଯାଇଥିବା ସାଧାରଣରେ ଅଭିଯୋଗ ହେଉଛି।

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ସଦର ହସପିଟାଲ) ଉପରେ ସମ୍ବଲପୁର ଜିଲ୍ଲା ସମେତ ଆଖପାଖ ଜିଲ୍ଲା ସୀମାବର୍ତ୍ତୀ ଅଞ୍ଚଳର ହଜାର ହଜାର ରୋଗୀ ନିର୍ଭର କରନ୍ତି। ଦୁର୍ଘଟଣା, ଗଣ୍ଡଗୋଳ, ଗୁରୁତର ଅସୁସ୍ଥ ରୋଗୀଙ୍କୁ ପ୍ରଥମେ ସଦର ଡାକ୍ତରଖାନାକୁ ଅଣାଯାଇଥାଏ। ଏହି ଡାକ୍ତରଖାନାକୁ କିଛିବର୍ଷ ପୂର୍ବେ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ର ସାଟେଲାଇଟ୍ ସେଣ୍ଟର ମଧ୍ୟ କରାଯାଇଥିଲା। ମହାମାରୀ କରୋନା ସମୟରେ ସଦର ଡାକ୍ତରଖାନାକୁ କୋଭିଡ ହସପିଟାଲରେ ପରିଣତ କରାଯାଇଥିଲା। ଡାକ୍ତରଖାନାର ଭିତ୍ତିଭୂମିରେ ବିକାଶ ହେଉଥିବାବେଳେ ବିଶେଷଜ୍ଞ ଡାକ୍ତରଙ୍କ ଘୋର ଅଭାବ ରହିଛି। ଏପରିକି ବହୁ ସମୟରେ କେତେକ ବିଭାଗର ଡାକ୍ତର ପଦ ସମ୍ପୂର୍ଣ୍ଣ ଖାଲି ରହୁଛି। ରୋଗୀ ମାନଙ୍କୁ ଏଠାରୁ ଭିମସାର, କଟକ କିମ୍ବା ଭୁବନେଶ୍ୱରକୁ ପଠାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏହି ସଦର ଡାକ୍ତରଖାନା କେଇବର୍ଷ ତଳେ ଜାତୀୟ କାୟାକଳ୍ପ ପୁରସ୍କାର ପାଇଥିଲା। ଏହାକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଡାକ୍ତରଖାନା କରିବା ଯୋଜନା କେବଳ ପ୍ରସ୍ତାବରେ ରହିଯାଇଛି। ଏପରିକି କୋଭିଡ ହସପିଟାଲ ସମୟରେ ଏଠାକାର




୩୦ଟି ଆଇସିୟୁ ଶଯ୍ୟାକୁ ୮୫କୁ ବୃଦ୍ଧି କରାଯାଇଥିବାବେଳେ ଏପର୍ଯ୍ୟନ୍ତ ଆଇସିୟୁ ସେବା ବିଶେଷଜ୍ଞ ଡାକ୍ତର ଓ ଟେକ୍ନିକାଲ୍ ଟିମ୍ ଅଭାବରୁ ଆରମ୍ଭ ହୋଇପାରିନାହିଁ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁମୋଦିତ ୧୧୪ଟି ବିଶେଷଜ୍ଞ ଡାକ୍ତର ଓ ସହକାରୀ ଡାକ୍ତର ପଦ ମଧ୍ୟରୁ ମାତ୍ର ୩୬ ଜଣ ଡାକ୍ତର ରହିଛନ୍ତି। ତନ୍ମଧ୍ୟରେ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ୩ ଜଣରୁ ୨ ଜଣ ଡାକ୍ତର ଥିବାବେଳେ ମେଡିସିନ ବିଭାଗରେ ୨ରୁ ୧, ସର୍ଜରୀ ବିଭାଗରେ ୨ରୁ ୧, ଅସ୍ଥିଶଲ୍ୟ ବିଭାଗରେ ୨ରୁ ୧ ଜଣ ଡାକ୍ତର ରହିଛନ୍ତି। ବହୁବର୍ଷ ଧରି ନିଶ୍ଚେତକ (ଆନାସ୍ଥେସିଆ) ବିଭାଗର ପଦ ଖାଲି ରହିଥିବାରୁ ଲୋକେ ବାହାର ଡାକ୍ତର ଉପରେ ନିର୍ଭର କରୁଥିବାବେଳେ ଏହି ପଦ କିଛିଦିନ ତଳେ ପୂରଣ କରାଯାଇଛି। ସେହିପରି ଚକ୍ଷୁରୋଗ ବିଭାଗରେ ମାତ୍ର ଜଣେ ବିଶେଷଜ୍ଞ ଡାକ୍ତର ଅଛନ୍ତି। ଅନ୍ୟପକ୍ଷରେ ରେଡିଓଲୋଜି, ହୃଦ୍‌ରୋଗ ବିଭାଗ, ନ୍ୟୁରୋଲୋଜି ବିଭାଗ, ଏଫ୍ଏମ୍‌ଟି ବିଭାଗରେ କେହି ଡାକ୍ତର ନିଯୁକ୍ତ ହୋଇନାହାନ୍ତି। ଦୁଇଜଣ ଡାକ୍ତର ସ୍ଥାନରେ ମାତ୍ର ଜଣେ ଲେଖାଏ ଡାକ୍ତର ଥିବାରୁ ଗୁରୁତର ରୋଗୀ ଚିକିତ୍ସା ବା ଅପରେସନ୍‌ରେ ବ୍ୟସ୍ତ ରହିବା ଯୋଗୁଁ ବହୁସମୟରେ ବର୍ହିବିଭାଗ (ଓପିଡି) ବନ୍ଦ ରହୁଥିବା ଦେଖାଯାଉଛି।

ଅନ୍ୟପକ୍ଷରେ କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ଉପରେ ସମଗ୍ର ଉପଖଣ୍ଡର ପ୍ରାୟ ୩ଟି ଲେଖାଏଁ ବ୍ଲକର ଅଧିବାସୀ ନିର୍ଭର କରୁଥିବାବେଳେ ଯଥାକ୍ରମେ ୩୮ ଓ ୩୩ ପ୍ରତିଶତ ଡାକ୍ତର ରହିଛନ୍ତି। ବଳକା ପଦ ଖାଲି ରହିଛି। ବହୁ ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏପରିକି ଏଭଳି ବିପର୍ଯ୍ୟସ୍ତ ରୋଗୀ ସେବାକୁ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ ନିକଟସ୍ଥ ଜିଲ୍ଲାର ଚିକିତ୍ସାଳୟ ଓ ଘରୋଇ ନର୍ସିଂହୋମ୍ ଉପରେ ନିର୍ଭର କରୁଥିବା ନଜିର ରହିଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩ଟି ନିଜସ୍ୱ ଆମ୍ବୁଲାନ୍ସ ଥିବାବେଳେ ତନ୍ମଧ୍ୟରୁ ଗୋଟିଏ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିରହିଛି। ଏଠାରେ ଗୋଟିଏ ମହାପ୍ରୟାଣ ଗାଡ଼ି ରହିଛି। କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ମାତ୍ର ଗୋଟିଏ ଆମ୍ବୁଲାନ୍ସ ଥିବାବେଳେ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ନିଜସ୍ୱ ଆମ୍ବୁଲାନ୍ସ ନଥିବା ସୂଚନା ମିଳିଛି। ଜିଲ୍ଲାରେ ଡାକ୍ତର ଅଭାବକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମତାମତ ମିଳିପାରିନାହିଁ।

ମଣ୍ଡିରେ ପଡ଼ିଛି ୩୦ ହଜାର ବସ୍ତା ଧାନ

# ଧାନ ଉଠାଇବା ପାଇଁ ଦାବିପତ୍ର



**ରେଢ଼ାଖୋଲ, ୯।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକର ବିଭିନ୍ନ ଧାନମଣ୍ଡି ଏବଂ ରେଙ୍ଗାଲି, ବଡମାଲ ଓ କଦଳିଗଡ଼ ପାକ୍ସରେ ପ୍ରାୟ ୩୦ ହଜାର ଧାନ ବସ୍ତା ପଡ଼ି ରହିଥିବାରୁ ତାକୁ ମିଲରମାନେ ଉଠାଇବାକୁ ସନ୍ଥକବି ଭୀମ ଭୋଇ କୃଷକ ସଂଘ ତରଫରୁ ଲିଖିତ ଦାବିପତ୍ର ରେଢ଼ାଖୋଲ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ସଂଗଠନ ତରଫରୁ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରେଢ଼ାଖୋଲ ତହସିଲଦାର ରାମ ଗୋବିନ୍ଦ ପରିଡ଼ାଙ୍କ କାର୍ଯ୍ୟାଳୟ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମେ ମଣ୍ଡିରେ କିଛି ଧାନ ଉଠା ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଧାନ ଉଠିନାହିଁ କି ସମସ୍ୟା ସମାଧାନ ହୋଇନାହିଁ। ଏବେ ମଧ୍ୟ ଶହ ଶହ ଚାଷୀଙ୍କ ଟୋକନ ସରିବାକୁ ବସିଲାଣି। ସମୟ ଅବଧି ସରିବାକୁ ବସିଲାଣି। ଏ ଦିଗରେ ରେଢାଖୋଲ ଉପଜିଲ୍ଲାପାଳ ଓ ତହସିଦାରଙ୍କୁ ବାରମ୍ବାର ଜଣାଇବା ଏବଂ ଆନ୍ଦୋଳନ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଗାମୀ ୩ ଦିନ ମଧ୍ୟରେ ଯଦି ରେଢାଖୋଲ ବ୍ଲକରେ ବିଭିନ୍ନ ମଣ୍ଡି ଗୁଡିକରେ ଧାନ ଉଠିବାର କୌଣସି ସମାଧାନ ନହୁଏ ଓ ଦାବି ଗୁଡିକର ସମାଧାନ ନହୁଏ ତେବେ କୃଷକ ସଂଘ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

■ କୁଚିଣ୍ଡା ଉପଖଣ୍ଡରେ ଧାନକ୍ରୟ ଅବ୍ୟବସ୍ଥା

# ଦାବି ପୂରଣ ନହେଲେ ଆଇନ ଅମାନ୍ୟ ଆନ୍ଦୋଳନ



**କୁଚିଣ୍ଡା, ୯।୧(ସମିସ):** କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ମଣ୍ଡିରେ ପଡ଼ି ରହିଥିବା ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ ଏପର୍ଯ୍ୟନ୍ତ କ୍ରୟ ନ ହେବାକୁ ନେଇ ଚାଷୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। କୁଚିଣ୍ଡା ଅଦିବାସୀ ଅଧିଷ୍ଠିତ ଉପଖଣ୍ଡର ସମସ୍ତ ଚାଷୀବୃନ୍ଦସମସ୍ୟାକୁ ନେଇ ସରକାରଙ୍କ ନିକଟକୁ ଦାବିପତ୍ର ପ୍ରେରଣ କରିଛନ୍ତି। ଚାଷୀମାନଙ୍କ କହିବାନୁସାରେ, ବର୍ଷା ପାଣି ଉପରେ ନିର୍ଭର କରି ଧାନ ଚାଷ ହିଁ ଅଞ୍ଚଳର ଏକମାତ୍ର ଜୀବିକା ଉତ୍ସ। କିନ୍ତୁ ଚଳିତ ବର୍ଷ ଧାନ ବିକ୍ରୟ ପାଇଁ ପଞ୍ଜିକରଣ ସମୟରେ ଅତ୍ୟଧିକ କଠୋର ନିୟମ ଲାଗୁ କରାଯାଇଥିବାରୁ ଅନେକ ଚାଷୀ ବଞ୍ଚିତ ହୋଇଥିଲେ। ପରେ ପ୍ରତିବାଦ ପରେ କିଛି ସହଜିକରଣ ହେଲେ ମଧ୍ୟ, ଧାନ ଅମଳ ପରେ ମଣ୍ଡିଗୁଡ଼ିକରେ ଭୟଙ୍କର ଅବ୍ୟବସ୍ଥା ସୃଷ୍ଟି ହୋଇଛି। ବିଶେଷକରି ଚାଷୀ ପ୍ରତି ୧୫୦କୁଇଣ୍ଟାଲ ଉପରେ ଧାନ ଅମଳ ହେଲେ ମଧ୍ୟ ଟୋକନ ନ ମିଳିବା, ଭଲ ଗୁଣମାନର ଧାନ କ୍ରୟ ନ କରାଯିବା ଏବଂ କଟ୍‌ନୀ ଛଟ୍‌ନୀ ନାମରେ ଅନାଧିକୃତ କଟକଣା ଚାଷୀଙ୍କ ପାଇଁ ଭାରି ସମସ୍ୟା ସୃଷ୍ଟି କରିଛି। ଫଳରେ ଅନେକ ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରୟ କରି ପାରୁନାହାନ୍ତି।ଚାଷୀମାନେ ସରକାରଙ୍କ ଘୋଷିତ ଏମ୍ଏସ୍‌ପି୩୧୬୯ ଟଙ୍କା ସହିତ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ବୋନସ୍ ଯୋଗକରି ମୋଟ ୩୧୬୯ ଟଙ୍କା ଦରରେ ସମସ୍ତ ବଳକା ଧାନ କ୍ରୟ କରିବାକୁ ଦାବି କରିଛନ୍ତି। ସେହିପରି ଟୋକନ ନ ପାଇଥିବା ସମସ୍ତ ଚାଷୀଙ୍କୁ ତୁରନ୍ତ ଟୋକନ ଦେଇ ଧାନ କ୍ରୟ କରିବା ଏବଂ କଟନିଛନି ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମଧ୍ୟ ଦାବି ରଖାଯାଇଛି। ଚାଷୀ ସଂଗଠନର ନେତାମାନେ ସ୍ପଷ୍ଟ କରିଛନ୍ତି ଯେ, ଯଦି ୭ ଦିନ ମଧ୍ୟରେ ଦାବି ଗୁଡ଼ିକ ପୂରଣ ନହୁଏ, ତେବେ ସେମାନେ ରାଜରାସ୍ତାରେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ, ଯାହାର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାରଙ୍କ ଉପରେ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ସମଲେଶ୍ୱରୀ ଆଞ୍ଚଳିକ କୃଷକ ଏକତା ମଞ୍ଚ, କୁଚିଣ୍ଡା। ଆଜିର ଦାବି ନେଇ ସଂଗଠନର ନେତୃତ୍ୱ ନେଇଥିବା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ଏନ୍ଏସି ଚେୟାରମ୍ୟାନ ପ୍ରଦ୍ୟୁତ କୁମାର ମହାନ୍ତି, କେଦାର ବରିହା, ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କିସାନ, ବିପ୍ର ଚରଣ ବାଘ, ବୁଦ୍ଧ ଦେବ ପୃସେଠ, ସଞ୍ଜିତ ଶର୍ମା, ଟୁନା ମହାନନ୍ଦ, ସଞ୍ଜୀୟ ବେହେରା, ଆଶିଷ ପ୍ରତାପ ସିଂ, ସୁଶୀଲ ନାୟକ, ରିଙ୍କୁ ନାୟକ ପ୍ରମୁଖ ସମେତ ଶତାଧିକ ଚାଷୀ ରହି କୁଚିଣ୍ଡା ଉପଜିଲ୍ଲାପାଳ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।



# ମହଦା ଗ୍ରାମରେ ଜଂଘା ବଡ଼ ଦେଓଙ୍କ ପୂଜା

**ଜମନକିରା, ୯।୧(ସମିସ):** ଜମନକିରା ବ୍ଲକ ମହଦାଠାରେ ରଜାମୁଣ୍ଡାଗୁଡ଼ି ଆନୁକୂଲ୍ୟରେ ମହଦାଗ୍ରାମରେ ଜଂଘା ବଡ଼ ଦେଓଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଗୋଣ୍ଡ ସମାଜ ପକ୍ଷରୁ ଆରାଧ୍ୟ ଦେବତା ଶ୍ରୀଜଂଘା ବଡ ଦେଓଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ପୂଜକ ଭାବରେ ହିମାଂଶୁ କାଲୋ, ସହଯୋଗୀ ଭାବରେ ସୁଭାସିଶ ନାଏକ, ଟଙ୍କଧର ନାଏକ, ନୀଳକଣ୍ଠ କୁମୁରା ପୂଜା ପାଠ କରିଥିଲେ। ଗୋଣ୍ଡ ସମାଜର ପାରମ୍ପାରିକ ରୀତିନୀତି ଅନୁସାରେ ପୂଜାପାଠ ସହ ନଗର ପରିକ୍ରମା କରାଯାଇଥିଲା। ଏହି ପବିତ୍ର ପୂଜା ମହୋତ୍ସବ ଗୋଣ୍ଡ ସମାଜର ଏକତା, ଧର୍ମ ସଂସ୍କୃତି ଓ ପରମ୍ପରାର ଅଦ୍ଭୁତ ପରିଚୟ ପ୍ରଦାନ କରିଥିଲା। ଇଷ୍ଟଦେବ ଜଂଘା ବଡଦେଓଙ୍କ ପୂଜା ମହୋତ୍ସବରେ ବିଭିନ୍ନ ଅଞ୍ଚଳର ସାମାଜିକ କର୍ମକର୍ତ୍ତା ଓ ଜଂଘାପ୍ରେମୀ ବିଶେଷ ଭାବେ ଯୋଗଦାନ କରିଥିଲେ। ଗୋଣ୍ଡ ସମାଜର ଏକତା, ସାମାଜିକ ବ୍ୟବସ୍ଥା, ଆଧ୍ୟାତ୍ମିକ ଚିନ୍ତାଧାରା ଓ ପରମ୍ପରାକୁ ଭୂୟସୀ ପ୍ରଶଂସା କରିଥିଲେ। ଦୁଇ ଦିନ ଧରି ଗ୍ରାମରେ ଇଷ୍ଟଦେବ ଜଂଘା ବଡ ଦେଓଙ୍କ ପୂଜା ଘରେ ଘରେ ହୋଇଛି।ବିକାଶ ଧୂରୁଆ, ସଞ୍ଜୟ ନେଗୀ, ମଳୟ ମାଝୀ, ମକରନ୍ଦ ମାଝୀ, ସୁଜିତ ଭୋଇ, ପ୍ରକାଶ ଭୋଇ, ସୁମନ ନାଏକ, ପ୍ରିତମ ନାଏକ, ଆଜାଦ ଭୋଇ, ନେତ୍ରା ଧୂରୁଆ, ମୋତିଲାଲ ଭୋଇ, ସୁଜିତ କୁମୁରା ପ୍ରମୁଖ ସହଯୋଗ କରିଥିଲେ।

# ଝୁଲନ୍ତା ଶବ ଉଦ୍ଧାର

**କୁଚିଣ୍ଡା, ୯।୧ (ସମିସ):** ବାମରା ବ୍ଲକ ସାଗରାପଞ୍ଚାୟତ ବୁଣ୍ଡୁକାମାଲ ଗ୍ରାମର ଦେମୂଲ ନିକଟରେ ଥିବା ଗଛରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ଶବକୁ ଗୋବିନ୍ଦପୁର ପୁଲିସ ଉଦ୍ଧାର କରିଛି। ସୂଚନା ଅନୁସାରେ ବୁଣ୍ଡୁକାମାଲଗ୍ରାମର ଦେମୁଲ ନିକଟରୁ ଦୁର୍ଗନ୍ଧ ଆସୁଥିବା ସୂଚନା ପାଇ ସ୍ଥାନୀୟ ଲୋକମାନେ ସେଠାକୁ ଯାଇଥିଲେ। ସେଠାକୁ ଯିବାରୁ ଏକ ଗଛରେ ଜଣେ ବ୍ୟକ୍ତିଙ୍କ ଶବ ଝୁଲୁ ଥିବା ଦେଖିବାକୁ ପାଇଥିଲେ। ଏନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଥିବା ବେଳେ ମୃତକଙ୍କ ପ୍ୟାକେଟରୁ ଆଧାରକାର୍ଡ ଓ ମୋବାଇଲ ଫୋନ ଉଦ୍ଧାର ହୋଇଥିଲା। ଆଧାରକାର୍ଡ ଅନୁସାରେ ମୃତକ ଜଣକ ପଶ୍ଚିମବଙ୍ଗ ରାଜ୍ୟ ପୁରୁଲିଆ ଜିଲ୍ଲା ହିଞ୍ଜାରି ଶ୍ୟାମପୁର ଅଞ୍ଚଳର ରାମ ସିଙ୍ଗ(୬୦) ବୋଲି ଜଣାପଡ଼ିଥିଲା। ସେ ମାନସିକ ରୋଗୀ ଓ ଗତ କିଛି ଦିନରୁ ସେ ନିଜ ଘରୁ ନିଖୋଜ ଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେ ଆତ୍ମହତ୍ୟା କରିଥିବା ପୁଲିସ ଅନୁମାନ କରୁଛି। ଅନ୍ୟପଟେ ପୁଲିସ ପକ୍ଷରୁ ଶବ ଉଦ୍ଧାର କରି ସନ୍ଧ୍ୟାରେ ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ରାଜେଶ ବାଗ, ପଙ୍କଜ କନ୍ହାରି, ରଞ୍ଜିତ ଜୟପୁରିଆ, ସୁରୁ ଭଇଁସା ଓ ଗଣେଷ ରଣା ସହଯୋଗ କରିଥିଲେ। ଏନେଇ ଗୋବିନ୍ଦପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ଜାରି ରହିଥିବା ନେଇ ଗୋବିନ୍ଦପୁର ଥାନା ଅଧିକାରୀ ରାଜେନ୍ଦ୍ର ବେହେରା କହିଛନ୍ତି।

# ରେଲ୍‌ୱାନ୍ ଆପ୍‌ରେ ହୋଇଥିବା ଅସଂରକ୍ଷିତ ଟିକେଟ୍ ଉପରେ ୩% ରିହାତି

**ସମ୍ବଲପୁର, ୯।୧ (ସମିସ) :** ଭାରତୀୟରେଳବାଇ ଡିଜିଟାଲ୍ ପେମେଣ୍ଟ ମୋଡ୍ ବ୍ୟବହାର କରି ରେଲ୍‌ୱାନ ଆପ୍ ମାଧ୍ୟମରେ ବୁକ୍ ହୋଇଥିବା ଅସଂରକ୍ଷିତ ଟିକେଟ୍ ଉପରେ ୩% ରିହାତି ପ୍ରଦାନ କରୁଛି ବୋଲି ପ୍ରେସ୍ ବିଜ୍ଞପ୍ତି ଜରିଆରେ ଅବଗତ କରାଯାଇଛି। ଏହି ଆଗୁଆ ରିହାତି ଜାନୁଆରୀ ୧୪ ରୁ ଜୁଲାଇ ୧୪, ୨୦୨୬ ପର୍ଯ୍ୟନ୍ତ ଚାଲିବ (ଆର୍-ୱାଲେଟ୍ ବ୍ୟତୀତ)। ରେଲ୍‌ୱାନ ଆପ୍‌ରେ ଆର୍-ୱାଲେଟ୍ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ବୁକ୍ କରିବା କ୍ଷେତ୍ରରେ, କ୍ୟାସବ୍ୟାକ୍ ଭାବରେ ୩% ବୋନସ୍ ପ୍ରଦାନ କରିବାର ବିଦ୍ୟମାନ ବ୍ୟବସ୍ଥା ଜାରି ରହିବ। ରେଲ୍‌ୱାନ ଆପ୍ ଅଧିକ ସୁବିଧା ପାଇଁ ସଂରକ୍ଷିତ ଏବଂ ଅସଂରକ୍ଷିତ ସେବାକୁ ଏକୀକୃତ କରେ। ଏହି ପଦକ୍ଷେପ ନଗଦହୀନ କାରବାର ଏବଂ ଦେଶବ୍ୟାପୀ ସେବା ସମନ୍ୱୟକୁ ପ୍ରୋତ୍ସାହିତ କରେ। ସମ୍ବଲପୁର ମଣ୍ଡଳ ଯାତ୍ରୀମାନଙ୍କୁ ଅବିରତ ଯାତ୍ରା ପାଇଁ ବର୍ତ୍ତମାନ ରେଲ୍‌ୱାନ ଆପ୍‌ରେ ଡାଉନଲୋଡ୍ କରିବା ଏବଂ ରିହାତି ପାଇବା ପାଇଁ ରେଳ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।




# ଦମକଳ ଗାଡ଼ିକୁ ପଥର ମାଡ଼

**କୁଚିଣ୍ଡା, ୯।୧(ସମିସ):** ବାମରା ନିକଟ କାପୁଟିକିରା ଠାରେ ଦମକଳ ଗାଡ଼ିକୁ ପଥର ମାଡ଼ ଓ ଜଣେ ଯୁବକଙ୍କୁ ମାର୍‌ପିଟ୍ ଅଭିଯୋଗରେ ଜଣେ ଯୁବକଙ୍କୁ ଗୋବିନ୍ଦପୁର ଥାନା ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗୁରୁବାର ଦିନ ବାମରା କାପୁଟିକିରା ସନ୍ଲଗ୍ନ ଚାଷ ଜମିରେ ନିଆଁ ଲାଗିଥିଲା। ଏନେଇ ସୂଚନା ପାଇ ସୁନ୍ଦରଗଡ଼ରୁ ଦମକଳବାହିନୀ ଆସି ପହଞ୍ଚିଥିଲେ। ମାତ୍ରେ ବାଟରେ ଜଣେ ଯୁବକ ଦମକଳ ବାହିନୀଗାଡ଼ି ଆଗରେ ସାଇକଲ ରଖି ତାଙ୍କୁ ଗାଳିଗୁଲଜ କରିବା ସହ ଗାଡ଼ି ଉପରକୁ ପଥର ମାଡ଼ କରିଥିଲେ। ତାଙ୍କୁ ଅଟକାଇବାକୁ ଯାଇଥିବା ଗୋବିନ୍ଦପୁରର ହିରାଧର ମାଝିଙ୍କୁ ମଧ୍ୟରେ ମାଡ଼ ମାରିବାରୁ ତାଙ୍କ ମୁହଁ ଓ ନାକରେ ଆଘାତ ଲାଗି ଆହତ ହୋଇଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ସମ୍ପୃକ୍ତ ଦୂର୍ବୃତ୍ତକୁ କାବୁ କରି ଗୋବିନ୍ଦପୁର ଥାନାକୁ ଆଣି ପୁଲିସକୁ ଜିମା ଦେଇଥିଲେ। ସମ୍ପୃକ୍ତ ଯୁବକ ଜଣକ ଦଉରାପଡ଼ାର ରାଜକୁମାର କୁଆ ବୋଲି ତାଙ୍କ ପରିଚୟ ମିଳିଥିବା ବେଳେ ପୁଲିସ ତାଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ସୂଚନା ରହିଛି।




ବୋମାରେ ଉଡ଼ାଇଦେବାକୁ ଧମକ ପରେ ...

# କୋର୍ଟ ପରିସରରେ ସୁରକ୍ଷା କଡ଼ାକଡ଼ି





**ସମ୍ବଲପୁର, ୯।୧ (ସମିସ)**

ସମ୍ବଲପୁର ଜିଲ୍ଲା ଅଦାଲତକୁ ବୋମାରେ ଉଡ଼ାଇଦେବାକୁ ଧମକ ପରେ ଗତକାଲି ତନ୍ନତନ୍ନ କରି ସୁରକ୍ଷା ଯାଞ୍ଚ କରାଯାଇଥିବାବେଳେ ଆଜି ମଧ୍ୟ ଅଦାଲତ ପରିସରରେ ଯାଞ୍ଚ ଜାରି ରହିଛି। କଚେରୀ ଛକରେ ଅଦାଲତ ପଟକୁ ଯାଉଥିବା ରାସ୍ତାରେ ନାକା କରି ସମସ୍ତ ଚାରିଚକିଆ ଗାଡ଼ି ଗୁଡ଼ିକ ଯାଞ୍ଚ କରାଯାଉଛି। ଏହାସହ ଅଦାଲତ ପରିସରକୁ ପ୍ରବେଶ କଲାବେଳେ ହାତରେ ଥିବା ବ୍ୟାଗ, ମନିପର୍ସ ଆଦି ପୁଲିସ ପକ୍ଷରୁ ହ୍ୟାଣ୍ଡହେଲ୍ଡ ମେଟାଲ ଡିଟେକ୍ଟର (ଏଚ୍ଏଚ୍ଏମ୍‌ଡି) ଜରିଆରେ ସ୍କାନିଂ କରାଯାଉଥିବା ଦେଖାଯାଇଥିଲା। ଏହାସହ ଗତକାଲି ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ମାନଙ୍କୁ ସଂଘ ପକ୍ଷରୁ ଦିଆଯାଇଥିବା ପରିଚୟ ପତ୍ର ନେଇ ଆସିବାକୁ ଅନୁରୋଧ କରାଯାଇଥିବାରୁ ସମସ୍ତେ ଏହି କାର୍ଡ ନେଇ ଆସିଥିଲେ।

ଗତକାଲି ସମ୍ବଲପୁର ଜିଲ୍ଲା ଅଦାଲତ ଗୁଡ଼ିକୁ ବୋମାରେ ଉଡ଼ାଇଦେବାକୁ ଇ-ମେଲ୍ ଧମକ ଆସିବାପରେ ହଇଚଇ ସୃଷ୍ଟି ହୋଇଥିଲା। କେବଳ ସମ୍ବଲପୁର ନୁହେଁ ଏହାସହ କଟକ ଓ ଦେବଗଡ଼ ଜିଲ୍ଲାକୁ ମଧ୍ୟ ଏହି ଧମକ ଆସିଥିଲା। ଏହାକୁ ନେଇ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସମ୍ବଲପୁର ପୁଲିସ ପକ୍ଷରୁ ତୁରନ୍ତ ଅଦାଲତ ପରିସରକୁ ଖାଲି କରାଯାଇ ବୋମା ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ଯାଞ୍ଚ କରିବାସହ ସବୁକିଛି ସୁରକ୍ଷିତ ବୋଲି ନିଶ୍ଚିତ କରାଯାଇଥିଲା। ଏହାପରେ ଅପରାହ୍ଣ ପ୍ରାୟ ୩ଟାରୁ ଅଦାଲତ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ବୁଧବାର ପଶ୍ଚିମ ଓଡ଼ିଶାର ସର୍ବପୁରାତନ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌କୁ ହ୍ୟାକ୍ କରାଯାଇଥିବାରୁ ଏହି ବୋମା ଧମକକୁ ଗୁରୁତ୍ୱର ସହ ନିଆଯାଇଥିଲା।

## ଚାଟ୍ ଜିପିଟି ବ୍ୟବହାରରେ ମେଲ ଆସିଥିଲା: ଏସ୍‌ପି

ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ କହିଛନ୍ତି, ଗତକାଲିର ଘଟଣାକୁ ନେଇ ସମ୍ବଲପୁର ପୁଲିସ ସଜାଗ ରହିଛି। ତେଣୁ ଆଜି କୋର୍ଟ ପରିସରକୁ କଡ଼ା ସୁରକ୍ଷା ଭିତରେ ରଖାଯାଇଛି। ଗତକାଲି ଆରଡିଏକ୍ସ ଥିବାନେଇ ଘଟଣା ପରେ ମୁଁ ନିଜେ କୋର୍ଟ ପରିସରକୁ ଯାଇ ଯାଞ୍ଚ କରିଥିଲି। ଡଗ୍ ସ୍କ୍ୱାର୍ଡ, ବମ୍ ଏକ୍ସପର୍ଟ ଓ ସାଇଣ୍ଟିଫିକ ଟିମକୁ ମଧ୍ୟ ତୁରନ୍ତ ପଠାଇଥିଲି। ସମ୍ବଲପୁରରେ ଏହି ଘଟଣାକୁ ଗୁରୁତର ସହ ନେଇ ଶୀଘ୍ର ତ୍ୱରାନ୍ୱିତ କରାଯାଇଛି। ଆଜି ମଧ୍ୟ ସମସ୍ତ ଗାଡ଼ି ଚେକିଂ କରିବା ସହ ପୁଲିସ ମୁତୟନ ରହିଛନ୍ତି। ଡାର୍କ ୱେବରୁ ଆସିଥିବା ଏହି ମେଲକୁ ଚାଟ୍ ଜିପିଟିକୁ ବ୍ୟବହାର କରି ପଠାଯାଇଥିଲା। ତେଣୁ ପୁଲିସ ଏହା ଉପରେ କାମ କରୁଛି ବୋଲି ଏସ୍‌ପି ଶ୍ରୀ ଭାମୁ କହିଛନ୍ତି।

ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର କହିଛନ୍ତି, ଯେଉଁପରି ଭାବରେ ଗତକାଲି ତୁରନ୍ତ ସମ୍ବଲପୁର ପୁଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଗଲା ତାହା ସ୍ୱାଗତଯୋଗ୍ୟ। ପୁଲିସର ଇଣ୍ଟେଲିଜେନ୍ସ ୱିଙ୍ଗ୍ ସଦାସର୍ବଦା ସତର୍କ ରହିବା କଥା। ବର୍ତ୍ତମାନ ସମୟ ପରିପ୍ରେକ୍ଷୀରେ ଅଧିକ ସଜାଗ ରହିବା ଆବଶ୍ୟକତା ରହିଛି। ସାମାଜିକ ସୁରକ୍ଷା କେବଳ ପୁଲିସ ବା ପ୍ରଶାସନର ନୁହେଁ, ସାଧାରଣ ଜନତାର ମଧ୍ୟ ଭୂମିକା ରହିଛି। ସମସ୍ତେ ତାଙ୍କ ନିଜ କର୍ତ୍ତବ୍ୟ ଠିକ୍ ଭାବରେ ପାଳନ କଲେ ଏଭଳି ଘଟଣା ଦୁର୍ଘଟଣାରେ ପରିଣତ ହେବନାହିଁ। ଅନ୍ୟପକ୍ଷରେ ଯିଏ ଏଭଳି ମେସେଜ୍ ପଠାଇଛି ତାହା ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ବହିଦାର ଦାବି କରିଛନ୍ତି।

ହୀରାକୁଦ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

# ନାଟକ 'ପବିତ୍ର ପାପ'ମଞ୍ଚସ୍ଥ



**ହୀରାକୁଦ, ୯।୧(ସମିସ):** ସୃଜନୀ ପରିବାର ତରଫରୁ ପାଞ୍ଚଦିନ ଧରି ଚାଲିଥିବା ହୀରାକୁଦ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ଚିତ୍ରକଳା, ନାଟ୍ୟକଳା, ନୃତ୍ୟକଳା ପ୍ରସ୍ତୁତ କରିଥିଲେ।ଆଜିର ଦିବସରେ ଏକମାତ୍ର ନାଟକ ସୃଜନୀ କଳା ପରିଷଦ ହୀରାକୁଦର ବୀରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶିତ ନାଟକ 'ପବିତ୍ର ପାପ'ମଞ୍ଚସ୍ଥ ହୋଇଥିଲା।ଉଆଁସୀ କନ୍ୟା କଦାପି ଅଲୋଡା ନୁହେଁ ଓ ଚକ୍ଷୁ ଦାନ ମହତ ଦାନ ଉପରେ ନାଟକଟି ପରିବେଷଣ ହୋଇଥିଲା।ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏଚ୍ଆର ମୁଖ୍ୟ ହିଣ୍ଡାଲ୍‌କୋ ହୀରାକୁଦ କଂପ୍ଲେକ୍ସ ବିଶ୍ୱାସ ସିନ୍ଧେ, ସମ୍ମାନିତ ଅତିଥି ଜିଏମ, ଇଆର ଏବଂ ଆଇଆର ହିଣ୍ଡାଲ୍‌କୋ, ହୀରାକୁଦ ସତ୍ୟ ପ୍ରକାଶ ଦାଶ, ଅତିଥି ସମାଜ ସେବୀ ସିଦ୍ଧାର୍ଥ ଦାଶ ଯୋଗଦେଇ ହୀରାକୁଦ ନାଟ୍ୟ ମହୋତ୍ସବ ଦ୍ୱାରା କଳାକାରଙ୍କ ନିଜ କଳା ପରିଚୟର ସୁଯୋଗ ସୃଷ୍ଟି କରୁଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ନାଟ୍ୟବିତ୍ କେଶବ ରଞ୍ଜନ ପ୍ରଧାନ ନାଟକ କିପରି ସମାଜର ଭାବକୁ ଲୋକଙ୍କ ହୃଦୟରେ ପହଞ୍ଚାଇ ମାଧ୍ୟମ ହୋଇଥାଏ ବକ୍ତବ୍ୟ ରଖିଥିଲେ ଓ ଲୋକେ ନାଟକକୁ ପ୍ରୋତ୍ସାହିତ କରିବା ଦରକାର ବୋଲି କହିଥିଲେ। ଏହି ଅବସରରେ ସୃଜନୀ ସଭାପତି ଶ୍ରୀନିବାସ ପଣ୍ଡା, ନାଟ୍ୟ ସଭାପତି ପୂର୍ଣ୍ଣାନନ୍ଦ ତ୍ରିପାଠୀ, ସି. ଏସଆର ଉପଦେଷ୍ଟା ସୁକାନ୍ତ ମହାପାତ୍ର, ବରିଷ୍ଠ ସଦସ୍ୟ ଦିନେଶ ସିଂ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ସୃଜନୀର ସ୍ମରଣିକା 'ସୃଜନୀକା' ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ରୀୟ ଦାଶଙ୍କ ସମ୍ପାଦନରେ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଥିମ କ୍ରିଏସନ, ହୀରାକୁଦ, ହୀରାକୁଦ କଳା ପରିଷଦ, ଜିଗ ଜାଗ ଦି ବର୍ଣ୍ଣ ଅଫ ଆର୍ଟ ଡ୍ୟାନ୍ସ ଗ୍ରୁପ ଓ ମା'କରମସାନୀ ଡ୍ୟାନ୍ସ ଗ୍ରୁପ ସେମାନଙ୍କ ନୃତ୍ୟ କଳା ପ୍ରଦର୍ଶନ କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବିଭିନ୍ନ ଶୁଭେଚ୍ଛୁଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। କୈଳାଶ ଦାଶ ମଞ୍ଚ ପରିଚାଳନା କରିଥିଲେ। ସୃଜନୀ ମୁଖ୍ୟ ସୁଶାନ୍ତ ପାଣିଗ୍ରାହୀ, ସବିତା ପଣ୍ଡା, ହେମନ୍ତ ପଟେଲ, ଆଲୋକ ତ୍ରିପାଠୀ, ପ୍ରମୋଦ ପ୍ରଧାନ, ସୁଶାନ୍ତ ଡାକୁଆ ଓ ଅନ୍ୟାନ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, ଜେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ,
ନାତୁଣୀ - ଆରୁଷି

# ଓଏଭି ପ୍ରବେଶିକା ପରୀକ୍ଷା ଦେଲେ ୬୬୦ ଛାତ୍ରଛାତ୍ରୀ

**ପାଇକମାଲ, ୯ ।୧(ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଇଛନ୍ତି ୬୬୦ ଜଣ ଛାତ୍ରଛାତ୍ରୀ। ୭୩୨ ବିଦ୍ୟାର୍ଥୀ ଏହି ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିଥିଲେ। ଆଦର୍ଶ ବିଦ୍ୟାଳୟ ଫ୍ରେଜରପୁରରେ ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ପରୀକ୍ଷା ହୋଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଲ ଓ ପିଏମ୍‌ଶ୍ରୀ ମାଣ୍ଡୋସିଲ ଉଚ୍ଚ ବିଦ୍ୟାଳୟ ମାଣ୍ଡୋସିଲଠାରେ ଷଷ୍ଠ ଶ୍ରେଣୀ ନିମନ୍ତେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଫ୍ରେଜରପୁରରେ ୨୮୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସେଥିରୁ ଷଷ୍ଠ ଶ୍ରେଣୀ ପାଇଁ ଅବେଦନ କରିଥିବା ୧୦୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସପ୍ତମ ଶ୍ରେଣୀ ପାଇଁ ୮୯ ଜଣ ଆବେଦନ କରିଥିବା ବେଳେ ୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଅଷ୍ଟମ ଶ୍ରେଣୀ ପାଇଁ ୫୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ୪୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ନବମ ଶ୍ରେଣୀ ପାଇଁ ୪୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳରେ ଷଷ୍ଠରେ ୨୮୬ ଛାତ୍ରଛାତ୍ରୀ ମଧ୍ୟରୁ ୨୫୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପିଏମ୍‌ଶ୍ରୀ ମାଣ୍ଡୋସିଲ ଉଚ୍ଚ ବିଦ୍ୟାଳୟ ମାଣ୍ଡୋସିଲରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ଷଷ୍ଠ ଶ୍ରେଣୀରେ ୧୬୦ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୧୪୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପାଇକମାଳ ବ୍ଲକରେ ତିନୋଟି ସେଣ୍ଟରରେ ମୋଟ ୭୩୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଆବେଦନ କରିଥିଲେ। ୬୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ଓ ବଳକା ମୋଟ ୭୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ନିଜର ଦାୟିତ୍ୱ ନିର୍ବାହ ସହ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ପାଇକମାଳ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର ଧନ୍ୟବାଦ ଜଣାଇଛନ୍ତି।

ବରଗଡ଼ ସିମେଣ୍ଟ କାରଖାନା

# ଶ୍ରମିକଙ୍କ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି

**ବରଗଡ଼, ୯ ।୧(ସମିସ)**

ବରଗଡ଼ରେ ଥିବା ଏକମାତ୍ର ବଡ଼ ସିମେଣ୍ଟ କାରଖାନା ବିକ୍ରି ପରେ ପ୍ରଥମେ ଡୁଙ୍ଗୁରୀ ଚୂନପଥର ଖଣିକୁ ଚୂନପଥର ଉତ୍ତୋଳନ ଖର୍ଚ୍ଚ ଅତ୍ୟଧିକ ତଥା ନିମ୍ନମାନର ଚୂନପଥର ଥିବା ଦର୍ଶାଇ ଆଜିକୁ ୨ ବର୍ଷ ହେବ ବନ୍ଦ କରିଦେଇ ସେଠାରେ କାର୍ଯ୍ୟ କରୁଥିବା ସମସ୍ତ ଠିକା ଶ୍ରମିକଙ୍କ ଭିଆର୍‌ଏସ୍ ମାଧ୍ୟମରେ କାର୍ଯ୍ୟରୁ ହଟାଇ ଦିଆଗଲା। ଖଣିକୁ ହସ୍ତାନ୍ତର କରିବାର ପ୍ରକ୍ରିୟା ମଧ୍ୟ ଚାଲୁ ରହିଥିବା ମଧ୍ୟ ଜଣାପଡ଼ିଛି। ତତ୍ ସଙ୍ଗେ ଚୂନପଥର ବରଗଡ଼ ସିମେଣ୍ଟ କାରଖାନାକୁ ଆଣିବାର ବନ୍ଦ ହେବା ଫଳରେ ଏଠାରେ ଥିବା ୯୦ ପ୍ରତିଶତ ଯନ୍ତ୍ରାଂଶ କ୍ଲିନ୍, ରେଲୱେ ଲାଇନ, ପାୱାର ପ୍ଲାନ ସବୁ ସଂସ୍ଥାକୁ ବନ୍ଦ ମଧ୍ୟ କରିଦିଆଗଲା। ଏଠାରେ କାର୍ଯ୍ୟରତ ଏକ ହଜାର କର୍ମଚାରୀ କାମ ନଥାଇ କାରଖାନା କର୍ତ୍ତୃପକ୍ଷ ଦରମା ଦେଇ ଚାଲିଛନ୍ତି। ଏବେ ସିମେଣ୍ଟ ଉତ୍ପାଦନ ପାଇଁ ବ୍ୟବହୃତ କ୍ଲିନକର ନିଜର ଛତିଶଗଡ଼ ଠାରେ ଥିବା ଭାଟାପାରା ଓ ମହାରାଷ୍ଟ୍ରରେ ଥିବା ଚାନ୍ଦା ସିମେଣ୍ଟ କାରଖାନାରୁ ଟ୍ରେନ ଯୋଗେ ଆଣି ଏଠାରେ ସିମେଣ୍ଟ ଉତ୍ପାଦନ କରୁଛି। ଫଳରେ କ୍ଷତି ହେବା ସତ୍ତ୍ୱେ ମଧ୍ୟ କମ ସିମେଣ୍ଟ ଉତ୍ପାଦନ କରି ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦରମା ଦେଇ ଚାଲିଛି।ଗତ ଜାନୁଆରୀ ୫ ତାରିଖ ଦିନ ପ୍ୟାକିଙ୍ଗ୍ ହାଉସରେ କର୍ମଚାରୀମାନେ ୱାଗନ ଲୋଡ୍ କରିଥିବା ସମୟରେ ହଠାତ୍ କାମ ବନ୍ଦ କରି ଆମକୁ ୨୪ ଦିନ କାମ ନଦେଲେ ମାସକୁ ୬୫ ଟନ୍‌ର ପାରିଶ୍ରମିକ ଦାବି କରି ୧୩୨ ଜଣ ଓଜ ବୋର୍ଡ ଶ୍ରମିକ କାରଖାନା ମୁଖ୍ୟ ଫାଟକକୁ ଆସି ମେଟ ବନ୍ଦ କରି ହରତାଳ କରିଛନ୍ତି। ଫଳରେ ଗେଟ୍ ଭିତରୁ କୌଣସି ଠିକା କର୍ମଚାରୀଙ୍କୁ ମଧ୍ୟ କାରଖାନା ଭିତରକୁ ପସି ଦେଉନାହାନ୍ତି। ଫଳରେ କାରଖାନା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ୧୩୨ ଜଣ ପ୍ୟାକିଙ୍ଗ ହଂସ ହାଉସ କର୍ମଚାରୀଙ୍କ ଆନ୍ଦୋଳନ ଲାଗି ୧୦୦୦ ଜଣ ଠିକା କର୍ମଚାରୀଙ୍କ ଦାନା ବନ୍ଦ ହୋଇଯିବା ସହ ଏ ଅଞ୍ଚଳର ଅର୍ଥନୈତିକ ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିଛି ବୋଲି ଆଶଙ୍କା ରହିଛି। ଏଥିପ୍ରତି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଦୃଷ୍ଟି ଦେଇ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଶ୍ରମିକ ମାନେ ଦାବି କରିଛନ୍ତି।



# ମହିଳା ସମିତି ସଦସ୍ୟାଙ୍କ ବୃଦ୍ଧାଶ୍ରମ ପରିଦର୍ଶନ



**ବରଗଡ଼, ୯ ।୧ (ସମିସ):** ବରଗଡ଼ ମହିଳା ସମିତି ସଦସ୍ୟା ବୃନ୍ଦ ବିଜେପୁର ବ୍ଲକ ସମଲେଇପଦର୍ ସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମ ପରିଦର୍ଶନ କରିବା ସହ ଅନ୍ତେବାସୀଙ୍କ ସହ ଭୋଜନ କରିଥିଲେ। ମହିଳା ସମିତିର ସଭାନେତ୍ରୀ ଅଞ୍ଜନା ଦାସ, ସମ୍ପାଦିକା ସୁଧାଂଶୁବାଲା ଦାସ, କୋଷାଧ୍ୟକ୍ଷ ମମତା ମିଶ୍ର, ବରିଷ୍ଠ ସଦସ୍ୟା ଗୀତା ମିଶ୍ର, ମୀନା ପଣ୍ଡା, ଦିବ୍ୟ କାନ୍ତି ଭୋଇ, ସଂଯୁକ୍ତା କର, ସୁମିତ୍ରା ଦେବୀ, ରିନୁ ପତି, କିରଟ କୌର, ପଦ୍ମିନୀ ସାହୁ, ତନିମା ଦାଶ, ସୁନୀତା କର, ମନ୍ଦାକିନୀ ପତି, ବିନୋଦିନୀ ସାହୁ, ସବିତା ଗୁରୁ ପ୍ରମୁଖ ସକାଳ ୧୦ଟାରେ ଆଶ୍ରମରେ ପହଞ୍ଚିଥିଲେ। ପରିଚାଳକ ଜଳନ୍ଧର ପଟେଲଙ୍କୁ ଭେଟି ଅନ୍ତେବାସୀଙ୍କ ସହିତ ଭାବ ବିନିମୟ କରିବା ସହ ଉକ୍ତ ଦିବସର ଭୋଜନ ଖର୍ଚ୍ଚ ସମିତିର ସଦସ୍ୟାମାନେ ବହନ କରି ଅନ୍ତେବାସୀଙ୍କ ସହ ଭୋଜନରେ ସାମିଲ ହୋଇଥିଲେ। ଏହି ଅବସରରେ ଆଶ୍ରମ ପରିଚାଳକ ଶ୍ରୀ ପଟେଲ ଆଶ୍ରମ ଦ୍ୱାରା କରାଯାଇଥିବା ଗେଣ୍ଡୁ ଫୁଲ ବଗିଚା ବୁଲାଇ ଦେଖାଇଥିଲେ।

# ବିଇଓଙ୍କ ସହ ଶିକ୍ଷକ ସଂଘର ଆଲୋଚନା

**ପଦ୍ମପୁର, ୯।୧ (ସମିସ):** ଶୁକ୍ରବାର ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ହେମନ୍ତ ଛୁରାଙ୍କ ନେତୃତ୍ୱରେ ଶିକ୍ଷକ ସଂଘର କର୍ମକର୍ତ୍ତା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଲୋକନାଥ ଭୋଇ ଓ ଅନ୍ୟ ଅଧିକାରୀଙ୍କୁ ଭେଟି ନୂତନ ବର୍ଷର ଅଭିନନ୍ଦନ ଜ୍ଞାପନ କରିବା ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ନିବେଦନ କରିଛନ୍ତି। ସର୍ଭିସ ବୁକ୍ ଏବଂ ପେନସନ ଆକାଉଣ୍ଟ ନମ୍ବରରେ ଥିବା ବିଭିନ୍ନ ତ୍ରୁଟିର ସଂଶୋଧନ କରିବା ପାଇଁ ଅନୁରୋଧ କରାଯାଇଛି। ସଂଗଠନର ଉପଦେଷ୍ଟା ରଘୁନାଥ ପୁରି, କୋଷାଧ୍ୟକ୍ଷ ମନୋଜ କୁମାର ସାହୁ, ପ୍ରେମ ସାଗର ପ୍ରଧାନ, ସଞ୍ଜୀବ ବାରିକ, ଦେବାନନ୍ଦ ତୁରିଆ, ମମତା ମିଶ୍ର, ଲତିକା ଭୋଇ, ପ୍ରଦୀପ ସାହୁ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ନାବାଳିକାଙ୍କୁ ଉଦ୍ଧାର କଲା ପୁଲିସ

**ପାଇକମାଳ, ୯।୧(ସମିସ):** ଶୁକ୍ରବାର ଜଣେ ନିଖୋଜ ଥିବା ନାବାଳିକାକୁ ଉଦ୍ଧାର କରି ପାଇକମାଳ ପୁଲିସ ପରିବାରକୁ ହସ୍ତାନ୍ତର କରିଛି। ପ୍ରାପ୍ତ ସୂଚନାଯାୟୀ, ବରଗଡ଼ର ଜଣେ ନାବାଳିକା ପାଇକମାଳ ଥାନା ବରତୁଣ୍ଡା ଗାଁକୁ ଆସି କେଉଁଆଡେ ଚାଲିଯାଇଥିଲେ ।ପରିବାରଲୋକ ଖୋଜା ଖୋଜି କରି ନପାଇବାରୁ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମୀନାଙ୍କ ତତ୍ତ୍ୱାବଧାନରେ ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସୋନପୁର ଜିଲ୍ଲା ଉଲୁଣ୍ଡା ଥାନା ଡୁଡୁମୁଣ୍ଡାରୁ ଉଦ୍ଧାର କରିଥିଲେ। ଡାକ୍ତରୀ ମାଇନା ପରେ ବରଗଡ଼ ସିଡ୍ଲୁସିକୁ ପଠାଯାଇ ପରିବାରକୁ ପୁଲିସ ପକ୍ଷରୁ ହସ୍ତାନ୍ତର କରାଯାଇଛି। ପରିବାର ମତାନ୍ତରରୁ ପଳାଇ ଆସିଥିଲା କୌଣସି ବ୍ୟକ୍ତି ଅପହରଣ କରି ନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ବନାଗ୍ନି ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

**ଭଟଲି, ୯।୧(ସମିସ):** ବରଗଡ଼ ବନଖଣ୍ଡ ଭଟଲି ବନାଞ୍ଚଳ ପକ୍ଷରୁ ଭଟଲି ବ୍ଲକ ଜିରାତରା ଗ୍ରାମରେ ବନାଗ୍ନି ନିୟନ୍ତ୍ରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଭଟଲି ବନପାଳ ରାଜେନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ, ସମ୍ମାନିତ ଅତିଥି ପ୍ରକୃତିପ୍ରେମୀ ଶିକ୍ଷକ ଉଚ୍ଛବ ଭୁଏ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ଖମାରୀ ଜଙ୍ଗଲରେ ନିଆଁ ଲାଗିବାର କାରଣ, ଜୈବ ବିବିଧତା ଉପରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ବନପାଳ ଶ୍ରୀ ସିଂ ନିଆଁଲିଭା କୌଶଳ ସମ୍ବନ୍ଧରେ ସୂଚନା ଦେଇଥିଲେ। ଗ୍ରାମବାସୀ ବୃନ୍ଦ ଅରଣ୍ୟ ସମ୍ପଦର ସୁରକ୍ଷା ପାଇଁ ବନାଗ୍ନି ନିରୋଧକ ଉପାୟ ବିଷୟରେ ଅବଗତ ହେବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସମସ୍ତେ ବନାଗ୍ନି ନିୟନ୍ତ୍ରଣ ପାଇଁ ଶପଥ ପାଠ କରିଥିଲେ। ବନ ବିଭାଗର ଜଙ୍ଗଲ ସୁରକ୍ଷା କର୍ମଚାରୀ କିଶୋର ବାଗ, ସନତ ନାଏକ, ବେଦବର ମାଝୀ, ସ୍ଥାନୀୟ ସ୍କୁଲର ପରିଚାଳନା କମିଟିର ଅଧ୍ୟକ୍ଷ ଭୋଜରାଜ ମଲ୍ଲିକ, କେନ୍ଦୁପତ୍ର ଫଡିର ମୁନସୀଙ୍କ ସମେତ ସମସ୍ତ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ। ଜଡ଼ାମୁଣ୍ଡା ବିଟର ବନରକ୍ଷୀ ଫେମିନା ପାଲ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଗ୍ରାମର ସ୍ୱେଚ୍ଛାସେବୀ ରାମ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଥାନା ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

**ବରଗଡ଼, ୯ ।୧(ସମିସ):** ବରଗଡ଼ ଗ୍ରାମାଞ୍ଚଳ ଥାନାର ଚତୁର୍ଥ ସ୍ଥାପନା ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ଥାନା ଅନୁକୂଳ୍ୟରେ ଅନୁଷ୍ଠିତ ଉକ୍ତ ରକ୍ତଦାନ ଶିବିରକୁ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ବରାହଗୋଡ଼ା, କଳାପାଣି ସହ କଳାପାଣି କଲେଜର ଯୁବକଯୁବତୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଯୁବପିଢ଼ିଙ୍କୁ ରକ୍ତଦାନ କରିବାକୁ ଆହ୍ୱାନ ଦେଇଥିଲେ ବିଶିଷ୍ଟ ସମାଜସେବୀ ବାସୁଦେବ ଦାଶ। ଶିବିରରେ ମୋଟ ୧୧୮ ୟୁନିଟ ରକ୍ତ ସଂଗହ ହୋଇଥିଲା। ସେଥିରୁ ୪ ଜଣ ମହିଳା ରକ୍ତଦାତା ଥିଲେ। ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାଶ, ଯଶୋବନ୍ତ ପ୍ରଧାନ, ବିପିନ ପ୍ରଧାନ, ସୁରେଶ ନେକେଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ନିର୍ମାଣ ମଜଦୁର ସଭା ସଂଘର ବୈଠକ

**ରେଢ଼ାଖୋଲ, ୯ ।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର କୁରୁମଟିକିରାସାହି ସ୍ଥିତ ଶ୍ରମିକ ଭବନରେ ଓଡ଼ିଶା ନିର୍ମାଣ ମଜଦୁର ସଭା ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି ।ସଭାରେ ସଂଘର ଜିଲ୍ଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ଖିଲାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିର୍ମାଣ ଶ୍ରମିକଙ୍କ ପାଇଁ ଥିବା କଲ୍ୟାଣକାରୀ ଯୋଜନା ଏବଂ ସଂଗଠନର ଆବଶ୍ୟକତା ଉପରେ ଶ୍ରୀ ଖିଲାରି ଆଲୋକପାତ କରିଥିଲେ। ସମସ୍ତ ନିର୍ମାଣ ଶ୍ରମିକଙ୍କ ପେନସନକୁ ଏକ ହଜାର ଟଙ୍କାରୁ ବୃଦ୍ଧି କରି ତିନି ହଜାର ଟଙ୍କା କରିବା ପାଇଁ ସରକାରଙ୍କୁ ଲିଖିତ ଦାବିପତ୍ର ସଂଘ ତରଫରୁ ପ୍ରଦାନ କରିବାପାଇଁ ସଭାରେ ସର୍ବସହମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଗୋପବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ଏନ୍‌ଏସ୍‌ସିବି କଲେଜରେ ପ୍ଲାଷ୍ଟିକ୍-ମୁକ୍ତ କ୍ୟାମ୍ପସ୍ ସଚେତନତା

**ସମ୍ବଲପୁର, ୯।୧ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ଡିଗ୍ରୀ କଲେଜର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ପ୍ଲାଷ୍ଟିକ୍-ମୁକ୍ତ କ୍ୟାମ୍ପସ୍‌କୁ ନେଇ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି।



କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ପ୍ଲାଷ୍ଟିକ୍ ପ୍ରଦୂଷଣର କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ସଚେତନ କରିବା ଏବଂ ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ୍ ରକ୍ଷା କରିବାର ଗୁରୁତ୍ୱକୁ ଉଜାଗର କରିବା। ଅଧ୍ୟକ୍ଷ ଡଃ ପ୍ରଦୀପ ହରପାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର କମେଇବାର ଆବଶ୍ୟକତା ଉପରେ ଜୋରଦେଇ ଛାତ୍ରଛାତ୍ରୀମାନଙ୍କୁ ପରିବେଶ-ମିତ୍ର ଆଚରଣ ଆପଣାଇବାକୁ ଆହ୍ୱାନ ଦେଇଥିଲେ। କଲେଜ ପରିସର ଭିତର ଓ ଚତୁଃପାର୍ଶ୍ୱରେ ଏକ ସଂକ୍ଷିପ୍ତ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ପ୍ଲାକାର୍ଡ ଧରି ପ୍ଲାଷ୍ଟିକ୍-ମୁକ୍ତ ଓ ସ୍ୱଚ୍ଛ ପରିବେଶର ସନ୍ଦେଶ ପ୍ରସାର କରିଥିଲେ। ଏହାପରେ କ୍ୟାମ୍ପସ୍ ସଫେଇରେ ସମସ୍ତେ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ସୁରେଶ ଏକ୍କାଙ୍କ ନେତୃତ୍ୱ ଏବଂ ସହଯୋଗୀ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ରୋଜାଲି ସେଠଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ପ୍ଲାଷ୍ଟିକ୍ ବ୍ୟବହାର କମେଇବା ଏବଂ କ୍ୟାମ୍ପସ୍‌କୁ ସ୍ୱଚ୍ଛ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ।

# ତିନିଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ



**ସମ୍ବଲପୁର, ୯।୧ (ସମିସ) :** ଆଞ୍ଚଳିକ ଯୁବକ ସଂଘ, ଜୟନ୍ତପୁର ପକ୍ଷରୁ ଡାକଡେରା ଖେଳପଡ଼ିଆଠାରେ ତିନିଦିନିଆ ଫୁଟବଲ ପ୍ରତିଯୋଗିତା ଆଜି ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାକୁ ଜୟନ୍ତପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀରୁପା ନାଏକ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ଆଶୁତୋଷ ସ୍ୱାଇଁ, ବିଜୟ ସ୍ୱାଇଁ, ପ୍ଲାବନ ବହିଦାର, ଖରାଂଶୁ ଦୀପ, ଗଣେଶ ତଣ୍ଡିଆ, କାଳିଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲା ସମେତ ରାଉରକେଲା, ବୌଦ୍ଧ, ବରଗଡ଼, ଦେବଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର ଆଦି ଜିଲ୍ଲାରୁ ୧୬ଟି ଦଳ ଭାଗ ନେଇଛନ୍ତି। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ହପ୍ରିଆବାହାଲ ଏବଂ ନିର୍ଗୁଣ୍ଡପଡ଼ା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲିଗ୍ ମ୍ୟାଚ୍ ପରେ ୧୧ ତାରିଖ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଚମ୍ପିଆନ୍ ଦଳକୁ ଟ୍ରଫି ସହ ୭୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫିସହ ୫୦ ହଜାର ଟଙ୍କା ଏବଂ ଉଭୟ ପରାଜିତ ସେମିଫାଇନାଲ ଦଳକୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଲୁକ୍କାୟିତ ଫୁଟବଲ ପ୍ରତିଭା ମାନଙ୍କୁ ପ୍ରୋତ୍ସାହନ ଦେବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକ ମାନେ ମତବ୍ୟକ୍ତ କରିଛନ୍ତି।

# ପାର୍ବତୀ ଗିରିଙ୍କ ଶତବାର୍ଷିକୀ ଜୟନ୍ତୀ ପ୍ରସ୍ତୁତିର ସମୀକ୍ଷା

**ବରଗଡ଼, ୯ ।୧(ସମିସ):** ବହ୍ନିକନ୍ୟା ତଥା ବିଶିଷ୍ଟ ମହିଳା ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଶତବାର୍ଷିକୀ ଜୟନ୍ତୀ ସମାରୋହ ପାଳନ ପାଇଁ ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆଙ୍କ ସମେତ ଜିଲ୍ଲା ଯୋଜନା ଅଧିକାରୀ ଲଲାଟ ଲୁହା, ସଂସ୍କୃତି ଅଧିକାରୀ ତାହିର୍ ହୁସେନ୍, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ପାର୍ବତୀ ଗିରିଙ୍କ ଜନ୍ମିତ ଗ୍ରାମ ସମଲେଇପଦର ଗ୍ରାମବାସୀ, ଶତବାର୍ଷିକୀ ଜୟନ୍ତୀ କମିଟି ମୁଖ୍ୟ ଜଳନ୍ଧର ପଟେଲ, ସମ୍ପାଦକ ମମତା ମିଶ୍ର, ସାମାଜିକ କର୍ମୀ ସୁବ୍ରତ ବିର୍ତ୍ତିଆ ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଜୟନ୍ତୀ ସମାରୋହ ବିଜେପୁର ସମଲାଇପଦର ବ୍ୟତୀତ ବରଗଡ଼ ଯଦୁମଣି ପ୍ରଧାନ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରରେ ଶତବାର୍ଷିକୀ ଉତ୍ସବ ମହାସମାରୋହରେ ପାଳିତ ହେବ ବୋଲି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବିଜେପୁର ବିଧାୟକ ସୂଚନା ଦେଇଛନ୍ତି। ସମଲେଇ ପଦର ଗ୍ରାମକୁ ଐତିହ୍ୟ ଗ୍ରାମ ଭାବେ ଘୋଷଣା କରିବା ପାଇଁ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ସୂଚନା ଦେଇଛନ୍ତି।

# ପରମ୍ପରା ଆମ ଦେଶୀ ବିହନ ଓ ଖାଦ୍ୟ ପର୍ବ

**ପାଇକମାଳ୯ ।୧(ସମିସ)**



ପାଇକମାଳ ଜାମସେଠ ପଞ୍ଚାୟତ ଖରାମାଲରେ ୱାସନ, ସ୍ୱାମୀନାଥନ ଫାଉଣ୍ଡେସନ ଓ ଅହିଂସା କ୍ଲବ୍ ଦ୍ୱାରା ପରମ୍ପରା ଆମ ଦେଶୀ ବିହନ ଓ ଖାଦ୍ୟ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ପଦ୍ମଶ୍ରୀ ହଲଧର ନାଗ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପଦ୍ମପୁର ଆଞ୍ଚଳିକ ମୁଖ୍ୟ ସିଟିସିଆରଆଇ ଡାକ୍ତର ନେନ୍ଧୁ, ବରିଷ୍ଠ ବୈଜ୍ଞାନିକ ସିଆରଆରଆଇ ବିଶ୍ୱଜିତ ମଣ୍ଡଳ, ପଦ୍ମପୁର ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା, ଶ୍ରୀଅନ୍ନ ଅଭିଯାନ ଯୋଜନା ଅଧିକାରୀ ରଞ୍ଜନ କୁମାର ନାୟକ, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଲିଙ୍ଗରାଜ ପ୍ରଧାନ, ଦେଶୀ ବିହନ ସୁରକ୍ଷା ମଞ୍ଚ ଆବାହକ ସରୋଜ ମହାନ୍ତି, ଏସସିଏସଟି ଆରଟିଆଇ ଉତ୍ତମ ପଟ୍ଟନାୟକ, ଅହିଂସା କ୍ଲବ୍ ଶିବ ପ୍ରସାଦ ସାହୁ, ୱାସନ କ୍ଲବ୍ ଲାଲ ବିଜୟ ସିଂହ ଦେଓ, ୱାସନ ଆଦିତ୍ୟ ସିଂହ ଦେଓ, କୋରାପୁଟ ବିହନ ସଂରକ୍ଷିକା ଡ. ରାଇମତି, ପାଇକମାଳ ଓ ବଲାଙ୍ଗୀରର ବୈଦ୍ୟ, ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଲଢିଥିବା କର୍ମକର୍ତ୍ତା, ବୈଜ୍ଞାନିକ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୨ଖଣ୍ଡ ଗ୍ରାମର ୧୫୦୦ରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ସଫଳ ଚାଷୀ, ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସଂଗଠନ, ଆୟୁର୍ବେଦିକ କଲେଜ ଓ ବୈଦ୍ୟମାନଙ୍କ ଦ୍ୱାରା ଷ୍ଟଲରେ ଗନ୍ଧମାର୍ଦ୍ଦନରେ ମିଳୁଥିବା ବିଭିନ୍ନ କନ୍ଦା, ଶାଗ, ଚେରିମୂଳି, ଶସ୍ୟ ଓ ଏଥିରୁ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା।କାର୍ଯ୍ୟକ୍ରମରେ ଏକ ଗୋଲଟେବୁଲ ବୈଠକରେ ଗନ୍ଧମାର୍ଦ୍ଦନକୁ ନେଇ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଥିଲା। ଶୁକ୍ରବାର ସମସ୍ତ ଯୋଗଦାନକାରୀ ଆୟୁରର୍ବେଦିକ କଲେଜ ଠାରୁ ପଦଯାତ୍ରାରେ ନୃସିଂହନାଥ ମନ୍ଦିରରୁ ଗନ୍ଧମାର୍ଦ୍ଦନ ପର୍ବତରେ ଥିବା କପିଳଧାର ଜଳପ୍ରପାତ ଯାଏଁ ଯାଇ କାର୍ଯ୍ୟକ୍ରମ ସମାପନ କରିଥିଲେ।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

**ସମ୍ବଲପୁର, ୯।୧ (ସମିସ) :** ୟୁକୋ ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ୟୁକୋ ବ୍ୟାଙ୍କ, ବୁଢ଼ାରାଜା ଶାଖା ଦ୍ୱାରା ଜିଏମ୍‌ୟୁ ଜାତୀୟ ସେବା ଯୋଜନା ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଏବଂ ସାମାଜିକ କଲ୍ୟାଣ ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ ପ୍ରତି ଅବଦାନ ଦେବା। କାର୍ଯ୍ୟକ୍ରମକୁ ଜିଏମ୍‌ୟୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନା ସଂଯୋଜକ ଡଃ ଅତୁଲ କୁମାର ପ୍ରଧାନ ଶିବିରର ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ୟୁକୋ ବ୍ୟାଙ୍କ ମୁଖ୍ୟ ପରିଚାଳକ ପୁନିତ ଫ୍ରାନ୍ସିସ୍ ତିର୍କୀ ଜୋନାଲ ଅଫିସରୁ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ୟୁକୋ ବ୍ୟାଙ୍କ, ବୁଢ଼ାରାଜା ଶାଖା ପରିଚାଳକ ଶ୍ରୀକାନ୍ତ ଗୌଡ଼ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜିଏମ୍‌ୟୁ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡଃ ମୀନକେତନ ବାଗ, ଡଃ ନୀନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଜାତୀୟ କୋଷ୍ଟାଲ ଟ୍ରେକ୍‌ରେ ୨୫୦ ଏନ୍‌ସିସି କ୍ୟାଡେଟ୍ ସାମିଲ୍



ବାଲେଶ୍ୱର,୯।୧(ସମିସ): ଜାତୀୟ କୋଷ୍ଟାଲ ଟ୍ରେକ୍‌ର ଦ୍ୱିତୀୟ ଦିନରେ ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ଚଣ୍ଡିଗଡ଼, ଉତ୍ତର ପ୍ରଦେଶ ଓ ଓଡ଼ିଶାରୁ ଆସିଥିବା ପ୍ରାୟ ୨୫୦ ଜଣ ଏନ୍‌ସିସି କ୍ୟାଡେଟ୍ ଉତ୍ସାହର ସହ ଟ୍ରେକିଂ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କ୍ୟାଡେଟ୍‌ମାନେ ଦୁବଲାଗଡ଼ି ସମୁଦ୍ର ତଟରେ ପ୍ରାୟ ୧୮ କିଲୋମିଟର ପର୍ଯ୍ୟନ୍ତ ଏକ ନିର୍ଦ୍ଧାରିତ ଟ୍ରେକ୍ ରୁଟ୍ ଅତିକ୍ରମ କରିଥିଲେ। ସମୁଦ୍ର ତଟର ସୌନ୍ଦର୍ଯ୍ୟ, ପ୍ରାକୃତିକ ପରିବେଶ ଓ ଶାରୀରିକ ସହନଶୀଳତାର ସମନ୍ୱୟ ମଧ୍ୟରେ ଏହି ଟ୍ରେକ୍ କ୍ୟାଡେଟ୍‌ମାନଙ୍କ ପାଇଁ ଏକ ସ୍ମରଣୀୟ ଅନୁଭବ ହୋଇଥିଲା। ଶୃଙ୍ଖଳାବଦ୍ଧ ମାର୍ଚ୍ଚ, ସହଯୋଗ ଓ ଦଳୀୟ ପ୍ରଦର୍ଶନ କରି କ୍ୟାଡେଟ୍‌ମାନେ ଜାତୀୟ ଏକତାର ସନ୍ଦେଶ ପ୍ରସାର କରିଥିଲେ। ଆୟୋଜକଙ୍କ କହିବାନୁସାରେ, ଏହି ଟ୍ରେକ୍ ମାଧ୍ୟମରେ ବାଲେଶ୍ୱର କୋଷ୍ଟାଲ ସୌନ୍ଦର୍ଯ୍ୟ ଦେଶର ପ୍ରତ୍ୟେକ କୋଣକୁ ପହଞ୍ଚିବ। କ୍ୟାଡେଟ୍‌ମାନେ ନିଜ ନିଜ ରାଜ୍ୟକୁ ଫେରି ଓଡ଼ିଶାର ସମୁଦ୍ରତଟ, ସଂସ୍କୃତି ଓ ପ୍ରାକୃତିକ ସମ୍ପଦ ବିଷୟରେ ସକାରାତ୍ମକ ସନ୍ଦେଶ ପ୍ରଚାର କରିବେ ବୋଲି ଆଶା ବ୍ୟକ୍ତ କରାଯାଇଛି। ଜାତୀୟ କୋଷ୍ଟାଲ ଟ୍ରେକ୍‌ର ଆଗାମୀ ଦିନଗୁଡ଼ିକରେ ଅଧିକ ରୋମାଞ୍ଚକ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କୁହାଯାଇଛି।

### ପ୍ରଦୂଷଣ ନିୟନ୍ତ୍ରଣ କଟକଣା ଫେଲ୍

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ବିଜେଡି

ବାଲେଶ୍ୱର, ୯।୧(ସମିସ)



ପରିବେଶ ପ୍ରଦୂଷଣମୁକ୍ତ ବାଲେଶ୍ୱର ଦାବିରେ ଆଜି ବିଜୁ ଜନତା ଦଳର ଗଣ ବିକ୍ଷୋଭ ପ୍ରଦର୍ଶନ କରିଛି। ଏଥିସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ବାଲେଶ୍ୱରରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ଜିଲ୍ଲାରେ ଜିଲ୍ଲାପାଳଙ୍କ ପକ୍ଷରୁ ୭ ଦିନ ବିଭିନ୍ନ ପ୍ରକାରର କଟକଣା ଲଗାଯାଇଛି। କିନ୍ତୁ ଏ ନେଇ ହୋଇଥିବା ଯାଞ୍ଚ କମିଟି ଫେଲ୍ ମାରିଛି। ବର୍ତ୍ତମାନ ସମୟରେ ବାଲେଶ୍ୱର ଜିଲ୍ଲାରେ ବେଆଇନ ଖଣି ଖାଦାନ, କ୍ରସର୍, ଇଟାଭାଟି ଓ ଲଘୁ ଖଣିଜ ପଦାର୍ଥର ଚୋରା ଚାଲାଣ ଦ୍ୱାରା ପରିବେଶ ପ୍ରଦୂଷଣ ଦ୍ରୁତ ଭାବେ ବୃଦ୍ଧି ପାଉଛି। ଦୁଃଖ ଓ ପରିତାପର ବିଷୟ ଯେ ସରକାର ଗାଡ଼ି ମୋଟର ଉପରେ ପ୍ରଦୂଷଣ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରୁଥିବାବେଳେ ବେଆଇନ ଖଣି, କ୍ରସର୍ ଓ ଇଟାଭାଟି ଦ୍ୱାରା ସୃଷ୍ଟ ପ୍ରଦୂଷଣକୁ ପ୍ରଶାସନ ଅଣଦେଖା କରୁଛି। ଲଘୁ ଖଣିଜ ପଦାର୍ଥର ଅବାଧ ଚୋରା ଚାଲାଣ ଯୋଗୁଁ ରାସ୍ତାଘାଟ ଭାଙ୍ଗିଯାଇ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ନିକଟ ଅତୀତରେ ଖନ୍ତାପଡ଼ା ନିକଟରେ ପୁଲିସ ଗୋଡ଼ାଇବା ସମୟରେ ଘଟିଥିବା ଦୁର୍ଘଟଣାରେ ଗୟାଧର ବଳ (ଓଲିଆପାଟଣା) ନାମକ ଜଣେ ବ୍ୟକ୍ତି ଦୁଇଟି ଗୋଡ଼ ସମ୍ପୂର୍ଣ୍ଣ ହରାଇବା ଘଟଣା ସମଗ୍ର ଜିଲ୍ଲାରେ ଭୟଭୀତ କରିଛି।ଗତ ୨୪ ତାରିଖରେ ଖବରକାଗଜରେ ପ୍ରକାଶିତ ଖବର ଅନୁଯାୟୀ ନୀଳଗିରି ଓ ରେମୁଣା ଅଞ୍ଚଳରେ ଦୁଇଟି ନଦୀ ଉପରେ ମାଫିଆମାନେ ବନ୍ଧ ପକାଇ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ସତ୍ତ୍ୱେ ଗ୍ରାମବାସୀଙ୍କ ପ୍ରତିବାଦ ପରେ ମଧ୍ୟ ସମ୍ପୃକ୍ତ ଖଣି ଅଧିକାରୀମାନେ କୌଣସି ପଦକ୍ଷେପ ନେଇନାହାନ୍ତି। ଶୁଆସାରୀ ପାହାଡ଼, ସ୍ୱର୍ଣ୍ଣଚୂଡ଼ ପାହାଡ଼ ଓ ବାଦାମବାଡ଼ି ଭଳି ଅଞ୍ଚଳରେ ଚୋରା ଖଣି ଉତ୍ତୋଳନ ଚାଲିଥିବା ବେଳେ ଏହାର ପ୍ରତିବାଦ କରିଥିବା ବିଜୟ ବାରିକ (ଗଡ଼ପୋଖରୀ)ଙ୍କ ଉପରେ ମାଫିଆମାନେ ଆକ୍ରମଣ କରିଥିଲେ। ଏଥିସହ ନ୍ୟାୟ ପାଇଁ ପୁଲିସଙ୍କ ଦ୍ୱାରସ୍ଥ ହେବା ପରେ ମିଛ ମାମଲାରେ ଫସାଇ ଧମକ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଏହି ସମସ୍ତ ଘଟଣାର ପ୍ରତିବାଦ ଓ ବେଆଇନ ଖଣି, ଇଟାଭାଟି, ବାଲି ଓ ପଥର ଚୋରାଚାଲାଣ ବନ୍ଦ କରି ପରିବେଶ ପ୍ରଦୂଷଣମୁକ୍ତ ବାଲେଶ୍ୱର ଦାବିରେ ଆଜି ବାଲେଶ୍ୱର ଫାଣ୍ଡିଛକରୁ ଏକ ବିରାଟ ରାଲି ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ମୁଖପାତ୍ର ତଥା ବରିଷ୍ଠ ନାରିନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ନୀଳଗିରି ବ୍ଲକ୍ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ସଦର ବ୍ଲକ୍ ସଭାପତି ବସନ୍ତ ପଣ୍ଡା, ନୀଳଗିରି ବିଜେଡିର ପୂର୍ବତନ ସଭାପତି ଗଙ୍ଗାଧର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ସୋନାଲି ବିଶ୍ୱାଳ, ଉମାକାନ୍ତ ମହାରଣା, କାଉନସିଲର ମିନା ମହାନ୍ତି, ମୀତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଦାସ, ସବିତାରାଣୀ ଦାସ, କବିତା ମୁର୍ମୁ, ମିରାଜ ବାନୋ, କାର୍ତ୍ତିକ ସାହୁ, ସେକ ଆୟୁବ, ପୂର୍ବତନ କାଉନସିଲର ସଞ୍ଜୟ ବେହେରା, ରମେଶ ମାଝୀ, ସାକିର ଖାନ, ବିଜେଡି ନେତା ନଳିନୀ ରଂଜନ ଦାସ, ଅଭିଜିତ ଦାସ, ଭରତ ଭୂଷଣ ଦାସ, ଜୟନ୍ତ ରାଉତ, ବିଜୟ ବାରିକ, ଉଦୟ ନାରାୟଣ ନାୟକ, ପ୍ରଦୀପ ବେହେରା, ରବୀନ୍ଦ୍ର ମହାନ୍ତି, ନଳିନୀ ସାହୁ, ରେମୁଣା ଏନ୍.ଏସ୍.ସି ଉପାଧ୍ୟକ୍ଷ ଛାତ୍ର ନେତା ବିଭୁଦତ୍ତ ପରିଡା, ହୃଷୀକେଶ ବେହେରା,ହରିଶ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ତଥା ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ ଧନ୍ୟବାଦ ଦେଇଥିଲେ। ପରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## 'କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ୍ ସିଷ୍ଟମ୍‌ର ଉଦୟମାନ ପ୍ରବଣତା'



ବାଲେଶ୍ୱର,୯।୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାତୀୟ ସମ୍ମିଳନୀ 'କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ୍ ସିଷ୍ଟମ୍‌ର ଉଦୟମାନ ପ୍ରବଣତା' ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ନିଜ ଉଦ୍‌ବୋଧନରେ ସେ କୃତ୍ରିମ ବୁଦ୍ଧିମତା ଉଚ୍ଚଶିକ୍ଷା, ଗବେଷଣା, ଶାସନ ଓ ସାମାଜିକ ବିକାଶରେ କିପରି ପରିବର୍ତ୍ତନ ଆଣୁଛି, ତାହା ଉଲ୍ଲେଖ କରିଥିଲେ। ଭାରତୀୟ ଜାତୀୟ ସୂଚନା କେନ୍ଦ୍ର (ଏନ୍‌ଆଇସି), ଭୁବନେଶ୍ୱରର ଉପମହାନିର୍ଦ୍ଦେଶକ ଓ ଅତିରିକ୍ତ ରାଜ୍ୟ ସୂଚନା ଅଧିକାରୀ ଡକ୍ଟର ପବିତ୍ରାନନ୍ଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେ ନିଜ ଭିଜୁଆଲ୍ ଉପସ୍ଥାପନ ମାଧ୍ୟମରେ ସାର୍ବଜନୀକ ସେବା ପ୍ରଦାନ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଢାଞ୍ଚାରେ ଏଆଇ ସକ୍ଷମ ଡିଜିଟାଲ୍ ସିଷ୍ଟମ୍‌ର ବଢୁଥିବା ଗୁରୁତ୍ୱ ସମ୍ପର୍କରେ କହିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ପଶ୍ଚିମବଙ୍ଗସ୍ଥିତ କଲ୍ୟାଣୀ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ, ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟ ଡିନ୍ ପ୍ରଫେସର ଅନିର୍ବାଣ ମୁଖୋପାଧ୍ୟାୟ (ମୁଖ୍ୟ ବକ୍ତା୧) ଓ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଓ ସୂଚନା ବିଜ୍ଞାନ ବିଭାଗର ଡିନ୍ ପ୍ରଫେସର ଶିବ କେ. ଉଦ୍‌ଗାତା (ମୁଖ୍ୟ ବକ୍ତା୨) ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇ କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ୍ ସିଷ୍ଟମ୍‌ର ଆଧୁନିକ ଗବେଷଣା ଚ୍ୟାଲେଞ୍ଜ, ନୂତନ ପଦ୍ଧତି ଓ ଭବିଷ୍ୟତ ଦିଗ ଉପରେ ଗଭୀର ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା ଓ ମେସିନ୍ ଲର୍ନିଂ, ଡିପ୍ ଲର୍ନିଂ ଓ ନ୍ୟୁରାଲ୍ ନେଟୱର୍କ, କମ୍ପ୍ୟୁଟର ଭିଜନ୍ ଓ ଇମେଜ୍ ପ୍ରୋସେସିଂ, ନ୍ୟାଚୁରାଲ୍ ଲାଙ୍ଗୁଏଜ୍ ପ୍ରୋସେସିଂ, ବିଗ୍ ଡାଟା ଆନାଲିଟିକ୍ସ ଓ ନୀତିଗତ ଏ.ଆଇ ଓ ଅନ୍ୟାନ୍ୟ ବିଷୟଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି। ଏହି ସମ୍ମିଳନୀର ସଂଯୋଜକ ଭାବେ କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଡ଼କ୍ଟର ମିନତୀ ମିଶ୍ର ଦାୟିତ୍ୱ ପାଳନ କରୁଛନ୍ତି ଓ ଡ଼କ୍ଟର ମନସ୍ୱିନୀ ପ୍ରଧାନ ଆୟୋଜନ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ମଞ୍ଚ କାର୍ଯ୍ୟକ୍ରମକୁ କମ୍ପ୍ୟୁଟର ସାଇନ୍ସ ବିଭାଗର ଛାତ୍ରୀ ସ୍ୱାତୀ ସିପ୍ରା ଦାସ ସୁଚାରୁ ଭାବେ ସଂଚାଳନ କରିଥିଲେ। ପ୍ରାଯୁକ୍ତିକ ଅଧିବେଶନର ମୁଖ୍ୟ ଅବଦାନକାରୀଙ୍କ ମଧ୍ୟରେ ପ୍ରଫେସର ଅନିର୍ବାଣ ମୁଖୋପାଧ୍ୟାୟ, ଆଇଟିଆରଡିଆରଡିଓ ଚାନ୍ଦିପୁରର ସାଇଣ୍ଟିଷ୍ଟ "ଜି" ପ୍ରଦୀପ ସାହା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡ଼କ୍ଟର. ସତ୍ୟ ନାରାୟଣ ତ୍ରିପାଠୀ ଓ ଯାଦବପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଶର୍ମିଷ୍ଠା ନିଓଗୀ ଅନ୍ତର୍ଭୁକ୍ତ। ଏହି ଅଧିବେଶନକୁ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ପ୍ରଫେସର ଅଶାନ୍ତ ରଞ୍ଜନ ରାଉତ୍ରେ, ଡ. ମୋନାଲିସା ଜେନା ଓ ପ୍ରଫେସର ସଚିଦାନନ୍ଦ ଦେହୁରୀ ପ୍ରମୁଖ ଖ୍ୟାତିସମ୍ପନ୍ନ ଶିକ୍ଷାବିତ୍ ଅଧ୍ୟକ୍ଷତା କରୁଛନ୍ତି।

## ଅଗ୍ରୱାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ଉଦ୍‌ଘାଟିତ



ବାଲେଶ୍ୱର,୯।୧(ସମିସ): ଅଗ୍ରୱାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ୬୦ ବର୍ଷ ପୂର୍ତ୍ତି ଅବସରରେ ଏହି ହୀରକ ଜୟନ୍ତୀ ସମାରୋହ ହଳଦୀପଦାସ୍ଥିତ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହେଉଥିବାବେଳେ ପ୍ରଥମ ଦିନରେ ସଭାପତି ଉପେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିବା ବେଳେ ସାରସ୍ୱତ ବକ୍ତା ଭାବେ 'ପ୍ରତିଭାଶ୍ରୀ' ମୁଖ୍ୟ ତଥା କବି ପ୍ରଶାନ୍ତ ଦାସ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଆଧୁନିକ ଶିକ୍ଷା କ୍ଷେତ୍ରରେ ଅଗ୍ରୱାଲା ବିଦ୍ୟାପୀଠ ଏକ ମାଇଲ ଖୁଣ୍ଟ ଭାବେ ପ୍ରତିପାଦିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ସ୍କୁଲରେ ପାଖାପାଖି ୪ଟି ପଞ୍ଚାୟତରେ ପିଲାମାନେ ଶିକ୍ଷା ଗ୍ରହଣ କରିବାରେ ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ଲିଙ୍ଗରାଜ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୈଳବାଳା ମହାବିଦ୍ୟାଳୟର ଅଧ୍ୟାପିକା ଆରାଧନା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୀଳଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ ପ୍ରଦୀପ କୁମାର ମିଶ୍ର ଓ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ହୀରକ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ କ୍ଷୀତିଶ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଡ. କୁମାର ଚନ୍ଦ୍ର ମିଶ୍ର, ସମାଜସେବୀ ଦିଲ୍ଲୀପ କୁମାର ସାହୁ, ତାପସ କୁମାର ନନ୍ଦ, ଅକ୍ଷୟ କୁମାର ତ୍ରୀପାଠୀଙ୍କ ସମେତ ରକ୍ତଦାନ ଶିବିରର ୧୫ଜଣ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ମୋଟ ୭୯ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ଜିଲ୍ଲା ରକ୍ତ ଭଣ୍ଡାରର ଅଧିକାରୀ ଡ ବସନ୍ତ କୁମାର ଉପାଧ୍ୟାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ପ୍ରଥମ ଦିନର ଦ୍ୱିତୀୟ ଅଧିବେସନ ଉପେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ମାନସ ଦେଓ, ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଡ ଶିରିଶ ଚନ୍ଦ୍ର ଜେନା, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମାଜସେବୀ ତଥା ପୁରାତନ ଛାତ୍ର ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ପ୍ରାରମ୍ଭରେ ସୁଜାତା ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ ବରେନ୍ଦ୍ର କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଦ୍ୱିତୀୟ ଅଧିବେଶନରେ ଗୁରୁପ୍ରସାଦ ଦାସ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗିତ ପରିବେଷଣ ହୋଇଥିଲା। ଶେଷରେ କନ୍ୟା କୁମାରୀ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୁରୁପୂଜନ ସହ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ହରୀକ ଜୟନ୍ତୀ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

## ୧୪ ରୁ ଭୀମେଶ୍ୱର ମକର ମହୋତ୍ସବ

ବାଲେଶ୍ୱର/ରେମୁଣା, ୯।୧(ସମିସ): ପତ୍ରିପାଳ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ବାବା ଭୀମେଶ୍ୱର ମହାଦେବଙ୍କଠାରେ ମକର ମହୋତ୍ସବ ଆସନ୍ତା ୧୪ ତାରିଖରେ ଉଦ୍‌ଘାଟିତ ହେବ। ଏହି ମେଳା ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ ସଭା, ମନୋରଞ୍ଜନ କାର୍ଯ୍ୟକ୍ରମ ସହ ବକାସୁର ପୋଡି ମଧ୍ୟ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ସଦସ୍ୟ ଧନଞ୍ଜୟ ଷଡ଼ଙ୍ଗୀଙ୍କ ପୌରହିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରମେଶ ଚନ୍ଦ୍ର ସାମଲ, ମୁଖ୍ୟ ଉପଦେଷ୍ଟା ଡ. ଭାଗବତ ପ୍ରସାଦ ଦାସ, ବସନ୍ତ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଗୋବିନ୍ଦ



ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତୁଳ୍ୟ ଦାସ, ଅମୂଲ୍ୟ ଦାସ, ତାପସ ରଥ, ଚିନ୍ମୟ ରଥ, ବିଶ୍ୱପ୍ରସିଦ୍ଧ ଦାସ, ବେଣୁଧର କର ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ। ଶେଷରେ ଜୟକୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟିର ଗୁଣବତ୍ତା ବଜାୟ ରଖିବା ନେଇ ସଚେତନତା

ଜଳେଶ୍ୱର, ୯।୧(ସମିସ): ଚାଷରେ ଅଧିକ ସାର ପ୍ରୟୋଗ ଦ୍ୱାରା ମାଟି ଖରାପ ହେବା ସହିତ ଅଧିକ ପୋକ, ରୋଗ ବ୍ୟାପିବା, ଫସଲ ଉତ୍ପାଦନ ହ୍ରାସ ଘଟିବା, ଅଧିକରୁ ଅଧିକ ସାର ପ୍ରୟୋଗ ଆବଶ୍ୟକ ହେବା ଭଳି ସମସ୍ୟାରୁ ରକ୍ଷା ପାଇବାଲାଗି ଇଫ୍‌କୋ କମ୍ପାନୀ ପକ୍ଷରୁ ନାନୋ ୟୁରିଆ ଓ ନାନୋ ଡିଏପି(ତରଳ) ପ୍ରଚଳନ ଆରମ୍ଭ ହୋଇଛି। କମ୍ ମୂଲ୍ୟରେ ଚାଷୀଙ୍କୁ ଯୋଗାଇବା ସହିତ ଏହାର ପ୍ରୟୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଖୁସିପ୍ଲାଜାଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମ୍ୟାନେଜର ସହେସ ଦ ସନି ଯୋଗଦେଇ ପରିବେଶକୁ ସୁରକ୍ଷା ରଖିବା ଲାଗି ନାନୋ ୟୁରିଆ ଓ ନାନୋ ଡିଏପି ବ୍ୟବହାର କରିବାଲାଗି ଚାଷୀ ଓ ବିକ୍ରେତାମାନଙ୍କୁ ସଚେତନ କରିଥିଲେ। ଏଥିରେ ଜଳେଶ୍ୱର ବ୍ଲକର ବହୁ ଉଠିଆ ଚାଷୀ ଓ ବିକ୍ରେତା ଯୋଗଦେଇଥିଲେ।

## ସକୁନ୍ତଳା ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ



ବାଲେଶ୍ୱର,୯।୧(ସମିସ): ବାଲେଶ୍ୱରସ୍ଥିତ ସକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ଶୁଭେନ୍ଦୁ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ମିତା ପଟ୍ଟନାୟକ (କାଉନସିଲର ୫ନମ୍ବର ୱାର୍ଡ), ରୋଜାଲିନ୍ ପାଣି(କାଉନସିଲର ୩ ନମ୍ବର ୱାର୍ଡ), ପୁରାତନ ସଭାପତି ସମୀର ଦାସ, ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ସମାଜସେବୀ ତଥା ସାଗର କଲେଜର ପ୍ରତିଷ୍ଠାତା ସନତ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ଦାସ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର, ୯।୧(ସମିସ)



ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଓ କୋଲକାତାସ୍ଥିତ ପୂର୍ବ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ସହଯୋଗରେ ଜିଲ୍ଲା ପ୍ରଶାସନ ଓ ଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟି ମିଳିତ ଆନୁକୂଲ୍ୟରେ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବର ୨୬ ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବେଳାଭୂମି ମହୋତ୍ସବ କମିଟି ସଭାପତି ଜୀବନ ପ୍ରଦୀପ ଦାଶ ସଭାପତିତ୍ୱ କରିବା ସହ ଉତ୍ସବର ପୃଷ୍ଠଭୂମି ଓ କମିଟିର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା ସହ କମିଟିର ଦିବଙ୍ଗତ ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ସ୍ୱର୍ଗତଃ ବିସ୍ମୟ ମହାନ୍ତି ଓ ସଦସ୍ୟ ସ୍ୱର୍ଗତଃ ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମହୋତ୍ସବ କମିଟି ସାଧାରଣ ସଂପାଦକ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ ଏଥିରେ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶଲ୍ୟ ବିଭାଗ ଚିକିତ୍ସକ ଡାକ୍ତର କୈଳାସ ଚନ୍ଦ୍ର ମହାପାତ୍ରଙ୍କୁ ବିସ୍ମୟ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ କିଶୋର ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଉତ୍ସବ କମିଟି ଉପ-ସଭାପତି ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଓ ଅନ୍ୟତମ ଉପ-ସଭାପତି ଡକ୍ଟର ଲକ୍ଷ୍ମୀନାରାୟଣ ମହାନ୍ତି, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ ସମରେନ୍ଦ୍ର ନାଥ ଦାସ, ଭାଗବତ ସାହୁ ଓ ପ୍ରଶାନ୍ତ ମହାନ୍ତି, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, ଇଂ ନିର୍ମାଲ୍ୟ ମହାନ୍ତି, ସମାଜସେବୀ ପର୍ଶୁରାମ ବେହେରା ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ। ଅମୃତାଂଶୁ ପଟ୍ଟନାୟକ ଏବଂ ସାଥି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ଭାଗବତ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ଓ ପରେ ସଂପାଦକ ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପ୍ରାୟୋଜିତ କଳାକାରଙ୍କ ସହ ସ୍ଥାନୀୟ କଳାକାରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ କୋଣାର୍କରୁ ଆସିଥିବା ଘୋଡ଼ାନାଚ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଅନୁପମ୍ ମିଶ୍ର, ଇପସିତା ପଣ୍ଡା ଓ ସନ୍ନ୍ୟାସୀ ମହାରଣା ମଞ୍ଚ ପରିଚାଳନା କରିଥିଲେ। ସୁପରଷ୍ଟାର ସିଙ୍ଗର ସିଜନ୍-୨ ଫେମ୍ ସୋଏବ ଅଲ୍ଲୀଙ୍କ ଯାଦୁକରୀ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ମହୋତ୍ସବ କମିଟି କୋଷାଧ୍ୟକ୍ଷ ମାଧବାନନ୍ଦ ମିଶ୍ର, ଗଙ୍ଗାଧର ରାଉତ୍, ପୁଣ୍ୟବ୍ରତ ମହାନ୍ତି, ଦିବ୍ୟଜ୍ୟୋତି ମହାନ୍ତି, ଜ୍ୟୋତିରାଦିତ୍ୟ ମହାନ୍ତି, ମାନସ ଦାଶ, ପ୍ରଶାନ୍ତ ପଟେଲ, ସଞ୍ଜୟ ପ୍ରଧାନ, ବିଭୂପଦ ମହାନ୍ତି, ସନ୍ଧ୍ୟାରାଣୀ ଭୂୟାଁ, ଜ୍ୟୋତିର୍ମୟୀ ସାମଲ, ଆରତୀ ଦାସ, ରାମ ନାରାୟଣ ଶତପଥି, ସୁକୁମାର ରଣା, ସତ୍ୟନାରାୟଣ ନନ୍ଦ, ସମରେଶ କୁମାର ସାମଲ୍, ଜିତ ପ୍ରକାଶ ଦାଶ, ଅସିତ କୁମାର ଦାସ, ଆଲାମ ଅଲ୍ଲୀ ଖାଁ, ତପନ ଜେନା, ହାଇଦର ଖାଁ, ଶ୍ରୀକାନ୍ତ ନାୟକ, ସଞ୍ଜୟ ଦାସ, ଆଶିଷ ଦାସ, ବାପି ସୋରେନ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ଶୋକସଭା



ବାଲେଶ୍ୱର,୯।୧(ସମିସ): ସାମ୍ବାଦିକ ପ୍ରକୋଷ୍ଠରେ ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ କମିଟି ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ଶୁଭଙ୍କର ପିରିଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହକାରୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବୁଦ୍ଧନ ହେମ୍ବ୍ରମ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପୀ କ୍ରିଷ୍ଣା ମହାନ୍ତି, ଭଗବାନ ଚନ୍ଦ୍ର ଦାସ, ପ୍ରଦୀପ କୁମାର ବେରା, ପଦ୍ମଲୋଚନ ଦତ୍ତ, ପୁରୁଷୋତ୍ତମ ସେଠୀ, ଗଗନ କୁମାର ସେଠୀ, ଶରତ କୁମାର ବାରିକ, ବାସୁଦେବ ରାଉଳ, ସନ୍ଦୀପ୍ତ ଦାସ, ସଞ୍ଜୟ କୁମାର ମଲ୍ଲିକ, କାର୍ତ୍ତିକ ଚନ୍ଦ୍ର ବେହେରା, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ନିକଟରେ ପିପିଲି ମଙ୍ଗଳପୁର ଅଞ୍ଚଳରେ ସାମ୍ବାଦିକା ଶିଳା ପଟ୍ଟନାୟକ ଓ ତାଙ୍କର ସହ ବାନ୍ଧବୀ ଶିପିକା ନାୟକଙ୍କ ସଡ଼କ ଦୁର୍ଘଟଣାର ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଗୃହପାଳିତ ପଶୁସେବା କ୍ଷେତ୍ରରେ ମାଳତୀ କିଷ୍କୁ ଏବଂ ସମାଜ ସେବା କ୍ଷେତ୍ରରେ ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଥର ପାଇଁ ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ଚିକିତ୍ସା ପାଇଁ ବାସୁଦେବ ରାଉଳଙ୍କୁ ପାଞ୍ଚ ହଜାର ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଶେଷରେ କଞ୍ଜମଣି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ଅଭାବ ଓ କର୍ମଚାରୀ ମରୁଡ଼ିରୁ ବିଇଏମ୍‌ସିରେ ଅଚଳାବସ୍ଥା

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର**



● ବର୍ଷକ ମଧ୍ୟରେ ଲାଗିନି ଗୋଟିଏ ବି 'ଷ୍ଟ୍ରିଟ ଲାଇଟ୍' ହୋଇନି କୌଣସି ଟେଣ୍ଡର
● ଦଳମତ ନିର୍ବିଶେଷରେ ମେୟରଙ୍କ ସହ ହାତ ମିଳାଇଲେ ସମସ୍ତ କର୍ପୋରେଟର

ବ୍ରହ୍ମପୁର/ଛତ୍ରପୁର, ୯।୧(ସମିସ): ଆବଶ୍ୟକ ପରିମାଣର ଅର୍ଥ ତଥା ସରକାରୀ ଅନୁଦାନର ଅଭାବ ଯୋଗୁ ବ୍ରହ୍ମପୁର ମହାନଗର ନିଗମର ବହୁ ଅତ୍ୟାଧୁନିକ ଓ ଅତ୍ୟାବଶ୍ୟକ ପ୍ରକଳ୍ପ ପୂର୍ଣାଙ୍ଗ ରୂପରେଖ ନେବାରେ ସମସ୍ୟା ସୃଷ୍ଟି ହେଉଛି। ବହୁ ପ୍ରକଳ୍ପ କାର୍ଯ୍ୟ ଅଧାରେ ଅଟକିଛି। ବ୍ରହ୍ମପୁର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶକତା ଅନୁଯାୟୀ ନୂତନ ଯୋଜନା କାର୍ଯ୍ୟକାରୀ ସମ୍ଭବପର ହେଉନାହିଁ। ନିଗମରେ ବିଭିନ୍ନ ଭତ୍ତା ପାଇଁ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଆବେଦନ କରି ଚାହିଁ ରହିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନରେ ଅବହେଳା ଏବଂ ଭତ୍ତା ମଞ୍ଜୁରିରେ ଅହେତୁକ ବିଳମ୍ବ ଯୋଗୁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ମହାନଗର ନିଗମର ବିଭିନ୍ନ ବିଭାଗରେ ବହୁ ପଦବୀରେ କର୍ମଚାରୀ ଏବଂ ଅଧିକାରୀଙ୍କ ମରୁଡି ପ୍ରଶାସନିକ କାର୍ଯ୍ୟରେ ବାଧକ ସାଜିଛି। ପାଣିର ଅଭାବ ସାଙ୍ଗକୁ କର୍ମଚାରୀଙ୍କ ମରୁଡିକୁ ନେଇ ବ୍ରହ୍ମପୁର ମହାନଗର ନିଗମରେ ଏକ ରକମର ଅଚଳାବସ୍ଥା ସୃଷ୍ଟି ହୋଇଛି। ପରିସ୍ଥିତି ଏଭଳି ହୋଇଛି ଯେ ଗତ ଏକ ବର୍ଷରୁ ଉର୍ଦ୍ଧ୍ୱକାଳ ହେବ ସହରରେ ଗୋଟିଏ ଷ୍ଟ୍ରିଟ୍ ଲାଇଟ ମଧ୍ୟ ଲଗାଇବାରେ ସକ୍ଷମ ହୋଇନାହାନ୍ତି ନିଗମ କର୍ତ୍ତୃପକ୍ଷ। ଏଭଳି ବିଭିନ୍ନ ଅଭିଯୋଗ ଆଣି ଖୋଦ୍ ମେୟର ସଂଘମିତ୍ରା ଦଳେଇ ଓ ସମସ୍ତ କର୍ପୋରେଟର ଛତ୍ରପୁର ଠାରେ ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିର୍ବାଚିତ କର୍ପୋରେସନର କାର୍ଯ୍ୟକାଳ ପୁରିବାକୁ ଆଉ ପ୍ରାୟ ଦେଢବର୍ଷ ଥିବାବେଳେ ନିଜନିଜ ଅଞ୍ଚଳରେ ବିଭିନ୍ନ ସମସ୍ୟାର ସମାଧାନ ଓ ବିକାଶକୁ ନେଇ ଲୋକଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେବାକୁ ପଡୁଛି ନିର୍ବାଚିତ ଜନପ୍ରତିନିଧିଙ୍କୁ। ଯାହାକୁ ନେଇ କର୍ପୋରେଟରଙ୍କ ମଧ୍ୟରେ ଅସନ୍ତୋଷର ଦାନା କୁହୁଳୁଛି। ବିଜେଡି ଅଧିନରେ ଥିବା ବିଇଏମସିରେ ଅଧିକାଂଶ କର୍ପୋରେଟର ବିଜେଡିର ଥିବାବେଳେ ସରକାର ବଦଳିବା ପରେ ବିଭିନ୍ନ କାରଣକୁ ନେଇ କର୍ପୋରେଟରଙ୍କ ମଧ୍ୟରେ ଗୋଷ୍ଠୀବିବାଦ ଓ ମତାନ୍ତର ଲାଗି ରହିଥିଲା। ତେବେ ବର୍ତ୍ତମାନ ପରିସ୍ଥିତିରେ ସହରର ସାମଗ୍ରିକ ବିକାଶ ଓ ନିଗମ ପ୍ରତି ସରକାରଙ୍କ ଅ ଣ ଦେ ଖା କୁ ନେଇ ଦଳମତ ନି ର୍ବି ଶେ ଷ ରେ ସମସ୍ତେ ଏକାଠି ହୋଇଥିବା ଦେଖିବାକୁ ମିଳିଛି। ନିଗମରେ ପୂର୍ବରୁ ଦୁଇଜଣ ଅତିରିକ୍ତ କମିସନର ଥିବାବେଳେ ବର୍ତ୍ତମାନ ଜଣେ ମଧ୍ୟ ନାହାନ୍ତି। ନିଗମର କମିସନରଙ୍କ ସମେତ ଡେପୁଟି କମିସନରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ପାଇଁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବାରୁ ସପ୍ତାହରେ ଥରେ ସେମାନେ ଅନ୍ୟତ୍ର ବ୍ୟସ୍ତ ରହୁଛନ୍ତି। ଏଥି ସହିତ ନିଗମରେ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଘୋର ଅଭାବ ରହିଥିବା ବେଳେ ଏଠାରୁ କର୍ମଚାରୀ ଓ ଯନ୍ତ୍ରୀଙ୍କୁ ଅନ୍ୟତ୍ର ଡେପୁଟେସନରେ ନିଆଯାଉଥିବାରୁ ନିଗମର କାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ନିଗମକୁ ସ୍ୱାଭାବିକ ଭାବେ ସରକାରୀ ଅନୁଦାନ ଆସିବାରେ ବିଳମ୍ବ ହେଉଥିବା ବେଳେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ କରାଯାଇଛି।

ଗତ ୨୦୨୪ମସିହାରେ ନିଗମର କର୍ପୋରେସନ ବୈଠକରେ ନିଷ୍ପତ୍ତି ପ୍ରକାରେ ୮୪୦ଟି ଷ୍ଟ୍ରିଟ୍ ଲାଇଟ ଲଗାଇବାକୁ ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେଁ ତାହାକୁ କାର୍ଯ୍ୟକାରୀ କରାଯାଇ ନାହିଁ। ନିଗମରେ ଗତ ଏକବର୍ଷ ମଧ୍ୟରେ କୌଣସି ଟେଣ୍ଡର ହେବା ଦୂରେ ଥାଉ ପୂର୍ବରୁ ଦିଆଯାଇଥିବା ଟେଣ୍ଡରରେ ମଧ୍ୟ କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ। ସେପଟେ ମୁକ୍ତା ଯୋଜନାକୁ ବନ୍ଦ କରି ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବିଭିନ୍ନ ୱାର୍ଡ ପାଇଁ ରହିଥିବା ଅନୁଦାନ ସମୁଦ୍ରକୁ ଶଙ୍ଖେ ବୋଲି ଅଭିଯୋଗ କରି ଗୁରୁବାର ମେୟର ସଂଘମିତ୍ରା ଦଳେଇଙ୍କ ଆହ୍ୱାନ କ୍ରମେ ସ୍ୱତନ୍ତ୍ର ବୈଠକରେ ଏକାଠି ହୋଇଥିବା ସମସ୍ତ କର୍ପୋରେଟର ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଶୁକ୍ରବାର ମେୟରଙ୍କ ନେତୃତ୍ୱରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ସମେତ ବହୁ କର୍ପୋରେଟର ଛତ୍ରପୁର ଯାଇ ଜିଲ୍ଲାପାଳ ଭି. କିର୍ତ୍ତି ଭାସନଙ୍କ ସହିତ ନିଗମରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଓ ତାହାର ପ୍ରତିକାର ନେଇ ଆଲୋଚନା କରିଥିଲେ। ଅର୍ଥର ଅଭାବ, ସରକାରୀ ଅନୁଦାନ ପ୍ରଦାନରେ ଅବହେଳା, ଅଧିକାରୀ ଓ କର୍ମଚାରୀଙ୍କ ଅଭାବ ପୂରଣ, ଅନ୍ୟୁନ ଶହେ ଆଉଟ ସୋର୍ସିଂ କର୍ମଚାରୀଙ୍କୁ ତୁରନ୍ତ ନିଯୋଜିତ କରିବା ସହ ଅପେକ୍ଷାରତ ଆବେଦନକାରୀଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ ଭଳି ୪ଦଫା ଦାବୀରେ ଦଳମତ ନିର୍ବିଶେଷରେ ନିଜ ଭିତରେ ଥିବା ସବୁ ମନାନ୍ତର ଓ ମତାନ୍ତରକୁ ଭୁଲି ସମସ୍ତେ ଏକାଠି ହୋଇଥିଲେ। ନିଗମ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

**ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ସାମ୍ବାଦିକ ସମ୍ମିଳନୀ**

## କଳାକାରଙ୍କୁ ସ୍ୱଳ୍ପ ଦରରେ ପ୍ରେକ୍ଷାଳୟ ଯୋଗାଇବାକୁ ଦାବି




ବ୍ରହ୍ମପୁର, ୯।୧(ସମିସ): ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ "ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ସହରର ସମସ୍ତ ସାଂସ୍କୃତିକ ଅନୁଷ୍ଠାନକୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ନାଟ୍ୟଶ୍ରୀ ଫାଉଣ୍ଡେସନ୍ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, କଳାକାର ଏକତା ମଞ୍ଚ ସଭାପତି ଅନିଲ କୁମାର ପାତ୍ର ଏବଂ ବରିଷ୍ଠ ଚଳଚ୍ଚିତ୍ର ଅଭିନେତ୍ରୀ ଗୀତା ସ୍ୱାଇଁ ଯୋଗଦେଇ ସ୍ଥାନୀୟ ପ୍ରେକ୍ଷାଳୟ ଗୁଡିକର ନାଟକ ବା ସାଂସ୍କୃତିକ କାର୍ଯ୍ୟ ନିମନ୍ତେ ଚଢ଼ା ଦର ଧାର୍ଯ୍ୟ ବିରୁଦ୍ଧରେ ମତବ୍ୟକ୍ତ କରିଥିଲେ। ସରକାରୀ ଜାଗା ଏବଂ ସରକାରୀ ଅନୁଦାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ନିର୍ମିତ ପ୍ରେକ୍ଷାଳୟ ବର୍ତ୍ତମାନ ବ୍ୟବସାୟ କୋଠିରେ ପରିଣତ ହୋଇଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ରାଜ୍ୟରେ ଥିବା ସାମାଜିକ ପ୍ରେକ୍ଷାଳୟ ଗୁଡିକ ଉପରେ ସରକାରୀ ନିୟାମକ ପ୍ରକାଶ ସହିତ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସ୍ୱଳ୍ପ ଦରରେ ପ୍ରେକ୍ଷାଳୟ ଅଗ୍ରାଧିକାର ଭିତ୍ତିରେ ଯୋଗାଇଦେବା ନିମନ୍ତେ ଦାବି କରାଯାଇଛି। ପରିଶେଷରେ ବରିଷ୍ଠ କଳାକାର ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ସମ୍ମିଳନୀ ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍, ଅଭିରାମ ରାଉଳ, ବଳଦେବ ସାହୁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ମହେନ୍ଦ୍ର କୁମାର ସାହୁ, ସରୋଜ କୁମାର ପଣ୍ଡା ଓ ନବ କିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଛେଦ ପ୍ରତିବାଦରେ ଉଠା ଦୋକାନୀଙ୍କ ରାସ୍ତାରୋକ



ବ୍ରହ୍ମପୁର, ୯।୧(ସମିସ): ଉଠା ଦୋକାନ ଉଚ୍ଛେଦ ପ୍ରତିବାଦରେ ବ୍ୟବସାୟୀ ମାନେ ବ୍ରହ୍ମପୁର ଜଗବନ୍ଧୁ ସାହି ଛକରେ ରାସ୍ତାରୋକ କରିଥିଲେ। ଦୀର୍ଘବର୍ଷ ହେଲା ରାସ୍ତା କଡ଼ରେ ଦୋକାନ କରି ଏମାନେ ଗୁଜରାଣ ମେଣ୍ଟାଉଛନ୍ତି। ଏବେ ରାସ୍ତା ଚଉଡ଼ା ନିମନ୍ତେ ବିଇଏମସି ଉଚ୍ଛେଦ କରି ବ୍ୟବସାୟୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରିଛି। ବିଇଏମସି ପକ୍ଷରୁ ଜଗବନ୍ଧୁ ପୋଖରୀ ପାଖର୍ ନିକଟକୁ ବଜାର ସ୍ଥାନାନ୍ତରିତ କରିଥିବା କୁହାଯାଇଥିବା ବେଳେ ସେଠାକୁ ଯିବାକୁ ବ୍ୟବସାୟୀ ମନା କରିଛନ୍ତି। ସେହି ସ୍ଥାନ ଅପରିଷ୍କାର ରହିଥିବା ବେଳେ ବ୍ୟବସାୟୀ ଉପଯୋଗୀ ନକଲେ ଯିବୁ ନାହିଁ ବୋଲି ବ୍ୟବସାୟୀମାନେ ଦାବିରେ ରାସ୍ତାରୋକ କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ବ୍ୟବସାୟୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

## ୟୁରୋଲୋଜି ବିଭାଗରେ ମଡ୍ୟୁଲାର ଓଟି ଉଦ୍‌ଘାଟିତ

ବ୍ରହ୍ମପୁର, ୯।୧(ସମିସ): ଏମକେସିଜି ମେଡ଼ିକାଲ ଓ ହସ୍ପିଟାଲର ୟୁରୋଲୋଜି ବିଭାଗରେ ହାରମୋନିକ୍ ସ୍କାଲପେଲ ମେସିନ୍ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଅତ୍ୟାଧୁନିକ ମଡ୍ୟୁଲାର ଅସ୍ତ୍ରୋପଚାର କକ୍ଷ(ଓଟି) ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ଼ିନ୍ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଯୋଗ ଦେଇ ଉଦଘାଟନ କରିଛନ୍ତି। ଏମକେସିଜିର ୟୁରୋଲୋଜି ବିଭାଗକୁ



ପ୍ରଥମଥର ପାଇଁ ଏହି ଯନ୍ତ୍ରାଂଶ ଆସିଥିବା ଜଣାଯାଇଛି। ସମ୍ବେଦନଶୀଳ ରୋଗୀଙ୍କୁ ଏହି ଯନ୍ତ୍ରାଂଶ ମାଧ୍ୟମରେ ଆଡ଼ଭାନସ୍ ଲାପ୍ରୋସ୍କୋପି ସର୍ଜରୀ କରାଯାଇପାରିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ମେସିନ ସାହାଯ୍ୟରେ ରୋଗୀଙ୍କୁ ସୂକ୍ଷ୍ମ ଛିଦ୍ର କରି ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ଼ା. ଜ୍ଞାନପ୍ରକାଶ ସିଂ, ଡ଼ା.ବେଣୁ ପାଣିଗ୍ରାହୀ, ଡ଼ା. କମଳାକାନ୍ତ ପାଣିଗ୍ରାହୀ, ଡ଼ା. ବିଶ୍ୱଜିତ ମହାପାତ୍ର, ଡ଼ା. ନଳିନୀକାନ୍ତ ମହାନ୍ତିଙ୍କ ସହ ଏମ୍‌ସିଏଚ୍ ଛାତ୍ର ଓ ନର୍ସିଂ ଅଫିସର କର୍ମଚାରୀ ଉପସ୍ଥିତ ଥିଲେ।

**୯ମ ରାଜ୍ୟସ୍ତରୀୟ ଓ ୩୫ ତମ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ**

## ତୃତୀୟ ରଜନୀରେ 'ଅନ୍ଧାର ଗଳିର ଗପ' ଓ 'ଅଭିଶପ୍ତ ନାୟକ'

ବ୍ରହ୍ମପୁର, ୯।୧(ସମିସ): ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ଦ୍ୱାରା ଆୟୋଜିତ ନବମ ରାଜ୍ୟସ୍ତରୀୟ ତଥା ୩୫ତମ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବର ତୃତୀୟ ରଜନୀରେ ଦୁଇଗୋଟି ନାଟକ ମଞ୍ଚସ୍ଥ ହୋଇଥିଲା। ନୀଳ ଆକାଶ ନାଟ୍ୟାନୁଷ୍ଠାନର "ଅନ୍ଧାର ଗଳିର ଗପ' ମଞ୍ଚସ୍ଥ ହୋଇଥିଲା। ନାଟକ ଟିକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ସଞ୍ଜୟ ପଟ୍ଟନାୟକ।



ଦ୍ୱିତୀୟ ଭାଗରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଅନୁଷ୍ଠାନର ଆବାହକ ଭବାନୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିବା ବେଳେ, ସମ୍ମାନୀତ ଅତିଥି ରୂପେ ସୁବାଷ ମହାରଣା, ଭୋକାଲି ସେଠୀ, ଦଣ୍ଡପାଣି ନାୟକ, ପ୍ରଶାନ୍ତ ସାହୁ, ଗୌରୀ କୁମାରୀ ବିଷୋୟୀ, ଅନୁଷ୍ଠାନର ସାଧାରଣ ସମ୍ପାଦକ ରମେଶ ମହାରଣା ଓ ସଭାପତି କେ ବଳରାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଭା ପରେ ପରେ ପ୍ରତିଭା ନାଟ୍ୟ ସଂସ୍ଥା ତରଫରୁ ନାଟକ "ଅଭିଶପ୍ତ ନାୟକ' ମଞ୍ଚସ୍ଥ ହୋଇଥିଲା। ନାଟକ ରଚନା କରିଥିଲେ ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟ ମହାପାତ୍ର ଓ ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ଦୀପ୍ତି ରଞ୍ଜନ ଦାସ। କାର୍ଯ୍ୟକ୍ରମକୁ ବିଜୟ ଚନ୍ଦ୍ର ମହାରଣା, ସୁଶାନ୍ତ ରାଉଳ, ସଞ୍ଜା ସମାହିତ ପାଢ଼ୀ, ନବୀନ ହୋତା, ଚାନ୍ଦମାମା ବେହେରା, କୈଳାସ ପାଣିଗ୍ରାହୀ, ନରସିଂହ ପାଣିଗ୍ରାହୀ, ମନୋଜ କୁମାର ରଥ, ପ୍ରଶାନ୍ତ ମହାରଣା ସହଯୋଗ କରିଥିବା ବେଳେ ସିମାଞ୍ଚଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ କବ୍‌ଜାରେ ଦୁର୍ଦ୍ଦାନ୍ତ ଅପରାଧୀ ଦଣ୍ଡ



■ ପୂର୍ବରୁ ଗିରଫ ହୋଇଥିଲେ ଦଣ୍ଡଙ୍କ ସହଯୋଗୀ ଶୁଭମ ଓ ଆଲୋକ
■ ଶୁଭମ୍ ଓ ଆଲୋକଙ୍କୁ ବନ୍ଧୁକ ଯୋଗାଇଥିଲେ 'ଦଣ୍ଡ'

ବ୍ରହ୍ମପୁର, ୯।୧(ସମିସ): ଅର୍ଗାନାଇଜ୍ କ୍ରାଇମ୍ ବା ସଂଗଠିତ ଅପରାଧ ଆକ୍ଟରେ ଦୁର୍ଦ୍ଦାନ୍ତ ଅପରାଧୀ ଦଣ୍ଡ ମହାରଣାଙ୍କୁ ଟାଉନ ଥାନା ପୁଲିସ ଗିରଫ କରି ମାମଲା (ନଂ.୬୦୪/୨୫)ରେ କୋର୍ଟ ଚାଲାଣ କରିଛି। ଗତ ଡିସେମ୍ବର ୨୧ରେ ଏହି ମାମଲାରେ ଦଣ୍ଡଙ୍କ ସହଯୋଗୀ ତଥା ପୂର୍ବତନ କର୍ପୋରେଟରଙ୍କ ପୁଅ ରାଉତପେଟା ସାହିର ଶୁଭମ ମାଝୀ (୨୨) ଓ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବଟୁଲୁ ଗ୍ରାମର ଆଲୋକ ମାଝୀ (୨୬)ଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ପୁଲିସ ଗୋଟିଏ ପିସ୍ତଲ, ଗୋଟିଏ ଖଣ୍ଡା, ମୋବାଇଲ୍, ସ୍କୁଟି ଜବତ କରିଥିଲା। ତଦନ୍ତ ବେଳେ ପୁଲିସ ଗେଟ୍ ବଜାର ବିଲସାହିର ପୁରୁଣା ଅପରାଧୀ ଦଣ୍ଡ ଶୁଭମଙ୍କୁ ଦେଶୀ ପିସ୍ତଲ ଯୋଗାଇଥିବା ଜାଣିବାକୁ ପାଇଥିଲା।

ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅଞ୍ଚଳର ରବି ସେଠୀ(୪୫) ମଧ୍ୟସ୍ଥି ସାଜି ଗେଟବଜାର ଅଞ୍ଚଳରେ ଜୈନିକ ବ୍ୟକ୍ତିଙ୍କୁ ଘର ବିକ୍ରି କରିଥିଲେ ଓ ଏଥିରେ ରବିଙ୍କୁ ମୋଟା ଅଙ୍କର ଅର୍ଥ ମିଳିଥିଲା। ଏଥିରୁ ୭୦ହଜାର ଟଙ୍କା ଦାଦାବଟି ଦାବି କରିଥିଲେ ଶୁଭମ। ରବି ଟଙ୍କା ନଦେବାରୁ ଶୁଭମ୍ ଧମକ ଦେଇଆସୁଥିଲା। ଡିସେମ୍ବର ୨ ଓ ୩ତାରିଖରେ ଖଣ୍ଡା ଓ ପିସ୍ତଲ ଦେଖାଇ ରବିଙ୍କୁ ଧମକ ଦେବା ସହ ଆକ୍ରମଣ କରି ଦାଦାବଟି ମାଗିଥିଲେ। ରବି ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶୁଭମ ଓ ଆଲୋକକୁ ଗିରଫ କରିଥିଲା। ଶୁଭମଙ୍କୁ ବନ୍ଧୁକ ଯୋଗାଇବା ସହ ବିଭିନ୍ନ ଅପରାଧିକ ମାମଲାରେ ପୁଲିସ ଦଣ୍ଡଙ୍କୁ ଗିରଫ କରିଛି। ସେପଟେ ବୈଦ୍ୟନାଥପୁର ଥାନା ପୁଲିସ ଦଣ୍ଡଙ୍କୁ ଅନ୍ୟ ଏକ ମାମଲାରେ ରିମାଣ୍ଡ ଲଗାଇବ। ବୈଦ୍ୟନାଥପୁର ଥାନା ଅଧିନ କୃଷ୍ଣନଗର ଅଞ୍ଚଳରେ ଏକ ଘରକୁ ଅକ୍ତିଆରରେ ରଖିବା ସହିତ ଧମକ ଦେବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା।

ଗତକାଲି ଅନ୍ୟଏକ ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ନଳୀହାଡ଼ ବନ୍ଧହୁଡ଼ା ସାହିର ଭଗବାନ ବିଷୋୟୀ, ବଡ଼ସାହିର ରଙ୍କ ଗଜେନ୍ଦ୍ର, ରୋହିଗାଁ ତୁଳସୀ ନଗରର କାହ୍ନୁଚରଣ ଜେନା ଓ ପୁରୁଣା ଅପରାଧୀ ପ୍ରଶାନ୍ତ ଗଜେନ୍ଦ୍ରଙ୍କୁ ଗିରଫ କରି ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ ସହ ୧୨ଟି ଗୁଳି ଜବତ କରିଥିଲା। ଶୁଭମଙ୍କ ମୋବାଇଲରୁ ପୁଲିସ ସଂଗ୍ରହ କରିଥିବା ଫୋଟ ଏବଂ ଗତକାଲି ରଙ୍କ ସମେତ ୪ଜଣ ଗିରଫ ଅଭିଯୁକ୍ତଙ୍କ ମୋବାଇଲରେ ମଧ୍ୟ ସମାନ ଭାବେ କିଛି ଫଟୋ ଥିବା ପୁଲିସ ଦେଖିବାକୁ ପାଇଥିଲା। ଏଥିରୁ ସହରରେ ବିଭିନ୍ନ ଗୋଷ୍ଠୀକୁ ଦଣ୍ଡ ମହାରଣା ବନ୍ଧୁକ ଓ ପିସ୍ତଲ ଯୋଗାଉଥିବା ନେଇ ପୁଲିସ ସନ୍ଦେହ କରୁଛି। ଦଣ୍ଡଙ୍କ ନାମରେ ପୂର୍ବରୁ ହତ୍ୟା, ହତ୍ୟା ଉଦ୍ୟମ ଓ ଡକାୟତି ଭଳି ବିଭିନ୍ନ ଥାନାରେ ୨୨ରୁ ଉର୍ଦ୍ଧ୍ୱ ମାମଲା ରହିଛି।

## ଏମ୍‌କେସିଜିରେ ବଢ଼ିବ ୧୯ ପିଜି ସିଟ୍

**୧୫୦ ଟପିବ ମୋଟ ସିଟ୍ ସଂଖ୍ୟା**

ବ୍ରହ୍ମପୁର, ୯ ।୧(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଥିବା ବିଭିନ୍ନ ବିଭାଗରେ ମୋଟ ୧୯ଟି ପିଜି ସିଟ୍ ବୃଦ୍ଧି ହେବାକୁ ଯାଉଛି। ସେଥିମଧ୍ୟରୁ କାର୍ଡିଓଲୋଜି ବିଭାଗରେ ୨ଟି ପିଜି ସିଟ ବୃଦ୍ଧି ହେବାକୁ ଯାଉଥିବା ବେଳେ ଏଣ୍ଡୋକ୍ରାଇନଲୋଜି ବିଭାଗରେ ୨, ଜେନେରାଲ ସର୍ଜରୀ ବିଭାଗରେ ୫, ଚକ୍ଷୁ ବିଭାଗରରେ ଗୋଟିଏ, ପାଥଲୋଜି ବିଭାଗରେ ୨, ରେଡିଓଥେରାପି ବିଭାଗରେ ୫ ଏବଂ ରେସପିରାଟୋରି ମେଡିସିନ ବିଭାଗରେ ୨ଟି ପିଜି ସିଟ୍ ବଢିବ ବୋଲି ଜଣାପଡ଼ିଛି। ଏନେଇ ରାଜ୍ୟ ମେଡିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ(ଡିଏମ୍‌ଇଟି) ପକ୍ଷରୁ ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଏମକେସିଜି ମେଡିକାଲରେ ଥିବା ୨୪ଟି ବିଭାଗରେ ପୂର୍ବରୁ ପାଖାପାଖି ୧୩୦ଟି ପିଜି ସିଟ ରହିଥିଲା। ବର୍ତ୍ତମାନ ୧୯ଟି ବୃଦ୍ଧି ହେବା ପରେ ଏହି ସଂଖ୍ୟା ୧୫୦ ଟପିବ।

## ଓଏଭି ପ୍ରବେଶିକା ପରୀକ୍ଷା ଦେଲେ ୧୨ ହଜାର ଛାତ୍ରଛାତ୍ରୀ

ବ୍ରହ୍ମପୁର, ୯।୧(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଆ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏଭିଇଟି-୨୦୨୬) ଅନୁଷ୍ଠିତ ହୋଇଯାଇଛି। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ପରୀକ୍ଷାରେ ଷଷ୍ଠ ଶ୍ରେଣୀଙ୍କ ପାଇଁ ସକାଳ ୧୦ରୁ ୧୨ଟା ଓ ଅନ୍ୟ ଶ୍ରେଣୀମାନଙ୍କ ପାଇଁ ୧୦ଟାରୁ ୧ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ଜିଲ୍ଲାର ମୋଟ ୧୨୬୩୨ ଜଣ ବିଦ୍ୟାର୍ଥୀ ପରୀକ୍ଷା ପାଇଁ ପଞ୍ଜୀକୃତ କରିଥିଲେ। ସେଥିମଧ୍ୟରୁ ଶୁକ୍ରବାର ଜିଲ୍ଲାର ୫୬ଟି ପରୀକ୍ଷା କେନ୍ଦ୍ରରେ ୧୨ହଜାର ୬୪ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ପରୀକ୍ଷାରେ ଷଷ୍ଠ ଶ୍ରେଣୀରେ ୧୦୮୭୪, ସପ୍ତମ ଶ୍ରେଣୀରେ ୬୨୫, ଅଷ୍ଟମ ଶ୍ରେଣୀରେ ୪୪୪ ଓ ନବମ ଶ୍ରେଣୀରେ ୧୨୧ ଜଣ ପରୀକ୍ଷା ଦେଇଥିବା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

**ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ଦିଶା' ସମାବର୍ତ୍ତନ ଉତ୍ସବ**

## ୫୧୦ ଗ୍ରାମୀଣ ମହିଳା ସାଜିଲେ ଦକ୍ଷ ନେତୃତ୍ୱ

ବ୍ରହ୍ମପୁର, ୯।୧(ସମିସ): ଗ୍ରାମାଞ୍ଚଳର ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ମଧ୍ୟରେ ନେତୃତ୍ୱ ମନୋଭାବ ଜାଗ୍ରତ କରିବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ୍) ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ "ଦିଶା' କାର୍ଯ୍ୟକ୍ରମର ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଫଳତାର ସହ ନେତୃତ୍ୱ ପ୍ରଶିକ୍ଷଣ ଶେଷ କରିଥିବା ୫୧୦ ଜଣ ଗ୍ରାମୀଣ ମହିଳାଙ୍କୁ ସମ୍ମାନିତ କରାଯାଇଛି।

କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ କୀର୍ତ୍ତି ଭାସନ ଭି. ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ମହିଳାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ, ଏକ ସମୃଦ୍ଧ ସମାଜ ଗଠନ ପାଇଁ ମହିଳାମାନଙ୍କର ନେତୃତ୍ୱ ଓ ସକ୍ରିୟ ଅଂଶଗ୍ରହଣ ଏକାନ୍ତ ଆବଶ୍ୟକ। ଏହାସହ ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍‌ର ମୁଖ୍ୟ ଶ୍ରୀ ସୌରଭ ସୁଗନ୍ଧ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗ୍ରାମୀଣ ବିକାଶରେ ଏହି ମହିଳାମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ।

ଟିଏସଏଫ୍ ପକ୍ଷରୁ ଆୟୋଜିତ ଏହି 'ଦିଶା' କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ୫ ବର୍ଷ ମଧ୍ୟରେ ୬ହଜାର ମହିଳାଙ୍କୁ ସାମାଜିକ, ରାଜନୈତିକ ଏବଂ ଡିଜିଟାଲ୍ କ୍ଷେତ୍ରରେ ଦକ୍ଷ କରିବା। ଏପର୍ଯ୍ୟନ୍ତ ପ୍ରାୟ ୫,୭୦୦ ମହିଳା ପ୍ରଶିକ୍ଷଣ ପାଇଥିବା ବେଳେ ୪୭୫୦ ମହିଳା ଓଡ଼ିଶା, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ସାମିଲ ହୋଇଛନ୍ତି।



ଏହି ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଜେଣ୍ଡର ଏବଂ କମ୍ୟୁନିଟି ଏଣ୍ଟରପ୍ରାଇଜ୍ ମୁଖ୍ୟ ସ୍ମିତା ବର୍ମା, ଗୋପାଳପୁର ୟୁନିଟ୍ ମୁଖ୍ୟ ଜୟନ୍ତ କୁମାର ତ୍ରିପାଠୀଙ୍କ ସମେତ ଫାଉଣ୍ଡେସନ ଏବଂ ଟାଟା ଷ୍ଟିଲ୍ ଏସ୍‌ଇଜେଡ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ସମାବର୍ତ୍ତନ ଉତ୍ସବର ମୂଳମନ୍ତ୍ର ଥିଲା "ସମାନତା ଭିତ୍ତିକ ସମାଜ ଗଠନ"। ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏହି ପ୍ରୟାସ ଗ୍ରାମାଞ୍ଚଳର ମହିଳାମାନଙ୍କୁ କେବଳ ସ୍ୱାବଲମ୍ବୀ କରୁନାହିଁ ବରଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ନିଷ୍ପତ୍ତି ନେବାରେ ସମର୍ଥ କରୁଛି।

**ବ୍ରହ୍ମପୁର ମହାନଗର ମହୋତ୍ସବ ଉଦ୍‌ଘାଟିତ**

## ପ୍ରଥମ ଦିନରେ ଉପାନ୍ତ ସାହିତ୍ୟ ସଂସଦର କବିତା ଆସର



**ସାଂସ୍କୃତିକ ବିଜେତାଙ୍କୁ ମିଳିବ 'ସକାଳ ସମ୍ମାନ'**

ବ୍ରହ୍ମପୁର, ୯।୧(ସମିସ): ମହାନଗର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ୧୩ତମ ବ୍ରହ୍ମପୁର ମହାନଗର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ ସମିତିର ସଦସ୍ୟଙ୍କ ବେଦମନ୍ତ୍ର ପାଠ ଓ ମନ୍ତ୍ରଧ୍ୱନୀରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଦ୍ୱୀପ ପ୍ରଜ୍ୱଳନ ସହ ଏହାର ଉଦ୍‌ଘାଟନ କରାଯାଇଛି। ଉଦଘାଟନୀ ଉତ୍ସବରେ କମିଟି ସଭାପତି ଗୋପାଳ ପଟ୍ଟନାୟକ, ଆବାହକ ଇଂ ଉମା ଶଙ୍କର ପାଣିଗ୍ରାହୀ, ସମ୍ପାଦକ ନାରାୟଣ ମହାଙ୍କୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ ଏବଂ ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଗୌରୀ ଶଙ୍କର ମିଶ୍ର, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ ପାଣିଗ୍ରାହୀ, ଆଇନ ପରାମର୍ଶଦାତା ଅରୁଣ ସ୍ୱାଇଁ, ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ, ଅଭିରାମ ପାତ୍ର, ସୁଦର୍ଶନ ପରିଡା, ରୁଦ୍ର ନାରାୟଣ ନାୟକ, ବରିଷ୍ଠ ସାମ୍ବାଦିକ କ୍ଷୀରସିନ୍ଧୁ ମହାନ୍ତି, ଗୋକୁଳ ତ୍ରିପାଠୀ, ସଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା ପ୍ରମୁଖ ମଞ୍ଚାସୀନ ଥିଲେ। ଉଦଘୋଟନୀ ସନ୍ଧ୍ୟାରେ ଉପାନ୍ତ ସାହିତ୍ୟ ସଂସଦ, ପାତ୍ରପୁର ପକ୍ଷରୁ ସାହିତ୍ୟ ଆଲୋଚନା ଓ କବିତା ଆସର ଅନୁଷ୍ଠିତ ହୋଇଥିଲା। କବିତା ଆସର ଶେଷରେ ସମସ୍ତ କବି ଓ କାବ୍ୟଯତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପୁଲିସ ଗାଡ଼ିକୁ ଅଟକାଇ ଯୁବକ ଗିରଫ




ଧର୍ମଶାଳା, ୯।୧(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାରରେ କୌଣସି କାମରେ ଯାଉଥିବା ଜେନାପୁର ଥାନା ପୁଲିସ ଭ୍ୟାନକୁ ଅଟକାଇ ହଙ୍ଗାମା କରିଥିବା ଯୁବକକୁ ପୁଲିସ ବାନ୍ଧିଛି । ସୂଚନା ମୁତାବକ, ଜେନାପୁର ଥାନାର ଏକ ବୋଲେରୋ ଗାଡ଼ିକୁ ଡ୍ରାଇଭର ନେଇ ଯାଉଥିବା ସମୟରେ ଧର୍ମଶାଳା ଥାନା କାଏମା ଅଞ୍ଚଳର ନାଗ ଭୂଷଣ ମହାଜନ ନିଶାସକ୍ତ ଅବସ୍ଥାରେ ଗାଡ଼ିକୁ ଅଟକାଇଥିଲେ। ଗାଡ଼ି ସାଇଡ ମାରିବା କହି ବେଶ କିଛି ସମୟର ଜାରକା ଛକ ଓଭରବ୍ରିଜ ତଳେ ହଙ୍ଗାମା କରିଥିଲେ। ପୁଲିସ ଗାଡ଼ି ଡ୍ରାଇଭର ନିକଟରେ ଥିବା ଫାଣ୍ଡିରେ ଜଣାଇବା ପରେ ଜାରକା ଫାଣ୍ଡି ପୁଲିସ ନାଗ ଭୂଷଣଙ୍କୁ ଧର୍ମଶାଳା ଥାନାକୁ ଆଣି ଅଟକ ରଖିଥିଲା। ଧର୍ମଶାଳା ପୁଲିସ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଓ ପୁଲିସ ଗାଡ଼ିକୁ ଅଟକାଇବା ଅଭିଯୋଗରେ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ତାଙ୍କୁ ନୋଟିସ କରି ଛାଡ଼ି ଦେଇଥିବା ଧର୍ମଶାଳା ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ନାଏକ ସୂଚନା ଦେଇଛନ୍ତି।

## ଦୁବକଣ ଅଙ୍ଗନବାଡ଼ି ନିର୍ମାଣ ପାଇଁ ଜମି ବିବାଦ ମାମଲା

# ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହେଲା ଉଚ୍ଛେଦ

ମଙ୍ଗଳପୁର, ୯।୧(ସମିସ)

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଗ୍ରାମରେ ହେବାକୁ ଥିବା ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଚିହ୍ନଟ ହୋଇଥିବା ଜାଗା ବିବାଦର ବାଟ ଖୋଲୁଛି। ଆଜି ଯାଜପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଦଶରଥପୁର ତହସିଲର ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ତହସିଲ ଅମିନ ଉପସ୍ଥିତିରେ ବିବାଦୀୟ ଜମିର ମାପଚୁପ କରାଯାଇଛି। ମାପ ସମୟରେ ଜବର ଦଖଲକାରୀ ସରୋଜ ଜେନା ଓ ଅଜୟ ଜେନା କରିଥିବା ଘର ୬୨୬ ପ୍ଲଟ ସରକାରୀ ଜାଗା ଉପରେ ରହିଥିବା ଜଣାପଡ଼ିଥିଲା।

ଜବରଦଖଲକାରୀ କରିଥିବା ଘର ଭିତରକୁ ସରକାରୀ ଜାଗା ୩୦ କଡ଼ି ରହିଛି ବୋଲି ମାପ ବେଳେ ଜଣାପଡିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଜବରଦଖଲକାରୀଙ୍କୁ ସୁରକ୍ଷା ଦେବାକୁ ଯାଇ



ମାଜିଷ୍ଟ୍ରେଟ ପାୱାରରେ ଯାଇଥିବା ଅତିରିକ୍ତ ତହସିଲଦାର ଘରର ବାହାର ପଟରୁ ଚିହ୍ନ ଦେଇ ଜବର ଦଖଲ ଉଚ୍ଛେଦ କରିଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ସହିତ ତହସିଲ ପକ୍ଷରୁ କରାଯାଇଥିବା ମାପ ସଠିକ ଭାବେ କରାଯାଇନାହିଁ ଓ ଜବର ଦଖଲକାରୀଙ୍କୁ ସୁରକ୍ଷା ଦିଆଯାଉଥିବାରୁ ଏଥିନେଇ ଗ୍ରାମରେ ଚାପା ଉତ୍ତେଜନା ସୃଷ୍ଟି ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି।

ଜବର ଦଖଲ ଉଚ୍ଛେଦ ସମୟରେ ଦଶରଥପୁର ଥାନା ଅଧିକାରୀ ଶରତ ନାୟକ, ମଙ୍ଗଳପୁର ଥାନାର ଏସ୍ଆଇ ଅନିତା ପ୍ରଧାନ, ଏଏସ୍ଆଇ ସଂଯୁକ୍ତା ପଣ୍ଡା, ଏଏସଆଇ ଜଟାଧାରୀ ଦାସ, ସିଡିପିଓ ଶାନ୍ତିଲତା ସେଠୀ, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ରାସବିହାରୀ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଲେଙ୍କା, କନିଷ୍ଠଯନ୍ତ୍ରୀ ସନ୍ତୋଷ କୁମାର ବାଘେଲ, ତହସିଲ ଅମିନ ଆଶୁତୋଷ ସାମଲ, ରାଜସ୍ୱ ନିରୀକ୍ଷକ ସଂଗ୍ରାମ ନାୟକଙ୍କ ସମେତ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

ଜବରଦଖଲ ଉଚ୍ଛେଦ ପରେ କୟାଁ ଗ୍ରାମପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ନିର୍ବାହୀଯନ୍ତ୍ରୀ ରାସବିହାରୀ ଜେନା, ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଲେଙ୍କା, ସିଡିପିଓ ଶାନ୍ତିଲତା ସେଠୀ ନଡ଼ିଆ ବାଡେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଅଙ୍ଗନବାଡି ଘର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଯାଇଥିବା ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ଘଟଣାସ୍ଥଳରୁ ପଳେଇ ଆସିବା ପରେ ପୁନର୍ବାର ଜବରଦଖଲକାରୀ କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରିଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ମଦନମୋହନଜୀଉ ମନ୍ଦିର ରୋଷଗୃହର ଶିଳାନ୍ୟାସ




ଧର୍ମଶାଳା, ୯।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ଦାସସାହି ଗ୍ରାମସ୍ଥିତ ମଦନମୋହନ ଜୀଉ ମନ୍ଦିର ରୋଷଗୃହର ଶିଳାନ୍ୟାସ ହୋଇଯାଇଛି। ଏହି ଐତିହାସିକ ମଦନମୋହନଜୀଉ ମନ୍ଦିରର ପୁନରୁଦ୍ଧାର ନିମନ୍ତେ ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ସାଂସଦ ରବି ନାରାୟଣ ବେହେରାଙ୍କୁ ଗତ କିଛି ଦିନ ପୂର୍ବେ ମନ୍ଦିର କମିଟି ପକ୍ଷରୁ ଲିଖିତ ଭାବେ ଜଣାଯାଇଥିଲା। ବିଧାୟକ ଏହା ଉପରେ ଦୃଷ୍ଟି ଦେଇ ଏହାର ପୁନରୁଦ୍ଧାର ନିମନ୍ତେ ବିଭାଗୀୟ ଧର୍ମଶାଳା ପଞ୍ଚାୟତ ସମିତି ଡିପିଏମ୍ୟୁ ଯାଜପୁର କାର୍ଯ୍ୟନିର୍ବାହୀ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ଲକ୍ଷ ଟାଙ୍କର ସହାୟତା ପ୍ରଦାନ କରାଯାଇଛି । ଆଜି ସମାଜସେବୀ ମିନତୀ ସାହୁ ଶିଳାନ୍ୟାଶ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ବିଜେପି ଯୁବ ନେତା ଅଭିଷେକ ରାଉତ, ଜାରକା ମଣ୍ଡଳ ସଭାପତି ଦେବବ୍ରତ ପଣ୍ଡା, ବିଜେପି କାଏମା ପ୍ରଭାରୀ ସୁରେଶ ଚନ୍ଦ୍ର ନାୟକ, ବରିଷ୍ଠ ବିଜେପି ନେତା ମଧୁସୂଦନ ପଣ୍ଡା ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବରୁଆଁକୁ ମିଳିଲା ନୂଆ ଆମ୍ବୁଲାନ୍ସ



ଯାଜପୁର, ୯।୧(ସମିସ): ଯାଜପୁର ବ୍ଲକ ବରୁଆଁ ଅଞ୍ଚଳକୁ ମିଳିଲା ଏକ ନୂତନ ୧୦୮ ଆମ୍ବୁଲାନ୍ସ। ଦୀର୍ଘ ଦୁଇ ମାସ ହେବ ୧୦୮ ଆମ୍ବୁଲାନ୍ସଟି ସମ୍ପୂର୍ଣ୍ଣ ଖରାପ ହୋଇଯିବାରୁ ରୋଗୀ ସେବାରୁ ବଞ୍ଚିତ ହୋଇଥିଲେ ଅଞ୍ଚଳବାସୀ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାକୁ ନୂତନ ଆମ୍ବୁଲାନ୍ସ ମିଳିଥିବା ବେଳେ ବରୁଆଁକୁ ମଧ୍ୟ ଏକ ନୂତନ ଆମ୍ବୁଲାନ୍ସ ମିଳିଛି। ଶୁକ୍ରବାର ଏହି ଆମ୍ବୁଲାନ୍ସଟି ପୂଜାର୍ଚ୍ଚନା କରାଯିବା ପରେ ରୋଗୀ ସେବାରେ ଲାଗିଥିବା ଜଣାପଡ଼ିଛି। କ୍ଲଷ୍ଟର ଲିଡର ସୌମ୍ୟ ରଞ୍ଜନ ଦାସ, କାହ୍ନୁଚରଣ ପଣ୍ଡା, ଆଶୁତୋଷ ମଲ୍ଲିକ, ସୁଜିତ ଓଝା, ଅନିଲ ନାୟକ, ବିକାଶ ଜେନା, ଅମୀୟ କୁମାର ବିଶ୍ୱାଳ ପ୍ରମୁଖ ନୂତନ ୧୦୮ ଆମ୍ବୁଲାନ୍ସର ପୂଜା ସମୟରେ ଉପସ୍ଥିତ ଥିଲେ।

## ପିଏମ୍‌ଶ୍ରୀ ଉତ୍ସବ ପ୍ରସ୍ତୁତି ବୈଠକ

ମଇଁଦା, ୯।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଉତ୍ତଙ୍ଗରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ପିଏମ୍‌ଶ୍ରୀ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଓଝାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ମଣ୍ଡଳ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବଳରାମ ପତି, ବନମାଳୀପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ନାୟକ, ପୁରାତନ ଛାତ୍ର ସଂସଦ ସଭାପତି ଉମେଶ ଚନ୍ଦ୍ର ସାହୁ, ବିଦ୍ୟାଳୟର ଉପଦେଷ୍ଟା ରବି ନାରାୟଣ ରଥ, ଶିବପ୍ରସାଦ ପ୍ରଧାନ, ବିଞ୍ଝାରପୁର ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷକ ସ୍ୱସ୍ତି ସୁନ୍ଦର ଜେନା ଉତ୍ସବରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ, ସମସ୍ତ ପାଭିଲିଅନ ସମ୍ପର୍କିତ ତଥ୍ୟ ଏବଂ ପ୍ରତିଯୋଗିତା ବିଷୟରେ ବୈଠକରେ ତଥ୍ୟ ଉପସ୍ଥାପନା କରିଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଉତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗର ଦାୟିତ୍ୱ ଗୁଡ଼ିକ ଉପସ୍ଥିତ ସଦସ୍ୟ ମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଦ୍ୟାଳୟର ଉପଦେଷ୍ଟା ଶିବପ୍ରସାଦ ପ୍ରଧାନ ବୈଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଶନିବାର ସ୍କୁଲ ୧୦ଟାରେ

ଯାଜପୁର, ୯।୧ (ସମିସ): ପ୍ରବଳ ଶୀତକୁ ନଜରରେ ରଖି ଶନିବାରିଆ ସ୍କୁଲ ସକାଳୁଆ ପରିବର୍ତ୍ତେ ୧୦ଟାରୁ ୪ଟା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଆଜି ଯାଜପୁର ଜିଲ୍ଲାପାଳ ଏକ ନୋଟିସ୍ ଜାରି କରି ଜିଲ୍ଲାର ସମସ୍ତ ସ୍କୁଲକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୀତ ଛାଡ଼ିବା ପର୍ଯ୍ୟନ୍ତ ଶନିବାର ସ୍କୁଲ ୧୦ଟାରେ ହେବ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।

## ବିଜେପି ଉପସଭାପତିଙ୍କ ପିତୃ ବିୟୋଗ



ଯାଜପୁର, ୯।୧(ସମିସ): ଯାଜପୁର ବିଜେପି ଉପସଭାପତି ମନ୍ମଥ ବରାଳଙ୍କ ପିତା ବଟକୃଷ୍ଣ ବରାଳ (୯୩)ଙ୍କ ବିୟୋଗ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ମାତ୍ରେ ଜାଫପୁର ପଞ୍ଚାୟତ ସଇପୁର ଗ୍ରାମରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

## ବିଡି ହାଇସ୍କୁଲରେ ପୁରସ୍କାର ବିତରଣ ଉତ୍ସବ



ଯାଜପୁର, ୯।୧(ସମିସ): ଯାଜପୁର ସଦର ତାରାମଦନ ସ୍ଥିତ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଧୁଡ଼ୁ ଉଦ୍‌ଘାଟନ କରି କ୍ରୀଡ଼ା ପ୍ରତିଯୋଗିତାର ଆବଶ୍ୟକତା ବୁଝାଇ ଥିଲେ। ମୁଖ୍ୟବକ୍ତା ରୂପେ ପ୍ରାଧ୍ୟାପକ ତଥା ସାହିତ୍ୟିକ ଦାମୋଦର ବେହେରା ଯୋଗଦେଇଥିଲେ। ସମ୍ମାନିତ ବକ୍ତାରୂପେ ପ୍ରଫେସର ମୋହନ ଚରଣ ଦାଶ ମନଯୋଗ ଦେଇ ଉଭୟ ସାଧାରଣ ଶିକ୍ଷା ଓ କ୍ରୀଡ଼ା ଶିକ୍ଷା ଲାଭ କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ବକ୍ତାରୂପେ ବିଶିଷ୍ଟ ଶିକ୍ଷାଗବେଷକ ଡ. ଅକ୍ଷୟ କୁମାର ପଣ୍ଡା, ସମ୍ମାନିତ ଅତିଥି ରୂପେ ସମାଜେସବୀ ଆନନ୍ଦ ଚନ୍ଦ୍ର ସାହୁ, ଅନ୍ୟତମ ସମ୍ମାନୀତ ଅତିଥିରୂପେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରୂପମା ମହାନ୍ତି ଓ ଗରିଆପୁର ୟୁଜିନିୟପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକ ଯୋଗଦେଇଥିଲେ। ବିଦ୍ୟାଳୟ ପରି.ଳନା ସମିତିର ସଭାପତି ଧୀରଜ କୁମାର ବୋଷ, ସ୍ଥାନୀୟ ସିଆରସିସି ମହମ୍ମଦ ସଫିଉର ଜମାନ ଓ ସମାଜସେବୀ ନିମେଶ କୁମାର ବୋଷ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସବିତାରାଣୀ ବଳ ହବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାତୀ ସାମଲ ଅତିଥି ପରିଚୟ ଦାୟିତ୍ୱ ନିର୍ବାହ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୋନାଲି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଗତବର୍ଷର ମୁଖମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ଅଞ୍ଜଳି ନାୟକ, ସ୍ୱତୀ ସାମଲ ଓ ସୋନାଲି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରି.ଳନାରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଏଂଜଲିନା ନାୟକ, ପ୍ରଜ୍ଞା ପରମିତା ରାଉତ, ସୁକେଶିନୀ ବାରିକ, ବାର୍ଷାରାଣୀ ସ୍ୱାଇଁ, ଲିପ୍‌ସା ସ୍ୱାଇଁ, ସ୍ମୃତିଶ୍ରୀ ଦେବୀ, ସୁଶ୍ରୀ ସଂଗୀତା ଶତପଥୀ, ମାଳତୀ ପତି, ରଞ୍ଜିତା ବେହେରା, ସୁରମା ଦାଶ, ଅପାରି ଅପରାଜିତା ଧଳ ପ୍ରମୁଖ ସହଯୋଗ କରିଥିଲେ।

## ଚାଷୀଙ୍କ ସମସ୍ୟା ନେଇ କଂଗ୍ରେସର ଦାବିପତ୍ର

ଯାଜପୁର, ୯।୧(ସମିସ): ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଡ଼ଚଣା ବ୍ଲକ ଅଧିନସ୍ଥ ବାଲିକୁଦା ପଞ୍ଚାୟତ ଓ ବରପଦା ପଞ୍ଚାୟତର ଅଧିବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଚଳିତ ଥର ଏହି ଅଞ୍ଚଳର ଚାଷୀ ଚିନାବାଦାମ ଓ ପୋଟଳ ଚାଷ କରିଛନ୍ତି। କିନ୍ତୁ ଏବେ ଫସଲ ଅମଳ ସମୟ ଆସିଲା ବେଳକୁ ଫସଲରେ ମାରାତ୍ମକ ରୋଗ ହୋଇ ଫସଲ ମରି ଯାଉଛି। ଯଦି ଏହି ରୋଗ ବ୍ୟାପିଯାଏ ତାହେଲେ ଶହ ଶହ ଏକର ଫସଲ ନଷ୍ଟ ହୋଇଯିବ। ଏ ବିଷୟରେ ବ୍ଲକ ଅଧିକାରୀଙ୍କୁ ଜଣାଯାଇଥିଲେ ମଧ କୌଣସି କୃଷି ଅଧିକାରୀ କ୍ଷେତକୁ ଆସି ତଦନ୍ତ କରିନାହାଁନ୍ତି କି ଏହାର ପ୍ରତିକାର ଉପଦେଶ ଦେଉନାହାଁନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପିସିସି କିଷାନ କଂଗ୍ରେସର ଅଧ୍ୟକ୍ଷ ଅଭୟ ସାହୁ, ସୁଭେନ୍ଦୁ ମହାନ୍ତୁ, ସୁଧାଂଶୁ ଶେଖର ଦେଓ, ନିମାଇଁ ରାଉତରାୟ, ବସନ୍ତ ପରିଡ଼ା, ସନ୍ତୋଷ ନନ୍ଦ, ଅକ୍ଷୟ ସ୍ୱାଇଁ, ସଂଗ୍ରାମ ସାହାଣି, ପ୍ରଫୁଲ୍ଲ ରାୟ, ଚିନ୍ମୟ ପ୍ରଧାନ, ଜୟପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ୟାମସୁନ୍ଦର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଧର୍ମଶାଳା, ୯।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡା. ରୁଦ୍ରନାରାୟଣ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିକ୍ରମାଦିତ୍ୟ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଡ. ଅଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ଅତିତିକ୍ତ ଶିକ୍ଷାଧିକାରୀ ମମିତା ମହାନ୍ତି ଓଷ୍ଟା ଜିଲ୍ଲା ସଂପାଦକ ପବିତ୍ର କୁମାର ପଣ୍ଡା, ଡ. ବିଶ୍ୱଜିତ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଶୋବନ୍ତ ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ, ଥାନା ଏସଆଇ କୈଳାସ ଚନ୍ଦ୍ର ଭଦ୍ର ଓ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୟଦା ଅମ୍ବାରିନ କ୍ୱାଦ୍ରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଡ. ବିଶ୍ୱଜିତ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି ଓ ଡ. ପୁରୁଷୋତମ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଛାତ୍ର ସୂର୍ଯ୍ୟସେନ ଦାସ ମହାପାତ୍ର ଓ ଛାତ୍ରୀ ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ଟ୍ରଫି ପ୍ରଦାନ କରିଥିଲେ।

## ଯୁବ ଫୁଟବଲ ଖେଳାଳି ଚୟନ ଶିବିର



ସୁକିନ୍ଦା, ୯।୧(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତର ନାକଦେଇ ଖେଳପଡିଆ ଠାରେ ଏକଦିବସୀୟ ଯୁବ ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବନାରା ସେବା ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୮୦ରୁ ଊର୍ଦ୍ଧ୍ୱ ଯୁବ କ୍ରୀଡ଼ାବିତ ଯୋଗଦାନ କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନର କ୍ରୀଡ଼ା ସମନ୍ୱୟ ବିଭାଗ ମୁଖ୍ୟ ସୁନାରାମ କିସ୍କୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେସନର ନିଳିମା ହେମ୍ବ୍ରମ, ସ୍ଥାନୀୟ ସରପଞ୍ଚ ମନମୋହନ ବାନାରା ଓ ବାନାରା ସେବା ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ଜଙ୍କ ବାନାରା, ସମ୍ପାଦକ ରାମଚନ୍ଦ୍ର ବାନାରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନର ସଭାପତି ସବ୍ୟସାଚୀ ବଳସାମନ୍ତ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ପ୍ରତାପ କେଶରୀ ପଟ୍ଟନାୟକ, ରାସାଏ ମୁଣ୍ଡୁରୀ, ଯାଦବ ହେମ୍ବ୍ରମ, ପ୍ରଶନ୍ନ ବେହେରା, ଫାଉଣ୍ଡେସନ ପକ୍ଷରୁ ଜଙ୍କ ବାନାରା, ସମ୍ପାଦକ ରାମଚନ୍ଦ୍ର ବାନାରା, ସହ ସମ୍ପାଦକ ରାଉତ ବାନାରା, କୋଷାଧ୍ୟକ୍ଷା ଗୀତା ବାନାରା, ସକ୍ରିୟ ସଦସ୍ୟ ବୁଲୁ ମହାନ୍ତ, ବିଜୟ ବାନାରା, ଆନ୍ତନା ସିଂଙ୍କୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଚୟନ ଶିବିରରେ ମୋଟ ୫୦ ଜଣ ଯୁବ ଖେଳାଳିଙ୍କୁ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିଲା। ଚୟନ ଖେଳାଳିଙ୍କୁ ସୁକିନ୍ଦା ଫିଜିକାଲ ଏକାଡେମୀର ହଷ୍ଟେଲରେ ରହିବା ସହ ଖେଳିବା ଓ ସମସ୍ତ ପ୍ରତିରକ୍ଷା ବିଭାଗରେ ଚାକିରି କରିବା ନିମନ୍ତେ ଯୋଗ୍ୟତା ଭିତ୍ତିକ ଲିଖିତ ପରୀକ୍ଷା ଓ ଶାରୀରିକ ଦକ୍ଷତା ତାଲିମ ଦିଆଯିବ ବୋଲି ଫାଉଣ୍ଡେସନର ମୁଖ୍ୟ ଜଙ୍କ ବାନାରା କହିଛନ୍ତି।

## କିଶାନ୍ କ୍ଷେତ ମଜଦୁର ସଂଗଠନର ଦାବିପତ୍ର

ଯାଜପୁର, ୯।୧(ସମିସ): ବିଭିନ୍ନ ଦାବିକୁ ନେଇ କିଶାସନ କ୍ଷେତ୍ ମଜଦୁର ସଂଗଠନ ପକ୍ଷଣ୍ର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯାଜପୁର ସାହୁକାର ଛକରୁ ସଂଗଠନର ଜିଲ୍ଲା ସଭାପତି ଓ ଜିଲ୍ଲା ସଂପାଦକ ଚୈତନ ସାହୁ, ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ଏକ ପଟୁଆର ବାହାରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏକ ସଭା କରିଥିଲେ। ଏଥିରେ ରାଜ୍ୟ ସଭାପତି ସଦାଶିବ ଦାସ, ଜିଲ୍ଲା ସଂପାଦକ ଅଚ୍ୟୁତ ପ୍ରଧାନ, କିଶୋର ନାଥ, କୀର୍ତ୍ତନ ଜେନା, ପ୍ରଫୁଲ୍ଲ ଦେହେରା, ପ୍ରମୋଦ ମଲ୍ଲିକ, ନାରାୟଣ ପରିଜା, ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସିନ୍ଦୁରିଆ ପ୍ରିମିୟର ଲିଗ୍

# ସାଗର ଇଲେଭେନ୍ ଜାରକା ବିଜୟୀ

ଧର୍ମଶାଳା, ୯।୧(ସମିସ)




ଧର୍ମଶାଳା ବ୍ଲକ ସିନ୍ଦୁରିଆ ଖେଳପଡିଆରେ ଚାଲିଥିବା ସିନ୍ଦୁରିଆ ପ୍ରିମିୟର ଲିଗରେ ଆଜି ବ୍ଲୁଷ୍ଟାର କ୍ଲବ ଡୁବୁରୀକୁ ୨ ୱିକେଟରେ ପରାସ୍ତ କରି ସାଗର ଇଲେଭେନ ଟିମ ଜରକା ବିଜୟୀ ହୋଇଛି। ବ୍ଲୁଷ୍ଟାର ଟିମ ଡୁବୁରୀ ଆଜି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୧୨ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରାଜ ମିଶ୍ର ୫୬ରନ ଓ ଦେବେନ୍ଦ୍ର ସାମଲ ୩୨ ରନ ସଂଗ୍ରହ କରିଥିଲେ। ବିପକ୍ଷ ସାଗର ଇଲେଭେନ ଜାରକା ଦଳର ସୁଶିଲ ୩ ଉଇକେଟ ଓ ଟିକୁ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସାଗର ଇଲେଭେନ ଜାରକା ଟିମ ବ୍ୟାଟିଂ କରି ୧୩.୨ ଓଭରରେ ୨ ୱିକେଟ ହରାଇ ୨୧୩ ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ବାପୁନୀ ୮୧ ରନ ଓ ହିମାଂଶୁ ୪୬ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବ୍ଲୁଷ୍ଟାର ଡୁବୁରୀ ଟିମର ଦେବାଶିଷ ମହାରଣା ଓ ଅଶ୍ୱିନୀ ସେନାପତି ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଆଜିର ମ୍ୟାନ ଅଫ ଦି ମ୍ୟାଚ ଭାବେ ଜାରକା ସାଗର ଇଲେଭେନ ଟିମର ବାପୁନଙ୍କୁ ଘୋଷଣା କରାଯାଇଥିବା ବେଳେ ଗାୟତ୍ରୀ ମୋବାଇ ପାଏଂଟର ଅମୁଲ୍ୟ ବାରିକ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ରାଜେଶ ଭଦ୍ର ଓ ଆଶିଷ ବିଶ୍ୱାଳ ପରିଚାଳନା କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ସ୍ମୃତିଚାରଣ ସଭା

ସିଂହପୁର, ୯।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଛନ୍ଦା ମୁଣ୍ଡ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ରଙ୍କନିଧି ଦାସଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ମାନପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଦାସ, ସଚ୍ଚିଦାନନ୍ଦ ଗୁରୁ, ଧନେଶ୍ୱର ଦାସ, ପ୍ରକାଶ ଦାସ, ହରେକୃଷ୍ଣ ବେହେରା, ଗନ୍ଧର୍ବ ଦାସ, ସରୋଜ ଦାସ, ମହେଶ୍ୱର ପରିଡ଼ା, ଶ୍ରୀକାନ୍ତ ଘଡ଼ାଇଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

## ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ




ଦାନଗଦି, ୯।୧(ସମିସ): ଡୁବୁରୀ ଛକରେ ଥିବା ଇନ୍ଦ୍ରଜିତ ମହାନ୍ତଙ୍କ ଘରକୁ ପ୍ରଶାସନ ପକ୍ଷରୁ ଆଜି ଭାଙ୍ଗି ଦିଆଯାଇଛି। ସକାଳ ୧୧ଟା ବେଳେ ଇନ୍ଦ୍ରଜିତଙ୍କ ଘର ନିକଟରେ ଉଚ୍ଛେଦ ଜେସିବି ମେସିନ ପହଞ୍ଚିଥିଲା। କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସୁପ୍ରସନ୍ନ ମଲ୍ଲିକ ସୁକିନ୍ଦା ତହସିଲଦାର, କଳିଙ୍ଗନଗର ଥାନା ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ। ଉଚ୍ଛେଦ ସମୟରେ କୌଣସି ଉତ୍ତେଜନା ଦେଖାଦେଇ ନ ଥିଲା। ସୂଚନା ମୁତାବକ ୨୦୨୦ ମସିହାରେ ଡୁବୁରି ଛକ ରାସ୍ତା ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ସେତେବେଳେ ଇନ୍ଦ୍ରଜିତ ମହାନ୍ତଙ୍କୁ ଜମି ଓ ଘରର ଉଚିତ ମୂଲ୍ୟ ମିଳି ନ ଥିଲା ଯାହାକୁ ନେଇ ସେ ୨୦୨୨ ମସିହାରେ ହାଇକୋର୍ଟର ଦ୍ୱାରସ୍ତ ହେଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଥିଲେ ଏବଂ ସର୍ବସାଧାରଣଙ୍କ ସ୍ୱାର୍ଥ୍ୟ ନିମନ୍ତେ ତୁରନ୍ତ ଏହି ଘରକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଯାହାଫଳରେ ଆଜି ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା।

ଅଣ୍ଡରପାସ ଦାବିରେ ଅନଶନ ପଞ୍ଚମ ଦିବସରେ

# ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇନେବା ଘଟଣାକୁ ନିନ୍ଦା

ମାର୍ଶାଘାଇ, ୯ ।୧(ସମିସ)



ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥରେ ଅଣ୍ଡରପାସ ଦାବିରେ ମାର୍ଶାଘାଇ ବ୍ଲକ ଶିଳିପୁର ଛକରେ ଅନଶନ ପଞ୍ଚମ ଦିବସରେ ପହଞ୍ଚିଛି । ଗୁରୁବାର ଉପଜିଲ୍ଲାପାଳ ଅରୁଣ ନାୟକ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ ଅନଶନକାରୀଙ୍କୁ ଭେଟିଥିଲେ । ଜିଲ୍ଲା ପ୍ରଶାସନ ଅଣ୍ଡରପାସ ସମସ୍ୟା ଦୂର କରିବା ନିଷ୍ପତ୍ତି ଶୁକ୍ରବାର ୧୧ଟା ମଧ୍ୟରେ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାପୂର୍ବରୁ ଶିଳିପୁର ଗାଁରେ ସ୍ୱତନ୍ତ୍ର ପୁଲିସ ଫୋର୍ସ ଘରକୁ ଘର ଯାଇ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇ ଅଜ୍ଞାନ୍ତ ସ୍ଥାନରେ ଅଟକ ରଖିଥିଲା । ପୁଲିସର ମାତ୍ରାଧିକ କାର୍ଯ୍ୟ ପ୍ରତିବାଦରେ ଶତାଧିକ ମହିଳା ସଂଗଠନ ସଦସ୍ୟ, ଛାତ୍ରଛାତ୍ରୀ ମାର୍ଶାଘାଇ ଥାନାକୁ ଘେରଉ କରି ଆନ୍ଦୋଳନ କରିଥିଲେ । ଆନ୍ଦୋଳନକରୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତିରେ ୪ ଜଣ ମହିଳା ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସ୍ଥିତି ଅଣାୟତ୍ତ ହେବା ଆଶଙ୍କାରେ ଥାନା ପରିସରରେ ୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଏଥିସହ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ ବିଏନ୍‌ଏସ୍ ୧୬୩ ଧାରା ଲାଗୁ କରିବା ସମ୍ପର୍କରେ ଜଣାଇ ଘଟଣାସ୍ଥଳ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ଭ୍ରୁକ୍ଷେପ ନକରି ଆନ୍ଦୋଳନକାରୀ ମହିଳା ପୁଲିସ ଉଠାଇନେଇ ଅଟକ ରଖିଥିବା ଯୁବକ, ବୃଦ୍ଧଙ୍କୁ ନ ଛାଡ଼ିଲେ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ଚେତାବନୀ ଦେଇଥିଲେ । ପୁଲିସ ଓ ଆନ୍ଦୋଳନକାରୀଙ୍କୁ ନେଇ କ୍ରିୟାନୁଷ୍ଠାନ କମିଟିର ପୂର୍ବତନ ସରପଞ୍ଚ ଯୁଗଳ ଦାସ, କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା, ସମିତି ସଭ୍ୟ ଭାରତୀ କାନୁନଗୋ ଆଲୋଚନା ପରେ ଆଇଆଇସି ତପନ ନାୟକ ୧ ଘଣ୍ଟା ମଧ୍ୟରେ ଗିରଫ ହୋଇଥିବା ସମସ୍ତଙ୍କୁ ମୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ପରେ ମହିଳା, ଛାତ୍ରଛାତ୍ରୀ ଆନ୍ଦୋଳନରୁ ଓହରିଥିଲେ । ପୁଲିସ ପ୍ରତିଶ୍ରୁତି ମୁତାବକ ଘରୁ ଉଠାଇ ନେଇଥିବା ୯ ଜଣ ଆନ୍ଦୋଳନକରୀଙ୍କୁ ମୁକ୍ତ କରିଥିଲା । ଅନ୍ୟପକ୍ଷରେ ଯଦି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ କୌଣସି ସ୍ଥାୟୀ ନିଷ୍କର୍ଷ ନ ବାହାରିବ ତେବେ ଆସନ୍ତାକାଲି ପୁର୍ନବାର ଛାତ୍ରଛାତ୍ରୀ, ମହିଳା ଓ ଯୁବକ ରାଜପଥକୁ ଓହ୍ଲାଇବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି ।

## ଦେଉଳପଡ଼ା ଉପ-ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ମାନ୍ୟତା

ମହାକାଳପଡ଼ା, ୯।୧(ସମିସ): ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ଥିବା ଉପ-ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୩ଟିକୁ ଜାତୀୟ ସ୍ୱାସ୍ଥ୍ୟ ପ୍ରଣାଳୀ ସମ୍ବଳ କେନ୍ଦ୍ର ପକ୍ଷରୁ ଆଭାସୀ ମୂଲ୍ୟାଙ୍କନ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଯେଉଁଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅର୍ଥାତ୍ ଉପ-ସ୍ୱାସ୍ଥ୍ୟକେନ୍ଦ୍ର, ଦେଉଳପଡାକୁ ତୃତୀୟ ସ୍ଥାନ ମିଳିଛି । ରାଜ୍ୟମାନଙ୍କରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ୭ ମୁଖ୍ୟ ଆବଶ୍ୟକ ଚିକିତ୍ସା ସୁବିଧା ମାତୃ, ଶିଶୁ, ସଂକ୍ରାମକ ଓ ଅଣସଂକ୍ରାମକ, ପରିବାର ନିୟୋଜନ, ଚକ୍ଷୁ, କର୍ଣ୍ଣ, ନାଶା ଓ ଗଳା ଯତ୍ନ ଠିକ୍ ଭାବେ ପରିଚାଳନା ହେଉଛି କି ସେ ସମ୍ପର୍କରେ ଆଭାସୀ ମାଧ୍ୟମରେ ସମୀକ୍ଷା କରାଯାଇଥିଲା । ଯେଉଁଥିରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ-ସ୍ୱାସ୍ଥ୍ୟକେନ୍ଦ୍ରକୁ ୮୫.୯୦ ଶତକଡ଼ା ମୂଲ୍ୟାଙ୍କନ କରାଯାଇ ତୃତୀୟ ସ୍ଥାନ ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ ମୀନାରାଣୀ ସେଠୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କ ଅଧ୍ୟକ୍ଷତାରେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଚାଳନା, ପରିଷ୍କାର ପରିଚ୍ଛନ୍ନତା ପ୍ରତି ବେଶ୍ ଗୁରୁତ୍ୱ ଓ ଉତ୍ତମ ଚିକିତ୍ସା ସୁବିଧା ପାଇଁ ଲୋକଙ୍କ ମଧ୍ୟରେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଆଗ୍ରହ ବଢୁଥିବା ଦେଖିବାକୁ ମିଳିଛି ।

## ଏବିଭିପି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ମହାକାଳପଡ଼ା, ୯।୧(ସମିସ): ଆଜି ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବାୟାବାବା ମହାବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ତଥା ରାଜ୍ୟ ସିଡିଡି ସହସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ ଓ ଜିଲ୍ଲା ସହସଂଯୋଜକ ଅଭିଜିତ ସାମଲଙ୍କ ନେତୃତ୍ୱରେ ଏସଏଫଡି ଦ୍ୱାରା ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ୫୦ରୁ ଅଧିକ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ମହାବିଦ୍ୟାଳୟ କ୍ୟାମ୍ପସର ଚତୁଃପାଶ୍ୱର୍ ସଫେଇ କରିଥିଲେ ।

## ଭେଣ୍ଡିଂ ଜୋନ କ୍ୟାବିନରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ପଟ୍ଟାମୁଣ୍ଡାଇ, ୯।୧(ସମିସ): ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅନ୍ତର୍ଗତ ୧ନଂ ଭେଣ୍ଡିଂ ଜୋନର ଏକ କ୍ୟାବିନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି । ଭେଣ୍ଡିଂ ଜୋନରେ ୨୫ନଂ କ୍ୟାବିନରେ ଅଢ଼ାଖଣ୍ଡ ଗ୍ରାମର ଗୌତମ ମଲିକ ବ୍ୟବସାୟ କରି ଚଳୁଥିଲେ । ଗତକାଲି ଅପରାହ୍ନ ୩ଘଟିକା ସମୟରେ ଗୌତମଙ୍କ ଅନୁପସ୍ଥିତିରେ କେହି ଦୁର୍ବୃତ୍ତ ତାଙ୍କ କ୍ୟାବିନରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ କରିଛନ୍ତି । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । କ୍ୟାବିନରେ ଥିବା ସମସ୍ତ ସାମଗ୍ରୀ ପୋଡ଼ିଯାଇଥିବା ଗୌତମ କହିଛନ୍ତି । ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବାକୁ ଗୌତମ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଲିଖିତ ଅନୁରୋଧ କରିଥିବାବେଳେ ପ୍ରଶାସନ ପକ୍ଷରୁ ଗୌତମଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ବିଭିନ୍ନ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ





ମହାକାଳପଡ଼ା, ୯।୧ (ସମିସ): ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୯ରୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ବିଭାଗ ଜରିଆରେ ୧୨୦ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ଧାନ କ୍ରୟ କରାଯିବ । ଏ ପରିପ୍ରେକ୍ଷୀରେ ମହାକାଳପଡା ବ୍ଲକ ଅନ୍ତର୍ଗତ ବେନୁପାଳ ଓ ବରକନ୍ଧା ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଛି । କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ (ସିସିବି) ମହାକାଳପଡା ଶାଖା ପ୍ରବନ୍ଧକ ଅକ୍ଷୟ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇଟି ମଣ୍ଡି ଉଦଘାଟନ କରିଥିଲେ । ବଡକୂଳ ଓ କରଞ୍ଜି ପଞ୍ଚାୟତ ସଂଲଗ୍ନ ବେନୁପାଳ ପ୍ୟାକ୍ସରେ ସମ୍ପାଦକ ଚୌଧୁରୀ ଚିଦାନନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଭୁବନେଶ୍ୱର କିଶାନ, ସଭାପତି ଚୌଧୁରୀ ଉମାକାନ୍ତ ଦାସ, ଉପସଭାପତି ପ୍ରତୀମା ସାହୁ, ନିର୍ଦ୍ଦେଶକ ଗଜେନ୍ଦ୍ର ନାୟକ, ଦୁଷ୍ମନ୍ତ ସାମଲ, ଧୀରେନ୍ଦ୍ର ଦାସ, ପୂଜକ ଯାମିନୀକାନ୍ତ ତ୍ରିପାଠୀ ସହ ଅନେକ ଚାଷୀ ଉପସ୍ଥିତ ଥିଲେ । କର୍ମଚାରୀ ଗଦାଧର ରାଉତ ଓ ଜ୍ଞାନେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ବରକନ୍ଧା, ଖରିନାସୀ, ମଙ୍ଗଳପୁର ଓ ବତୀଘର ପଞ୍ଚାୟତ ସଂଲଗ୍ନ ବରକନ୍ଧା ପ୍ୟାକ୍ସରେ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ବାଦଲ ସେନାପତି, ନୋଡାଲ ଅଧିକାରୀ ପଙ୍କଜ କହଁର, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅଜୟ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ ।

**ଗୋବିନ୍ଦପୁର:** ଆଳି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସମବାୟ ସମିତିରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ସଭାପତି ଧନରଞ୍ଜନ ବୋଷ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ସମ୍ପାଦକ ବିରଜା ଦାସ, ସମିତି କର୍ମଚାରୀ ସୌମ୍ୟରଞ୍ଜନ ପରିଡ଼ା, ସାଗର ବିଶ୍ୱାଳ, ପ୍ରଶାନ୍ତ ରାଉତ, ଯୁଧିଷ୍ଠିର ମଲ୍ଲିକ, ସଦସ୍ୟ ସୁବ୍ରଜିତ ସାମଲ, ସୁବାସ ଦାସ, ସରୋଜ କର, କୃଷକ ବ୍ରହ୍ମାନନ୍ଦ ମଲ୍ଲିକ, ଉତ୍ତମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

**ଗରଦପୁର:** ଗରଦପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି । ମୁଖ୍ୟଅତିଥି ଭାବେ ତହସିଲଦାର ତୃପ୍ତି ଦାଶ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ରେଭେନ୍ୟୁ ଇନ୍ସପେକ୍ଟର ବିଜୟଲକ୍ଷ୍ମୀ ନାୟକ, ମଣ୍ଡି ନୋଡାଲ ଅଫିସର ବାଦଲ ପରିଡ଼ା ଉପସ୍ଥିତ ଥିଲେ । ସମିତି ସଭାପତି ରଂଜିତ ପଣ୍ଡା, ସମ୍ପାଦକ ଜ୍ୟୋତିରଞ୍ଜନ ପଣ୍ଡା, ସହସମ୍ପାଦକ ରଞ୍ଜିତ କୁମାର ପଣ୍ଡା ଓ ପରିଚାଳନା ପରିଷଦ ସଭ୍ୟ ପ୍ରତିନିଧି ଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ ।

## ମା' ତାରିଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା

ମହାକାଳପଡ଼ା, ୯।୧ (ସମିସ): ଜୟଚନ୍ଦ୍ରପୁରସ୍ଥ ମା'ତାରିଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଛି । ଅଧ୍ୟକ୍ଷ ଉମାକାନ୍ତ ଦାସ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ । ଅଧ୍ୟାପକ ବିକାଶ ଦାସ, ସମୀର ରାଉତ, ମନୋଜ ଦାସ, ଜ୍ଞାନରଞ୍ଜନ ମହାପାତ୍ର, ସୁଶାନ୍ତ ବିଶୋଇ, ଶୈଳବାଳା ମହାନ୍ତି, ମମତା ଶତପଥି, ସୁଜାତା ସ୍ୱାଇଁ, ସରୋଜ ସେଠୀ, ଅପରାଜିତା ଦାସ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ । ପବିତ୍ର ନାଥ କ୍ରୀଡା ପରିଚାଳନା କରିଥିଲେ । ଅଣଶିକ୍ଷକ କର୍ମଚାରୀ ମହନି ସାମଲ, କିଶୋର ଜେନା, ପ୍ରଦୀପ ମହାନ୍ତି, ତ୍ରିଲୋଚନ ବାରିକ, ଗଗନ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ରାଜନଗର, ୯।୧(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି । ମୁଖ୍ୟଅତିଥି ରୂପେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଣୟ ବେହେରା ଓ ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଅଭିମନ୍ୟୁ ରାଉତ ଯୋଗଦେଇ ଏହି ପ୍ରଶିକ୍ଷଣର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରୋଗ୍ରାମ ସଂଯୋଜିକା ଅଧ୍ୟାପିକା ଡକ୍ଟର ମୁନ୍ମୁନ ଦାସ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପିକା ଶୁଭଦର୍ଶିନୀ ପ୍ରଧାନ ଓ କବିତା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ +୩ ପ୍ରଥମ ବର୍ଷର ୧୬୧ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ମାଷ୍ଟର ଟ୍ରେନର ପ୍ରୀତିପ୍ରଭା ରାଉତ ଓ ଝିଲ୍ଲୀ ଜେନା ପ୍ରଶିକ୍ଷଣ ଦେଉଛନ୍ତି ।

## ଗଙ୍ଗାରାମପୁର ଗୋଦାବରୀଶ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ, ୯।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖୋଲାଯିବାକୁ ଥିବା ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିଡିଓ କନଫରେନ୍ସ ଯୋଗେ ଶିଳାନ୍ୟାସ କରିଛନ୍ତି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଗଙ୍ଗାରାମପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ହୋଇଛି । ଗଙ୍ଗାରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସାଂସଦ ପ୍ରତିନିଧି ସୁନାକାର ବେହେରା, ସରପଞ୍ଚ ସନ୍ତୋଷିନୀ ଜେନା, ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ଜିଲ୍ଲା ଶିକ୍ଷା ବିଭାଗ ବୈଷୟିକ ବିଶାରଦ ନିବେଦିତା ସାହୁ, ବିଆରସିସି ପ୍ରେମବାଳା ମହାପାତ୍ର ଓ ବ୍ଲକ ସହକାରୀ ଶିକ୍ଷା ଅଧିକାରିଣୀ ସୁନିତୀ ଦାଶ, ସିଆରସିସି ମଳୟ ଜେନା, ସଂଘମିତ୍ରା ନାୟକ, ଗଙ୍ଗାରାମପୁର ହାଇସ୍କୁଲ ପରିଚାଳନା କମିଟି ସଭାପତି ବଙ୍ଗାଳି ତରାଇ, ଆଳି ବ୍ଲକ ପ୍ରାକ୍ତନ ବିଆରସିସି ଉଦକର ସାମଲ, ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ପୂର୍ବତନ ସ୍କୁଲ ଏସଆଇ ବିଜୟ ଜେନା, ପୂର୍ବତନ ସିଆଇସିସି ରମେଶ ମହାନ୍ତି ଓ ସଞ୍ଜୟ ପୃଷ୍ଟି, ସମାଜସେବୀ ପ୍ରମୋଦ ଗାହାଣ, ଲୋକନାଥପୁର ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ରଞ୍ଜନ ବେହେରା ସ୍ୱାଗତ ଭାଷଣ ଓ ସନ୍ତୋଷ ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ । ସହକାରୀ ଶିକ୍ଷକ ଅକ୍ଷୟ ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ବ୍ରାହ୍ମଣୀ ମହାବିଦ୍ୟାଳୟରେ ପରିବେଶ ସୁରକ୍ଷା ଅଭିଯାନ




ପଟ୍ଟାମୁଣ୍ଡାଇ, ୯।୧(ସମିସ): ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଦାଣ୍ଡିସାହି ବ୍ରାହ୍ମଣୀ ମହାବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ. ଗୌରୀ ସାମଲଙ୍କ ଦ୍ୱାରା ଉଦଘାଟିତ ଏହି ଅଭିଯାନରେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ସହିତ ସ୍ୱଚ୍ଛତା, ବିଶେଷକରି ପ୍ଲାଷ୍ଟିକ ଦ୍ରବ୍ୟ କିପରି ଆମ ପାଇଁ କ୍ଷତିକାରକ, ସେ ବିଷୟରେ ବ୍ୟାପକ ଆଲୋଚନା ହୋଇଥିଲା । ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ନଟବର ସୂତାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଚିନ୍ମୟ ପ୍ରଧାନ, ଅଧ୍ୟାପକ ମାନସ ନାୟକ, ଅଧ୍ୟାପକ ସତ୍ୟଜିତ ବେହେରା, ଅଧ୍ୟାପକ ମନୋରଞ୍ଜନ ସାହୁ, ଅଧ୍ୟାପକ ଗୌତମ ବେହେରା, ଅଧ୍ୟାପକ ନିରଞ୍ଜନ ବାରିକ ଓ ଅଧ୍ୟାପକ ଜଗନ୍ନାଥ ବେହେରା ପରିବେଶ ଓ ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ରଚନା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା ।

## ଭଉଣୀର ଜୁଇ ଶିତଳାଇବା ବେଳେ ଭାଇର ମୃତ୍ୟୁ

ଡେରାବିଶ, ୯।୧(ସମିସ): ଚାନ୍ଦୋଳ ପଞ୍ଚାୟତରେ ଭଉଣୀ ମୃତ୍ୟୁର ଦିନକ ପରେ ଭାଇର ମୃତ୍ୟୁ ହେବା ଭଳି ଏକ ଦୁଃଖଦ ଘଟଣା ଘଟିଛି । ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ସବିତା ସେଠୀଙ୍କର ବୁଧବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଥିଲା । ଗୁରୁବାର ସକାଳେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା । ଅପରାହ୍ନରେ ମାଲ୍ଲଭାଇ ଜୁଇ ଶିତଳାଇବାକୁ ଯାଇ ଫେରିବା ପରେ ଅସୁସ୍ଥ ଥିବା ସବିତାଙ୍କ ଅବିବାହିତ ବଡ଼ଭାଇ ବାଇଧର ସେଠୀ (୫୫)ଙ୍କ ମୃତ୍ୟୁ ହୋଇଯାଇଥିଲା । ଏଭଳି ଘଟଣା ପରିବାର, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କୁ ଶୋକାବିଭୂତ କରିଦେଇଥିଲା । ଆଜି ପୂର୍ବାହ୍ନରେ ବାଇଧରଙ୍କ ଜୁଇ ଭଉଣୀ ସବିତାଙ୍କ ଜୁଇ ନିକଟରେ କରାଯାଇ ଶେଷକୃତ୍ୟ କରାଯାଇଥିଲା ।

## ଚାନ୍ଦୋଳ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଦେଖିଲେ ଜିଲ୍ଲାପାଳ

ଡେରାବିଶ, ୯।୧(ସମିସ): ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ଚାନ୍ଦୋଳ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଓ ଆବାସ ହିତାଧିକାରୀଙ୍କ ଗୃହ ନିର୍ମାଣର ସ୍ଥିତି ସମ୍ପର୍କରେ ବୁଲି ଦେଖିଛନ୍ତି । ଜିଲ୍ଲାପାଳ ଶ୍ରୀ ଆୟାର ଖରିଦାସାହିର ଅନ୍ତ୍ୟୋଦୟ ହିତାଧିକାରୀ ସଞ୍ଜୟ ଜେନା ଓ ଉମା ମଲିକଙ୍କ ଗୃହ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଦେଖିବା ସହ ଆଲୋଚନା କରିଥିଲେ । ପରେ ବିଧାୟକଙ୍କ ପାଣ୍ଠିରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଚାନ୍ଦୋଳ ବସ୍‌ଷ୍ଟାଣ୍ଡରେ ନିର୍ମିତ ହେଉଥିବା ଶୌଚାଳୟ ବୁଲି ଦେଖିଥିଲେ । ସରପଞ୍ଚ ସୁରେନ୍ଦ୍ର ମଲିକଙ୍କ ଅନୁରୋଧ କ୍ରମରେ ଚାନ୍ଦୋଳ ହାଟର ସ୍ଥିତି ବୁଲି ଦେଖିଥିଲେ । ହାଟରେ ଏକ ଶୌଚାଳୟ ନିର୍ମାଣ କରାଇବା ପାଇଁ ସରପଞ୍ଚ ଅନୁରୋଧ କରିଥିଲେ । ଜିଲ୍ଲାପାଳଙ୍କ ସହିତ ଡେରାବିଶ ବିଡିଓ ନମିତା ବାରିକ, କନିଷ୍ଠ ଯନ୍ତ୍ରୀ ହିମାଂଶୁ ପତି, ଦେବେଶ ବେହେରା, ପଞ୍ଚାୟତ ପିଇଓ ପ୍ରଣବ ଦାଶ, ଏଡିଇଓ କ୍ଷଣପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଲକ୍ଷ୍ମୀଧର ପାତ୍ରଙ୍କ ପରଲୋକ



ପଟ୍ଟାମୁଣ୍ଡାଇ, ୯।୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ବର୍ଷିଆନ ନେତା, ବହୁ ଅନୁଷ୍ଠାନର ପ୍ରତିଷ୍ଠାତା, ବାଟିପଡ଼ା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପାତ୍ରଙ୍କ ଗତକାଲି ବେଲତଳ ବାସଭବନରେ ପରଲୋକ ହୋଇଯାଇଛି । ସେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ବାଚସ୍ପତି ରବି ରାୟଙ୍କ ଘନିଷ୍ଠ ସହଯୋଗୀ ଥିଲେ । ଶିକ୍ଷକନେତା ଭାବେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି, ଅଲେଖ ଜେନା, ବରିଷ୍ଠ ନେତା ନୃସିଂହ ଆଚାର୍ଯ୍ୟ, ବାସୁଦେବ ପାତ୍ର, ବିଜୟ ସ୍ୱାଇଁ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, କେନ୍ଦ୍ରାପଡ଼ା ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ରାଜନଗର ବିଜେପି ନେତା ଲଳିତ ବେହେରା, ଜିଲ୍ଲା ବିଜେପି ଉପସଭାପତ ଭାରତ ଭୂଷଣ ଦାସ, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ଜନମଞ୍ଚ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ ଓ ଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଗୃହସ୍ଥ ସନ୍ନ୍ୟାସୀ ବୁଦ୍ଧଦେବଙ୍କ ପରଲୋକ



ରାଜନଗର, ୯।୧(ସମିସ): ରାଜନଗର ବ୍ଲକ୍ ବେଲପାଳ ଗ୍ରାମର ଗୃହସ୍ଥ ସନ୍ନ୍ୟାସୀ ବୁଦ୍ଧଦେବ ସ୍ୱାଇଁଙ୍କ ପରଲୋକ ହୋଇଯାଇଛି । ସ୍ୱର୍ଗତ ସ୍ୱାଇଁ ବାଲ୍ୟକାଳରୁ ଆଦି ଅନାଦୀ ପରମବ୍ରହ୍ମ ସନାତନ ଧର୍ମୀୟ ଭାବ ଧାରାରେ ନିଜକୁ ସାମିଲ କରି ଦୀକ୍ଷା ଗ୍ରହଣ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ମୁଖଶାଳାରେ ଆଶ୍ରମ ଗଢିଥିଲେ । ଗ୍ରାମର ଯୁବକ ଓ ବୟସ୍କ ଲୋକଙ୍କୁ ଏହି ଆଧ୍ୟାତ୍ମିକ ଭାବ ଧାରାରେ ସାମିଲ କରିଥିଲେ । ତାଙ୍କ ମରଶରୀରକୁ ସାଧୁସନ୍ଥ ପରମ୍ପରା ଅନୁଯାୟୀ ଗ୍ରାମ ପରିକ୍ରମା କରାଇବା ପରେ ନିଜ ଜନ୍ମମାଟିରେ ସମାଧିସ୍ଥ କରାଯାଇଥିଲା । ସମାଧି ସ୍ଥଳରେ ବୈଷ୍ଣବ ଧର୍ମୀୟଭକ୍ତ ନାମ ସଂକୀର୍ତ୍ତନ କରିଥିବାବେଳେ ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପ୍ରାକ୍ତନ ସରପଞ୍ଚ ପତିତପାବନ ପଣ୍ଡା, ବାଇଧର ସ୍ୱାଇଁ, ସୁଧାକର ପଣ୍ଡା, ଅଧିକାରୀ ସ୍ୱାଇଁ, ଆଡଭୋକେଟ ନଳିନୀକାନ୍ତ ମଙ୍ଗରାଜ, ସାମ୍ବାଦିକ ଭାସ୍କର ରାଉତରାୟ, ବସନ୍ତ ହାତି, ସୂର୍ଯ୍ୟନାରାୟଣ ଲେଙ୍କା, ଜଗନ୍ନାଥ ଦାସ, ଅଲେଖ ପରିଡା, ବିଜୟ ଗୁପ୍ତା, ଅଭିରାମ ଦାସ, ଦୋଳଗୋବିନ୍ଦ ଜେନା, ତ୍ରିଲୋଚନ ଦାସ, କୃତ୍ତିବାସ ପ୍ରଧାନ, ନିରଞ୍ଜନ ରାଉତ, ତାପସ ପରିଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ




କେନ୍ଦ୍ରାପଡ଼ା/ଡେରାବିଶ, ୯।୧(ସମିସ): ଜମଧର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆଜି ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟିତ ହୋଇଛି । ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାପାଳ ସରକାରୀ ନିୟମ ଅନୁଯାୟୀ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ ନିର୍ଦ୍ଧାରିତ ସମୟରେ ଶୃଙ୍ଖଳିତ ଭାବେ କ୍ରୟ କରିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଯୋଗାଣ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ଥିରୀକୃତ ନିୟମାବଳୀ ବିଷୟରେ ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତି ଉପନିବନ୍ଧକ ପ୍ରଭାକର ନାୟକ, ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା, ବିକ୍ରମ ରାଉତରାୟ, ଆରଏମସି ଉପସଭାପତି ବିଜୟ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଜମଧର ପାକ୍ସ ସମ୍ପାଦକ ବୈରାଗୀ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର ପାଗଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଚାଷୀ ସଂଘ ସଭାପତି ଶରତ ମିଶ୍ର ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ଯୋଗ ଦେଇଥିଲେ । ଜମଧର ପ୍ରାଥମିକ କୃଷି ସମବାୟ ସମିତି ଲିଃ ସଭାପତି ଧରଣୀଧର ଦାସ ସଭାପତିତ୍ୱ କରିଥିବାବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର ମହାନ୍ତି ସଭା ପରିଚାଳନା କରିଥିଲେ । ସମବାୟ ସମିତି ପରିଚାଳନା ପରିଷଦ ସଭାନେତ୍ରୀ ମମତା ପ୍ରଧାନ, କୈଳାସ ଦାସ, ବସନ୍ତ ଜେନା, ଅମୀୟ ମଲିକ, ଅକ୍ଷୟ ବାରିକ, ନମିତା ଦାସ, କୃଷ୍ଣଚନ୍ଦ୍ର ଦାସ, ଗୀତାଞ୍ଜଳି ବେହେରା, ଅଭିନାଶ ବାରିକ, ସଂଗ୍ରାମ ସାମଲ ପ୍ରମୁଖ ସହଯୋଗ କରିଥିଲେ । ଅଭିମନ୍ୟୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୯।୧(ସମିସ)



ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ସକାଳ ୮.୩୦ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ । ରାମଧୂନ ପରିବେଷଣ, ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି ସମେତ ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜେଲ୍‌ରେ ମୁଖ୍ୟଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯିବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ସଚ୍ଚିଦାନନ୍ଦ ମିଶ୍ର, ଡିଏସପି ଡିଆଇବି ଲକ୍ଷ୍ମୀନାରାୟଣ ତିୱାରୀ, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।

# ଶ୍ରୀକ୍ଷେତ୍ର ସିଟି

୯/୧/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୫୬,୦୩୧/- ସୁନା: ୦୦.୭୫୦ ଗ୍ରାମ୍ ରୁପା: ୧୫୬.୫୦୦ ଗ୍ରାମ୍





### ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ

# ଦିନ ଗଡୁଛି, ବିଶ୍ୱାସ ଭାଙ୍ଗୁଛି



ପୁରୀ,୯।୧(ସମିସ): ସୁବିଧାରେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ପୁରୀ ସହରବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଦାବି ହୋଇଆସୁଛି। ଏହି ଦାବିର ବି ପ୍ରାସଙ୍ଗିକତା ରହିଛି। କାରଣ ସବୁ ସମୟରେ ପ୍ରଶାସନର ନିଷ୍ପତ୍ତିକୁ ସମ୍ମାନ ଦେଇ ଆସିଛନ୍ତି ପୁରୀବାସୀ। ଭକ୍ତ, ପର୍ଯ୍ୟଟକଙ୍କ ସୁବିଧା ପାଇଁ ବହୁ ସମୟରେ ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ହେଲେ ଅତିଥି ଦେବୋ ଭବ ନୀତିକୁ ଆପଣାଇ ପ୍ରଶାସନର ସବୁ କଟକଣାକୁ ମାନି ନେଉଛନ୍ତି। କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରବେଶ ପାଇଁ ଯେଉଁଭଳି କଟକଣା କରାଯାଇଛି ତାହା ବିଶେଷକରି ପୁରୀବାସୀଙ୍କୁ ଅଧିକ କଷ୍ଟ ଦେଉଛି। ତେଣୁ ସେମାନଙ୍କ ମନ୍ଦିର ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ମଞ୍ଚ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ଦାବିର ପ୍ରାସଙ୍ଗିକତା ଜଣାଇଥିବାବେଳେ ମୁଖ୍ୟମନ୍ତ୍ରୀ ମଧ୍ୟ ସକାରାତ୍ମକ ଆଭିମୁଖ୍ୟ ରଖି ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏପରିକି ଆଇନମନ୍ତ୍ରୀ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦିନ ଗଡ଼ିଚାଲିଛି। ନୂଆବର୍ଷ ସରିଗଲାଣି। ପ୍ରଶାସନ ଆଗରେ ଥିବା ଏହି ମୁଖ୍ୟ ପ୍ରତିବନ୍ଧକ ଦୂରେଇ ଗଲାଣି। ଏ ନେଇ କୌଣସି ଚୂଡ଼ାନ୍ତ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାବେଳେ ନିଷ୍ପତ୍ତିକୁ ଚାହିଁ ରହିଛନ୍ତି ସହରବାସୀ। ଦିନ ଯେତେ ଗଡୁଛି ସରକାର ଦେଇଥିବା ପ୍ରତିଶ୍ରୁତି ଉପରେ ପୁରୀବାସୀଙ୍କ ବିଶ୍ୱାସ ସେତେ ଭାଙ୍ଗୁଛି।

ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉନାହାନ୍ତି। ସମୟ ଥିଲା ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ସେବନ କରିବା ସହ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ପ୍ରଶାସନିକ କଟକଣାରେ ରୁନ୍ଧି ହୋଇଯାଉଛନ୍ତି ପୁରୀ ସହରବାସୀ। ହେଲେ କଟକଣା ଲଗାଉଥିବା ବାବୁମାନେ ଜାଣିବା ଦରକାର ପୁରୀବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତଃପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତ ସ୍ୱପ୍ନ ପାଲଟି ଯାଇଛି। ଅନ୍ୟମାନେ ଇଚ୍ଛା କଲେ ବି ଘଣ୍ଟା ଘଣ୍ଟା ଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ମନ୍ଦିରକୁ ଯିବାକୁ ହେଲେ ସେମାନଙ୍କୁ ଭାବିବାକୁ ପଡୁଛି। ତେଣୁ ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀ ସହରବାସୀ।

ପୁରୀବାସୀଙ୍କ ଏହି ଦାବି ବିଧାନସଭାଠାରୁ ଆରମ୍ଭ କରି ରାଜ୍ୟ ସଭାରେ ବି ଉଠିଛି। ଏଥିପାଇଁ ଗଠିତ ମଞ୍ଚର ପ୍ରତିନିଧି ଗତମାସ ୧୦ ତାରିଖରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବି ଜଣାଇଥିଲେ। ଆଇନମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାପରେ ଗତ ମାସ ୧୮ ତାରିଖରେ ମଞ୍ଚର ପ୍ରତିନିଧି ଭୁବନେଶ୍ୱର ଯାଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପି ମଧ୍ୟ ଉପସ୍ଥିତ ଥିଲେ। ଆଇନମନ୍ତ୍ରୀ କହିଥିଲେ ଯେ, ଖୁବ୍‌ଶୀଘ୍ର ଆଉଥରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ସହ ବିଶଦ ଆଲୋଚନା ହେବ। ନୂଆବର୍ଷ ଉପଲକ୍ଷେ ଲକ୍ଷ ଲକ୍ଷ ଭକ୍ତ, ପର୍ଯ୍ୟଟକ ପୁରୀ ଆସିବେ। ନୂଆବର୍ଷ ପରେ ଖୁବ୍‌ଶୀଘ୍ର ପୁରୀବାସୀଙ୍କ ପାଇଁ ବ୍ୟବସ୍ଥା କରାଯିବ। ଇତିମଧ୍ୟରେ ଜାନୁଆରୀ ପ୍ରଥମ ସପ୍ତାହ ଯାଇ ୧୦ ତାରିଖ ହେଲାଣି। ଏ ପର୍ଯ୍ୟନ୍ତ କିଛି ବ୍ୟବସ୍ଥା ହେଲା ନାହିଁ। କିନ୍ତୁ ଭିଭିଆଇପିଙ୍କୁ କିପରି ପ୍ରୋଟୋକଲ ଦର୍ଶନ ମିଳିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ଗୋଟିଏ ଦିନରେ ବୈଠକ ଡାକି ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏସ୍‌ଓପି ପ୍ରସ୍ତୁତ କରିବାକୁ କହିପାରୁଛି। ଅଥଚ ପୁରୀବାସୀଙ୍କ ଦୀର୍ଘମାସର ଦାବି ପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ସ୍ୱତନ୍ତ୍ର ଦର୍ଶନ ନେଇ ସରକାର ପୁରୀବାସୀଙ୍କୁ ଦେଇଥିବା ଭରସା ଓ ବିଶ୍ୱାସ ଧୀରେ ଧୀରେ ଭାଙ୍ଗିବାରେ ଲାଗିଛି।

# ବସନ୍ତ ପଞ୍ଚମୀରେ ଖୋଲିବ ଗୁଣ୍ଡିଚା ମନ୍ଦିର !

ପୁରୀ, ୯।୧ (ସମିସ): ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ମାଗଣାରେ ଜୋତାଷ୍ଟାଣ୍ଡ ସହିତ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ। କିନ୍ତୁ ପ୍ରବେଶ ଦେୟ ଜଣ ପିଛା ୧୦ ଟଙ୍କା ରହିବ। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କ ପାଇଁ ପ୍ରବେଶ ଦେୟମୁକ୍ତ ରହିବ। ତେବେ ବସନ୍ତ ପଞ୍ଚମୀରେ ଖୋଲିପାରେ ଗୁଣ୍ଡିଚା ମନ୍ଦିର। ମନ୍ଦିର ଖୋଲିବା ପରେ ପ୍ରଥମ ତିନିଦିନ ନିଃଶୁଳ୍କରେ ପ୍ରବେଶ କରିବେ ଭକ୍ତ। ସେହିପରି ଏପ୍ରିଲ୍ ୨୦୨୬ ମଧ୍ୟରେ ଶ୍ରୀମନ୍ଦିର ସହିତ ଜଡ଼ିତ ସମସ୍ତ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଓବିସିସିକୁ ନିର୍ଦ୍ଦେଶ ଦିଆଯାଇଛି। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଦର୍ଶନ ବ୍ୟବସ୍ଥା ସୁଗମ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଠାକୁରଙ୍କ ନୀତିକାନ୍ତିରେ ଯେଭଳି କୌଣସି ଅସୁବିଧା ନ ହେବ ତାକୁ ନେଇ ଗୁରୁତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇଛନ୍ତି।

ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି। ଆଗାମୀ ରଥଯାତ୍ରା ଅବସରରେ ରଥ ନିର୍ମାଣ ପାଇଁ ଆବଶ୍ୟକ ଥିବା ରଥ କାଠକୁ ନେଇ ବୈଠକରେ ଆଲୋଚନା ହୋଇଛି। ରଥ ନିର୍ମାଣ ପାଇଁ ସମସ୍ତ କାଠ କିଭଳି ଠିକ୍ ସମୟରେ ପହଞ୍ଚି ପାରିବ ସେ ନେଇ ଗୁରୁତ୍ୱ ଦିଆଯାଇଛି। ରଥ ସଂହିତା ଅନୁଯାୟୀ ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକତା ହୋଇଥାଏ। ଗତବର୍ଷ ୪୭ ଖଣ୍ଡ କାଠ ବଳକା ରହିଛି। ଏ ବର୍ଷ ୮୧୮ ଖଣ୍ଡ କାଠ ଆସିବ। ଏଥିମଧ୍ୟରୁ ଶ' ମିଲ୍‌କୁ ୪୦୨ ଏବଂ ରଥଖଳାକୁ ୪୧୬ ଖଣ୍ଡ କାଠ ଅଣାଯିବ। ନିର୍ଦ୍ଦିଷ୍ଟ ସମୟରେ କାଠ ଯୋଗାଇଦେବା ପାଇଁ ଡିଏଫ୍‌ଓମାନଙ୍କୁ କୁହାଯାଇଛି। ଏଥର ନୂଆ ଚାରମାଳ ତିଆରି କରାଯିବ। ଉଭୟ ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିରରେ ଗୋଟିଏ ଲେଖାଏଁ ସେଟ୍ ରଖାଯିବ। ଏଥିପାଇଁ ଆବଶ୍ୟକ ତାଳ କାଠ ବନ ବିଭାଗ ଯୋଗାଇଦେବେ। ସେହିପରି ରତ୍ନ ଅଳଙ୍କାର ଗଣତିମଣତି ପାଇଁ ଏସ୍‌ଓପି ବା ବ୍ୟବସ୍ଥାବଳୀ ଚୂଡ଼ାନ୍ତ ହେବାକୁ ଯାଉଛି। ଏହି ଗଣତିମଣତି ନେଇ ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜରୁରୀ ବୈଠକ ଡକାଯାଇଛି। ଏଥିରେ ପ୍ରସ୍ତୁତ ଏସ୍‌ଓପି ଚୂଡ଼ାନ୍ତ ନେଇ ଆଲୋଚନା କରାଯିବ। ସେହିପରି ବୈଠକରେ ଶ୍ରୀମନ୍ଦିରର ୨୦୨୬-୨୭ ବଜେଟ୍ ନେଇ ଆଲୋଚନା ହୋଇଛି। ପ୍ରସ୍ତୁତ ବଜେଟ୍ ପରିଚାଳନା କମିଟି ବୈଠକରେ ଉପସ୍ଥାପନ ପରେ ରାଜ୍ୟ ସରକାରଙ୍କୁ ପଠାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଯେଉଁସବୁ ରାଜସ୍ୱ ଜମି ରହିଛି ତାହାର କିପରି ସୁରକ୍ଷା ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା ହୋଇଛି। ଖଣି ଓ ସୈରାତର ନିଲାମ ସଂକ୍ରାନ୍ତରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।



- ଏଥର ଦୁଇ ସେଟ୍ ରଥ ଚାରମାଳ ନିର୍ମାଣ ହେବ
- ୧୭ରେ ରତ୍ନଅଳଙ୍କାର ଗଣତିମଣତି ଏସ୍‌ଓପି ପାଇଁ ଚୂଡ଼ାନ୍ତ ବୈଠକ

## ୨୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ବେପାରୀ ଗିରଫ

ପୁରୀ,୯।୧(ସମିସ): ପୁରୀରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଅବକାରୀ ବିଭାଗ ଏବଂ ପୁଲିସ ମଧ୍ୟ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ବାନ୍ଧୁଛନ୍ତି। ଏହାସତ୍ତ୍ୱେ ଏହି ବେଆଇନ କାରବାର ଉପରେ ରୋକ୍ ଲାଗିପାରୁ ନାହିଁ। ଶୁକ୍ରବାର ଟାଉନ ଥାନା ପୁଲିସ ୨୦.୦୮ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ବେପାରୀକୁ ମଧ୍ୟ ଗିରଫ କରିଛି। ଅଭିଯୁକ୍ତ ହେଉଛି ଗୁଡ଼ିଆସାହି ବେଙ୍ଗପାଣିଆ ଲେନ୍‌ର କ୍ଷେତ୍ରମୋହନ ସୁବୁଦ୍ଧି। ପୁଲିସ ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟା ୪୫ରେ ଜଣେ ବ୍ୟକ୍ତି ବାଲିସାହି ଲୁହାଗଡ଼ ଜାଗାରେ ଧଳାଜହର ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ଚଢ଼ଉ କରି ଅଭିଯୁକ୍ତ କ୍ଷେତ୍ରମୋହନକୁ କାବୁ କରିଥିଲେ। ଯାଞ୍ଚବେଳେ ତାଙ୍କ ନିକଟରୁ ୨୦.୦୮ ଗ୍ରାମ୍ ବ୍ରାଉନ୍‌ସୁଗର, ୬୦୦ ଟଙ୍କା, ଗୋଟିଏ ମୋବାଇଲ ଫୋନ ଜବତ କରିଥିଲା ପୁଲିସ। ଏ ନେଇ ଥାନରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୬/୨୬) ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

- ମରଣାନ୍ତକ ଆକ୍ରମଣ ମାମଲା

## ଅଭିଯୁକ୍ତକୁ ୩ ବର୍ଷ ଜେଲ୍

ପୁରୀ,୯।୧(ସମିସ): ପୁରୀ ଜିଲ୍ଲାରେ ଅପରାଧ ବିରୋଧରେ ପୁରୀ ପୁଲିସର ଦୃଢ଼ ଓ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନର ପରିଣାମ ସ୍ୱରୂପ ଚଳିତ ମାସରେ ପୁଣି ଜଣେ ଅଭିଯୁକ୍ତକୁ ଦଣ୍ଡାଦେଶ ଦିଆଯାଇଛି। ଶୁକ୍ରବାର ଏକ ମରଣାନ୍ତକ ଆକ୍ରମଣ ମାମଲାର ଶୁଣାଣି କରି ସିଜିଏମ୍ ଶୁଶାନ୍ତ କୁମାର ମିଶ୍ର ଅଭିଯୁକ୍ତ ମହମ୍ମଦ ଗଫ୍ରାନ୍ ଖାନ୍‌କୁ ଦୋଷୀ ସାବ୍ୟସ୍ତ କରି କଠୋର ଦଣ୍ଡ ଦେଇଛନ୍ତି। କୋର୍ଟ ରାୟ ଅନୁସାରେ ଅଭିଯୁକ୍ତକୁ ଭାରତୀୟ ଦଣ୍ଡବିଧି ଆଇନର ୩୦୭ ଧାରା ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଅର୍ଥଦଣ୍ଡ ଦିଆଯାଇଛି। ଏହି ମାମଲାଟି ଏସ୍‌ଟି କେସ୍ ନଂ. ୫୬/୧୪୭/୨୦୨୪ ଭାବେ ରୁଜୁ ହୋଇଥିଲା। ଏହି ଘଟଣା ସମ୍ପର୍କରେ ସମୁଦ୍ରକୂଳ ଥାନାରେ ଏକ ମାମଲା (ନଂ.୨୮୩/୨୦୨୩) ରୁଜୁ କରାଯାଇଥିଲା। ତଦନ୍ତ ପରେ ପୁରୀ ପୁଲିସ ଦ୍ୱାରା ଦୃଢ଼ ସାକ୍ଷ୍ୟ ଓ ପ୍ରମାଣ ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଅଭିଯୋଗ ପକ୍ଷ ଦ୍ୱାରା ଦିଆଯାଇଥିବା ସାକ୍ଷ୍ୟ ଓ ପ୍ରମାଣକୁ ଗୁରୁତ୍ୱ ଦେଇ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପୁରୀ ପୁଲିସ ପକ୍ଷରୁ ଅଭିଯୋଜନ ଟିମ୍ ଓ ସମସ୍ତ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କୁ ଧନ୍ୟବାଦ ଦିଆଯାଇଛି। ଆଗାମୀ ଦିନରେ ମଧ୍ୟ ଅପରାଧ ବିରୋଧରେ ପୁରୀ ପୁଲିସର କଠୋର ପଦକ୍ଷେପ ଜାରି ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ପୁରୀ ପୁଲିସର ସାପ୍ତାହିକ ପରେଡ୍

ପୁରୀ,୯।୧(ସମିସ): ରିଜର୍ଭ ପୁଲିସ ଲାଇନ୍‌ରେ ଶୁକ୍ରବାର ପୁରୀ ପୁଲିସର ସାପ୍ତାହିକ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂ ଏହି ସାପ୍ତାହିକ ପରେଡ୍‌ର ସମୀକ୍ଷା କରିଥିଲେ। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିସ୍ ଅନଖା କେ. ବିଜୟା, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀର କାମାଣ୍ଡାଣ୍ଟ ତାପସ ଦାସ, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ ଓ ସୌମ୍ୟ ରଞ୍ଜନ ମଲ୍ଲିକ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ବାସୁଦେବ ପଣ୍ଡାଙ୍କ ସହିତ ସମସ୍ତ ଡିଏସ୍‌ପି ଓ ସବୁ ସିଟି ସବ୍‌ଡିଭିଜନର ଆଇଆଇସି ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ଥାନା ଓ ୟୁନିଟ୍‌ରୁ ପୁଲିସ ଅଧିକାରୀ ଓ କର୍ମଚାରୀ ଏହି ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏସ୍‌ପି ପୁଲିସ ବଳର ଡ୍ରିଲ୍, ଶାରୀରିକ ଫିଟ୍‌ନେସ୍, ୟୁନିଫର୍ମ, ଅସ୍ତ୍ରଶସ୍ତ୍ରର ରକ୍ଷା ଓ ରଖା ସାମଗ୍ରିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ପୁଲିସ କର୍ମଚାରୀଙ୍କ ଶୃଙ୍ଖଳା, ଶାରୀରିକ ସକ୍ଷମତା ଓ ପେସାଗତ ଦକ୍ଷତାକୁ ଆହୁରି ମଜଭୁତ କରିବା ଏହାର ଉଦ୍ଦେଶ୍ୟ ରହିଥିଲା। ଏସ୍‌ପି ଶ୍ରୀ ସିଂ ପରେଡ୍ ପରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧନ କରି ଲୋକମୁଖୀ ପୁଲିସିଂ, ଶିଷ୍ଟାଚାର, ନିଷ୍ଠା ଓ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସାଧାରଣ ଜନତାଙ୍କ ସୁରକ୍ଷା, ସହଯୋଗ ଓ ବିଶ୍ୱାସ ଅର୍ଜନ କରିବା ପୁଲିସର ମୂଳ କର୍ତ୍ତବ୍ୟ ବୋଲି କହିଥିଲେ। ସାପ୍ତାହିକ ପରେଡ୍ ଅବସରରେ ଭଲ କାମ କରୁଥିବା କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ସହିତ ଶିଷ୍ଟାଚାର, ସମୟନିଷ୍ଠା ଓ ପେସାଗତ ଆଚରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୁଲିସ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି ସାପ୍ତାହିକ ପରେଡ୍, ସମୀକ୍ଷା ଓ ମୋଟିଭେସନାଲ୍ କାର୍ଯ୍ୟକ୍ରମ ମାଧ୍ୟମରେ ପୁଲିସ ବଳର କ୍ଷମତା ବୃଦ୍ଧି ଓ ସାଧାରଣ ଲୋକଙ୍କ ସେବାକୁ ଆହୁରି ସୁଦୃଢ଼ କରାଯିବ।

## ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ

ପୁରୀ,୯।୧(ସମିସ): 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ' ପକ୍ଷରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସଭାମଞ୍ଚରେ ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ବିଶିଷ୍ଟ ପ୍ରାବନ୍ଧିକ ପ୍ର. ଅଦୈତ ଚରଣ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ପ୍ର. ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟର ଶ୍ରେଷ୍ଠ ପୁରସ୍କାର ହିଁ ଉତ୍ତମ ପୁସ୍ତକ ଅଧ୍ୟୟନ ଓ ମନନରେ ଅଛି। ସହୃଦୟ ହେଉଛି ସେମାନଙ୍କ ଶ୍ରେଷ୍ଠ ବିଚାରକ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ବିଜ୍ଞାନ ବିଶାରଦ ଡ. କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇ ଜ୍ଞାନ, ବିଜ୍ଞାନ ଓ ପ୍ରଜ୍ଞାନ ସମସ୍ତ ରଚନା ବେଦ, ଉପନିଷଦ ଓ ପୁରାଣରେ ସର୍ଜନା ହୋଇଛି। ତା'ର ସରଳ କରି ଭାବନାର ପ୍ରଭାବ ଯୁବପିଢ଼ି ପାଇଁ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

ପ୍ର. ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କବି ଅଜୟ ପ୍ରଧାନଙ୍କ କବିତା ସଂକଳନ 'ଜୀବନ ସାଢ଼େ ତିନି ଅକ୍ଷର' ଲୋକାର୍ପିତ ହୋଇଥିଲା। ସାଧାରଣ ସମ୍ପାଦକ ତଥା ଶିଶୁ ସାହିତ୍ୟିକ ସତ୍ୟ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷା ପ୍ରଶାସିକା ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ସୌମ୍ୟରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କବି ଶ୍ୟାମ ପ୍ରକାଶ ସେନାପତି ଓ କମଳ କୁମାର ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। କବି କ୍ରିଷ୍ଣା ମହାପାତ୍ର ଓ ମନ୍ଦାକିନୀ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ୪୦ ଜଣ କବି ସ୍ୱରଚିତ କବିତାପାଠ କରିଥିଲେ।

### ବେଆଇନ ବାଲି ଉଠାଣ

## ୫ ଟ୍ରାକ୍ଟର, ଜେସିବି ଓ ୨ ହାଇୱା ଜବତ

ପୁରୀ,୯।୧(ସମିସ): ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବାଧ ବାଲି ଉଠାଣ ବିରୋଧରେ ବିଶେଷ ଅଭିଯାନ ଚାଲିଛି। ବେଆଇନ ଭାବେ ବାଲି ଉଠାଯାଉଥିବା ସୂଚନା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅବାଧ ବାଲି ଉଠାଣରେ ଲିପ୍ତ ଥିବା ୫ଟି ଟ୍ରାକ୍ଟର, ଗୋଟିଏ ଜେସିବି ଏବଂ ବାଲି ଭର୍ତ୍ତି ୨ଟି ହାଇୱା ଚନ୍ଦନପୁର ଥାନା ପୁଲିସ ଜବତ କରିଛି। ଏଥିସହିତ ଏହି ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଚନ୍ଦନପୁର ଥାନାରେ ଅଟକ ରଖାଯାଇଛି। ଏ ସମ୍ପର୍କରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପରିବେଶ ସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଅବାଧ ବାଲି ଉଠାଣ ବିରୋଧରେ ପୁରୀ ପୁଲିସ ଆଗାମୀ ଦିନରେ ମଧ୍ୟ ଏପରି କଡ଼ା ଅଭିଯାନ ଜାରି ରଖିବ। ସାଧାରଣ ଜନତାଙ୍କୁ ଅନୁରୋଧ, ଅବାଧ ବାଲି ଉଠାଣ ସମ୍ପର୍କରେ କୌଣସି ସୂଚନା ମିଳିଲେ ତୁରନ୍ତ ସ୍ଥାନୀୟ ପୁଲିସ କିମ୍ବା ୧୧୨ ନମ୍ବରରେ ସୂଚନା ଦେବାକୁ କୁହାଯାଇଛି।

### ବେହେରଣ ଦ୍ୱାରରେ ଖଙ୍କାର

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୯।୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ବେହେରଣ ଦ୍ୱାର ଭିତର ପଟେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଶୁକ୍ରବାର ସକାଳ ୬ଟା ୫ରେ ଦ୍ୱାର ଫିଟିଥିଲା। ୭ଟାରେ ମଙ୍ଗଳ ଆଳତି ପରେ ମଇଲମ, ରୋଷହୋମ ପରେ ସକାଳ ୭ଟା ୨୫ରେ ତଡ଼ପଲାଗି ସରିଥିଲା। ଏହି ସମୟରେ ବେହେରଣ ଦ୍ୱାର ଭିତର ପଟେ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସକାଳ ୮ଟା ୫୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୮ଟା ୫୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକା ଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର



ପୁରୀ,୯।୧(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର 'ଓଡ଼ିଆ ଅସ୍ମିତା ଓ ସାମ୍ପ୍ରତିକ ସ୍ଥିତିରେ ଆମ ଭାଷା ସାହିତ୍ୟ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଦୀପ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ବିଜୟ କୁମାର ଶତପଥୀ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା, ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ନିକେତନର ପ୍ରଫେସର ରବୀନ୍ଦ୍ର କୁମାର ଦାସ, ଏସ୍‌ସିଏସ୍ କଲେଜ ପୁରୀର ପ୍ରାକ୍ତନ ପ୍ରଫେସର ରଞ୍ଜିତ କୁମାର ପରିଡ଼ା, ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ଡ. ନେତ୍ରାନନ୍ଦ ଦାସ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଅସ୍ମିତା ହେଉଛି ଆମ ପରିଚୟ। ଜାତୀୟତାବୋଧର ପ୍ରତୀକ। ସାରଳା ଦାସଙ୍କଠୁ ନେଇ ଫକୀରମୋହନ ସେନାପତିଙ୍କ ପର୍ଯ୍ୟନ୍ତ ସ୍ରଷ୍ଟାମାନେ ଆମ ଭାଷା ଅସ୍ମିତାକୁ ପରିପୁଷ୍ଟ କରିଆସିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ।

ବିଭାଗର ଅଧ୍ୟାପିକା ସୁକାନ୍ତି ମହାନ୍ତି, ପ୍ରଭାସିନୀ ପ୍ରଧାନ, ପୁଷ୍ପମଞ୍ଜରୀ ଓଝା, ପଙ୍କଜିନୀ ପଣ୍ଡା, ବିଜୟଲକ୍ଷ୍ମୀ ମହାରଣା, ଅଧ୍ୟାପକ ରଶ୍ମିକାନ୍ତ ସେଠୀ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ଡ. ବିଭୁପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ।

### ବରିଷ୍ଠ ନାଗରିକ ସମ୍ମିଳନୀ

## ଏସ୍‌ପିଙ୍କୁ ମନର କଥା କହିଲେ, ସମାଧାନ ଆଶା ରଖିଲେ




ପୁରୀ,୯।୧(ସମିସ): ସେମାନେ ପରିଣତ ବୟସରେ ପହଞ୍ଚିଲେଣି। ଆଉ ଦେହରେ ସେମିତି ଜୁ ନାହିଁ ଯେ, ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟକୁ ଦୌଡ଼ି ନିଜର ଅସୁବିଧା ଜଣାଇବେ। ଏମିତି ବି ଅଭିଯୋଗ କଲେ ଶୁଣୁଛି ବା କିଏ? ଉତ୍ତର ବା ସମାଧାନ ଆଶା କରିବା ବି ବୃଥା। ଏଭଳି ବାସ୍ତବତାକୁ ଅଙ୍ଗେ ନିଭାଇଥିବା ଅନେକ ବରିଷ୍ଠ ନାଗରିକ ଆଜି ଅସହାୟ ହୋଇପଡ଼ିଛନ୍ତି। କାହାର ପିଲାମାନେ ବାହାରେ ତ ଆଉ କିଏ ନିଃସଙ୍ଗ ଜୀବନ ଜୀଉଁଛନ୍ତି। ତେଣୁ ସେମାନେ ନିଜେ ସମ୍ମୁଖୀନ ହେଉଥିବା ଅସୁବିଧା ଏପରିକି ସମାଜ ପାଇଁ ଭଲ ଚିନ୍ତା କରୁଥିବା ପ୍ରସଙ୍ଗ ଜଣାଇବେ କାହାକୁ? ଏଭଳି ଚିନ୍ତାଧାରାରେ ରହୁଥିବା ଅନେକ ବରିଷ୍ଠ ନାଗରିକଙ୍କ ପାଇଁ ପୁରୀ ପୁଲିସ ଆଣିଦେଇଥିଲା ଏକ ଭଲ ପ୍ଲାଟ୍‌ଫର୍ମ। ଯେଉଁଠି ଏସ୍‌ପିଙ୍କ ଆଗରେ ଦୁଃଖ ବଖାଣିବାର ସୁଯୋଗ ପାଇଥିଲେ ବରିଷ୍ଠ ନାଗରିକ। ଶୁକ୍ରବାର ରିଜର୍ଭ ପୁଲିସ୍ ଲାଇନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା ବରିଷ୍ଠ ନାଗରିକ ସମ୍ମିଳନୀ। ଏଥିରେ ବରିଷ୍ଠ ନାଗରିକମାନେ ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଥିଲେ। ମହାପ୍ରଭୁଙ୍କ ପାଖରେ ରହୁଛୁ, ଅଥଚ ଲମ୍ବା ଧାଡ଼ି ଦେଖି ଦର୍ଶନ ପାଇଁ ସାହସ ଜୁଟାଇ ପାରୁନାହୁଁ। ସହରର ଟ୍ରାଫିକ୍ ସମସ୍ୟା ଅତିଷ୍ଠ ହେଲାଣି। ପାର୍କିଂ ଯୋଗୁଁ ବଡ଼ଦାଣ୍ଡ ଅବରୋଧ ରହୁଥିବାରୁ ଦୁର୍ଘଟଣା ଘଟୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ବରିଷ୍ଠଙ୍କ ଉଦ୍ଦେଶ୍ୟରେ ବ୍ୟାଟେରି ଅଟୋ ମହଜୁଦ୍ ରହିଛି, କିନ୍ତୁ ବୁହା ହେଉଛନ୍ତି ଭିଆଇପି। ଏମିତି ମାଳମାଳ ବାସ୍ତବ ସମସ୍ୟାକୁ ବଖାଣିଥିଲେ ପୁରୀ ସହରର ବରିଷ୍ଠ ନାଗରିକ।

ବିଶେଷକରି ନବକଳେବର ରୋଡ୍‌ରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟା ଅସମ୍ଭାଳ ହୋଇପଡୁଛି। କେତେବେଳେ ସ୍ଥିତି ଏମିତି ହେଉଛି ଚାଲିକରି ଯିବା ମଧ୍ୟ ବପଜ୍ଜନକ ହେଉଛି। ଅନ୍ତତଃ ବସ୍‌ଗୁଡ଼ିକୁ ଅନ୍ୟ ରୁଟ୍‌ରେ ଯାତାୟାତ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଏସ୍‌ପିଙ୍କୁ ଜଣେ ବରିଷ୍ଠ ନାଗରିକ ଅନୁରୋଧ କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ଅଧିକାଂଶ ସମର୍ଥ ନୁହନ୍ତି। ଅନ୍ତତଃ ଦର୍ଶନ ପାଇଁ ସ୍ୱତନ୍ତ୍ର ପ୍ରବେଶ ସୁବିଧା ଦିଆଯାଉ। ପୂର୍ବ ସରକାର ପଶ୍ଚିମ ଦ୍ୱାର ବାଟେ ବରିଷ୍ଠଙ୍କ ପ୍ରବେଶ ସୁବିଧା କରିଥିଲେ। ଏହାକୁ ପୁନଃ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ। ଏସ୍‌ପି ପ୍ରତୀକ ସିଂ ସମସ୍ୟା ଶୁଣିବା ପରେ କହିଥିଲେ, ଯଦି ଆପଣମାନେ ଦିନରାତି କେତେବେଳେ ବି କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତୁରନ୍ତ ୧୧୨ରେ ଅଭିଯୋଗ କରନ୍ତୁ। ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବୁ। ପ୍ରତିଦିନ ପ୍ରତି ସମୟରେ ପୁଲିସ୍ ସେବା ଯୋଗାଇବାକୁ ପ୍ରସ୍ତୁତ ଅଛି ବୋଲି କହିବା ସହ ସାଇବର ଠକେଇ, ଅନ୍‌ଲାଇନ୍ ଫ୍ରଡ୍, ଫେକ୍ କଲ୍, ଓଟିପି ଠକେଇ, କେୱାଇସି ଅପ୍‌ଡେଟ୍ ନାମରେ ଠକେଇ ପ୍ରତି ସତର୍କ ରହିବାକୁ କହିଥିଲେ। କିଛି ବ୍ୟକ୍ତିବିଶେଷଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଅତରିକ୍ତ ଆରକ୍ଷୀ ଅଧୀକ୍ଷକ ମିସ୍ ଅନଖା କେ. ବିଜୟା, ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, କମାଣ୍ଡାଣ୍ଟ ତାପସ ଦାସ, ତାରା ଜସ୍ମିନ ଗୁରୁଆ, ସମସ୍ତ ଡିଏସ୍‌ପି, ଥାନାଧିକାରୀ, ବରିଷ୍ଠ ନାଗରିକ ସଂଘର ପ୍ରସନ୍ନ ଶତପଥୀ, ଦେବେନ୍ଦ୍ର ଦାଶଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

ଆରଡ଼ି ବସ୍‌ଷ୍ଟାଣ୍ଡ ନାମ ପରିବର୍ତ୍ତନକୁ ନେଇ ବିଭିନ୍ନ ମହଲରେ ବିରୋଧ

# 'ଅଟଳ ବସ୍‌ଷ୍ଟାଣ୍ଡ' ନାଁ ନ ହଟିଲେ ଆନ୍ଦୋଳନ




ଭଦ୍ରକ/ଆରଡ଼ି, ୯।୧(ସମିସ): ରାଜ୍ୟର ବହୁ ପ୍ରସିଦ୍ଧ ତଥା ପୁରାତନ ଶୈବକ୍ଷେତ୍ର ଭାବେ ପରିଚିତ ଭଦ୍ରକ ଜିଲ୍ଲା ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କ ପୀଠ। ଏହି ପୀଠରେ ଥିବା ବସ୍‌ଷ୍ଟାଣ୍ଡ ପୂର୍ବରୁ ଆରଡ଼ି ବସ୍‌ଷ୍ଟାଣ୍ଡ ଭାବେ ନାମିତ ଥିଲା। ପୂର୍ବ ସରକାରଙ୍କ ଦ୍ୱାରା ନବନିର୍ମିତ ବସ୍‌ଷ୍ଟାଣ୍ଡର ନାମକୁ ବର୍ତ୍ତମାନର ସରକାର ପରିବର୍ତ୍ତନ କରି ଅଟଳ ବସ୍‌ଷ୍ଟାଣ୍ଡ ନାମକରଣ କରିବାକୁ ନେଇ ସବୁ ମହଲରେ ନିନ୍ଦା କରାଯାଇଛି। ବାବାଙ୍କ ପୀଠକୁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକ ବାବାଙ୍କ ଦର୍ଶନ ପାଇଁ ପୀଠକୁ ଆସିଥାନ୍ତି। ବାବାଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଭଦ୍ରକର ପ୍ରବେଶ ପଥଠାରୁ ଆରମ୍ଭ କରି ଆରଡ଼ି ପୀଠରେ ପହଞ୍ଚିବା ଯାଏଁ ବାବା ଆଖଣ୍ଡଳମଣି ପୀଠ ଆପଣଙ୍କୁ ସ୍ୱାଗତ ଜଣାଉଛି ବୋଲି ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ଓ ବଜାରରେ ନାମଫଳକ ଓ ତୋରଣମାନ କରାଯାଇଛି। ହେଲେ ଆରଡ଼ି ପୀଠର ବସ୍‌ଷ୍ଟାଣ୍ଡ ଆବହମାନ କାଳରୁ ପହଣା ମୌଜାରେ ରହିଥିଲେ ମଧ୍ୟ ତାହା ଆରଡ଼ି ବସ୍‌ଷ୍ଟାଣ୍ଡ ନାମରେ ପରିଚିତ ହୋଇଥିଲା। ପର୍ଯ୍ୟଟନ ଋତୁ ସହ ବସ୍ ଯୋଗେ ପ୍ରତିଦିନ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତଙ୍କ ସହ ପର୍ଯ୍ୟଟକମାନେ ଆରଡ଼ି ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ମନ୍ଦିରକୁ ଆସିଥା'ନ୍ତି। ଏପରିକି ପୀଠରେ ଭକ୍ତଙ୍କ ସଂଖ୍ୟା ବଢ଼ିବାରୁ ବସ୍ ଓ ଘରୋଇ ବସ୍ ରହଣି ନିମନ୍ତେ ପୂର୍ବ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇ ନୂତନ ଆରଡ଼ି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏହି ନୂଆ ବସ୍‌ଷ୍ଟାଣ୍ଡରେ ପୂର୍ବରୁ ଆରଡ଼ି ବସ୍‌ଷ୍ଟାଣ୍ଡ ନାମଫଳକ ରହିଥିଲେ ମଧ୍ୟ ତାହାକୁ ପରିବର୍ତ୍ତନ କରାଯାଇ "ଅଟଳ ବସ୍‌ଷ୍ଟାଣ୍ଡ' ନାମରେ ନାମିତ ଫଳକ ଲଗାଯାଇଥିବାରୁ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତଙ୍କ ସହ ସ୍ଥାନୀୟ ଲୋକ ତଥା ଶ୍ରଦ୍ଧାଳୁଙ୍କ ମନରେ କୁଠାରାଘାତ କରିଛି। ସେମାନଙ୍କ କହିବା ଅନୁଯାୟୀ, ବାବା ଆଖଣ୍ଡଳମଣି ଏ ଅଞ୍ଚଳ ସହ ରାଜ୍ୟବାସୀଙ୍କ ଆରାଧ୍ୟ ଦେବତା। ତାଙ୍କ ନାମ ଧରି କାହିଁ କେତେ ଦୂରରୁ ଭକ୍ତ ଓ ପର୍ଯ୍ୟଟକ ଧାଇଁ ଆସୁଛନ୍ତି ବାବାଙ୍କ ଦର୍ଶନ ପାଇଁ। ହେଲେ ଭକ୍ତଙ୍କ ଧାର୍ମିକ ଭାବନାକୁ ଅକ୍ଷୁଣ୍ଣ ରଖିବା ପାଇଁ ପୂର୍ବରୁ ନାମିତ ଥିବା ଆରଡ଼ି ବସ୍‌ଷ୍ଟାଣ୍ଡ ନାମ ରଖିବା ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ପୁନଃବିଚାର କରନ୍ତୁ। ଆଗାମୀ ଦିନରେ ଯଦି ଏହି ନାମ ପରିବର୍ତ୍ତନ କରା ନ ଯାଏ ମନ୍ଦିରର ସେବାୟତ, ଭକ୍ତ ଓ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲା ତିହିଡ଼ି ଯୁବମଞ୍ଚ

ତିହିଡ଼ି, ୯।୧(ସମିସ): ବିପତ୍ତି ସମୟରେ ମାନବିକତା ଦେଖାଇଛି ଅଗ୍ରଣୀ ସାମାଜିକ ଅନୁଷ୍ଠାନ ତିହିଡ଼ି ଯୁବମଞ୍ଚ। ତିହିଡ଼ି ବ୍ଲକ୍ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଛତ୍ରପଦା ପଣ୍ଡିତସାହି ଗାଁରେ ଘଟିଯାଇଥିବା ଭୟାବହ ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇଥିବା



୬ଟି ପରିବାର ନିକଟରେ ସଂଗଠନର କର୍ମକର୍ତ୍ତାମାନେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ସଂଗଠନ ପକ୍ଷରୁ ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସେମାନଙ୍କୁ ତୁରନ୍ତ ରାସନ ସାମଗ୍ରୀ, ପନିପରିବା, ପିନ୍ଧା ବସ୍ତ୍ର ଏବଂ ବିଭିନ୍ନ ପ୍ରକାର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ସଂଗଠନର ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ୍ ଓ ଉପସଭାପତି ପ୍ରିୟବ୍ରତ ପାଢ଼ୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ତଥା ଆଇନଜୀବୀ ନୀଳମାଧବ ସେନାପତି, ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ, ସମାଜସେବୀ ମନୋଜ ସେନାପତି, ସଦସ୍ୟ ସନାତନ ସାହୁ, ସୌମ୍ୟଗୋପାଳ ନାୟକ, ସୟଦ ରଫିକ, ଅଲେଖ ବଳ, ବାସ୍ତବ ପଣ୍ଡା ଓ ରଘୁନାଥ ସାହୁ ଉପସ୍ଥିତ ରହି ସହାୟତା ବଣ୍ଟନରେ ସହଯୋଗ କରିଥିଲେ। ତିହିଡ଼ି ଯୁବମଞ୍ଚର କର୍ମକର୍ତ୍ତାମାନେ ନିଜେ ସହାୟତାର ହାତ ବଢ଼ାଇବା ସହ ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ପୀଡ଼ିତ ପରିବାରକୁ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

## ୧୨ ସୁଦ୍ଧା ବିଭିନ୍ନ ପ୍ରକଳ୍ପର ଇ-ଟେଣ୍ଡର ଦାବି



୧୩ରେ ଅଫିସ ଆଗରେ ଏନ୍‌ଏସି ଉପାଧ୍ୟକ୍ଷଙ୍କ ଅନଶନ ଚେତାବନୀ

ଧାମନଗର, ୯।୧(ସମିସ): ଧାମନଗର ଏନ୍‌ଏସି ଅଧୀନସ୍ଥ ୬ନମ୍ବର ୱାର୍ଡ କାଉନ୍‌ସିଲର ତଥା ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦରୀ ପ୍ରଶାସନିକ ଅଧିକାରୀଙ୍କୁ ସମ୍ମାନ ଜଣାଇ ନିବେଦନ କରିଛନ୍ତି କି, ୱାର୍ଡ ନମ୍ବର ୬ର ମୁଁ ନିର୍ବାଚିତ ପ୍ରତିନିଧି, ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ଆଞ୍ଚଳିକ ରାସ୍ତା, ଡ୍ରେନ୍ ଓ ଆଲୋକୀକରଣ ପୌରାଞ୍ଚଳ ଲୋକ ପ୍ରତିନିଧିଙ୍କ ମୁଖ୍ୟ କାର୍ଯ୍ୟ ଓ ଦାୟିତ୍ୱ। ଏହା ପୂର୍ବରୁ ୨୩.୫.୨୦୨୫ ତାରିଖ ଚିଠି ନଂ ୧୩୩ରେ ସେ ନିବେଦନ କରିଥିଲେ। ଫଳସ୍ୱରୂପ ଏପର୍ଯ୍ୟନ୍ତ ଅବହେଳିତ ହୋଇଛି। କିଛି ମାସ ପୂର୍ବରୁ ଆପଣ ପ୍ରଶାସନିକ ଅଧିକାରୀମାନଙ୍କ ପାଖରୁ ଚୟନ ହୋଇ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ଧାମନଗର ଏନ୍‌ଏସିରେ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ ହେଲା। ଦୁଃଖର ବିଷୟ ଏକ ବଡ଼ ୱାର୍ଡ ମାତ୍ର ଗୋଟିଏ ଛୋଟିଆ ପ୍ରକଳ୍ପ ୬ରୁ ୭ ଲକ୍ଷ ଟଙ୍କା ତାଙ୍କ ଅଜଣାତାରେ ଦେଲେ। କିନ୍ତୁ ଛୋଟ ଛୋଟ ୱାର୍ଡରେ କୋଟିଏ କୋଟିଏ ଟଙ୍କାର ପ୍ରୋଜେକ୍ଟ ଦିଆଗଲା। କ'ଣ କିପରି ଚୟନ କରିଲେ ଆପଣ କାର୍ଯ୍ୟନିର୍ବାହୀ ଅଧିକାରୀ କୌଣସି ପ୍ରକାର ସହରୀ ବିକାଶ ଯୋଜନାର ଅବଗତ କରିଲେ ନାହିଁ ଏହା ଏକ ଦୁଃଖର ବିଷୟ। ଧାମନଗର ଏନ୍‌ଏସିରେ କୋଟି କୋଟି ଟଙ୍କା ଗଚ୍ଛିତ ଅଛି। ତେଣୁ ସେ ନିମ୍ନଲିଖିତ ପ୍ରକଳ୍ପଗୁଡ଼ିକ ୱାର୍ଡ଼ ନଂ ୬ର କନ୍‌ଷ୍ଟ୍ରକ୍‌ସନ ପେଭର ବ୍ଲକ୍ ରୋଡ୍ ମସ୍‌ଜିଦ ଛକରୁ ଗୋଲାମ ଘୋଷ ଘର (ଯାହା ମୁନିସିପାଟଣା ଗ୍ରାମର ମୁଖ୍ୟ ରାସ୍ତା), କନ୍‌ଷ୍ଟ୍ରକ୍‌ସନ ପେଭର ବ୍ଲକ୍ ରୋଡ୍ ଗୋଲାମ ଘୋଷ ଘରଠାରୁ ତଉଲା ଘର ପର୍ଯ୍ୟନ୍ତ (ଯାହା ମୁନିସିପାଟଣା ଗ୍ରାମର ମୁଖ୍ୟ ରାସ୍ତା), କନ୍‌ଷ୍ଟ୍ରକ୍‌ସନ୍ ଡ୍ରେନ୍ କବର ସ୍ଥାନ ଛକରୁ ଚୁନୁପୁଡ଼ା ଛକ। ହବିବ୍‌ନଗର କମ୍ୟୁନିଟି ସେଣ୍ଟର, କନ୍‌ଷ୍ଟ୍ରକ୍‌ସନ୍ ପେଭର ରୋଡ୍ ପେଟ୍ରୋଲ ଟାଙ୍କି ରୋଡ୍, ମୁନ୍‌ସି ଅମାନୁଲା ବାଉଣ୍ଡାରୀ ୱାଲ୍ ତତ୍‌ସହିତ ୱାର୍ଡ ନଂ ୬ର ଲୋକ ପ୍ରତିନିଧି ସହିତ ସମସ୍ତ ୱାର୍ଡ ପ୍ରତିନିଧିଙ୍କଠାରୁ ପ୍ରୋଜେକ୍ଟ ନେଇ ଇ-ଟେଣ୍ଡର କରାଯାଉ ବୋଲି ନିବେଦନ କରିଛନ୍ତି। ନ ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅମାନିଆ ଓ ମନମୁଖୀ କାର୍ଯ୍ୟ ପାଇଁ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ମୋ ଦାୟିତ୍ୱରେ ଥିବାରୁ ଚଳିତ ମାସ ୧୨ ତାରିଖ ସୁଦ୍ଧା ଇ-ଟେଣ୍ଡର ନ ହେଲେ ମୁଁ ୧୩ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏନ୍‌ଏସି ଅଫିସ୍ ସମ୍ମୁଖରେ ଅନଶନରେ ବସିବେ ବୋଲି ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ନିବେଦନ ଓ ଅଭିଯୋଗ କରିଛନ୍ତି। ଏହାସହ ଏହାର ଅବିକଳ ନକଲ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ବିଭାଗୀୟ ଉଚ୍ଚ ପଦାଧିକାରୀ, ଜିଲ୍ଲାପାଳ, ଏସ୍‌ପି, ପିଡି, ଧାମନଗର ଏନ୍‌ଏସି ଅଧ୍ୟକ୍ଷାଙ୍କ ନିକଟକୁ ପଠାଇଥିବା ନିବେଦନ ପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ଏନ୍‌ଏସି ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

ଦଶମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ସପ୍ତମ ସନ୍ଧ୍ୟା

## 'ନିର୍ଭୀକ ତଥା ଦୁଃସାହସିକ କର୍ମବୀରଙ୍କ ମାଟି ଭଦ୍ରକ'




ଭଦ୍ରକ, ୯।୧(ସମିସ): ଭଦ୍ରକ ହେଉଛି ଓଡ଼ିଶାର ଲୋକପ୍ରିୟ ନିର୍ଭୀକ ତଥା ଦୁଃସାହସିକ କର୍ମବୀରମାନଙ୍କ ମାଟି ଭାବେ ପରିଚିତ। ଓଡ଼ିଶା ରାଜନୀତି ଆକାଶରେ ଉଦୀୟମାନ ସୂର୍ଯ୍ୟ ଭାବେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ପ୍ରତିଭାତ ହୋଇ କେବଳ ଓଡ଼ିଶା ରାଜନୀତି ନୁହେଁ ଜାତୀୟ ରାଜନୀତିକୁ ବେଶ୍ ପ୍ରଭାବିତ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟପାଳ ଭାବେ ସେ ଯେଉଁ କୀର୍ତିର ସ୍ୱାକ୍ଷର ଆଙ୍କିଛନ୍ତି ତାହା ଓଡ଼ିଶା ରାଜନୀତି ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ଅତିଥିମାନେ କହିଥିଲେ। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅରୁପ ଅଭିଷେକ ବେହେରା ଓ ମୁଖ୍ୟବକ୍ତା ଭାବେ ସମାଜସେବୀ ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉପଦେଷ୍ଟା ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ତେଜସ୍ୱିନୀ ଦାସ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ଉପଦେଷ୍ଟା ଡ. ଜାନକୀ ପାଢ଼ୀ, ଉପସଭାପତି ମନୋରମା ରାୟ, ଚୈତାଳୀ ଖିଲାର, ସ୍ୱାଗତିକା ନାୟକ, ରୋଜାଲିନ୍ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଉପଦେଷ୍ଟା ଅତିସ୍ ବେହେରା, ପାର୍ଥସାରଥୀ ନାୟକ, ତପନ ସ୍ୱାଇଁ, ସ୍ମୃତି ରଞ୍ଜନ ସାହୁ, ଡ. ହରିହର ନାୟକ, ଉମାକଲ୍ୟାଣ ମହାପାତ୍ର, ପ୍ରଭାତ ଦାଶ, ଶିବାନନ୍ଦ ଦାସ, ଅବିନାଶ ପଣ୍ଡା, ରାଜେଶ ଦାସ, ଅଜୟ ପଣ୍ଡା, ଶୁଭଦ୍ୱୀପ ମଲ୍ଲିକ, ରମେଶ ଚନ୍ଦ୍ର ପାଗଳ, ରଶ୍ମି ରଞ୍ଜନ ସାହୁ, ବାପି ଦାସ, ଜଗନ୍ନାଥ ବେହେରା, ଜୟ ଜଗନ୍ନାଥ ମଲ୍ଲିକ, ସୀତାକାନ୍ତ ବିଶ୍ୱାଳ, କମଳଲୋଚନ ପଣ୍ଡା, ଜି. ଶିବଶଙ୍କର, ଅଶୋକ ନାୟକ, ଅତିସ୍ ଦାସ, ସୂର୍ଯ୍ୟକାନ୍ତ ଦାସ, ସୁବ୍ରତ ଦୀକ୍ଷିତ, ଶାନ୍ତନୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ସନ୍ଧ୍ୟାରେ ଆର୍‌ଡିଏସ୍ ଡ୍ୟାନ୍ସ ଗ୍ରୁପ୍ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତିଙ୍କ ସଂଗୀତ ଓ ମେଲୋଡି ଦର୍ଶକଙ୍କ ମନକୁ ଛୁଇଁଥିଲା।

## ଖୋଲିଲା ଧାନମଣ୍ଡି; ମିଳୁନି ଟୋକନ



ଦୋଳସାହି, ୯।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ମୁକୁନ୍ଦପୁର ପଞ୍ଚାୟତର ଆରସା ସେବା ସମବାୟ ସମିତିରେ ଧାନମଣ୍ଡି ଗୁରୁବାର ଖୋଲିଛି। ପ୍ରକାଶ ଯେ, ଆରସା ସେବା ସମବାୟ ସମିତିର ସଭାପତି ସତ୍ୟବ୍ରତ ନାୟକଙ୍କ ଦ୍ୱାରା ଏହି ଧାନମଣ୍ଡି ଉଦ୍‌ଘାଟିତ ହୋଇଥିଲା। ସମିତିରେ ୫୫୮ ଜଣ ଚାଷୀ ଧାନ ଦେବା ନିମନ୍ତେ ପଞ୍ଜୀକରଣ କରିଥିବାବେଳେ ୭୦ ପ୍ରତିଶତରୁ ଅଧିକ ଚାଷୀଙ୍କୁ ଟୋକନ ନ ମିଳିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ଉପସଭାପତି ଦେବ ଦୁଲାରି ଜେନା, ସମ୍ପାଦକ ମଧୁସୂଦନ ବେହେରା, ପିଇଓ ସୁକାନ୍ତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

● ଚୋରା ଦେଶୀ ମଦ କାରଖାନା ଠାବ

## ୧୦୦୦ ଲିଟରରୁ ଊର୍ଦ୍ଧ୍ୱ ପୋଚ ନଷ୍ଟ କଲା ପୁଲିସ

ତିହିଡ଼ି, ୯।୧(ସମିସ): ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତରେ ପୁଲିସ ଅତର୍କିତ ଚଢ଼ଉ କରି ୧୦୦୦ ଲିଟରରୁ ଊର୍ଦ୍ଧ୍ୱ ଗୁଡ଼ ପୋଚ ନଷ୍ଟ କରିଛି। ତାଳପଦା ଗାଁରେ ଥିବା ଦେଶୀ ମଦ ଭାଟି ଉପରେ ଶୁକ୍ରବାର ତିହିଡ଼ି ପୁଲିସ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଗୁଳ୍ମ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣରେ ଗୁଡ଼ ପୋଚ ଠାବ କରାଯାଇଥିଲା। ୨୦ଟି ୫୦ ଲିଟରିଆ ଡ୍ରମ୍‌ରେ



ରଖାଯାଇଥିବା ହଜାରେ ଲିଟରରୁ ଊର୍ଦ୍ଧ୍ୱ ପୋଚ ସମ୍ପୂର୍ଣ୍ଣ ନଷ୍ଟ କରିଥିଲା ପୁଲିସ। ତେବେ ଚଢ଼ଉବେଳେ ସମ୍ପୃକ୍ତ ମଦ ଭାଟି ମାଲିକ ଓ କର୍ମଚାରୀ ଫେରାର୍ ହୋଇଯାଇଥିଲେ।

ସୂଚନା ଥାଉକି, ଦୀର୍ଘ ବର୍ଷ ହେଲା ତିହିଡ଼ି ପୁଲିସ ଦ୍ୱାରା ଭୂୟାଁୱାସ ସମେତ ତାଳପଦା ପଞ୍ଚାୟତରେ ଥିବା ୧୦ରୁ ଊର୍ଦ୍ଧ୍ୱ ମଦ କାରଖାନା ଉପରେ ଚଢ଼ଉ କରି ଭାଙ୍ଗିବା ସହିତ ଗୁଡ଼ ପୋଚ ନଷ୍ଟ କରିଥାଏ। ବେଆଇନ ମଦ ପ୍ରସ୍ତୁତ ଏବଂ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥାଏ। କିନ୍ତୁ ପରଦିନ ଜାମିନରେ ଆସି ପୂର୍ବବତ୍ ମଦ ପ୍ରସ୍ତୁତ ଚାଲୁ ରଖନ୍ତି। ଏହି ଦେଶୀ ବିଷାକ୍ତ ମଦପିଇ ଉଶୃଙ୍ଖଳିତ ହେଉଛନ୍ତି ମଦୁଆ। ପରିବାରରେ ସୃଷ୍ଟି ହେଉଛି ବିଶୃଙ୍ଖଳା। ସେପଟେ ଅବକାରୀ ବିଭାଗ ଚୁପ୍ ହୋଇ ବସିଛି। ନା ଚଢ଼ଉ କରୁଛି ନା ମଦ ଧରିବାରେ ସକ୍ଷମ ହେଉଛି ବୋଲି ସାଧାରଣରେ ଆଲୋଚନା ଚାଲିଛି। ଅବକାରୀ ବିଭାଗଟି ହାତଗଣତି କେତେ ଜଣ ଷ୍ଟାଫ୍‌କୁ ନେଇ ଚାଲୁଛି। ମାସକ ମଧ୍ୟରେ ତିହିଡ଼ି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ହଜାର ଲିଟର ମଦ ଜବତ କରିବାରେ ସକ୍ଷମ ହୋଇଥିବାବେଳେ ଅବକାରୀ ବିଭାଗ ହାତ ଖାଲି ରହିଛି।

## ଦୁଇଟି ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ



ବାରିକପୁର, ୯।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପୁରିପଡ଼ାସ୍ଥିତ ସରକାରୀ ଉ.ପ୍ରା. ବିଦ୍ୟାଳୟ ଓ ସରୋଜିନୀ ନନ୍ଦ ଉଚ୍ଚ ବିଦ୍ୟାଳୟର ଶିଶୁ ପ୍ରତିଭା ପ୍ରୋତ୍ସାହନ ଉତ୍ସବ ଅକ୍ଷୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅର୍ଜୁନ ଚରଣ ସାହୁ, ପର୍ଶୁରାମ ଲେଙ୍କା, ଜଗନ୍ନାଥ ରାଉତ, ଶରତ ଚନ୍ଦ୍ର ନନ୍ଦ, ଧନେଶ୍ୱର ରାଉତ, ନୃସିଂହ ଚରଣ ସାହୁ, ନବଘନ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ କପିଳେନ୍ଦ୍ର ମାଣିକ ମଞ୍ଚ ଆହ୍ୱାନ, ଶିକ୍ଷୟିତ୍ରୀ ଅନସୂୟା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ, ଶିକ୍ଷକ ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରତିଭା ମଞ୍ଜରୀ ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା କ୍ଷୁଦ୍ର ନାଟିକା ନାରୀ ସୁରକ୍ଷିତ ଓ ସଂସ୍କାରୀ ପୁଅ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ବିଶାଖା କୁମାରୀ ବଳ, ଲଳିତା ବେହେରା, ନନ୍ଦିତା ମିଶ୍ର, ଦୀପ୍ତିରଞ୍ଜନ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅନସୂୟା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଗ୍ରାମବାସୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଭଦ୍ରକ ଇଷ୍ଟକୋଷ୍ଟ ରେଲ୍‌ୱେ

ଭଦ୍ରକ, ୯।୧(ସମିସ): ଭଦ୍ରକ ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ଇଷ୍ଟ କୋଷ୍ଟ ରେଲ୍‌ୱେ ଭଦ୍ରକ ବାରିପଦା କ୍ରିକେଟ ଏକାଡେମୀକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ



ଅନୁଷ୍ଠିତ ଏହି ସେମି ଫାଇନାଲ୍ ମ୍ୟାଚ୍‌ରେ ବାରିପଦା କ୍ରିକେଟ ଏକାଡେମୀ ଟସ୍ ଜିତି ଫିଲ୍ଡି କରିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଭଦ୍ରକ ଇଷ୍ଟ କୋଷ୍ଟ ରେଲ୍‌ୱେ ଦଳ ୨୦ ଓଭରରେ ୯ ୱିକେଟ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ବିଭାସ ବିଶ୍ୱାସ ୪୨ ଓ ସାହିଲ ଖାନ୍ ୩୫ ରନ କରିଥିବାବେଳେ ପ୍ରତିପକ୍ଷ ବାରିପଦା କ୍ରିକେଟ ଏକାଡେମୀ ପକ୍ଷରୁ ମନୁ ରାମ ୩ଟି ଓ ମାରି ଲୋକନାଥ ୩ଟି ୱିକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧରେ ୧୫୬ ରନ ବିଜୟ ଲକ୍ଷ୍ୟ ନେଇ ବାରିପଦା ବ୍ୟାଟିଂ କରି ୧୯.୨ ଓଭରରେ ୧୪୨ ରନ କରି ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ। ଫଳରେ ଭଦ୍ରକ ଦଳ ୧୩ ରନ୍‌ରେ ମ୍ୟାଚ୍ ଜିତି ଫାଇନାଲକୁ ପ୍ରବେଶ କରିଥିଲା। ବାରିପଦା ପକ୍ଷରୁ ମାରି ଲୋକନାଥ ୩୧ ଓ ପ୍ରୀତ୍‌ପାଲ୍ ସିଂ ୨୩ ରନ୍ କରିଥିଲେ। ଭଦ୍ରକ ପକ୍ଷରୁ ନୀହାର ଭୂୟାଁ ୩ଟି ଓ ସାହିଲ୍ ଖାନ୍ ୨ଟି ୱିକେଟ ନେଇଥିଲେ। ସାହିଲ୍ ଖାନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମୁଖ୍ୟ ଅତିଥି ବିଶିଷ୍ଟ ବ୍ୟବସାୟୀ ଶ୍ରୀନିବାସ ନାୟକ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଲଲାଟ କେଶରୀ ନନ୍ଦ, ଦେବବ୍ରତ ଦାଶ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ମ୍ୟାଚ୍ ରେଫରୀ, ଚନ୍ଦନ ନାୟକ ରିଜର୍ଭ ଅମ୍ପାୟାର ଏବଂ କରନ୍ ଖାନ୍ ସ୍କୋରର୍ ଥିଲେ।

ଜାତୀୟ ରାଜପଥଠାରୁ ଧାମନଗର ପର୍ଯ୍ୟନ୍ତ ପୂର୍ତ୍ତ ରାସ୍ତା

## ବିପଦପୂର୍ଣ୍ଣ ଭାବେ ଚାଲିଛି ପ୍ରଶସ୍ତୀକରଣ; ବେପରୁଆ ଠିକାଦାର

ଧାମନଗର, ୯।୧(ସମିସ): ଧାମନଗର ଛକ ୧୬ ନମ୍ବର ଜାତୀୟ ରାଜପଥଠାରୁ ଧାମନଗର ପର୍ଯ୍ୟନ୍ତ ଦୀର୍ଘ ୧୦ କି.ମି. ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାକୁ ଠିକାଦାର ବେପରୁଆ ଭାବରେ ରାସ୍ତାର ବାମ ପାଖ ରାସ୍ତାକୁ ମେସିନରେ ତାଡ଼ିଦେଇଛନ୍ତି। ବିପଦପୂର୍ଣ୍ଣ ଅବସ୍ଥାରେ ଯେଉଁଭଳି ନିର୍ମାଣ କାର୍ଯ୍ୟ ଚାଲିଛି ପ୍ରତ୍ୟେକ ଦିନ ଯିବାଆସିବା କରୁଥିବା ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ପୂର୍ବରୁ ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଥିଲା। ୪ ମାସ ତଳେ ପ୍ରଶସ୍ତୀକରଣ ଆଳରେ ହଜାର ହଜାର ଗଛ କଟା ହେଲା। ମାତ୍ର ରାସ୍ତା ଅବସ୍ଥାର ପରିବର୍ତ୍ତନ ହେଲା ନାହିଁ। ଗତ ଅକ୍ଟୋବର ୨୮ ଓ ୨୯ ତାରିଖରେ ଧାମନଗର ଖାନକା ସରିଫ୍‌ରେ ପ୍ରସିଦ୍ଧ ଉର୍ସ ପର୍ବ ଥିବା ସତ୍ତ୍ୱେ ଏହାର ସ୍ଥାୟୀ ସମାଧାନ କରା ନ ଯାଇ ଖାଲଖମା ଥିବା ସ୍ଥାନରେ ଡଷ୍ଟ ପକାଇଦେଇ ଦାୟିତ୍ୱ ସାରିଦେଲେ ଯନ୍ତ୍ରୀ ମହାଶୟ। ପରବର୍ତ୍ତୀ ସମୟରେ ବାତ୍ୟା ମେନ୍ଥାର ପ୍ରଭାବରେ ଲଗାତାର ୩ଦିନ ବର୍ଷା ଓ ଉର୍ସ ପର୍ବ ପାଇଁ ହଜାର ହଜାର ଯାତ୍ରୀବାହୀ ଗାଡ଼ି ଚଳାଚଳ ଫଳରେ ଡଷ୍ଟଗୁଡ଼ିକ ବୋହିଗଲା। ଫଳରେ ରାସ୍ତାରେ ଯେତିକି ଖାଲ ଥିଲା ତା'ର ତିନିଗୁଣା ଗାଡ଼ ସୃଷ୍ଟି ହେଲା। ବର୍ଷା ଛାଡ଼ିଯିବା ପରେ ରାସ୍ତା ଶୁଖିଯିବାରୁ ଏବେ ଗାଡ଼ିଟିଏ ଗଲେ ଧୂଳି ଉଡ଼ି ପଥଚାରୀଙ୍କୁ ବେହାଲ କରୁଛି। ଗତ ଏକ ସପ୍ତାହ ତଳେ



ଏହି ରାସ୍ତାର ପ୍ରଶସ୍ତୀକରଣ ଆରମ୍ଭ ହେଲା। ପିଚୁଠାରୁ ରାସ୍ତାର ପ୍ରାୟ ୮ ଫୁଟ୍ ପ୍ରଶସ୍ତୀକରଣ ଆଳରେ ମାଟିତଡ଼ା ହେଉଛି। ରାସ୍ତାକଡ଼ ଗାଡ଼ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ସେଥି ମଧ୍ୟରେ ଥିବା ଶହଶହ ଗଛର ମୂଳ ଗଣ୍ଡି ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ରାତି ସମୟରେ ଅସାବଧାନତା ବଶତଃ ଯଦି ଗାଡ଼ିଟିଏ ରାସ୍ତାକଡ଼କୁ ଚାଲିଯାଏ, ସେତେବେଳ ଏହି ଗଛ ମୂଳ ଗଣ୍ଡିଟି ଧନ ଜୀବନ ହାନୀ ପାଇଁ ଅଧିକ ବିପଦ ସାଜିବ। ରାସ୍ତାକଡ଼ ତଡ଼ା ଯାଇଥିଲେ ମଧ୍ୟ ତା' କଡ଼ରେ ଆରୋହୀଙ୍କ ପାଇଁ ବିପଦ ସୂଚନା ଫିତା ବନ୍ଧା ଯାଇନାହିଁ। ଏହା ଠିକାଦାର ଦୂରଦୃଷ୍ଟି ଅଭାବ ଅବା ବେପରୁଆ ଭାବକୁ ସୂଚିତ କରୁଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗ ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଖୋଳାଯାଉଥିବା ଫୁଟ୍ ଗାଡ଼ରୁ ଗଛ ମୂଳ ଉପାଡ଼ିବା ସହ ରାସ୍ତା ପାର୍ଶ୍ୱକୁ ଡଷ୍ଟ ପକାଇ ପୋତିବା ସହ ରାସ୍ତାକଡ଼ରେ ବିପଦ ସୂଚନା ଫିତା ବାନ୍ଧିବାକୁ ଯଥାଶୀଘ୍ର ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଜନସାଧାରଣ ଦାବି କରିଛନ୍ତି।